ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.118, Monday, 17 August 2026, Puri, Pages - 27, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୮, ସୋମବାର, ୧୭ ଅଗଷ୍ଟ ୨୦୨୬, ପୁରୀ, ୨୭ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.118, Monday, 17 August 2026, Puri, Pages - 27, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୮, ସୋମବାର, ୧୭ ଅଗଷ୍ଟ ୨୦୨୬, ପୁରୀ, ୨୭ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.118, Monday, 17 August 2026, Puri, Pages - 27, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୮, ସୋମବାର, ୧୭ ଅଗଷ୍ଟ ୨୦୨୬, ପୁରୀ, ୨୭ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ବର୍ଷା-ବନ୍ୟାରେ ପୁଣି ଭାସିଲା ଓଡ଼ିଶା

- ୪୯ ବ୍ଲକରେ ୫ ଲକ୍ଷ ଲୋକ ପ୍ରଭାବିତ
- ୧୬ରୁ ୧୮ ଯାଏଁ ପ୍ରବଳ ବର୍ଷା ଆଶଙ୍କା
- ୪ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି
- ଆଜି କେନ୍ଦୁଝର ଓ ମୟୂରଭଞ୍ଜରେ ସବୁ ସ୍କୁଲ ଛୁଟି
- ବନ୍ୟା ମୁକାବିଲାରେ ସରକାରଙ୍କ ଆକ୍ସନ ପ୍ଲାନ୍
- ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଗଲେ ୩ ବରିଷ୍ଠ ଅଧିକାରୀ
- ସ୍କୁଲ ଘରେ ଫସିଗଲେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ
- ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)

ଲଗାଣ ବର୍ଷା ଜନିତ ବନ୍ୟାରେ ଉବୁଟୁବୁ ଅଧା ଓଡ଼ିଶା । ପାଣିରେ ବୁଡ଼ିଲା ଘର ଠାରୁ ସହର । ମାର୍କେଟ ମଝିରେ ଡଙ୍ଗା, ରାସ୍ତାରେ ସୁଅ କାଟୁଛି ବନ୍ୟା ଜଳ । କେଉଁଠି ଅଣ୍ଟାଏ ତ ଆଉ କେଉଁଠି ଆଣ୍ଠୁଏ । ଲଗାତର ବନ୍ୟା ସ୍ଥିତିରେ ଅସ୍ତବ୍ୟସ୍ତ ଲୋକେ । ଅନୁଗୁଳ ଜିଲ୍ଲା ପାଲଲହଡ଼ାରେ ରାତି ସାରା ଲଗାଣ ବର୍ଷା ପରେ ଆଜି ସକାଳୁ ସମ୍ପୂର୍ଣ୍ଣ ଜଳବନ୍ଦୀ ଅବସ୍ଥାରେ ସ୍ଥାନୀୟ କଣ୍ଠଆପଣି ବଜାର । ପାଣିରେ ବୁଡ଼ିଛି ସ୍କୁଲ, କଲେଜ, ଅଫିସ, ଡାକ୍ତରଖାନା । ଏପଟେ ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ଘୁ ଘୁ ପାଣି ଚାଲୁଥିବାରୁ ରାସ୍ତାରେ ଯାତାୟତ ଠପ୍ । ବାଲେଶ୍ୱର ସହର ମୋତିଗଞ୍ଜ ପରିବା ମାର୍କେଟରେ ହାଟ ଚାଲୁଥିବା ବେଳେ ହଠାତ ମାଡ଼ି ବର୍ଷା ଜଳ । ଆଉ ସେଇ ଅବସ୍ଥାରେ ହିଁ ବେପାର କରିବାକୁ ବାଧ୍ୟ ବ୍ୟବସାୟୀ । ଏପଟେ ବ୍ରାହ୍ମଣୀରେ ବନ୍ୟା ଜଳମୁଣ୍ଡରେ ବର୍ଷା ପରେ ପଟ୍ଟାମୁଣ୍ଡାଇ ସହରର ଜଳାର୍ଣ୍ଣବ ସ୍ଥିତି । ରେଙ୍ଗାଲୀ ଡ୍ୟାମ ଖୋଲିବା ପରେ ଆଜି ଓ କେନ୍ଦ୍ରାପଡ଼ା ଅଞ୍ଚଳରେ ଦ୍ୱିତୀୟ ଥର ପାଇଁ ବନ୍ୟା ଜଳ ପଶିଛି । ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏପଟେ ଭଦ୍ରକ ଜିଲ୍ଲାରେ ତଳିଆ ଓ ନଦୀ କୂଳିଆ ଅଞ୍ଚଳ ଲୋକଙ୍କ ପିଛା ଛାଡୁନି ବନ୍ୟା ବିପତ୍ତି । ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଳଗ ପଞ୍ଚାୟତର ବିଭିନ୍ନ ଗାଁରେ ଦ୍ୱିତୀୟ ଥର ପାଇଁ ପଶିଛି ବୈତରଣୀର ଦ୍ୱିତୀୟ ବନ୍ୟାଜଳ । ଫଳରେ ପୂର୍ବରୁ ଯାହା କିଛି ବଞ୍ଚିଥିଲା, ଏଥର ସେ ସବୁକୁ ପୋଛି ନେଇଛି ବନ୍ୟାର ଆଁ । ସେପଟେ ୩ ଦିନ ହେବ ଆଖଣ୍ଡଳମଣି-କୁଆଖିଆ ୨୦ ନମ୍ବର ଜାତୀୟ ରାଜପଥ ସହ ଆରଡି-ଚାନ୍ଦବାଲି, ଆରଡି-ଧାନଖଣିଆ ମତୋ ଆଦି ରାସ୍ତାରେ ୪-୫ ଫୁଟ ପାଣି ପରେ ଯିବା ଆସିବା ରାସ୍ତା ସଂପୂର୍ଣ୍ଣ ବନ୍ଦ୍ । ତେଣେ ଯାଜପୁର ଜିଲ୍ଲାରେ ବୈତରଣୀ ପୁଣି ବିପଦ ସଙ୍କେତ ଟପିବାରୁ ଶାଖା କାଣୀ ନଦୀରେ ଆଜି ଆଉ ଗୋଟିଏ ସ୍ଥାନରେ ନଦୀ ବନ୍ଧ ଧସିଛି । ଏପଟେ ଦଶରଥପୁର ବ୍ଲକ୍ ଅଞ୍ଚଳରେ ସପ୍ତାହ ସପ୍ତାହ ଧରି ବନ୍ୟା କଳବରୁ ମିଳିପାରୁନି ମୁକ୍ତି । ■ ପୃଷ୍ଠା-୧୫

୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ଆଜି ଭାରତ ବିଶ୍ୱ ସ୍ତରରେ ପ୍ରଗତି କରୁଛି

- ସଂକଳ୍ପ ଓ କ୍ଷମତା ବଳରେ ଦେଶ ଆଗକୁ ବଢ଼େ
- ପ୍ରଥମଥର ଲାଲକିଲ୍ଲାରୁ 'ବନ୍ଦେ ମାତରମ୍' ଗାନ ସହ ସମାରୋହ ଆରମ୍ଭ

ନୂଆଦିଲ୍ଲୀ

ଦେଶ ପାଳିଛି ୮୦ ତମ ସ୍ୱାଧୀନତା ଦିବସ । ୧୯୪୭ ମସିହାରେ ସ୍ୱାଧୀନତା ପାଇବା ପରଠାରୁ, ଦେଶର ମୁଖ୍ୟ ଉତ୍ସବ ପ୍ରତିବର୍ଷ ଲାଲକିଲ୍ଲାରେ ଅନୁଷ୍ଠିତ ହୋଇ ଆସୁଛି । ଲାଲକିଲ୍ଲାରେ ଚଳିତ ବର୍ଷର ସ୍ୱାଧୀନତା ଦିବସ ପାଳନ ଅନେକ ଦୃଷ୍ଟିରୁ ଐତିହାସିକ । ପ୍ରଥମ ଥର ପାଇଁ ଲାଲକିଲ୍ଲାର ପ୍ରାଚୀରରୁ "ବନ୍ଦେ ମାତରମ୍" ଗାନ ସହିତ ଏହି ସମାରୋହ ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲାଲକିଲ୍ଲାରେ ଉପସ୍ଥିତ ଅନ୍ୟ ଅତିଥିମାନେ "ବନ୍ଦେ ମାତରମ୍" ଗାନ ସମୟରେ ସାବଧାନରେ ଠିଆ ହୋଇ ଗୀତକୁ ସମ୍ମାନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ତା'ପରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ଲାଲକିଲ୍ଲା ପରିସର ଜାତୀୟ ସଙ୍ଗୀତର ସ୍ୱରରେ ପ୍ରକମ୍ପିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରେ ପତାକା ଉତ୍ତୋଳନ କରି ଅଭିବାଦନ ଜଣାଇଛନ୍ତି । ଏହା ଲାଲକିଲ୍ଲାର ପ୍ରାଚୀରରୁ ପ୍ରଧାନମନ୍ତ୍ରୀଙ୍କ ୧୩ତମ ଅଭିଭାଷଣ । ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏକ ବିକଶିତ ଭାରତ ହେବା ପାଇଁ, ଆମକୁ ଏକ ନୂତନ ଧାରା ଆବଶ୍ୟକ । "ସଂସ୍କାରକୁ ଆଗକୁ ବଢାଇବା ଗୁରୁତ୍ୱପୂର୍ଣ୍ଣ । ଏହା ଆମର ଦୃଢ଼ ବିଶ୍ୱାସ । ଆଗାମୀ ଦିନରେ, ଆମେ ସଂସ୍କାରର ପରବର୍ତ୍ତୀ ସ୍ତର ଆଡକୁ ଅଗ୍ରସର ହେବୁ । ସମସ୍ତଙ୍କୁ ସେମାନଙ୍କର ପାରମ୍ପରିକ ବ୍ୟବସ୍ଥା, ଚିନ୍ତାଧାରା ଏବଂ ଲକ୍ଷ୍ୟକୁ ସଂସ୍କାର କରିବାକୁ ପଡ଼ିବ । ଆମକୁ ଆମର ଚାଷୀ ଏବଂ ଶ୍ରମିକମାନଙ୍କୁ ଏକ ନୂତନ ଦିଗରେ ନେଇଯିବାକୁ ପଡ଼ିବ । ଲାଲକିଲ୍ଲାର ପ୍ରାଚୀରରୁ, ମୁଁ ଦେଶର ସାତଟି ଶକ୍ତି ଧାରା ପାଇଁ ଆହ୍ୱାନ କରୁଛି । ପାଞ୍ଚ ଦଶନ୍ଧିରେ ଯାହା ହାସଲ ହୋଇପାରିନଥିଲା, ଆମେ ୫-୭ ବର୍ଷରେ ଏହାକୁ ହାସଲ କରିବା ପାଇଁ ନୂତନ ଶକ୍ତି ଦେବୁ । ଏଥିରେ ଯୁବଶକ୍ତିର ଶକ୍ତି ମଧ୍ୟ ଯୋଡାଯିବ ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ କହିଥିଲେ, "ଆମର ସାମୁଦ୍ରିକ ଖାଦ୍ୟ ଶିଳ୍ପ ବିଶ୍ୱ ଅଭିବୃଦ୍ଧି ପାଇଁ ପ୍ରଚୁର ସମ୍ଭାବନା ରଖିଛି । ଏହି କ୍ଷେତ୍ରରେ ଆମର ସମୁଦ୍ର କ୍ଷେତ୍ର ବହୁତ ଉପଯୋଗୀ ହୋଇପାରେ । ମୁଁ ଆପଣଙ୍କୁ ଯେଉଁ ଭୂମିକା ଉପସ୍ଥାପିତ କରିଛି ତାହା ୨୦୪୭ ଲକ୍ଷ୍ୟ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଉପରେ ଆଧାରିତ । ଗତ ୧୦-୧୨ ବର୍ଷ ମଧ୍ୟରେ ଆମର ନାଗରିକମାନେ ଯେଉଁ ଶକ୍ତି ପ୍ରଦର୍ଶନ କରିଛନ୍ତି ତାହା ଆତ୍ମନିର୍ଭରଶୀଳ ଭାରତର ଲକ୍ଷ୍ୟର ଏକ ଅଂଶ । ■ ପୃଷ୍ଠା-୧୫

ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

କଟକ(ବ୍ୟୁରୋ)

ଓଡ଼ିଶା ପୁଲିସର ଡିଜିପି ପଦରେ ପରିବର୍ତ୍ତନ ହୋଇଛି । ଡିଜିପି ୱାଇ.ବି. ଖୁରାନିଆ ରବିବାର ଚାକିରିରୁ ଅବସର ନେବା ପରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ରବିବାର ଅପରାହ୍ନରେ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପହଞ୍ଚି ସେ ଦାୟିତ୍ୱ ନେଇଥିଲେ । ଅବସରପ୍ରାପ୍ତ ଡିଜିପି ୱାଇ.ବି. ଖୁରାନିଆ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଦୁଇ ଦିନ ପୂର୍ବରୁ ରାଜ୍ୟ ସରକାର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ନିଯୁକ୍ତ କରିଥିଲେ । ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହି ନିଯୁକ୍ତି ଗୁରୁତ୍ୱ ବହନ କରୁଛି । ସୂଚନା ଅନୁଯାୟୀ, ଗତ ଗୁରୁବାର ଓଡ଼ିଶାରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଥିଲେ ।

୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ରାଜ୍ୟରେ ଖୋଲିବ ୪ ନୂଆ ବିଶ୍ୱବିଦ୍ୟାଳୟ

ସିଭିଲ ସର୍ଭିସ ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ସୁଯୋଗ
ଉପାନ୍ତ ଜିଲ୍ଲାରେ ହେବ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ

ଭୁବନେଶ୍ୱର(ବ୍ୟୁରୋ)

୮୦ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥି ରୂପେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ ଡିଜି ୱାଇ ବି ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ହେମନ୍ତ ଶର୍ମା, ଏନ୍‌ସିସି ଡିଡିଜି ବିକ୍ରମ ସିଂ ଓ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଜନତା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଥିବାବେଳେ ଏବେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଥି ସହ ଉପାନ୍ତ ଜିଲ୍ଲାରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏଗ୍ରି-ଷ୍ଟାକ୍ ପଞ୍ଜିକରଣ ନେଇ ଚାଷୀଭାଇମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଗ୍ରି-ଷ୍ଟାକ୍ ପଞ୍ଜିକରଣ ସହିତ ଧାନକିଣା ପାଇଁ ପି-ପାସ୍ ପଞ୍ଜିକରଣର କୌଣସି ସମ୍ପର୍କ ନାହିଁ । ପି-ପାସ୍‌ରେ ପଞ୍ଜିକରଣ ଦ୍ୱାରା ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ ■ ପୃଷ୍ଠା-୧୫

ପ୍ରଶ୍ନପତ୍ରରେ ବହୁ ତ୍ରୁଟି ମିଳିବା ଘଟଣା

ଇଂଲିଶ, କମର୍ସ ଓ ସୋସିଓଲୋଜିରେ ପୁନଃପରୀକ୍ଷା କରିବ ଏନ୍‌ଟିଏ

ନୂଆଦିଲ୍ଲୀ

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ଚଳିତ ବର୍ଷ ଜୁନ୍ ୨୨ରୁ ଜୁନ୍ ୩୦ ମଧ୍ୟରେ ହୋଇଥିବା ୟୁଜିସି-ନେଟ୍ ପରୀକ୍ଷାରେ ଇଂଲିଶ, କମର୍ସ ଓ ସୋସିଓଲୋଜି ପ୍ରଶ୍ନପତ୍ରରେ ବହୁ ତ୍ରୁଟି ମିଳିବା ପରେ ଏହି ତିନୋଟି ବିଷୟ ପାଇଁ ପୁନଃପରୀକ୍ଷା କରିବାକୁ ଏନ୍‌ଟିଏ ରବିବାର ଘୋଷଣା କରିଛି । ୟୁଜିସି-ନେଟ୍ ପରୀକ୍ଷା ଦ୍ୱାରା ସହାୟକ ଅଧ୍ୟାପକ ପଦବୀ ପୂରଣ ଓ ପିଏଚ୍‌ଡି ପାଇଁ ନାମଲେଖା ହୋଇଥାଏ । ମେ ୩ ତାରିଖରେ ଏନ୍‌ଟିଏ ପକ୍ଷରୁ ହୋଇଥିବା ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପରେ ପରୀକ୍ଷା ବାତିଲ ହୋଇଥିଲା । ଦ୍ୱିତୀୟ ଥର ଏନ୍‌ଟିଏ ଦ୍ୱାରା ହୋଇଥିବା ଏପରି ଏକ ପ୍ରମୁଖ ପରୀକ୍ଷା ବାତିଲ ହୋଇଛି । ଏନ୍‌ଟିଏ କହିଛି ଯେ, ଇଂଲିଶ, କମର୍ସ ଓ ସୋସିଓଲୋଜି ପ୍ରଶ୍ନପତ୍ରରେ ତ୍ରୁଟି ନେଇ ଅନେକ ଅଭିଯୋଗ ପାଇବା ପରେ ଏକ କମିଟି ଗଠନ କରାଯାଇଥିଲା । କମିଟି ଜାଣିପାରିଛି ଯେ, ତିନୋଟି ବିଷୟରେ ବହୁ ତଥ୍ୟଗତ, ଟାଇପୋଗ୍ରାଫିକାଲ୍, ଅନୁବାଦ ଓ ବ୍ୟାକରଣଗତ ତ୍ରୁଟି ରହିଥିଲା । କମିଟି ସୁପାରିସ କରିଛି ଯେ, ଏକ ନିରପେକ୍ଷ ଓ ତ୍ରୁଟିମୁକ୍ତ ପରୀକ୍ଷା ଆୟୋଜନ ପାଇଁ, ଏହି ତିନୋଟି ବିଷୟ ପୁନଃ ପରୀକ୍ଷା କରାଯିବା ଉଚିତ । ସେପ୍ଟେମ୍ବର ୯ ତାରିଖ ସକାଳ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଇଂଲିଶ୍ ପରୀକ୍ଷା ।

ସେ କହିଲେ...

ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯାଇଛି ।ଖୁରାନିଆ କହିଥିଲେ, 'ଆଜି ଓଡ଼ିଶା ପ୍ରାୟ ନକ୍ସଲ ମୁକ୍ତ ହୋଇଛି ।' ଦୀର୍ଘଦିନ ଧରି ରାଜ୍ୟରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷାବାହିନୀ ଓ ପୋଲିସର ମିଳିତ ପ୍ରୟାସ ଫଳପ୍ରଦ ହୋଇଛି । ସେହିପରି ନିଶା ବିରୋଧୀ ଅଭିଯାନରେ ମଧ୍ୟ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ପାଇଛି । ନିଶାଦ୍ରବ୍ୟ ଚୋରାଚାଲାଣ ଓ କାରବାର ବିରୋଧରେ ବ୍ୟାପକ ଧରପଗଡ଼ ସହ ଜବତ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଛି । ନିଶାମୁକ୍ତ ଅଭିଯାନ ସମୟରେ ପୋଲିସ ପକ୍ଷରୁ ପ୍ରାୟ ୪ ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି ।

ୱାଇ ବି ଖୁରାନିଆ
ପୂର୍ବତନ ପୋଲିସର ମହାନିର୍ଦ୍ଦେଶକ

ନେତା-ଅଫିସର ମୁହାଁମୁହିଁ

ପତାକା ଉତ୍ତୋଳନକୁ ନେଇ ଧସ୍ତାଧସ୍ତି

ଓଡ଼ିଶାର ବିଭିନ୍ନ ବ୍ଲକରେ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ଏମିତିକି ସ୍ୱାଧୀନତା ଦିବସରେ ବି ଏଭଳି ସ୍ଥିତି ଦେଖିବାକୁ ମିଳିଛି । କନ୍ଧମାଳ ଜିଲ୍ଲା କୋଟଗଡ଼ ଓ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ ପତାକା ଉତ୍ତୋଳନକୁ ନେଇ ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । କେନ୍ଦ୍ରାପଡ଼ା ଡେରାବିଶରେ ବିଜେପି ନେତା ଓ ସମର୍ଥକଙ୍କ ଦ୍ୱାରା ବିଡିଓଙ୍କୁ ଧମକ ଦେବାର ଅଭିଯୋଗ ହୋଇଥିବା ବେଳେ ରାଜନଗରରେ ମଧ୍ୟ ପୂର୍ବରୁ ସମାନ ଘଟଣା ଘଟିଥିଲା । ନେତା-ଅଧିକାରୀ ବିବାଦ ଉପରେ ରୋକ୍ ଲାଗୁନଥିବାରୁ ଚିନ୍ତା ବଢ଼ିଛି ।

- ସ୍ୱାଧୀନତା ଦିବସରେ ବି ହେଲା ହଙ୍ଗାମା
- କୋଟଗଡ଼ରେ ପୋଡିୟମ ଫିଙ୍ଗିଦେଲେ
- ଖଲ୍ଲିକୋଟରେ ଅଧା ଅଧା କଲେ ଉତ୍ତୋଳନ
- ଡେରାବିଶରେ ଧମକ ପରେ ବିଡିଓ ବେହୋସ୍

ଭୁବନେଶ୍ୱର (ବ୍ୟୁରୋ)

ଦିନକୁ ଦିନ ବଢ଼ିବାରେ ଲାଗିଛି ନେତା ଓ ଅଫିସର ଲଢ଼େଇ । ସ୍ଥିତି ଏମିତି ହୋଇଛି ସ୍ୱାଧୀନତା ଦିବସ ଭଳି ଦିନରେ ବି ପତାକା ଉତ୍ତୋଳନକୁ ନେଇ ମୁହାଁମୁହିଁ ହୋଇଛନ୍ତି ନେତା ଓ ଅଧିକାରୀ । ଦୁଇ ଦିନ ତଳେ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକରେ ବିଜେପି ନେତା ଓ ବିଡିଓଙ୍କ ମଧ୍ୟରେ ବିବାଦ ହୋଇଥିଲା । ତା ପୂର୍ବରୁ ରାଜନଗରରେ ଘଟିଥିଲା ସମାନ ଘଟଣା । ହେଲେ, ଏଥିରେ ରୋକ୍ ଲାଗିବା ବଦଳରେ ଦିନକୁ ଦିନ ଏହା ବଢ଼ିବଢ଼ି ଚାଲିଛି ।

ସାରାଦେଶ ଯେତେବେଳେ ୮୦ ତମ ସ୍ୱାଧୀନତା ଦିବସ ପାଳନ କରୁଥିଲା, କନ୍ଧମାଳ କୋଟଗଡ଼ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଏମିତି ଅପ୍ରୀତିକର ଘଟଣା । ପତାକା ଉତ୍ତୋଳନକୁ ନେଇ ମୁହାଁମୁହିଁ ହୋଇଥିଲେ ବିଡିଓ ଓ ବ୍ଲକ ଚେୟାରମ୍ୟାନ୍ । ଜିଲ୍ଲା ପରିଷଦ ସଭ୍ୟ ଓ ସମର୍ଥକଙ୍କ ସହ ସଭାମଞ୍ଚକୁ ଆସି ପାଟିତୁଣ୍ଡ କରିବା ସହ ଉତକ୍ଷିପ୍ତ ହୋଇ ପୋଡ଼ିୟମକୁ ଫିଙ୍ଗି ଦେଇଥିଲେ ବ୍ଲକ ଅଧ୍ୟକ୍ଷ । ଅଧାରୁ ବନ୍ଦ ହୋଇଥିଲା ପରେଡ୍ । ଆଇଆଇସି ବୁଝାସୁଝା କରିବା ପରେ ପୁଣି ଆରମ୍ଭ ହୋଇଥିଲା ପରେଡ ।

ଗଞ୍ଜାମ ଖଲ୍ଲିକୋଟ ବ୍ଲକରେ ବି ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନକୁ ନେଇ ବିଡିଓ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ହୋଇଥିଲା କଥା କଟାକଟି । ବିବାଦ ଭିତରେ ଅଧା ପତାକା ଉତ୍ତୋଳନ କରିଥିଲେ ବିଡିଓ ଆଉ ଅଧା ଉତ୍ତୋଳନ କରିଥିଲେ ବ୍ଲକ ଅଧ୍ୟକ୍ଷ । ଏହି ସମୟରେ ବିଡିଓଙ୍କ ହାତକୁ କେହି ଟାଣି ଦେଇଥିବା ଅଭିଯୋଗ ହୋଇଛି । ଦୁଇ ଦିନ ପୂର୍ବରୁ ଡେରାବିଶ୍ ବ୍ଲକରୁ ଆସିଥିଲା ସାଂଘାତିକ ଅଭିଯୋଗ । ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ପରେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକ ବିଡିଓଙ୍କୁ ଧମକାଇ ଥିବା ଅଭିଯୋଗ ହୋଇଥିଲା । ଏପରିକି ବିଡିଓ ବେହୋସ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଶନିବାର ଡେରାବିଶ୍ ବ୍ଲକର ଅନ୍ୟ କର୍ମଚାରୀମାନେ ଏହାର ପ୍ରତିବାଦ କରିବା ସହ ଥାନାରେ ଏତଲା ଦେଇଥିଲେ ।

ବର୍ଷ ଆରମ୍ଭରେ ରାଜନଗର ବ୍ଲକରୁ ଆସିଥିଲା ସମାନ ଅଭିଯୋଗ । ସ୍ଥାନୀୟ ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଲଳିତ ବେହେରା ଓ ତାଙ୍କ ସମର୍ଥକ ବିଡିଓଙ୍କୁ ଧମକାଇଥିବା ଅଭିଯୋଗ ହୋଇଥିଲା । ସେହି ସମୟରେ ଏହି ବିବାଦ ରାଜ୍ୟ ରାଜନୀତି ଏବଂ ପ୍ରଶାସନିକସ୍ତରରେ ଏକ ଚାଞ୍ଚଲ୍

স্বাধীনতা ও দেশভাগ

■ ড.অনুরাধা সিনহা

ড. অনুরাধা সিনহা
সহযোগী অধ্যাপক, ইতিহাস বিভাগ
ঢাকা বিশ্ববিদ্যালয়

১৯৪৭ সালে ভারত ও পাকিস্তান নামে দুটি রাষ্ট্রের জন্ম হয়েছিল। ব্রিটিশ ঔপনিবেশিক শাসনের অবসান ঘটিয়ে ভারত ও পাকিস্তান স্বাধীনতা লাভ করেছিল। ব্রিটিশ শাসনের অবসান ঘটিয়ে স্বাধীনতা লাভ করার ঘটনাটি নিঃসন্দেহে ভারত ও পাকিস্তানের ইতিহাসের সবচেয়ে গুরুত্বপূর্ণ ঘটনা। কিন্তু স্বাধীনতা লাভের সঙ্গে সঙ্গে দেশ দুটি যে ভয়াবহ রক্তক্ষয়ী দাঙ্গার মুখোমুখি হয়েছিল, তা ভারত ও পাকিস্তানের ইতিহাসের সবচেয়ে বেদনাদায়ক অধ্যায়। ১৯৪৭ সালের আগস্ট থেকে ডিসেম্বর পর্যন্ত সময়কালে দাঙ্গায় প্রায় ১০ লাখ মানুষ নিহত হয়েছিল বলে ধারণা করা হয়। ১ কোটি ২০ লাখ মানুষ তাদের ভিটেমাটি ছেড়ে নিরাপদ আশ্রয়ের সন্ধানে ছুটে বেড়িয়েছিল। ধর্মীয় পরিচয়ের ভিত্তিতে ভারত ও পাকিস্তান নামে দুটি রাষ্ট্রের জন্ম হলেও এই দুটি রাষ্ট্রের মধ্যে ধর্মীয় সংখ্যালঘুরা নিরাপদ ছিল না। ফলে দাঙ্গার সময় সংখ্যালঘুরা সংখ্যাগুরুদের দ্বারা আক্রান্ত হয়েছিল। দাঙ্গার সময় নারীরা ব্যাপকভাবে ধর্ষণের শিকার হয়েছিল। অনেক নারী আত্মরক্ষার্থে আত্মহত্যা করেছিলেন। দাঙ্গার সময় অনেক পরিবার তাদের সন্তানদের হারিয়েছিল। অনেক শিশু তাদের পরিবারের সদস্যদের হারিয়ে অনাথ হয়ে পড়েছিল। দাঙ্গার সময় অনেক মানুষ তাদের সহায়-সম্পত্তি হারিয়ে রিক্ত হস্তে নতুন দেশে পাড়ি জমিয়েছিল। দাঙ্গার সময় অনেক মানুষ তাদের ঘরবাড়ি, দোকানপাট, ব্যবসা-বাণিজ্য, জমিজমা, গবাদিপশু ইত্যাদি হার

୧୭ ଅଗଷ୍ଟ ୨୦୨୬

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

ବିଦେଶରେ ମହକିବ ବାସୁମତି ଚାଉଳ

୭୦୦ ଏକର ଜମିରେ ହୋଇଛି ଚାଷ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): କଳାହାଣ୍ଡିର ସୁଗନ୍ଧିତ ଚାଉଳ ଏବେ ବିଦେଶରେ ମହକିବ। କେନ୍ଦ୍ର ସରକାରଙ୍କ ଆଇସିଏଆର-ସିଆରଆରଆଇ ଓ କଟକ ଆର୍ କେଭିଓ୍ୱାଇ (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା)ର ଆର୍ଥିକ ସହାୟତାରେ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ଚାଲିଛି ସୁଗନ୍ଧିତ ଧାନ ଓ ବିହନ ଉତ୍ପାଦନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲାର କୋକସରା, ଧର୍ମଗଡ଼ ଓ ଜୟପାଟଣା ବ୍ଲକର ବିଭିନ୍ନ ଗ୍ରାମର ୨୦୫ ଜଣ ଚାଷୀଙ୍କୁ ମାଗଣାରେ ବିହନ ଓ ଜୈବିକ ସାର ଯୋଗାଇ ଦିଆଯାଇଛି। ଉତ୍ପାଦିତ ଧାନକୁ କ୍ରୟ କରି ଚାଉଳ ପ୍ରସ୍ତୁତ ପରେ ଆମେରିକା, ଭିଏତନାମ ଓ ଆଫ୍ରିକୀୟ ଦେଶକୁ ରପ୍ତାନି କରିବା ଲକ୍ଷ୍ୟ ରଖିଛି କଟକ ଆଇସିଏଆର-ସିଆରଆରଆଇ। ଏହି ପ୍ରକଳ୍ପରେ ସିଆର୍ -୯୦୮, ସିଆର୍ ୯୦୯, କେତକୀଜୋହା, ପୂର୍ଣଭୋଗ, ନୂଆ ଚିନି କାମିନୀ ଓ ନୂଆ ଧୂସରା ଭଳି ଉନ୍ନତମାନର ସୁଗନ୍ଧିତ ପ୍ରଜାତିର ଚାଷ କରାଯାଉଛି। ଜିଲାର ପ୍ରାୟ ୭୦୦ ଏକର ଜମିରେ ଏହି ଚାଷ କରାଯାଉଛି। ଧାନ ଉତ୍ପାଦନ ପରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ପ୍ରାୟ ୪ ହଜାର ଟଙ୍କା ଦରରେ କ୍ରୟ କରିବା ଯୋଜନା ରହିଛି। ପରେ ଏହି ଧାନରୁ ଚାଉଳ ପ୍ରସ୍ତୁତ କରି ବିଦେଶ ବଜାରକୁ ରପ୍ତାନି କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଏହି ବ୍ରିଡ୍ର ସିଡ୍ ?ରୁ ଫାଉଣ୍ଡେସନ ସିଡ୍ ଏବଂ ପରବର୍ତ୍ତୀ ସମୟରେ ସାର୍ଟିଫାଏଡ ସିଡ୍ ଉତ୍ପାଦନ କରି ରାଜ୍ୟ ଓ ରାଜ୍ୟ ବାହାରର ଚାହିଦା ପୂରଣ କରିବା ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାର ପାରମ୍ପରିକ ସୁଗନ୍ଧିତ ଧାନ ପ୍ରଜାତିର ସଂରକ୍ଷଣ, ଉନ୍ନତମାନର ବିହନ ପ୍ରସ୍ତୁତି ଓ ରପ୍ତାନି ସୁଯୋଗ ସୃଷ୍ଟି କରିବା ସହ ଚାଷୀଙ୍କ ଆୟ ବୃଦ୍ଧି କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ବୈଜ୍ଞାନିକ ଡ. ସୁତପା ସରକାର ପ୍ରକାଶ କରିଛନ୍ତି।

ରାଜନୀତିର ତାତିରେ ମେହେର ପରିବାର

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): କଳାହାଣ୍ଡିର ରାଜନୀତିରେ ଦୀର୍ଘ ବର୍ଷ ଧରି ପ୍ରଭାବ ବିସ୍ତାର କରିଆସୁଥିବା ମେହେର ପରିବାର ରାଜନୈତିକ ଭବିଷ୍ୟତକୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି । ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର ଏବଂ ତାଙ୍କ ଭାଇ ମନୋଜ ମେହେରଙ୍କ ରାଜନୈତିକ ଯାତ୍ରାରେ ଉତ୍ଥାନ-ପତନ ଦେଖାଯାଇଥିଲେ ମଧ୍ୟ ଜୁନାଗଡ଼ ଅଞ୍ଚଳରେ ସେମାନଙ୍କ ସଂଗଠନୀୟ ପ୍ରଭାବ ଏବେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇ ରହିଛି ।କଳାହାଣ୍ଡିର ରାଜନୀତିରେ ହିମାଂଶୁ ମେହେର ଜଣେ ଅଭିଜ୍ଞ ନେତା ଭାବେ ପରିଚିତ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞତା ସହ ସେ ଦୀର୍ଘ ସମୟ ଧରି ଜିଲ୍ଲାରେ ସଂଗଠନ ଗଢ଼ିବାରେ ଭୂମିକା ନେଇଥିବା କୁହାଯାଏ ଓ ଅନ୍ୟପଟେ ମନୋଜ ମେହେର ମଧ୍ୟ ଜୁନାଗଡ଼ ବ୍ଲକ ଅଧକ୍ଷ ଭାବେ କାର୍ଯ୍ୟ କରି ସ୍ଥାନୀୟ ସ୍ତରରେ ନିଜର ରାଜନୈତିକ ପରିଚୟ ସୃଷ୍ଟି କରିଥିଲେ ଓ ପରବର୍ତ୍ତୀ ସମୟରେ ସେ ବିଜେପି ପକ୍ଷରୁ ବିଧାନସଭା ନିର୍ବାଚନ ଲଢ଼ିଥିଲେ, କିନ୍ତୁ ଲଗାତାର ଦୁଇଟି ନିର୍ବାଚନରେ ବିଜୟ ହାସଲ କରିପାରିନଥିଲେ ଓ ଏହି ପରାଜୟ ସତ୍ତ୍ୱେ ମେହେର ପରିବାରର ସଂଗଠନୀୟ ଭିତ୍ତି ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଛି ବୋଲି କହିବାକୁ ଅନେକ ରାଜନୈତିକ ବିଶ୍ଳେଷକ ସହମତ ନୁହନ୍ତି ଓ ବିଶେଷକରି ଜୁନାଗଡ଼ ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ସମର୍ଥକ । ପୁରୁଣା କର୍ମୀ ଓ ସ୍ଥାନୀୟ ସଂଗଠନ ସହ ସେମାନଙ୍କ ସମ୍ପର୍କ ଏବେ ମଧ୍ୟ ରହିଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଛି ଓ ଅନ୍ୟପକ୍ଷରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେରଙ୍କ ନାମ ଲୋକସଭା ପ୍ରାର୍ଥୀ ଭାବେ ବିଭିନ୍ନ ସମୟରେ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ ସେହି ସୁଯୋଗ ମିଳିନଥିବା କଥା ରାଜନୈତି ମହଲରେ ଚର୍ଚ୍ଚିତ ଏହାକୁ ନେଇ ସମର୍ଥକଙ୍କ ମଧ୍ୟରେ ନିରାଶ ଥିବା କଥା ମଧ୍ୟ ଆଲୋଚନା ହୁଏ ଓ ତେବେ ଦଳୀୟ ନେତୃତ୍ୱ କେବେ ମଧ ଏହାକୁ ନେଇ ସାର୍ବଜନିକ ଭାବେ କୌଣସି ଆଧିକାରିକ ମତ ପ୍ରକାଶ କରିନାହାନ୍ତି । ?ବର୍ତ୍ତମାନ ଓଡ଼ିଶାରେ ବିଜେପି ଶାସନରେ ଥିବାରୁ କଳାହାଣ୍ଡି ଜିଲ୍ଲାରେ ଦଳର ସଂଗଠନୀୟ ସମୀକରଣ ମଧ ପରିବର୍ତ୍ତନଶୀଳ ଓ ଏଭଳି ସ୍ଥିତିରେ ପୁରୁଣା ନେତୃତ୍ୱକୁ ପୁଣି ଦାୟିତ୍ୱ ମିଳିବ କି, ନା ନୂଆ ମୁହଁଙ୍କୁ ସୁଯୋଗ ଦିଆଯିବ ତାହାକୁ ନେଇ ଦଳୀୟ ମହଲରେ ବିଭିନ୍ନ ଆକଳନ ଚାଲିଛି। ସେହି ସମୟରେ ଜାତିଗତ ସମୀକରଣ, ସଂଗଠନର ଆବଶ୍ୟକ ?ତା, ନିର୍ବାଚନୀ ପ୍ରଦର୍ଶନ ଓ ସ୍ଥାନୀୟ ଗ୍ରହଣୀୟତା ପରି କାରଣ ଗୁଡ଼ିକ ପ୍ରାର୍ଥୀ ଚୟନରେ ଗୁରୁତ୍ୱପୂର୍ଣ ହୋଇପାରେ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, କେବଳ ନିର୍ବାଚନୀ ପରାଜୟ ଦ୍ୱାରା କୌଣସି ନେତାଙ୍କ ରାଜନୈତିକ ଅଧ୍ୟାୟର ସମାପ୍ତି ହୁଏନାହିଁ। ସେହିପରି କେବଳ ସଂଗଠନୀୟ ପ୍ରଭାବ ଥିବାରୁ ଭବିଷ୍ୟତରେ ଟିକେଟ କିମ୍ବା ପଦ ମିଳିବ ବୋଲି ମଧ୍ୟ ନିଶ୍ଚିତ କୁହାଯାଇପାରେ ନାହିଁ ଶେଷରେ ଦଳର ରଣନୀତି, ସ୍ଥାନୀୟ ରାଜନୈତିକ ପରିସ୍ଥିତି ଓ ଜନସମର୍ଥନ ହିଁ ଆଗାମୀ ଦିଗ ନିର୍ଣ୍ଣୟ କରିବ । ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଳାହାଣ୍ଡିର ରାଜନୀତିରେ ମେହେର ପରିବାର ଙ୍କ ଭୂମିକା କଣ ରହିବ, ସେମାନେ ପୁଣି ନିର୍ବାଚନୀ ମୈଦାନରେ ନୂଆ ଅଧ୍ୟାୟ ଆରମ୍ଭ କରିବେ କି ନାହିଁ, ନା ଦଳ ସଂଗଠନର ଅନ୍ୟ ଦାୟିତ୍ୱରେ ସକ୍ରିୟ ରହିବେ ଏହାର ଉତ୍ତର ସମୟ ହିଁ ଦେବ ଏବେ ପାଇଁ କେବଳ ଏତିକି ସ୍ପଷ୍ଟ ଯେ କଳାହାଣ୍ଡିର ରାଜନୀତିରେ ମେହେର ବୃତ୍ତର୍ସ ନଓମକୁ ନେଇ ଆଲୋଚନା ଏବେ ମଧ ଥମିନାହିଁ।ଏହି ଲେଖା ବିଶ୍ଳେଷଣମୂଳକ ଏବଂ କୌଣସି ଭବିଷ୍ୟତ ଫଳାଫଳ କିମ୍ବା ଦଳୀୟ ନିଷ୍ପତ୍ତି ବିଷୟରେ ନିଶ୍ଚିତ ଦାବି କରୁନାହିଁ।

ପାଟ୍ରୋଲିଙ୍ଗ୍ ବ୍ୟବସ୍ଥା କଡ଼ାକଡ଼ି ସହ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଯାଞ୍ଚ ଦାବି

ରାଇଘର(ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଦିନକୁ ଦିନ ଚୋରି ଡକାୟତ ବୃଦ୍ଧି ସାଙ୍ଗକୁ ଦୂର୍ଘଟଣା ମଧ୍ୟ ବଢି ଚାଲିଥିବା ବେଳେ ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ ବ୍ୟବସ୍ଥା କରିବା ସହ ଗାଡି ଚାଳକଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ଯାଞ୍ଚ କରିବା ଆବଶ୍ୟକ ରହିଛି । ଫଳରେ ଚୋରି ଡକାୟତ ସାଙ୍କୁ ଦୂର୍ଘଟଣା ମଧ୍ୟ ରୋକି ପାରି ଥାଆନ୍ତା । ପ୍ରକାଶ ଥାଉକି ରାଇଘର ଅଞ୍ଚଳରେ ଆଜି କାଲି ଛୋଟ ଛୋଟ ପିଲା ଅର୍ଥାତ୍ ଅଷ୍ଟମ, ନବମ ଶ୍ରେଣୀ ଛାତ୍ର ମାନେ ମଧ୍ୟ ପ୍ରତେକ ଦିନ ବାଇକ ନେଇ ସ୍କୁଲ କୁ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି । ସ୍କୁଲ କୁ ଯିବା ଆସିବା କରୁଥିବା ଛାତ୍ର ବାଇକ୍ ସ୍କୁଟି ରେ ବହୁ ଜୋର ରେ ଚଳାଉ ଛନ୍ତି । ତାସହ ଅନ୍ୟ କେତେକ ପିଲା ବି ବଜାର ମଧ୍ୟରେ ବହୁ ସ୍ପିଡ୍ ରେ ଗାଡି ଚଲାଇ ଯାଉଛନ୍ତି । ଯାହା ଫଳରେ ଦୂର୍ଘଟଣା ଘଟିବା ସମ୍ଭାବନା ରହିଛି । ତେଣୁ ରାଇଘର ଥାନା ଅଧିକାରୀ ଏହା ଉପରେ ନଜର ଦେଇ ଟ୍ରାଫିକ ନିୟନ୍ତ୍ରଣ ସହ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ପେଟ୍ରୋଲିଙ୍ଗ ବ୍ୟବସ୍ଥା କୁ କଡାକଡି କରିବାକୁ ସାଧାରଣ ରେ ଦାବି ହେଉଛି ।

କିସ୍‌ରେ ସ୍ୱାଧୀନତା ଦିବସ ପାଳିତ

କଳାହାଣ୍ଡି(ଅମୃତ ମିଡିଆ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବାଦିଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଭୋର ସକାଳୁ ଛାତ୍ରୀ ମାନେ ପ୍ରଭାତ ଫେରି ପରେ ସମୟ ଘ.୭.୩୦ ମି ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତିୟ ପତାକା ଉତ୍ତୋଳନ କରିଥିଲେ। ପରେ କିସ୍‌ର ଛାତ୍ରୀ ମାନେ ମୁଖ୍ୟ ଅତିଥିଙ୍କ ଅନୁମତି କ୍ରମେ ତାଙ୍କ ସମ୍ମୁଖରେ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ। ପରେ ଏକ ବୈଠକ ଆୟୋଜନ କରାଯାଇଥିଲା ଉକ୍ତ ବୈଠକରେ ମୁଖ୍ୟ ଅତିଥି ଶ୍ରୀ ସବିତା ପଟ୍ଟନାୟକ କିସ୍‌ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ପଧାନ , ଉପ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ସୁନିତା ପଣ୍ଡା, ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ପ୍ରାରମ୍ଭରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପ୍ରତି ଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ କିସ୍ ଛାତ୍ରୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ କିସ୍ ଛାତ୍ରୀ ବିନୋଦିନୀ ମାଝୀ ଓ ପ୍ରିୟଙ୍କା ଦିଶାରି ୮୦ ତମ ସ୍ୱାଧୀନତା ଦିବସ ଉପରେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଶ୍ରୀ ସବିତା ପଟ୍ଟନାୟକ ଯୋଗଦେଇ କିସ୍ ର କୁନି କୁନି ଛାତ୍ରୀ ମାନଙ୍କ ଅଭିଭାଷଣ ଶୁଣି ମନମୁଗ୍ଧ ହେବା ସହ ଏ ବୟସରେ ମୁ ଠିକ୍‌ରେ କଥା କହି ପରୁନ ଥିଲି କିନ୍ତୁ ଆଜି ଏହି ଛାତ୍ରୀ ମାନଙ୍କ ଅଭିଭାଷଣ ମତେ ସ୍ତବ୍ଧ କରିଦେଲା ବୋଲି କହିବା ସହ ଆଜି କିସ୍ ଆବାସିକ ବିଦ୍ୟାଳୟ କଳାହାଣ୍ଡି କୁ ଆସି ନିଜ କୁ ଗର୍ବ ଅନୁଭବ କରିବା ସହିତ,କୁନି କୁନି ଝିଅ ମାନଙ୍କ ନମ୍ର, ଶାନ୍ତି,ଧର୍ଯ୍ୟ, ନୀରବତା ମତେ ଆନନ୍ଦିତ କଲା, ଜିଲ୍ଲା ର ଉପାନ୍ତ ଅଂଚଳ ରୁ ଆସି ଗୁଣାତ୍ମକ ଶିକ୍ଷା ଗ୍ରହଣ କରୁଥିବା ଆଦିବାସୀ କୁନି କୁନି ଝିଅ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ମୟ ହେଉ ମାଁ ମାଣିକେଶ୍ୱରୀ ନିକଟରେ ପ୍ରାର୍ଥନା କରୁଛି କହିଥିଲେ । ଏ ମଣିଷ ଗଢ଼ା କାରଖାନାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ମୋର ଅନ୍ତରରୁ ଧନ୍ୟବାଦ ଜ୍ଞାପନ କରୁଛି ଯାହାଙ୍କ ପାଇଁ ରାଜ୍ୟ ଅନେକ ଆଦିବାସୀ ଛାତ୍ର ଛାତ୍ରୀ ମୁଖ୍ୟ ସ୍ରୋତ ରେ ସାମିଲ ହୋଇ ପାରିଛନ୍ତି ବୋଲି କହିଥିଲେ। ପରେ ଛାତ୍ରୀ ମାନେ ଦେଶଭକ୍ତି ଗୀତରେ ନୃତ୍ୟ ପରିବେଶକୁ ଆନନ୍ଦରେ ଭରି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ କୁ ସୁଚରୁ ଭାବରେ ପରିଚାଳନା କରିଥିଲେ କିସ୍ ର ଶିକ୍ଷକ ଖ୍ୟରସିନ୍ଧୁ ସାହୁ ଓ ଶିକ୍ଷୟିତ୍ରୀ ଅଭିଳାଷା ସାହୁ । ପରେ ଉପସ୍ଥିତ କିସ୍‌ର ଅଭିଭାବକ ଓ ଛାତ୍ରଛାତ୍ରୀ ସମସ୍ତଙ୍କୁ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରିଶେଷରେ ଉପସ୍ଥିତ ସମସ୍ତଙ୍କୁ କିସ୍ ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

୮୦ତମ ସ୍ୱାଧୀନତା ଦିବସ ପାଳିତ

ରାଇଘର(ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ର ସମସ୍ତ ସରକାରୀ ବେସରକାରୀ ଆଦି ବିଭିନ୍ନ ଅନୁଷ୍ଠାନ ଯଥା ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ବ୍ଲକ ପରିସର , ପୋଲିସ ଷ୍ଟେସନ, କୋର୍ଟ, ରାଜୀବ ସ୍ମୃତି ଗାର୍ଲସ ଉଚ୍ଚ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର , ପଲି ସଂସଦ ଯୁବକ ସଂଘପକ୍ଷରୁ , ମେଡିକାଲ୍ , ଭୀମ ଛକ,ଆଦି ବ୍ଲକ ବିଭିନ୍ନ ଅନୁଷ୍ଠାନ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ଉପଦେଷ୍ଟା କିରଣ କୁମାର ପଟ୍ଟନାୟକ ପତାକା ଉତୋଳନ କରିଥିବା ବେଳେ ସଂଘର ସଭାପତି ଭବାନୀ ନାୟକ, ଅମୀୟ କୁମାର ମହାପାତ୍ର, ମନୋଜ ରାଜପୁତ , ବିଶ୍ୱଜିତ ମହାରଣାଙ୍କ ସମେତ ସଂଘର ଅନନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ଲକ ପରିସର ମଧରେ ରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର୍ ପତାକା ଉତୋଳନ କରିଥିବା ବେଳେ, ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରି ପ୍ରମୁଖ ଉପସ୍ଥିତ ଥିଲେ, ସେହିପରି ପୋଲିସ ଷ୍ଟେସନ, କୋର୍ଟ ପରିସର ଅସର ପ୍ରାପ୍ତ କର୍ମଚାରୀ ସଂଘ, ବିଜୁ ପଟ୍ଟନାୟକ ମର୍ଡେର୍ଣ ସ୍କୁଲ, ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟ ତଥା ବ୍ଲକ ର ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସ୍ୱାଧୀନତା ପାଇଁ ନିଜର ଜୀବନକୁ ବାଜି ଲଗାଇ ଦେଶ କୁ ସ୍ୱାଧୀନତା କରାଇ ଥିବା ସ୍ୱାଧୀନତା ସଂଗ୍ରାମୀ ଙ୍କୁ ଶ୍ରଦ୍ଧା ପୂର୍ବକ ନମନ୍ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ୟାରେଡ୍ ଶହ, ବକୃତା ପ୍ରତିଯୋଗିତା ଓ ସାଙ୍କୃତିକ କାର୍ଯ୍ୟକର୍ମ ଆଦି ଅନୁଷ୍ଠିତ ହୋଇଥିଲା।

ଧର୍ମଗଡ଼ରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): ବୈଷୟିକ ଜ୍ଞାନକୌଶଳ ଓ ସାମାଜିକ ଗଣ ମାଧ୍ୟମର ସଦୁପଯୋଗ କରି ଆଜିକା GEN/Zର ଯୁବ ପିଢ଼ି ଦେଶ ହିତ ପାଇଁ, ନିଜର ଭବିଷ୍ୟତ ପାଇଁ ନେତୃତ୍ୱ ନେବା ର ଆବଶ୍ୟକତା ରହିଛି । ନିଜର ଉନ୍ନତି ଓ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିବା ନିର୍ଶ୍ଚୟ ନିଜକୁ ନେବାକୁ ହେବ ବୋଲି ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ପ୍ରକାଶ କରିଛନ୍ତି। ଧର୍ମଗଡ ଠାରେ ୮୦ ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଆଇଏଏସ ଜାତୀୟ ପତାକା ଉତ୍ତୋଳନ କରି ଉପଖଣ୍ଡ ସ୍ତରୀୟ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିଥିଲେ। ଭାରତ ସ୍ୱାଧନତାର ଅଗ୍ରଦୂତ ମହାପୁରୁଷ ମାନଙ୍କୁ ଏହି ଅବସରରେ ସେ ସ୍ମରଣ କରିଥିଲେ। ଦେଶ ପାଇଁ ଗୌରବ ଆଣି ଥିବା ବ୍ୟକ୍ତିତ୍ୱ ମାନଙ୍କର ପ୍ରେରଣାକୁ ନେଇ ଆଗେଇବାକୁ ପଡ଼ିବ। ସ୍ୱାଧୀନତା ର ଅର୍ଥ ଯାହା ଇଚ୍ଛା ତାହା କରିବା ନୁହେଁ ସ୍ୱାଧୀନତାର ଅର୍ଥ ନିଜର ମନ କୁ ନିଜ ଆୟତ୍ତରେ ରଖି ବିକଶିତ ଦେଶ ପାଇଁ ବ୍ରତୀ ହେବାକୁ ସେ ପ୍ରକାଶ କରିଥଲେ। ଆମର

ଇତିହାସ ଆମକୁ ଦେଶ ପ୍ରେମ ଶିକ୍ଷା ଦେଉଛି ତେଣୁ ଦେଶର ବିକାଶ ପାଇଁ ଆମେ ସମସ୍ତେ ସଂକଳ୍ପ ବଦ୍ଧ ହେବା ବୋଲି ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଆଇଏଏସ, ଆହ୍ୱାନ ଦେଇଛନ୍ତି ।ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ।ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଛାତ୍ରୀ ମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ସକାଳୁ ପ୍ରଭାତ ଫେରି ଓ ରାମଧୁନ, ସହରରେ ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରଯାଇଥିଲା ଓ ପଡ଼ିଆରେ ଉତ୍ସବ ଶେଷ ହେବା ପରେ ମୁଖ୍ୟ ଅତିଥି ଧର୍ମଗଡ ସ୍ଥିତ ଶକ୍ତି ସଦନ ଗୃହ, ସରକାରି ଡାକ୍ତରଖାନା, ସବ୍ ଜେଲ ଏଂ ଯଶୋଦା ଅନାଥ ଆଶ୍ରମ କୁ ଯାଇ ଅନ୍ତେବାସି, ଓ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ଅଧ୍ୟାପକ ମାଧବ ଲହଙ୍ଗଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଧର୍ମଗଡ ଡିଏସପି ଭର୍ଷିତା ଅଡେପୁ ସମ୍ମାନିତ ଅତିଥିଭାବେ ମଞ୍ଚରେ ରହିଥିଲେ।

ବଡ଼କୁଟରୁ ପଞ୍ଚାୟତର ମହାତ୍ମା ଗାନ୍ଧୀ ଜାତୀୟ ରୋଜଗାର ଯୋଜନାରେ ଅନିୟମିତତା

ବିକାଶ କାମର ସର୍ବନାଶ: ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଦାବି

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): କଳମପୁର ପଞ୍ଚାୟତ ସମିତିରେ ସରକାରୀ ଅର୍ଥ ବ୍ୟବହାର ଓ ବିକାଶମୂଳକ କାର୍ଯ୍ୟକୁ ନେଇ ଅଡିଟ୍ ଆପତ୍ତିର ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶାସନିକ ମହଲରେ ପ୍ରଶ୍ନ ଉଠିଛି । ମିଳିଥିବା ଅଡିଟ୍ ଦଲିଲ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷର କଳମପୁର ପଞ୍ଚାୟତ ସମିତି ସମ୍ପର୍କିତ ଅଡିଟ୍ ତଥ୍ୟରେ ୮ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମ ସହ ମୋଟ ୧ କୋଟି ୬୩ ଲକ୍ଷ ୮୮ ହଜାର ଟଙ୍କାର ଅଧିଭାର ରାଶି ଦର୍ଶାଯାଇଛି । ଉକ୍ତ ତାଲିକାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦର୍ଶାଯାଇଥିବା ବିକାଶ ମୋହନ ମାଝୀଙ

ସମ୍ପାଦକୀୟ...

ସ୍ୱାଧୀନତାର ସୁଯୋଗ

ଭାରତ ସ୍ୱାଧୀନତା ହାସଲ କରିବାର ଇତି ମଧ୍ୟରେ ପ୍ରାୟ ଅଶୀବର୍ଷ ହୋଇଗଲାଣି ତଥାପି ଏବେ ବି ଭାରତବାସୀ ଉପଯୁକ୍ତ ଭାବେ ସେମାନଙ୍କ ସ୍ୱାଧୀନତାର ଅର୍ଥ ବୁଝିପାରିନାହାଁନ୍ତି ଅବା ସେମାନଙ୍କ ସ୍ୱାଧୀନତାର ସ୍ୱର୍ଗକୁ ହୁଏତ ଅନୁଭବ କରି ପାରିନାହାଁନ୍ତି। ଗାନ୍ଧୀଜୀଙ୍କର ସେହି ପୁରାତନ କଥା ଯାହା ଆଜି ବି ରଖେ ପ୍ରାସଙ୍ଗିକତା, ଯାହା କିନ୍ତୁ ଆଜି ବି ନିଷ୍ଫଳ ଲାଗେ । କାରଣ ଆଜି ବି ଜଣେ ଏକାକିନୀ ରାତି ବାରଟାରେ ସାଧାରଣ ଜନପଦରେ ଯାତ୍ରା କରିବା କେବେ ବି ନିରାପଦ ହୋଇନପାରେ। ଯଦିବା କେବେ କେହି ସାଧାରଣ ଜନପଦରେ ସେମିତି ଯାତ୍ରା କରୁଛି ତେବେ ସଇତାନମାନଙ୍କ ଦ୍ୱାରା ଶିକାର ହେବାର ରହିଛି ଯଥେଷ୍ଟ ସମ୍ଭାବନା। ଏଣୁ ଭାରତ କେମିତି ଯେ ସମ୍ପୂର୍ଣ ସ୍ୱାଧୀନ ବୋଲି ଆମେ କହିପାରିବା ? ତଥାପି ଆମେ ଭାରତବାସୀ କିନ୍ତୁ ଅନେକ ସମୟରେ ଅତି ଗର୍ବରେ କହି ବୁଲୁଛୁ ଯେ ଆମେ ସ୍ୱାଧୀନ । ଆମେ ଭାରତବାସୀ ଆଜି ଆମର ସ୍ୱାଧୀନତାକୁ ନେଇ କେତେ ସନ୍ତୁଷ୍ଟ , ତାହାକୁ ନେଇ ଆଜି ବି ଭାରତବାସୀ ଆମେ ସନ୍ଦିହାନ ଅବସ୍ଥାରେ ରହିଛୁ । ତଥାପି ଆମେ ଯେ ସ୍ୱାଧୀନ , ଏହା ବି ସତ୍ୟ । ହେଲେ ଅନ୍ତର୍ନିହିତ ସତ୍ୟ ହେଉଛି ଆଜି ବି ଭାରତର କେତେକ ଅଞ୍ଚଳ ଏବେ ବି ସେମାନଙ୍କ ସ୍ୱାଧୀନତାକୁ ନେଇ ଚିନ୍ତିତ। ଏବେ ବି ସେମାନଙ୍କ ସ୍ୱାଧୀନ ଅଞ୍ଚଳ ଉପରେ ଆଖି ପକାଉଛି ଚାଇନା । ଏଇ ଯେମିତି ଅରୁଣାଚଳ ପ୍ରଦେଶ ଯହାର ସ୍ୱାଧୀନତା ଉପରେ କୁଦୃଷ୍ଟି ପକାଉଛି ଚାଇନା। ପରେ ପରେ ରହିଛି ପାକିସ୍ତାନ , ପାପା ପାକିସ୍ତାନ୍ ଯାହାର ନଜର ଏବେ ବି ରହିଛି କାଶ୍ମୀର ଉପରେ.. ପାକ୍ ଅକୁପାଏଡ୍ କାଶ୍ମୀର ଉପରେ ଯାହା କି ଆଜି ବି ଭାରତର ବୋଲି କୁହାଯାଇପାରେ ତେବେ ସମ୍ଭବତଃ ଏକ ଭୁଲ୍ କୁଝାମଣା କାରଣରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନେହରୁଙ୍କ ସମୟରେ ଭାରତର ଏକ ଅବିଚ୍ଛେଦ୍ୟ ଅଂଶ ପିଓକେ , ଯାହାକି ସେବେ ଭାରତରୁ ଅଲଗା ହୋଇ ପାକିସ୍ତାନ୍‌ର ଆୟତ୍ତକୁ ଆସିଯାଇଥିଲା। ପାକିସ୍ତାନର ଆୟତ୍ତାଧୀନ ସେହି ଅଂଶ ଏବେ ପିଓକେ ଏବଂ ଯାହାର ରାଜଧାନୀ ମୁଜାଫରବାଦ୍ ଯାହାକି ଇସଲାମାବାଦ୍ ଠାରୁ ମାତ୍ର ସ୍ୱଳ୍ପ ଦୂରତାରେ ଥିବାରୁ ଇସଲାମାବାଦ ସବୁବେଳେ ତା'ର ଭୁଲ୍ କର୍ତ୍ତୃତ୍ୱ ଜାରିରଖିଛି ମୁଜାଫରବାଦ୍ ଉପରେ ..ଦିଲ୍ଲୀ କିନ୍ତୁ ସେମିତି କିଛି କରିପାରୁନାହିଁ। କେବଳ ଯେ ଦୂରତା ଥିବା କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ, ତାହା ତ ପରକଥା। ତେବେ ତତ୍କାଳୀନ କଂଗ୍ରେସ ସରକାରଙ୍କ କେତେକ ଭୁଲ୍ ବୁଝାମଣା କାରଣରୁ ସେବେ ଭାରତରୁ ଭୁଲ୍‌ବଶତଃ ବିଚ୍ଛିନ୍ନ ହୋଇଯାଇଥିବା ପିଓକେ ଏବେ ବି ଭାରତରୁ ସେମିତି ବିଚ୍ଛିନ୍ନ ହୋଇ ରହିଯାଇଛି ଯାହାକୁ ପୁନଃ ଭାରତରେ ମିଶାଇବା ପାଇଁ କେବେ ବି ସେମିତି କିଛି ପ୍ରୟାସ କରୁନାହିଁ ଭାରତ। ଦିଲ୍ଲୀ ବି ନୀରବ ଅଥଚ ସେହି ଦିଲ୍ଲୀରୁ ଦିନେ ଶୁଭୁଥିଲା କେତେ ରଣହୁଙ୍କାର,ସେହି ଦିଲ୍ଲୀରୁ ଦିନେ ଶୁଭୁଥିଲା କେତେ ଯେ ରଣ ଦୁନ୍ଦୁଭି। ଅଥଚ ଆଜି ସେହି ଦିଲ୍ଲୀ ସମ୍ପୂର୍ଣ ନୀରବ ଏପରି ଘଟଣାରେ । କଥାରେ ନାହିଁ କଂପାନୀ କା ମାଲ୍ , ଦରିଆମେ ଡାଲ୍ । ପିଓକେ କ୍ଷେତ୍ରରେ କିନ୍ତୁ ଆମକୁ ଲାଗୁଛି ଦିଲ୍ଲୀ କା ମାଲ୍ ଦରିଆ ମେ ଡାଲ୍। ପିଓକେ ଘଟଣାରେ ଦିଲ୍ଲୀ କିନ୍ତୁ ଆଜି ନୀରବ। ଦିଲ୍ଲୀର ନୀରବତା ପଛର କାରଣ ଯାହା ବି ହେଉ ନା କାହିଁକି, ଦିଲ୍ଲୀର ନୀରବତାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ । ତଥାପି ସବୁକୁ ଦେଖାତିର କରି , ସେସବୁକୁ ନଜର ଅନ୍ଦାଜ କରି ଦିଲ୍ଲୀ କିନ୍ତୁ ନୀରବ। ଅଥଚ ମଝିରେ ମଝିରେ ଗର୍ଜନ କରୁଛି ଦିଲ୍ଲୀ। କେତେବେଳେ ସରକାର ତ କେତେବେଳେ ବିରୋଧୀ ତ ଆଉ କେତେବେଳେ ସିଜେପି ତ ଆଉ କେତେବେଳେ ଆଉ କିଛି। ମଝିରେ ମଝିରେ ଦିଲ୍ଲୀର ସେ ଗର୍ଜନର ଗୁଞ୍ଜନରେ ପ୍ରକମ୍ପିତ ହେଉଛି ସାରା ଭାରତ। ତଥାପି ନୀରବ ଦିଲ୍ଲୀ। ଏବେ କିନ୍ତୁ ସମୟ ଉପଯୀତ ଦିଲ୍ଲୀ ତା'ର ସେ ନୀରବତାକୁ ଭଙ୍ଗାକରି ପିଓକେ ପ୍ରସଙ୍ଗରେ ମୁହଁ ଖୋଲୁ। ପିଓକେ ପ୍ରସଙ୍ଗରେ ଖୁଦ୍ ସେହି ପିଓକେକୁ ସହଯୋଗର ହାତ ବଢ଼ାଉ। ବର୍ତ୍ତମାନ ହେଉଛି ସଠିକ୍ ସମୟ । ବର୍ତ୍ତମାନ ହେଉଛି ଦିଲ୍ଲୀ ପାଇଁ ସୁବର୍ଣ୍ଣ ସୁଯୋଗ। ପିଓକେ ଏବେ ବିପଦରେ । ମହା ବିପଦଗ୍ରସ୍ତରେ ପିଓକେ । ପାକିସ୍ତାନ୍‌ର ଶେହବାଜ୍ ସରକାର ଇସ୍‌ଲାମାବାଦ୍ ଛାଡ଼ି ଏବେ ମୁଜାଫରବାଦରେ ତାଙ୍କର ଆସ୍ଥାନ ଜମାଇବାର ମନ୍ଦ ଅଭିଳାଷ ପୋଷଣ କରୁଛନ୍ତି। ପିଓକେରେ ଦିନକୁ ଦିନ ଦାରିଦ୍ର୍ୟ ବୃଦ୍ଧି ପାଇବାରେ ଲାଗିଛି। ପାକ୍ ସରକାର କିନ୍ତୁ ସେଥିପ୍ରତି ବିଶେଷ ଧ୍ୟାନ ନ ଦେଇ ସେଠାରେ କେବଳ ଚଳାଇଛନ୍ତି ତାଙ୍କର ଦମନଲୀଳା। ଏବେ କାଳେ ପିଓକେରେ ହେବାକୁ ଯାଉଛି ବିଧାନସଭା ନିର୍ବାଚନ ଯେଉଁଥିରେ ଶେହବାଜ ସରକାର ର ରହୁଛି ସିଧାସଳଖ ହସ୍ତକ୍ଷେପ ଯାହାକୁ ତୀବ୍ର ବିରୋଧ କରିଛି ଜମ୍ମୁ-କାଶ୍ମୀର ଆୱାମୀ କାର୍ଯ୍ୟାନୁଷ୍ଠାନ କମିଟି । ଜେଏଏସି ଏବେ ସେଠାରେ ଏକ ସ୍ୱାଧୀନ ସରକାରର ଆଶା ପ୍ରକାଶ କରିଛି ଯାହାକୁ ନେଇ ଉଭୟ ଆନ୍ଦୋଳନକାରୀ ଏବଂ ପାକ୍ ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଉତ୍ପନ୍ନ ହୋଇ ପରିସ୍ଥିତି ଅତି ଗୁରୁତର ହୋଇଛି।

ଜ୍ଞାନାମୃତ

ବିଶ୍ୱାସ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ତାଙ୍କର ସମସ୍ୟା ସମାଧାନର ରାସ୍ତା ଦେଖାଇଲେ।

ଆମେ କେତେ ସ୍ୱାଧୀନ ?

କାଳୀ ଦାସ

ଉତ୍ତର ପ୍ରଦେଶରେ ବିଭିନ୍ନ ସ୍ଥାନରେ ଭାରତର ୮୦ ତମ ସ୍ୱାଧିନତା ଦ୍ୱିସ ପାଇଁ ହର ଘର ତ୍ରିରଙ୍ଗାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ଭିତରେ ଭାରତର ରାଜନୀତି ଏବଂ ସାମାଜିକ ସ୍ତରରେ ଏକ ନୂଆ ଆନ୍ଦୋଳନର ବିଜୟ ରୋପଣ ହୋଇଛି ।ଯୁବ ସମାଜ ଭାରତର ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇଦେଇଛନ୍ତି ।ବର୍ତ୍ତମାନର ଶାସକ ଗୋଷ୍ଠି ଓ ବିରୋଧି ଦଳ ଜେନଜିଙ୍କର ବିଶ୍ୱାସ ଭାଜନ ହେବା ପାଇଁ ଚେଷ୍ଟାରତ ।

ଏ ସବୁଭିତରେ ଭାରତ ତାର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଯାଉଛି ।ଭାରତର ଆବାଳ ବୃଦ୍ଧ ବନିତା ଏହି ସ୍ୱାଧୀନତା ଦିବସ କୁ ଗର୍ବ ଓ ଗୌରବର ସହିତ ପାଳନ କରିବାକୁ ଯାଉଛନ୍ତି ।ଏହି ଭିତରେ ଭାରତର ଜନସଂଖ୍ୟା ଚିନ ଠାରୁ ଅଧିକ ହୋଇଯାଇଛି ।

ଆଜିର ସାମାଜିକ ବ୍ୟବସ୍ଥା,ରାଜନୈତିକ ବ୍ୟବସ୍ଥା ଓ ଅର୍ଥନୈତିକ ବ୍ୟବସ୍ଥା ଯାହା ରହିଛି ତାହା କଣ ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଥିଲା ?ଏମିତି ଏକ ଭାରତର ସ୍ୱପ୍ନ ନେଇ ସେମାନେ କଣ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ।ଆମର ସ୍ୱାଧୀନତା ସଂଗ୍ରାମୀ ମାନେ ଭାରତ କୁ ଏମିତି ଦେଖିବାକୁ ଚାହିଁଥିଲେ ?ଦେଶପାଇଁ ବଳିଦାନ ଦେବା ପାଇଁ ଯେଉଁ ଅଦ୍ଭୁତ ନିଶା ସେମାନଙ୍କ ଭିତରେ ଥିଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।ଆଜି ସ୍ୱାର୍ଥର ପାହାଡ ଉପରେ ବସି ଆମେ ସେମାନଙ୍କ ବଳିଦାନ କୁ ବୁଝିପାରିବାନି । ଆଜି ଆମର ଗାଁ ଗୁଡିକ ସହର ଆଭିମୁଖି ହୋଇଯାଇଛନ୍ତି ।ଚାଷ ଜମିଗୁଡିକ ଧୀରେ ଧୀରେ କଂକ୍ରିଟର ଜଙ୍ଗଲ ହୋଇଗଲେଣି,ଆମ ପାଣି ପବନ ଓ ମାଟି ସବୁକିଛି ବିଷାକ୍ତ ହୋଇଗଲାଣି ।ଆମର ଶିକ୍ଷା ପଦ୍ଧତି ଆମ କୁ ରୋଜଗାର କ୍ଷମ କରିବା ଠାରୁ ବେଶି ବେରୋଜଗାର କରୁଛି ।ଯୌଥ ପରିବାରର ଆକର୍ଷଣ ଆଉ ନାହି ଗାଁର ଭାଗବତ ଚୁଟ୍ଟି ଭାଙ୍ଗିଗଲାଣି ଆମେ ସବୁ ଯେମିତି ଯନ୍ତ୍ର ଚାଳିତ ମଣିଷ ହୋଇଯାଇଛୁ ।

ଆମର ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ନାୟକ ଥିଲେ ମହାତ୍ମା ଗାନ୍ଧୀ ।ଗାନ୍ଧୀଙ୍କ ଡାକରାରେ ଶହ ଶହ ଦେଶ ଭକ୍ତ ଆଗେଇ ଆସିଥିଲେ ।ଅହିଂସାର ପୂଜାରୀର ଆହ୍ୱାନରେ ଆଗେଇ ଆସିଥିବା ଦେଶପ୍ରେମୀଙ୍କୁ ହିଂସାର ଚାବୁକ ଖାଇବାକୁ ପଡିଥିଲା.,ଅନେକ ସ୍ୱଧୀନତା ସଂଗ୍ରାମୀ ଗୁଳିମାଡ ଭି ଖାଇଛନ୍ତି ଆମେ ଶୁଣିଛୁ ସ୍ୱାଧୀନତା ସଂଗ୍ରାମୀ ମାନେ ହସି ହସି ଫାଶୀ ଖୁଣ୍ଟରେ ଚଢିଯାଉଥିଲେ । ସେମାନଙ୍କ ତ୍ୟାଗ ଓ ବଳିଦାନ ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।ଗାନ୍ଧୀ ଜି କହିଥିଲେ ଯେଉଁ ଦିନ ଜଣେ ଏକୁଟିଆ ମହିଳା ରାତି ଅଧରେ ଅକୁଟିଆ ଯିବା ପାଇଁ ଡରିବ ନାହିଁ ସେହି ଦିନ ଆମେ ଭାବିବା ଯେ ଆମେ ପ୍ରକୃତରେ ସ୍ୱାଧିନ ହୋଇଛେ । ମାହାତ୍ମାଙ୍କ ସେହି ସ୍ୱପ୍ନ ଠାରୁ କେତେ ଦୂରରେ ଆମେ ଆଜି ଠିଆ ହୋଇଛେ । ଆମ ଦେଶରେ ଆଜି ଦିନ ଦ୍ୱିପହରରେ ଭିଡ ଭିତରେ ବି ମହିଳା ସୁରକ୍ଷିତ ନୁହନ୍ତି ।

୨୦୦ ବର୍ଷ ଧରି ଇଂରାଜୀ ଆମକୁ ଶାସନ କରି ଚାଲିଲେ,ଯେତେବେଳେ ଇଂରାଜୀ ସରକାର ଏହି ଦେଶ କୁ ଆସିଥିଲେ ସେତେବେଳେ ଭାରତ କୁ "ସୋନେ କି ଚିଡିଆ"କୁହାଯାଉଥିଲା ।ଭାରତର ସଂସ୍କୃତି ଓ ସମ୍ପଦ ଅନେକ ବିଦେଶୀଙ୍କୁ ଆକର୍ଷିତ କରିଥିଲା ।ଇଂରାଜୀ ମାନେ ଯେତେବେଳେ ଆମ ଦେଶ କୁ ଛାଡିଗଲେ ଆମେ ସ୍ୱାଧୀନତା ତ ପାଇଲୁ କିନ୍ତୁ ବିଶ୍ୱର ଆଖିରେ ଗୋଟିଏ ଗରିବ ଦେଶ ହୋଇ ଠିଆହେଲୁ ।ଦୁଇ ଦୁଇ ଟି ବିଶ୍ୱ ଯୁଦ୍ଧ ପରେ ପୃଥିବୀ କ୍ଷତାକ୍ତ ଥିଲା ଆମ ଦେଶ କୁ ଏହି ବିଶ୍ୱ ଯୁଦ୍ଧ ଦୁଇଟି ବହୁତ ପ୍ରଭାବିତ କରିଛନ୍ତି ।

ଆମ ସ୍ୱାଧୀନତା ସଂଗ୍ରାମର ମାହା ନାୟକ ମହାତ୍ମା ଗାନ୍ଧୀଙ୍କ ମତ ରେ "Ours is not a drive for power, but purely a non violent fight for India's independence" ଗାନ୍ଧୀଙ୍କ ମତରେ ଆମର ସ୍ୱାଧୀନତା ସଂଗ୍ରାମ କ୍ଷମତା ପାଇବା ପାଇଁ ହୋଇନଥିଲା ବରଂ ଅହିଂସା ମାର୍ଗରେ ଯାଇ ବିଦେଶି ଶାସକଙ୍କ ଠାରୁ ନିଜ ଦେଶ କୁ ସ୍ୱାଧୀନ କରିବା ପାଇଁ ହୋଇଥିଲା ।

ଗାନ୍ଧୀଙ୍କ ଚିନ୍ତାଧାରା ଠାରୁ ଟିକେ ଅଲଗା ଆଉ ଏକ ଚିନ୍ତାଧାରା ଜନ୍ମ ନେଇଥିଲେ ସିଏ ହେଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।ଯୁଦ୍ଧ କରି ବିଦେଶୀ ସରକାରଙ୍କୁ ଏହି ଦେଶରୁ ହଟାଇବା ପାଇଁ ପଣ କରିଥିଲେ । ସିଏ ଆହ୍ୱାନ ଦେଇଥିଲେ "Give me blood I will give you freedom"ଏହାର ଅର୍ଥ ହେଲା ତମେ ମତେ ରକ୍ତ ଦିଅ ମୁ ତୁମକୁ ସ୍ୱାଧୀନତା ଦେବି ।ଏମିତି ଅନେକ ନେତା ନିଜ ନିଜର ଚିନ୍ତାଧାରା ଧରି ସ୍ୱାଧୀନତା ସଂଗ୍ରାମରେ ନିୟୋଜିତ ହୋଇଥିଲେ ।ସମସ୍ତଙ୍କର କିନ୍ତୁ ଗୋଟିଏ ଉଦ୍ଦେଶ୍ୟ ଥିଲା ତାହାହୋଇଛି ସ୍ୱାଧୀନତା ।

ମହାରାଷ୍ଟ୍ରର ମାଟିରେ ଲୋକମାନ୍ୟ ତିଳକ ପରି ପ୍ରତିଭା ଜନ୍ମ ନେଇଥିଲା , ଗାନ୍ଧୀଙ୍କ ମତରେ ସିଏ ଥିଲେ "ଆଧୁନିକ ଭାରତର ନିର୍ମାତା " । ସ୍ୱାଧୀନତାର ଆନନ୍ଦ କିନ୍ତୁ ଆମ ନେତା ମାନଙ୍କ ଭାଗ୍ୟରେ ନଥିଲା ଦେଶର ବିଭାଜନ ତା ସହିତ ନରସଂହାରର ବିକରାଳ ଦୃଶ୍ୟ ସେମାନଙ୍କ ହୃଦୟ କୁ ଗଭୀର ଦୁଃଖ ପହଞ୍ଚାଇଥିଲା । ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ୧୪ ଦିନ ଅନଶନ କରିଥିଲେ । ଆଜିର ଦିନରେ ସେଇ ମଣିଷ ମାନଙ୍କ କଥା ଶୁଣିଲେ ବିଶ୍ୱାସ ହୁଏନାହି । ଆଜିର ବସ୍ତୁ ବାଦି ଦୁନିଆ ଅନ୍ଧ ହୋଇ ପଇସା ପଛରେ ଦୌଡୁଛି । ଆଦର୍ଶ ମାଟିରେ ମିଶିଗଲାଣି ।ତ୍ୟାଗ ବଳିଦାନ ପରି ଶବ୍ଦ ଦୁର୍ବୋଧ ମନେ ହେଉଛି । ଆମ ପାଇଁ ସୁରକ୍ଷା ଏକ ମୁଖ୍ୟ ବିଷୟ ।ଯୁଦ୍ଧର ଭୟ ସବୁଠି ରହିଛି । ଇଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ଅନ୍ୟର ସର୍ବନାଶ କରିବା ପାଇଁ କୋଟି କୋଟି ଟଙ୍କା ବିନିମୟରେ ମାରଣାସ୍ତ୍ର ତିଆରି କରିଚାଲିଛି ।ଦିନେ ଏହି ମଣିଷର ମୁଣ୍ଡ ଶାନ୍ତି ଏବଂ ସଦ୍ଭାବର ବାର୍ତ୍ତା ପ୍ରଚାର କରୁଥିଲା ।ଏବେ ସେହି ସବୁ ହଜିଗଲାଣି।

ଆମ ଭିତରେ ଥିବା ସୃଜନ ଶିଳ ପ୍ରତିଭା ଝାଡ଼ଂଳି ଗଲାଣି ଚାରୋଟି ବନ୍ଧୁ ଏକାଠି ବସିଲେ ଦୁଃଖ ସୁଖ ହେଉନାହାନ୍ତି ବରଂ ନିଜ ନିଜ ମୋବାଇଲ ଭିତରେ ହଜିଯାଉଛନ୍ତି ।ସ୍ୱାମୀସ୍ତ୍ରୀ ଏକାଠି ବସି କଥା ହେଉନାହାନ୍ତି ବରଂ ମୋବାଇଲ ଭିତରେ ବ୍ୟସ୍ତ ରହୁଛନ୍ତି ଏହା ଆମର ଆଧୁନିକତା ।ଯନ୍ତ୍ର ଆମ କୁ ଯନ୍ତ୍ର କରିଦେଇଛି କେବେ ଆମେ ଫେରି ପାଇବା ଆମର ମଣିଷ ପଣିଆତେବେ ଆମେ କହିବା ଆମେ ସ୍ୱାଧୀନ ।

ବ୍ରହ୍ମପୁର
ଖୋଡାସିଙ୍ଗ, କଳିଙ୍ଗନଗର
ଫୋନ ନମ୍ବର
୭୨୦୫୧୦୦୮୩୯.

ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନବିଧି

ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ

ଶ୍ରୀକ୍ଷେତ୍ର ହେଉଛି ଆଦି ଧର୍ମକ୍ଷେତ୍ର, ସର୍ବଶ୍ରେଷ୍ଠ ଉପାସନାସ୍ଥଳୀ ଏବଂ ସର୍ବଦେବଦେବୀଙ୍କର ମୁକ୍ତ ମିଳନ ମଣ୍ଡପ। ମହୋଦଧି ତୀରବର୍ତ୍ତୀ ପୁରୁଷୋତ୍ତମ କ୍ଷେତ୍ର ଓ ବୈତରଣୀ ପାର୍ଶ୍ୱସ୍ଥ ଯଜ୍ଞନଗର ମଧ୍ୟବର୍ତ୍ତୀ ଭୂଖଣ୍ଡରେ ପିତାମହ ବ୍ରହ୍ମା ଚତୁରାୟୁଧ ନିକ୍ଷେପିତ ହୋଇଥିବା ହେତୁ ଏହି ଚଉଷଠି କ୍ରୋଶ ପରିମିତ ଅଞ୍ଚଳରେ ଶଙ୍ଖ ଚକ୍ର, ଗଦା, ପଦ୍ମ ଚାରିଗୋଟି ପ୍ରସିଦ୍ଧ ଧର୍ମକ୍ଷେତ୍ରର ସୃଷ୍ଟି ଘଟିଛି। ବିରାଜ ପୀଠ ଗଦା କ୍ଷେତ୍ର, ଏକାମ୍ର ବା ଭୁବନେଶ୍ୱର ଚକ୍ରକ୍ଷେତ୍ର, କୋଣାର୍କ ପଦ୍ମକ୍ଷେତ୍ର ଓ ଶ୍ରୀକ୍ଷେତ୍ର ଶଙ୍ଖକ୍ଷେତ୍ର ରୂପେ ପ୍ରଖ୍ୟାତ ହୋଇଛି। ଦକ୍ଷିଣାବର୍ତ୍ତ ଶଙ୍ଖ ମଧ୍ୟସ୍ଥ ଆଦିଯୁଗୀୟ ନୀଳମାଧବ ଶ୍ରୀକ୍ଷେତ୍ରରେ ଜଗନ୍ନାଥରୂପେ ବିରାଜମାନ କରିଥିବାରୁ ଏ କ୍ଷେତ୍ରର ମହିମା ବର୍ଣ୍ଣନାତୀତ। 'ବାମଦେବ ସଂହିତା'ରେ ଉଲ୍ଲେଖ ଅଛି - ଚତୁରାୟୁଧଂହି ନିକ୍ଷିପ୍ତଂ ତଦାତୁ ବ୍ରହ୍ମଣାଦଭୁତମ୍। ପୁରୁଷୋତ୍ତମକେ ଶଙ୍ଖେ। ବିରଜେ ଚ ଗଦାସ୍ତଥା।। ଏକାମ୍ରକେ ଚକ୍ରମପି କେଶାର୍କେ ପଦ୍ମ ମେ ବହି, ଏତତ୍ କ୍ଷେତ୍ରବରଂ ଦେବି ଯଥା ବ୍ରହ୍ମ ତଥୈବଦତ୍। ପୂର୍ବାର୍ଦ୍ଧେ ନୀଳରୂପଃ ଜଗନ୍ନାଥ ପରାର୍ଦ୍ଧକେ। କ୍ଷେତ୍ରସ୍ୟ ମହିମାନାୟଂ ବଲ୍ଲୁଂ କେନାପିଶକ୍ୟତେ।'

ଶ୍ରୀକ୍ଷେତ୍ର କେବଳ ଶ୍ରୀଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କ ଦର୍ଶନ ନିମନ୍ତେ ସୁବିଖ୍ୟାତ, ତାହା ନୁ

ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ଉପଖଣ୍ଡ ସଦର ମହକୁମାରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମରୋହରେ ପାଳିତ ହୋଇଯାଇଛି। ଏହି ଜାତୀୟ ଐତିହାସିକ ପବିତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଯୋଗ ଦେଇ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ପୋଲିସ ବାହିନୀ ପକ୍ଷରୁ ସଲାମୀ ପ୍ରଦାନ କରାଯାଇଥିଲା।ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଉତ୍ସବ ସ୍ଥଳରେ ମୁଖ୍ୟ ଅତିଥି ସମେତ ଉପସ୍ଥିତ ଆବାଳ ବୃଦ୍ଧ ବନିତା ତ୍ରିରଙ୍ଗା ପତାକା ତଳେ ଛିଡା ହୋଇ ସମ୍ମାନ ପ୍ରଦର୍ଶନ ପୂର୍ବକ ଦଣ୍ଡାୟମାନ ହେବା ପରେ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ ପରେ ଜାତୀୟ ପତାକା ଉତ୍ତୋଳନ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।ଏହି ପବିତ୍ର ଦିବସରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟୁଷ ୪ ଘଟିକା ସମୟରେ ଡାକବାଜି ଯନ୍ତ୍ର ଯୋଗେ ସହରାଞ୍ଚଳରେ ରମ୍ ଧୂନ୍ ପ୍ରଚାର କରାଯାଇଥିଲା।ନୀଳଗିରି ଏନ୍ ଏ ସି ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସକାଳ ଘ ୬-୭ ଟିକା ମଧ୍ୟରେ ପ୍ରଭାତ ଫେରି ପରେ ଶିକ୍ଷାନୁଷ୍ଠାନ ସମେତ ଅନ୍ୟାନ୍ୟ ସରକାରୀ ବେସରକାରୀ ଅନୁଷ୍ଠାନ ଏବଂ ବାସଭବନ ମାନଙ୍କରେ ଘ୯ଟିକା ମଧ୍ୟରେ ପତାକା ଉତ୍ତୋଳନ କରିଥିଲେ।ଏହି ମହାନ ଐତିହାସିକ ଜାତୀୟ ଦିବସ ପାଳନ ଉତ୍ସବ ସ୍ଥଳରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଅନୁଷ୍ଠାନିକ ଭାବେ ଘ ୯.୧୫ମି.ରେ ଜାତୀୟ ପତାକା

ଉତ୍ତୋଳନ,ପରେଡ ପରିଦର୍ଶନ କରି ସମବେତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ରଥ ସ୍ୱାଧୀନତା ଦିବସ ପାଳନ ମୂଲ୍ୟବୋଧ , ବୀର ସଂଗ୍ରାମୀ ମହାନ ମନୀଷୀ ମାନଙ୍କ ଆତ୍ମ ବଳିଦାନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ସିଭିଲିଆନ,ଅଣ ସିଭିଲିଆନ ମୋଟ ୪୧ ଗୋଟି ପରେଡ ଦଳ ଅଂଶ ଗ୍ରହଣ କରିଥିଲେ।ଏହି ପରେଡକୁ ବାଲେଶ୍ୱରରୁ ଆସିଥିବା ଡି. ଏସ. ଆଇ ଶ୍ରୀଯୁକ୍ତ ତ୍ରିଲୋଚନ ପାତ୍ର,ହାବିଲଦାର ଶ୍ରୀଯୁକ୍ତ ମନୋଜ କୁମାର ନାୟକ ପରିଚାଳନା କରିଥିଲେ, ପରେପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ଦେଶମ୍ ବୋଧକ ସଂଗୀତ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶମ୍ବା ବୋଧକ ସଂଗୀତ,ଚିତ୍ରାଙ୍କନ,ତର୍କ,ବକ୍ତୃତା,କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଉପଖଣ୍ଡ ସ୍ତରରେ ୨୦୨୫-୨୬ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀ,ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୧ ଜଣ ମେଧାବୀଙ୍କୁ ପି. ଏ.ଆଇ.ଟି.ଡି. ଏ ନୀଳଗିରି ଡ. ମଧୁସ୍ମିତା ସାମନ୍ତରାୟଙ୍କ ତରଫରୁ ୟୁ. କୋ ବ୍ୟାଙ୍କ୍ ଜରିଆରେ ଟ ୧୦, ୦୦୦ଟ୍ଟା (ଦଶ)ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।ଏତଦ୍ ଭିନ୍ନ ଉପଖଣ୍ଡ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରାଥମିକ,ଉଚ୍ଚ ପ୍ରାଥମିକ,ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଭୟ ଔପଦା ଓ ନୀଳଗିରି ଶ୍ରେଷ୍ଠ ଅଙ୍ଗନଓ୍ୱାଡ଼ି କର୍ମୀ ଏବଂ ଜଣେ ଅଗ୍ରଣୀ କୃଷକଙ୍କୁ ମୁଖ୍ୟ ଅତିଥି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପ୍ୟାରେଡରେ ଅଂଶଗ୍ରହଣ କରି ଥିବା ଦଳ ମାନଙ୍କ ମଧ୍ୟରୁ ଉତ୍ତମ ପ୍ରଦର୍ଶନ କାରିଙ୍କୁ ରନିଙ୍ଗ ସିଲଡ,କପ୍,ଟ୍ରଫି ରେ ପୁରସ୍କୃତ କରାଯାଇ ଜାତୀୟ ଦିବସ ପାଳନ ଉତ୍ସବକୁ ସମାପନ କରାଯାଇଥିଲା। ପରେ ପରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀମତୀ ରଥ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ଏବଂ,ଉପକାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ। ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଉତ୍ସବରେ ଉପସ୍ଥିତ ନୀଳଗିରି ସହରର ବୁଦ୍ଧିଜୀବି ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ,ଲୋକ ପ୍ରତିନିଧି, ପୂର୍ବତନ ଲୋକ ପ୍ରତିନିଧି, ଆଇନଜୀବୀ, ସମାଜସେବୀ,ବିଭିନ୍ନ ବିଭାଗୀୟ ପଦାଧିକାରୀ, ଅନୁଷ୍ଠାନ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀ, ପୋଲିସ ବାହିନୀ,ଗଣ ମାଧ୍ୟମର ପ୍ରତିନିଧିଗଣ ଓ ଆବାଳ ବୃଦ୍ଧ ବନିତା ଙ୍କ ସକ୍ରିୟ ସହଯୋଗରେ ସଫଳ ହୋଇ ପାରି ଥିବାରୁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ନୀଳଗିରି

ଯାଜପୁରରେ ପୁନଶ୍ଚ ବନ୍ୟା

ଦଶରଥପୁର ଓ ବିଞ୍ଚାରପୁରରେ ରନ୍ଧାଖାଦ୍ୟ ବଣ୍ଟନ

ଯାଜପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲାରେ ବୈତରଣୀ, କାଶୀ ଓ ବ୍ରାହ୍ମଣୀ ନଦୀର ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବନ୍ୟା ପରିସ୍ଥିତି ସଙ୍ଗୀନ ରୂପ ନେଇଛି। ଜିଲ୍ଲାର ୮ଟି ବ୍ଲକ (ଦଶରଥପୁର, ଯାଜପୁର, କୋରେଇ, ବିଞ୍ଚାରପୁର, ଧର୍ମଶାଳା, ରସୁଲପୁର, ବଡ଼ଚଣା ଓ ବରା) ର ୭୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୨୪୨ଟି ଗାଁ ବନ୍ୟା ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଛି। ଏଥିଯୋଗୁଁ ମୋଟ ୧,୬୮,୬୫୨ ଜଣ ଜନସାଧାରଣ ବନ୍ୟା କବଳରେ ଥିବା ବେଳେ ପ୍ରଶାସନ ପକ୍ଷରୁ ୪୬,୫୦୦ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ମାନଙ୍କ ସହ ଆଭାସୀ ମାଧ୍ୟମରେ ସମଗ୍ର ସ୍ଥିତିର ମନିଟରିଂ ଓ ସମୀକ୍ଷା କରିଛନ୍ତି। ମୁଖ୍ୟତଃ କେଉଁ ବ୍ଲକର କେତେ ଗ୍ରାମପଞ୍ଚାୟତ ଓ ଗ୍ରାମରେ ଶୁଖିଲା ଖାଦ୍ୟ, ପାନୀୟଜଳ, ରନ୍ଧାଖାଦ୍ୟ, ଗୋଖାଦ୍ୟ ପ୍ରଦାନକରାଯାଇଛି ଏବଂ ଘାଇ ସ୍ଥିତି ନେଇ ବରିଷ୍ଠ ନୋଡାଲ ଅଧିକାରୀ, ବି.ଡି.ଓ, ତହସିଲଦାରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ପୁନରୁଦ୍ଧାର କାର୍ଯ୍ୟକୁ ୨୪ ଘଣ୍ଟିଆ ନଜର ରଖି ତ୍ୱରାନ୍ୱିତ କରିବାକୁ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ବରା ବ୍ଲକ ଗସ୍ତ କରି କିମ୍ଭୀରିଆପାଳ ପଞ୍ଚାୟତର ବାଙ୍କସାହି ସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଓ ବନ୍ୟା ପ୍ରଭାବିତ

ଅଞ୍ଚଳ ପରିଦର୍ଶନ କରି ନଦୀବନ୍ଧ ସୁରକ୍ଷା ଓ ରିଲିଫ୍ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଦଶରଥପୁର ବ୍ଲକରେ ଏକ ବିଶେଷ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ମୋଟ ୭୩,୫୬୮ ଗୃହପାଳିତ ପଶୁ ପ୍ରଭାବିତ ହୋଇଛନ୍ତି। ବିଞ୍ଚାରପୁର ବ୍ଲକ ସମେତ ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଆଶ୍ରୟ ନେଇଥିବା ବିପନ୍ନଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୯୨ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି। ନିକଟରେ ବୈତରଣୀ ନଦୀରେ ପୂର୍ବରୁ ସୁରକ୍ଷିତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

ବାନାମ୍ବର ଘାଟରୁ ପାଣି ଉଠାଇଲେ ୨୦ ହଜାର କାଉଡିଆ

ରଘୁନାଥପୁର (ଅମୃତ ମିଡିଆ) : ପବିତ୍ର ଶ୍ରାବଣ ମାସ ତୃତୀୟ ସୋମବାରରେ ବିଭିନ୍ନ ଶୈବ ମନ୍ଦିରରେ ଜଳାଭିଷେକ ପାଇଁ ରଘୁନାଥପୁର ବ୍ଲକ ତାରପୁର ମହାନଦୀ ସ୍ଥିତ ବାନାମ୍ବର ଘାଟରୁ ୨୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ପାଣି ଉଠାଇ ଥିବାର କମିଟି ମୁଖ୍ୟ ବିଷ୍ଣୁ ବିଶ୍ୱାଳ ପ୍ରକାଶ କରିଛନ୍ତି।କାଉଡ଼ିଆ ସଂଘ ପକ୍ଷରୁ ଉଚ୍ଚ ସ୍ୱରରେ ଡିଜେ ବଜା ଯାଉଥିବାରୁ ଯାନବାହାନ ଚଳାଚଳ ଓ ପରିବେଶ ଦୂଷିତ ହେଉଛି।ଯାହାଫଳରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ହେଉଛି ବୋଲି ତିର୍ତ୍ତୋଲ ଆଇଆଇସି ବଂଶଧର ପ୍ରଧାନ ପ୍ରକାଶ କରିଛନ୍ତି।ଏଥିପାଇଁ ସେମାନଙ୍କୁ ବାରଣ କରାଗଲେ ମଧ୍ୟ ସେମାନେ ସଚେତନ ହେଉନାହାନ୍ତି ବୋଲି ଅଧିକାରୀ ପ୍ରଧାନ କହିଛନ୍ତି। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ କମିଟି ପକ୍ଷରୁ ଲୋକଙ୍କୁ ବ୍ୟାନର ଦ୍ୱାରା ସଚେତନ କରାଯିବା ସହ ପାଣି ଉଠାଇବା ସ୍ଥାନରେ କାଉଡିଆଙ୍କ ପାଇ ବ୍ୟାରିକଡ ବ୍ୟବସ୍ଥା କରାଯାଇଛି। ରଘୁନାଥପୁର ଥାନା ପୋଲିସ ସୁରକ୍ଷା ଦାୟୀତ୍ୱରେ ଥିବାବେଳେ ଦମକଳ

ବାହିନୀ କାଉଡିଆଙ୍କ ପାଣି ଉଠାଉଥିବା ସ୍ଥାନରେ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ରବିବାର ସକାଳୁ କାଉଡ଼ିଆମାନେ ପାଣି ଉଠାଇ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ନୀଳକଣ୍ଠେଶ୍ୱର, ଗ୍ରା.ମେଶ୍ୱର,ରୁଦ୍ରେଶ୍ୱର, ସର୍ପେଶ୍ୱର, ଇସାନେଶ୍ୱର ଓ ବିଭିନ୍ନ ଶୈବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ତାରପୁର ଠାରୁ ଜଇପୁର ପର୍ଯ୍ୟନ୍ତ ୬ କିମି ରାସ୍ତାରେ ହଜାର ହଜାର କାଉଡିଆଙ୍କ ଗହଳି ଲାଗି ରହିଥିଲା। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ଉପରେ କଟକଣା ଲାଗିଥିଲା। ତିର୍ତ୍ତୋଲ ଓ ରଘୁନାଥପୁର ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସୁରକ୍ଷା ବଳ ମୃତୟନ କରାଯିବା ସହ ରାସ୍ତାରେ ପାଟ୍ରୋଲିଙ୍ଗ ଜୋରଦାର କରାଯାଇଥିଲା। ବିଭିନ୍ନ ନଦୀ ଘାଟରେ ପୋଲିସ ଓ ଦମକଳ ବାହିନୀ ସୁରକ୍ଷା ଦାୟୀତ୍ୱରେ ଥିଲେ। କମିଟି ପକ୍ଷରୁ ରବୀନ୍ଦ୍ର ନାୟକ,ପ୍ରଭାକର ମଲ୍ଲିକ,ବିଜୟ ଦାଶ,ପ୍ରତାପ ରାଉତଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ ଯୋଗାଇ ଦେଇଥିଲେ।

କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର ଓ ଭଜନ ରିଲିଜ୍

ବାଲିଅନ୍ତା (ଅମୃତ ମିଡିଆ) : ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଡ଼କଣ୍ଟୁଣିଆ ସୁଦର୍ଶନ ଦାରୁ ପୀଠ କାର୍ଯ୍ୟାଳୟରେ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାଞ୍ଚନ ଫାଉଣ୍ଡେସନ', ଗ୍ରୀନ ଜୟଦେବ ଫାଉଣ୍ଡେସନ ଓ ଅରବିନ୍ଦ ୟୁଥ୍ ସୋସିଆଲ ଚାରି ଟେବୁଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିକୂଳ ପାଗକୁ ଖାତିର ନକରି ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା ଏବଂ ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକୁ ବି.ଏମ୍.ସି. ହସ୍ପିଟାଲ୍ ବ୍ଲଡ୍ ବ୍ୟାଙ୍କ୍ ପକ୍ଷରୁ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଦର୍ପଣ ମ୍ୟୁଜିକ ପ୍ରାୟୋଜିତ ଏବଂ ଯୁବ ପ୍ରଯୋଜକ ଶ୍ରୀଲିପ ପ୍ରଧାନଙ୍କ ପ୍ରଯୋଜନାରେ ନିର୍ମିତ ଭକ୍ତିମୂଳକ ଭଜନ 'ଆସ ହେ ନିଳାଦ୍ରୀ ନାଥ' ଲୋକାର୍ପିତ ହୋଇଥିଲା। ଏହି ଗୀତରେ ନୂତନ ଭାବେ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ଗୋପାଳ ବେହେରା, ତପନ

ସ୍ୱାଇଁ ଓ ଦୀନବନ୍ଧୁ ଭୋଇ ଅଭିନୟ କରିଛନ୍ତି। ରକ୍ତଦାନ ଶିବିର ଏବଂ ଭଜନ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁରେଶ ପଣ୍ଡା, ସଂଳାପକାର ଡଃ ରଜନୀ ରଂଜନ ଦାଶ,ସ୍ଥାନୀୟ ସରପଞ୍ଚ ରମାଲତା ନାୟକ,ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ବାଲିଅନ୍ତା ପ୍ରେସ କ୍ଲବ୍ ସଭାପତି ସୋମନାଥ ସ୍ୱାଇଁ , ମାଗୁଣି ସେଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ତାପସ ମଲ୍ଲିକ ଏବଂ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହି ରକ୍ତଦାତା ଓ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ ମଞ୍ଚ ପରିଚାଳନା କରିଥିଲେ। କାଞ୍ଚନ ଫାଉଣ୍ଡେସନର ଏପରି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

ନିର୍ମାଣ ଅନୁଷ୍ଠାନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାଲିଅନ୍ତା (ଅମୃତ ମିଡିଆ) : ବାଳକାଟି ସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ନିର୍ମାଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପରିସରରେ ଅଶି ତମ ସ୍ୱାଧୀନତା ଦିବସ ବହୁ ଆଡମ୍ବର ସହିତ ପାଳିତ ହୋଇଯାଇଛି। ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ଙ୍କ ତତ୍ୱାବଧାନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ସଂଳାପ ଲେଖକ ଡଃ. ରଜନୀ ରଞ୍ଜନ ଦାସ,ମୁଖ୍ୟ ବକ୍ତା ଭାବେ ପ୍ରତାପଶାସନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଶ୍ରୀ ଗଙ୍ଗାଧର ରାଉତ, ଏବଂ ସମ୍ମାନିତ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ଶ୍ରୀ ବିଭୂତି ଭୂଷଣ ପଟ୍ଟନାୟକ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ହେବା ସହିତ ବର୍ତମାନ ଓପରିସ୍ଥିତିରେ ନିଜକୁ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଡିଟୋରିୟମରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ଦେଶାମ୍ବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଚଳିତ ବର୍ଷ +୨ ପରୀକ୍ଷାରେ ସଫଳ ହୋଇଥିବା ୧୨ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ 'ନିର୍ମାଣ ମେଧା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଥିଲା। ଚଏଉଗ ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବାସୁଦେବ ଆଚାର୍ଯ୍ୟ ଏବଂ ସୋୟଙ୍କ ସିଦ୍ଧ ପରିଚାଳନା କରୁଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ। ଦର୍ଶକମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ବହୁ ଆଦୃତ ହୋଇଥିଲା।

ଗୋଖୀବାବା କଳବରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାଲିଅନ୍ତା (ଅମୃତ ମିଡିଆ) : ଗୋଖୀ ବାବା କଳବରରେ ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ଭାରତ ପାଳନ ଅବସରରେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ୮୦ ତମ ସ୍ୱାଧୀନତା ଦିବସର ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମୂରଲୀ ମନୋହର ପାତ୍ର, ଅଶୋକ କୁମାର ମହାରଣା, ଅର୍ଜୁନ କୁମାର ନାୟକ ଓ ସର୍ବୋପରି ୬୭ ୱାର୍ଡର କାଉନସିଲର ମଧୁସ୍ମିତା ପ୍ରଧାନ ଯୋଗ ଦେଇଥିଲେ। ମହାତ୍ମାଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ଫଳ ସ୍ୱରୂପ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କରିଥିଲା। ଏ

କିସ୍ କଳାହାଣ୍ଡିରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ବାଦିଲି ଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଭୋର ସକାଳୁ ଛାତ୍ରୀମାନେ ପ୍ରଭାତ ଫେରି ପରେ ସମୟ ଘ.୭.୩୦ ମି ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତିୟ ପତାକା ଉତ୍ତୋଳନ କରିଥିଲେ । ପରେ କିସ୍‌ର ଛାତ୍ରୀମାନେ ମୁଖ୍ୟ ଅତିଥିଙ୍କ ଅନୁମତି କ୍ରମେ ତାଙ୍କ ସମ୍ମୁଖରେ ପ୍ୟାରେଡ୍ ପ୍ରଦର୍ଶନ କରିଥିଲେ । ପରେ ଏକ ବୈଠକ ଆୟୋଜନ କରାଯାଇଥିଲା ଉକ୍ତ ବୈଠକରେ ମୁଖ୍ୟ ଅତିଥି ଶ୍ରୀ ସବିତା ପଟ୍ଟନାୟକ କିସ୍‌ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ପ୍ରଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷୟତ୍ରୀ ସୁନିତା ପଣ୍ଡା, ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ପ୍ରାରମ୍ଭରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପ୍ରତି ଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପରେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ କିସ୍ ଛାତ୍ରୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କିସ୍ ଛାତ୍ରୀ ବିନୋଦିନୀ ମାଝୀ ଓ ପ୍ରିୟଙ୍କା ଦିଶାରି ୮୦ତମ ସ୍ୱାଧୀନତା ଦିବସ ଉପରେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସୁଶ୍ରୀ ସବିତା ପଟ୍ଟନାୟକ ଯୋଗଦେଇ କିସ୍‌ର କୁନିକୁନି ଛାତ୍ରୀମାନଙ୍କ ଅଭିଭାଷଣ ଶୁଣି ମନମୁଗ୍ଧ ହେବା ସହ ଏ ବୟସରେ ମୁଁ ଠିକ୍‌ରେ କଥା କହିପାରୁନଥିଲି କିନ୍ତୁ ଆଜି ଏହି ଛାତ୍ରୀମାନଙ୍କ ଅଭିଭାଷଣ ମତେ ସ୍ତବ୍ଧ କରିଦେଲା ବୋଲି କହିବା ସହ ଆଜି କିସ୍ ଆବାସିକ ବିଦ୍ୟାଳୟ କଳାହାଣ୍ଡିକୁ ଆସି ନିଜକୁ ଗର୍ବ ଅନୁଭବ କରିବା ସହିତ, କୁନି କୁନି ଝିଅମାନଙ୍କ ନମ୍ର, ଶାନ୍ତି, ଧର୍ଯ୍ୟ, ନୀରବତା ମତେ ଆନନ୍ଦିତ କଲା, ଜିଲ୍ଲାର ଉପାନ୍ତ ଅଂଚଳରୁ ଆସି ଗୁଣାତ୍ମକ ଶିକ୍ଷା ଗ୍ରହଣ କରୁଥିବା ଆଦିବାସୀ କୁନି କୁନି ଝିଅ ମାନଙ୍କ ଭବିଷ୍ୟତ ଉଜ୍ୱଳ ମୟ ହେଉ ମାଁ ମାଣିକେଶ୍ୱରୀ ନିକଟରେ ପ୍ରାଥନା କରୁଛି କହିଥିଲେ । ଏ ମଣିଷ ଗଢ଼ା କାରଖାନାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ମୋର ଅନ୍ତରରୁ ଧନ୍ୟବାଦ ଜ୍ଞାପନ କରୁଛି ଯାହାଙ୍କ ପାଇଁ ରାଜ୍ୟ ଅନେକ ଆଦିବାସୀ ଛାତ୍ର ଛାତ୍ରୀ ମୁଖ୍ୟ ସ୍ରୋତ ରେ ସାମିଲ ହୋଇ ପାରିଛନ୍ତି ବୋଲି କହିଥିଲେ । ପରେ ଛାତ୍ରୀମାନେ ଦେଶଭକ୍ତି ଗୀତରେ ନୃତ୍ୟ ପରିବେଶକୁ ଆନନ୍ଦରେ ଭରି ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସୁଚରୁ ଭାବରେ ପରିଚାଳନା କରିଥିଲେ କିସ୍‌ର ଶିକ୍ଷକ ଖ୍ରୁସିନ୍ଧୁ ସାହୁ ଓ ଶିକ୍ଷୟିତ୍ରୀ ଅଭିଷା ସାହୁ । ପରେ ଉପସ୍ଥିତ କିସ୍‌ର ଅଭିଭାବକ ଓ ଛାତ୍ରଛାତ୍ରୀ ସମସ୍ତଙ୍କୁ ଅତିଥିଙ୍କ ଦ୍ୱାରା ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା । ପରିଶେଷରେ ଉପସ୍ଥିତ ସମସ୍ତଙ୍କୁ କିସ୍‌ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଧାନ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

କଦମପଡା ଶିଶୁ ମନ୍ଦିରରେ 'ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା'

ବଲାଙ୍ଗୀର (ଅମୃତ ମିଡିଆ) : ଆଜି ବଲାଙ୍ଗୀରସ୍ଥ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସଂପାଦକ ତରଣୀସେନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ସାତଟି ବିଦ୍ୟାଳୟର ୨୫୫ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାମଗୋପାଳ ହିନ୍ଦି ହାଇସ୍କୁଲର ପ୍ରଧାନ ଶିକ୍ଷକ ନବଘନ ସାହୁ ତଥା ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ । ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିବା ବେଳେ ସଙ୍କୁଳ ପ୍ରମୁଖ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂଯୋଜନା ଗୁରୁମା ଭାରତୀ ସାହୁ କରିଥିଲେ । ବିଚାରକ ରୂପେ ୨୯ ସରକାରୀ ବିଜ୍ଞାନ ଶିକ୍ଷକ ଓ ଯୋଗ ଦେଇ ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ବିଜ୍ଞାନ ପ୍ରଶ୍ନମଞ୍ଚ କିଶୋର ବିଭାଗରେ ଦ୍ୟୁମନ ପତି,ସ୍ମିତ ମେହେର, ସ୍ୱୟଂପ୍ରକାଶ ସାହୁ, ପତ୍ର ବାଚନରେ ସ୍ୱୀକୃତିରାଣୀ କର୍ମୀ, ସ୍ମୃତିରାଣୀ ମେହେର ଓ ପ୍ରତ୍ୟାଶା ବେଦବାକ, କଥା କଥନରେ ପ୍ରିୟାଂଶି ଷଡଙ୍ଗୀ, ମୂର୍ତ୍ତିକଳାରେ ଓମପ୍ରକାଶ ବାର୍ ଓ ଓମ ପ୍ରକାଶ ପୁଟେଲ ଆଦି ପ୍ରମୁଖ ପ୍ରତିଯୋଗିତାରେ ବିଜେତା ହୋଇଥିଲେ । ମଞ୍ଚାସୀନ ଅନ୍ୟତମ ଅତିଥି ରୂପେ ଉପ ସଭାପତି ରବିନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ସଂପାଦକ ମହୋଦୟ ମଧ୍ୟ ନିଜ ବକ୍ତବ୍ୟ ରଖିଥିବା ସହ ଶେଷରେ ବିଦ୍ୟାଳୟର ସଭାପତି ଡ. ଭବାନୀ ଶଙ୍କର ପଟେଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହିପରି ଭାବରେ ସପ୍ତାହ ଜୀବ ବିଜ୍ଞାନ ପ୍ରମୁଖ ସରୋଜ କୁମାର ମିଶ୍ରଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମଟି ସଫଳତା ସହ ସଂପୂର୍ଣ୍ଣ ହୋଇଥିଲା ।

ବରଗଡ଼ ସିମେଣ୍ଟ କାରଖାନାର ପୁନରୁଦ୍ଧାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସାଂସଦ

ବରଗଡ (ଅମୃତ ମିଡ଼ିଆ) : ବରଗଡ଼ ସିମେଣ୍ଟ ୱାର୍କର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କ ତ୍ୱରିତ ହସ୍ତକ୍ଷେପ ଲୋଡ଼ିଛନ୍ତି ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ । ଏନେଇ ସେ ଅଗଷ୍ଟ ୧୦ ତାରିଖରେ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କାରଖାନାର ବର୍ତ୍ତମାନସ୍ଥିତି ଓ ଏହାର ପୁନରୁଦ୍ଧାରର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଛନ୍ତି । ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୧୯୬୮ ମସିହାରେ ହୀରା ସିମେଣ୍ଟ ୱାର୍କ୍ସ ଭାବେ ପ୍ରତିଷ୍ଠିତ ଏହି ଶିଳ୍ପାନୁଷ୍ଠାନ ପରବର୍ତ୍ତୀ ସମୟରେ ଇଡକଲ ସିମେଣ୍ଟ ଲିଃ. ଭାବେ ପରିଚାଳିତ ହୋଇ ପଶ୍ଚିମ ଓଡ଼ିଶାର ଶିଳ୍ପ ଓ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଆସିଛି । ୨୦୦୩ରେ ଘରୋଇ କରଣ ଏବଂ ୨୦୨୨ରେ ଆଦାନୀ ଗ୍ରୁପ୍ ଅଧୀନକୁ ଯିବା ପରେ କାରଖାନାର ବ୍ୟାପକ ଆଧୁନିକୀକରଣ ନେଇ ଅଞ୍ଚଳବାସୀ ଆଶାବାଦୀ ଥିଲେ । ତେବେ ସାଂସଦଙ୍କ ପତ୍ର ଅନୁଯାୟୀ, କାରଖାନା ପାଇଁ ବ୍ୟବହୃତ ଚୂନ ଖଣିରୁ ଖନନ କାର୍ଯ୍ୟ ବନ୍ଦ ରହିଥିବାବେଳେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଲୋକୋମୋଟିଭ୍ ବିଭାଗ ଭଳି ପ୍ରମୁଖ ୟୁନିଟ୍‌ଗୁଡ଼ିକ ମଧ୍ୟ ଅଚଳ ହୋଇଛି । ବର୍ତ୍ତମାନ କେବଳ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ବାହାରୁ ଆସୁଥିବା କ୍ଲିଙ୍କର ଉପରେ ନିର୍ଭର କରି ଚାଲୁଥିବା ଦର୍ଶାଯାଇଛି । କାରଖାନା ବନ୍ଦ କିମ୍ବା ଅଧିକ ଡାଉନ୍‌ସାଇଜ୍ ହେଲେ ପ୍ରାୟ ୧,୦୦୦ କର୍ମଚାରୀ ସିଧାସଳଖ ପ୍ରଭାବିତ ହେବା ସହ ୫,୦୦୦ରୁ ଅଧିକ ପରିବାର ପରୋକ୍ଷ ଭାବେ ପ୍ରଭାବିତ ହେବେ ବୋଲି ସାଂସଦ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ପରିବହନକାରୀ, ଠିକାଦାର, ବ୍ୟବସାୟୀ, ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସାୟ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବ । କାରଖାନାର ସମ୍ପୂର୍ଣ୍ଣ ଆଧୁନିକୀକରଣ ପାଇଁ ପ୍ରାୟ ୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ, ୩୦୦ ଟିପିଏଚ୍ ଭର୍ଟିକାଲ୍ ରୋଲର ମିଲ୍, ବିଜି ଟିପୁର ଓ ଅନ୍ୟାନ୍ୟ ଆଧୁନିକ ପ୍ରଯୁକ୍ତି ସ୍ଥାପନ କରାଗଲେ ଉତ୍ପାଦନ କ୍ଷମତା ଓ ପ୍ରତିଯୋଗିତା ବଢ଼ିବା ସହ ରୋଜଗାର ସୁରକ୍ଷିତ ହେବ ଏବଂ ନୂଆ ଜୀବିକା ସୁଯୋଗ ସୃଷ୍ଟି ହେବ ବୋଲି ପତ୍ରରେ ଦର୍ଶାଯାଇଛି । ବରଗଡ଼ ସିମେଣ୍ଟ ୱାର୍କ୍ସର ପୁନରୁଦ୍ଧାର ଓ ଆଧୁନିକୀକରଣ ନେଇ ଓଡ଼ିଶା ସରକାର, ସମ୍ପୃକ୍ତ ଅଧିକାରୀ ଓ ଆଦାନୀ ଗ୍ରୁପ୍ ପରିଚାଳନା ସହ ଆଲୋଚନା କରିବା ଏବଂ ଏହି ଶିଳ୍ପାନୁଷ୍ଠାନର ଦୀର୍ଘମିଆଦୀ ସ୍ଥାୟିତ୍ୱ ପାଇଁ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇଦେବାକୁ ସାଂସଦ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

ଜିଲ୍ଲା ବ୍ରାହ୍ମଣ ମହାସଭାର ସ୍ୱାଧୀନତା ଦିବସ ପାଳନ

ବଲାଙ୍ଗୀର (ଅମୃତ ମିଡିଆ) : ଗତକାଲି ୧୫-୮-୨୦୨୬ ସକାଳ ୮ ଘ.୩୦ ମିନିଟ ସମୟରେ ଶ୍ରୀଶ୍ରୀ ନୃସିଂହ ମନ୍ଦିର ପରସର ବଲାଙ୍ଗିରରେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରଙ୍କଞ୍ଚ ଦ୍ୱାରା ଭାରତର ୮୦ ତମ ସ୍ୱାଧୀନତା ଦିବସ ଗଭୀର ହର୍ଷୋଲ୍ଲାସରେ ପାଳିତ ହୋଇଯାଇଛି । ଏଇ ଉତ୍ସବରେ ମହାସଭାର ବରିଷ୍ଠ ଉପଦେଷ୍ଟା ଅଧ୍ୟାପକ ସତ୍ୟବନ୍ତ ବେଦବାକ୍ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ମହାସଭାର ସଭାପତି ଧନଞ୍ଜୟ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଆଜିକାର ଦିବସର ମହତ୍ୱ ଉପରେ ଶ୍ରୀ ବେଦବାକ୍ 'ଆମେ ସମସ୍ତେ ଭାରତୀୟ ବୋଲି ଗର୍ବ କରିବା ଉଚିତ' କହି ପିଲାଙ୍କ ପାଇଁ ପାଠ୍ୟ ପୁସ୍ତକର 'ଆମେ ତ ଭାଗ୍ୟବାନ ପିଲାରେ ଆଉ କେ ଆମପରି ଥିଲାରେ । ଆମେ ଚଲାଉଛୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ । କବିତାକୁ ମନେ ପକେଇଥିଲେ । ମହାସଭାର ସଭାପତି ଶ୍ରୀ ମିଶ୍ର ଆଜିର ଭାରତ ଜନ୍ମ ଗ୍ରହଣ କରି ଗର୍ବିତ ବୋଲି କହିଥିଲେ । ଅନ୍ୟାନ୍ୟ ବକ୍ତାଙ୍କ ମଧ୍ୟରେ ଅନ୍ୟତମ ଉପଦେଷ୍ଟା ଗୋପବନ୍ଧୁ ପୁରୋହିତ, ଏଡଭୋକେଟ ଅଶୋକ କୁମାର ମିଶ୍ର ଭାରତବର୍ଷର ଗୌରବମୟ ଗାଥା କିପରି ବଞ୍ଚି ରହିବ ସେଥିପାଇଁ ସମସ୍ତେ ସଜାଗ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ମହାସଭାର ସଂପାଦକ ଶ୍ୟାମ ସୁନ୍ଦର ଦାଶ ବର୍ତ୍ତମାନ ଭାରତ ବର୍ଷରେ ବ୍ରାହ୍ମଣମାନଙ୍କର ଅବସ୍ଥା, ସଂହତି, ସମାଜପ୍ରତି ବ୍ରାହ୍ମଣମାନଙ୍କ ଅବଦାନ, ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିକାର ଉତ୍ସବରେ କୋଷାଧ୍ୟକ୍ଷ ପଞ୍ଚାନନ ବେଦବାକ, ଜଗନ୍ନାଥ ଷଡଙ୍ଗୀ, କବିରାଜ ହୋତା, ଜୟ ବିହାରୀ ବେଦବାକ, ପ୍ରଭୁଦତ୍ତ ଶତପଥୀ, ଗୋପବନ୍ଧୁ ଶତପଥୀ, ରବୀନ୍ଦ୍ର ମିଶ୍ର, ସଂକର୍ଷଣ ପାଣିଗ୍ରାହୀ, ଡଃ ଗୋଦାବରୀଶ ରଥ, ଡଃ ସଂଧ୍ୟାରାଣୀ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଗୋବର୍ଦ୍ଧନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲା କୃଷକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର (ଅମୃତ ମିଡିଆ) : ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କୃଷକ ସଂଘ ପକ୍ଷରୁ, ବଲାଙ୍ଗିର ଜିଲ୍ଲାର କୃଷି ଏବଂ କୃଷକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଅଛି । ବଲାଙ୍ଗିର ଜିଲ୍ଲାର ଋଷୀମାନେ ଦିର୍ଘ ଦିନ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ଚଳିତ ବର୍ଷ ଋଷ କାମ ଆରମ୍ଭ ହେଉ ହେଉ ଲଘୁଋପ ଜନିତ ପ୍ରବଳ ବର୍ଷା ଯୋଗୁଁ ଋଷ ହୋଇଥିବା ଜମିରେ ବନ୍ୟା ପାଣି ପ୍ରବାହିତ ହେବା ଦ୍ୱାରା ବହୁ ଫସଲ ନଷ୍ଟ ହୋଇ ଶହ ଶହ ହେକ୍ଟର ଜମିରେ ହିଡ ଭାଙ୍ଗି ବାଲି ଏବଂ ମାଟି ପୋତି ହୋଇ ଋଷଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିନ୍ତୁ ପରିତାପର ବିଷୟ ଦିର୍ଘ ୧୭/୧୮ ଦିନ ବିତିଯାଇଥିଲେ ସୁଦ୍ଧା ସରକାରଙ୍କ ତରଫରୁ ଋଷୀମାନଙ୍କୁ କ୍ଷତିପୂରଣ ଦିଆଯାଇ ନାହିଁ । ସେ ପଟେ ଅବଶିଷ୍ଟ ଜମିରେ ଭଲ ଭାବରେ ଋଷ କରିବାକୁ ହେଲେ ସାର ଆବଶ୍ୟକ କିନ୍ତୁ ତାହା ମଧ୍ୟ ସରକାରଙ୍କ ପକ୍ଷରୁ ଉଚିତ ମୂଲ୍ୟରେ ଆବଶ୍ୟକ ଅନୁଯାୟୀ ଯୋଗାଇ ପାରୁନାହିଁ । ତା ପରେ ଏ ବର୍ଷ ଖରିଫ ଧାନ ବିକ୍ରୟ ରେ ସରକାରଙ୍କ ଦୋମୁହାଁ ନୀତି ଋଷୀ ଭାଇମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ତେଣୁ କୃଷକ ସଂଘ ପକ୍ଷରୁ ନିମ୍ନ ଲିଖିତ ଦାବି ଯଥା, ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବଲାଙ୍ଗିର ଜିଲ୍ଲାର ସମସ୍ତ ଋଷୀଙ୍କୁ ତୁରନ୍ତ ଆର୍ଥିକ ରାଶି ପ୍ରଦାନ କରାଯାଉ, ଆବଶ୍ୟକ ଅନୁଯାୟୀ ଉଚିତ ଦରରେ ଋଷୀମାନଙ୍କୁ ସାର ଯୋଗାଇ ଦିଆଯାଉ, ଋଷୀ ପଞ୍ଜିକରଣରେ ସରଳିକରଣ କରି ସମସ୍ତ ଋଷୀଙ୍କ ପଞ୍ଜିକରଣ ସଠିକ ଭାବେ କରାଯାଇ ଯେପରି କୌଣସି ଋଷୀ ବାଦ ନ ପଡନ୍ତି ସେ ଦିଗରେ ଧ୍ୟାନ ଦିଅନ୍ତୁ । ଏ ସବୁ ଦାବିର ପୂରଣ ଅତିଶିଘ୍ର ନ କଲେ ବଲାଙ୍ଗିର ଜିଲ୍ଲା କୃଷକ ସଂଘ ଏବଂ ସମସ୍ତ ଋଷୀମାନଙ୍କ ତରଫରୁ ଏକ ବିରାଟ ଋଷୀ ଆନ୍ଦୋଳନ କରାଯିବ ବୋଲି ସଭାପତି ସାନନ୍ଦ ମିଶ୍ର ତେତେଇ ଦେଇଛନ୍ତି । ଆଜିର ଏହି ପ୍ରତିନିଧି ମଣ୍ଡଳିରେ ଦିଲିପ ବେହେରା, ମନୀଷ ମିଶ୍ର, ବୁଲୁ ଦାନୀ, ଅସୀତ ମିଶ୍ର, ଅଜୟ ବାଲି, ସରୋଜ ରଥ, ଅରବିନ୍ଦ ସାହୁ, ଶାନ୍ତନୁ ସିଂହ, ଉମାକାନ୍ତ ସାହୁ, ଲଳିତ ପଟେଲ, ସମୀର କୁମାର, ଜ୍ୟୋତିଷ ମୁଗ୍ଡା, ବ୍ରଜ ସେଠି, ଅଙ୍କିତ ସାହୁ, ସୋମନାଥ ପଟେଲ, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ସନ ଗଡତ୍ୟା, ଚିନ୍ମୟ ବେହେରା, ଶୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

କଳାହାଣ୍ଡିର ପୁଅ ମେଜର ସୁଧାଂଶୁ ପାଣିଙ୍କୁ ମିଳିବ ବୀରତ୍ୱ ସେନାପଦକ

ଆତଙ୍କବାଦୀ ବିରୋଧୀ ଅଭିଯାନରେ ସାହସିକ ନେତୃତ୍ୱ ପାଇଁ ସମ୍ମାନ

କଳାହାଣ୍ଡି (ଅମୃତ ମିଡ଼ିଆ) : ସ୍ୱାଧୀନତା ଦିବସର ପବିତ୍ର ପ୍ରାକ୍ ସନ୍ଧ୍ୟାରେ କଳାହାଣ୍ଡି ମାଟି ପାଇଁ ଆସିଛି ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ । ଦେଶମାତୃକାର ସୁରକ୍ଷା ପାଇଁ ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା ଓ ବୀରତ୍ୱର ପରିଚୟ ଦେଇଥିବା କଳାହାଣ୍ଡିର ସୁଯୋଗ୍ୟ ସନ୍ତାନ ମେଜର ସୁଧାଂଶୁ ପାଣିଙ୍କୁ ବୀରତ୍ୱ ସେନାପଦକ ପ୍ରଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଆନନ୍ଦ ଓ ଗର୍ବର ଲହରୀ ଖେଳିଯାଇଛି । ସୂଚନାନୁଯାୟୀ, ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ପ୍ରତିରକ୍ଷା ବାହିନୀ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର କର୍ମଚାରୀମାନଙ୍କୁ ମୋଟ ୭୮ଟି ବୀରତ୍ୱ ପୁରସ୍କାର ପ୍ରଦାନ ପାଇଁ ଅନୁମୋଦନ କରିଛନ୍ତି । ଏଥିରେ ୧୩ଟି ମରଣୋତ୍ତର ବୀରତ୍ୱ ପୁରସ୍କାର ମଧ୍ୟ ସାମିଲ ରହିଛି । ଏହି ସମ୍ମାନଜନକ ତାଲିକାରେ ଓଡ଼ିଶାର ଏକମାତ୍ର କଳାହାଣ୍ଡିଆ ଭାବେ ମେଜର ସୁଧାଂଶୁ ପାଣିଙ୍କ ନାମ ସ୍ଥାନ ପାଇବା ଜିଲ୍ଲାବାସୀଙ୍କ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ । ଗତ ସେପ୍ଟେମ୍ବର ୨୦୨୫ରେ କାଶ୍ମୀରରେ ହୋଇଥିବା 'ଅପରେସନ ଗୁଡ୍ଡୁର'ରେ ମେଜର ପାଣି ଅସାଧାରଣ ସାହସ ଓ ନେତୃତ୍ୱର ପରିଚୟ ଦେଇଥିଲେ । ଅଭିଯାନରେ ସେ ଅଗ୍ରଣୀ ଭୂମିକା ନେଇ ଲଷ୍କର-ଇ-ତୋଇବାର 'ଏ++' ଶ୍ରେଣୀଭୁକ୍ତ ଆତଙ୍କବାଦୀ ରେହମାନ ଭାଇଙ୍କୁ ନିହତ କରିଥିବା ଜଣାପଡ଼ିଛି । ଦେଶର ସୁରକ୍ଷା ଓ ଆତଙ୍କବାଦ ବିରୋଧୀ ଅଭିଯାନରେ ତାଙ୍କର ଏହି ସାହସିକ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ ବୀରତ୍ୱ ସେନାପଦକ ପାଇଁ ଚୟନ କରାଯାଇଛି । ମେଜର ସୁଧାଂଶୁ ପାଣିଙ୍କ ଜନ୍ମ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଛିମଡୋଲା ଗ୍ରାମରେ । ଜନ୍ମମାଟିର ଗନ୍ଧ ଓ ମାଆଙ୍କ ସଂସ୍କାରରେ ବଢ଼ିଉଠିଥିବା ସୁଧାଂଶୁ ଆଜି ଦେଶର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଜିଲ୍ଲାର ନାମକୁ ଜାତୀୟ ସ୍ତରରେ ଉଜ୍ଜ୍ୱଳ କରିଛନ୍ତି । ଦୀର୍ଘ ବର୍ଷ ଧରି ଜୁନାଗଡ଼ ସହରର ହିଞ୍ଜଳି ବାହାଲି ଛକ, ଇଲେକ୍ଟ୍ରି ଗ୍ରାଉଣ୍ଡ ସମ୍ମୁଖରେ ତାଙ୍କ ଶିକ୍ଷୟିତ୍ରୀ ମାଆ ରାଜକୁମାରୀ ପାଣିଙ୍କ ସହ ପରିବାର ରହିଆସୁଛନ୍ତି । ବର୍ତ୍ତମାନ ମେଜର ପାଣି ରାଜସ୍ଥାନର ଜୟପୁରରେ କାର୍ଯ୍ୟରତ ଅଛନ୍ତି । କଳାହାଣ୍ଡିର ଏହି ବୀର ସନ୍ତାନ ସଫଳତା ଆଜି ଅସଂଖ୍ୟ ଯୁବକଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତୀକା । ଜନ୍ମମାଟିରୁ ଦେଶମାଟିର ସୁରକ୍ଷା ପର୍ଯ୍ୟନ୍ତ ତାଙ୍କର ଏହି ଗୌରବମୟ ଯାତ୍ରା କଳାହାଣ୍ଡିର ମୁକୁଟରେ ଆଉ ଏକ ସୁବର୍ଣ

ରାଇରଙ୍ଗପୁରରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ବାରିପଦା(ଅମୃତମିଡିଆ): ବାମନଘାଟୀ ଉପଖଣ୍ଡର ସଦର ମହକୁମା ରାଇରଙ୍ଗପୁର ଷ୍ଟାଡିୟମରେ ଉପଖଣ୍ଡ ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ବିପୁଳ ଉତ୍ସାହ ଉଦ୍ଦୀପନା ସହ ପାଳନ ହୋଇଯାଇଛି ।ଏହି ଅବସରରେ ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମଗ୍ର ରାଇରଙ୍ଗପୁର ସହରରେ ରାମଧୂନ ପରିବେଷଣ କରାଯିବା ସହ ସହରରେ ସ୍ଥାପିତ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ବାହ୍ନ ୮ ଘଟିକାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତକା ଉତ୍ତୋଳନ କରାଯାଇଥିଲା । ସ୍ଥାନୀୟ ଷ୍ଟାଡିୟମ ରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ଉତ୍ସବ କମିଟିର ସଭାପତି ତଥା ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ପତକା ଉତ୍ତୋଳନ ସହ ସମ୍ମିଳିତ ପଡ଼ିଆରେ ପ୍ୟାରେଡ ରେ ପୋଲିସଙ୍କ ସହିତ ୨୮ ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରି ଦେଶ ସ୍ୱାଧୀନତା ପାଇଁ ଶହୀଦ ହୋଇଥିବା ଭାରତ ମାତିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଅଭିଭାଷଣରେ ସମସ୍ତ ରାଇରଙ୍ଗପୁର ଅଞ୍ଚଳବାସୀଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ବକ୍ତବ୍ୟରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନେକ ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ପଛୁଆ ରାଇରଙ୍ଗପୁର ଅଞ୍ଚଳର ବିକାଶ ସମଗ୍ର ରାଜ୍ୟରେ ନଭଶ୍ଚୁମ୍ବୀ ଛୁଇଁଛି । ରାଇରଙ୍ଗପୁର ରେ ସ୍ପୋର୍ଟସ କମ୍ପ୍ଲେକ୍ସ,ହଲିଡେ ହୋମ, ପୋଲିସ ଜିଲ୍ଲା,କୃଷି ବିଦ୍ୟାଳୟ, ଆୟୁର୍ବେଦିକ ବିଦ୍ୟାଳୟ, ଆଦିବାସୀ ରିସର୍ଚ ସେଣ୍ଟର, ଅଡିଟୋରିୟମ, ଇଗ୍ନୋର ସେଣ୍ଟର, ଏମ୍ସ ସାଟେଲାଇଟ୍ ସେଣ୍ଟର, ଦାଣ୍ଡବୋଷ ଉଦ୍ଯାନ କେନ୍ଦ୍ର, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ୫ ଷ୍ଟୋରେଜ ବିଲଡିଂ, ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟରେ ୫୦୦ ସିଟେଡ ଅଡିଟୋରିୟମ୍, ଆର୍ଚେରୀ ସେଣ୍ଟର,ଫୁଡ୍ ପ୍ରୋସେସିଂ ସେଣ୍ଟର,ଦକ୍ଷତା ବିକାଶ କେନ୍ଦ୍ର,ସବୁ ବ୍ଲକରେ ଏକଲବ୍ୟ ମଡ଼େଲ ସ୍କୁଲର,ନବୋଦୟ କେନ୍ଦ୍ର ର ପ୍ରତିଷ୍ଠା ଓ ଭିତ୍ତିଭୂମି ନିର୍ମାଣ ଦୃତ ଗତିରେ ଆଗେଇ ଚାଲିଛି ।କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ରାଇରଙ୍ଗପୁର ଟାଉନ ଥାନାଧିକାରୀ ରଞ୍ଜନ ସେଠୀ, ଡିଏଫଓ ସୁବ୍ରତ ପାତ୍ର, ତହସିଲଦାର ଭବାନୀ ପ୍ରସାଦ ସାହୁ, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତା ରାଣୀ ମହାନ୍ତି,ପୋରାଧିକାରିଣୀ ଶକୁନ୍ତଳା ହାଁସଦା, ଅଗ୍ନିଶମ ଅଧିକାରୀ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ମହାନ୍ତି,ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ,ଗଣମାଧ୍ୟମ ପ୍ରତିନିଧି ,ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆଗକୁ ମଧ୍ୟ ପ୍ରଶାସନ, ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଅଞ୍ଚଳବାସୀ ରାଇରଙ୍ଗପୁରର ବିକାଶ ପାଇଁ ମିଳିତ ପ୍ରୟାସ ଓ ସହଯୋଗ କାମନା କରିଥିଲେ । ପରେ ପରେ ବିଭିନ୍ନ ପ୍ୟାରେଡ ଏବଂ ପୂର୍ବ ଆୟୋଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।ପରେ ଅତିଥିମାନଙ୍କ ଦ୍ୱାରା ଉପଖଣ୍ଡ ଚିକିତ୍ସାଳୟର ରୋଗୀମାନଙ୍କୁ ଏବଂ ଉପଖଣ୍ଡ କାରାଗାରର ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ମହୋତ୍ସବ କମିଟିର ସଂପାଦକ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

ମାଇନିଂ ଅଧିକାରୀଙ୍କୁ ଅଟକ ଘଟଣା: କପ୍ତିପଦା ଉପଜିଲ୍ଲାପାଳ ନିଲମ୍ବିତ

ପ୍ରଣୟ ରଞ୍ଜନ ବେହେରା ନୂଆ ଉପ ଜିଲ୍ଲାପାଳ

ବାରିପଦା(ଅମୃତମିଡିଆ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାଫିଆ ପରିବର୍ତ୍ତେ ଖଣି ବିଭାଗର ଅଧିକାରୀଙ୍କୁ ଅଟକ ରଖାଇବା ଘଟଣାରେ ଶୁକ୍ରବାର କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ନିଲମ୍ବିତ ହୋଇଛନ୍ତି । ତାଙ୍କ ସ୍ଥାନରେ ବାରିପଦା ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କୁ କପ୍ତିପଦା ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁଯାୟୀ ପ୍ରଣୟ ରଞ୍ଜନ ବେହେରା କପ୍ତିପଦା ଉପଜିଲ୍ଲାପାଳ ସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାରିପଦା ଆଇଟିଡିଏର ପିଏ ପଦର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ । ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଶେଷ ସଚିବ ଘସିରାମ ମୁର୍ମୁଙ୍କ ଦ୍ୱାରା ଏହି ଅଧିସୂଚନା ଜାରି କରାଯାଇଛି । ସୂଚନା ଥାଉକି, ଗତ ଜୁଲାଇ ୧୭ରେ ଚୁଲିଆପୋଷି ଅଞ୍ଚଳରୁ ବେଆଇନ ବାଲି ଟ୍ରାକ୍ଟର ଜବତ କରିବା ପରେ, ବିନା ପୂର୍ବ ଅନୁମତିରେ ଚଢ଼ାଉ କରାଯାଇଥିବା ଦର୍ଶାଇ ଉପଜିଲ୍ଲାପାଳ ଶ୍ରୀ ବାରିକ ଜିଲ୍ଲା ଖଣି ଅଧିକାରୀ ଓ ଦୁଇ ଜଣ ଜୁନିଅର ଅଫିସରଙ୍କୁ ଥାନାରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଜ କର୍ତ୍ତବ୍ୟ କରୁଥିବା ସରକାରୀ ଅଧିକାରୀଙ୍କ ପ୍ରତି ଏପରି ସ୍ୱେଚ୍ଛାଚାରୀ ଆଚରଣକୁ ବିଭାଗ ଗମ୍ଭୀର ଶୃଙ୍ଖଳାଗତ ବିଚ୍ୟୁତି ବୋଲି ଦର୍ଶାଇଥିଲା। ତାଙ୍କ ବିରୋଧରେ ଖଣିବିଭାଗ ଅଭିଯୋଗ କ୍ରମେ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ଗତ ଜୁଲାଇ ୨୩ତାରିଖରେ ଇଷ୍ଟାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆରଡିସି (କେନ୍ଦ୍ରାଞ୍ଚଳ, କଟକ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତିନି ସପ୍ତାହ ବିତିବାକୁ ଯାଇଥିଲେ ସୁଦ୍ଧା ତଦନ୍ତ ଆଗେଇ ନପାରି ଦିଗହରା ରହିଥିଲା । ଘଟଣାର ୩ସପ୍ତାହ ପରେ ଗଣମାଧ୍ୟମ ରେ ଏନେଇ ଖବର ପ୍ରସାର ଓ ପ୍ରକାଶ ପାଇଥିଲା । ତେବେ ଶେଷରେ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ବିବାଦୀୟ ଉପଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି। ପ୍ରତ ବାଳରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରାମଧୂନ ଗାନ କରି ପ୍ରଭାତ ଫେରି ରେ ରାଇକମା, ବଡଗୁମା ଓ ରଙ୍ଗଡା ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହା ପରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ସଭାରେ ସମସ୍ତ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋଚିତ୍ରରେ ମାଲ୍ୟର୍ପଣ କରିଥଲେ।ଦେଶପାଇଁ ସ୍ୱାଧୀନତା ଆଣି ଦେଇ ଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥଲେ ମଞ୍ଚାସୀନ ଅତିଥିମାନେ। 'ବିକଶିତ ଭାରତ ଗଠନରେ ଯୁବଶକ୍ତିଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତା ରେ ବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଯୁବ ଶକ୍ତି ଓ ଛାତ୍ର ସମାଜର ସକ୍ରିୟ ଓ ଗଠନମୂଳକ ଭାଗିଦାରୀ ବିକଶିତ ଭାରତ ର ସ୍ୱପ୍ନକୁ ସାକାର କରି ପାରିବ ବୋଲି ମଞ୍ଚାସୀନ ଅତିଥିଗଣ ମତବ୍ୟକ୍ତ କରିଥିଲେ। ବକ୍ତୃତା, ସଙ୍ଗୀତ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଛାତ୍ରଛାତ୍ରୀମାନେ ବିଭାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥଲେ। ଶିକ୍ଷକ ଶୁଭବନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ରାଜକିଶୋର ଦାସ, ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ତରଣୀକାନ୍ତ ମହାନ୍ତ,ଶୁଭାଶିଷ ପଣ୍ଡା ଓ ଭାଗ୍ୟଶ୍ରୀ ମହାନ୍ତ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।ଏହାପରେ ଗ୍ରାମ୍ୟ ରାସ୍ତା ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସାମିଲ ହୋଇ ଥିଲେ।

ଭୁଲି ହେଉନାହିଁ 'ଦିଲ୍ଲୀ ଚଲୋ'ର ଡାକରା: ହରେନ ପଟ୍ଟନାୟକ

ବାରିପଦା /ଉଦଳା(ଅମୃତମିଡିଆ): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଇନରହ୍ୱିଲ କ୍ଲବ ତରଫରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇ ଯାଇଛି । କ୍ଲବର ସଭାପତି ମମତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ, ଜାତୀୟ ସଂଗୀତ ପରିବେଷଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ କ୍ଲବର ସମସ୍ତ ସଦସ୍ୟା ଉତ୍ସବ ସ୍ଥଳରେ ଏକତ୍ରିତ ହେବା ପରେ ଅତିଥି ଭାବରେ ଯୋଗ ଦେଇଥିବା ଅବସର ପ୍ରାପ୍ତ ସୈନିକ ହରେନ ପଟ୍ଟନାୟକଙ୍କୁ ପତାକା ଉତ୍ତୋଳନ ପାଇଁ କ୍ଲବ ତରଫରୁ ଆମନ୍ତ୍ରଣ କରାଯାଇଥିଲା । ଜାତୀୟ ପତାକା ଉତ୍ତୋଳନ ପରେ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ବୋଲିଥିଲେ । ପରେ 'ଭାରତ ମାତାକି ଜୟ', 'ବନ୍ଦେ ମାତରମ୍?' ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ହରେନ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଦେଶକୁ ସ୍ୱାଧିନ କରିବା ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଡ଼ାକରା 'ଦିଲ୍ଲୀ ଚଲୋ' ଆଦୌ ଭୁଲି ହେଉନାହିଁ ବୋଲି କହିଥିଲେ । ସେହିପରି 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି'ର ବାର୍ତ୍ତା ଆଜିବି ଯୁବକ ମାନଙ୍କ ମନରେ ଖେଳାଇ ଦେଉଛି ଭିନ୍ନ ସ୍ୱାଦର ଉତ୍ସାହ । ଏହିଭଳି ଜଣେ ମହାନ ଦେଶ ଭକ୍ତଙ୍କର ଜନ୍ମ ଓଡ଼ିଶା ମାଟିରେ ହୋଇଥିବାରୁ ଆମେ ଓଡ଼ିଆ ମାନେ ନିଜକୁ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ପରେ ଆୟୋଜିତ ଆଲୋଚନାଚକ୍ରରେ କ୍ଲବର ପୂର୍ବତନ ସଭାପତି ଗୀତାଶ୍ରୀ ରାୟ ଅଧ୍ୟକ୍ଷତା କରି ମହାତ୍ମା ଗାନ୍ଧିଙ୍କ ଅହିଂସା ମନ୍ତ୍ରର ପ୍ରଭାବ ସାଙ୍ଗକୁ ଅସହଯୋଗ ଆନ୍ଦୋଳନ ଇଂରେଜ ସରକାରଙ୍କ ଉପରେ କିପରି ଚାପ ସୃଷ୍ଟି କରିଥିଲା ଓ ଶେଷରେ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମହାନ୍ତି, ପୁଷ୍ପଲତା ପଣ୍ଡା, ଅନୁପମା ପଣ୍ଡା, ଅରୁପମା ମହାପାତ୍ର, ପ୍ରମୋଦିନି ମହାପାତ୍ର, ମିନାକ୍ଷୀ ମହାନ୍ତି, ସୁବାସିନି ବେହେରା ଓ ଅତିଥି ଜୟଗୋପାଲ ରାୟ ପ୍ରମୁଖ ଅଂଶ ଗ୍ରହଣ କରି ମହାତ୍ମା ଗାନ୍ଧିଙ୍କ ଲବଣ ସତ୍ୟାଗ୍ରହ ଆନେନ୍ଦାଳନକୁ ସଫଳ କରିବା ପାଇଁ ସମଗ୍ର ଭାରତବର୍ଷର ମହିଳା ମାନେ କିପରି ଭୂମିକା ନେଇଥିଲେ ଆଲୋକପାତ କରିଥିଲେ । ଜୟନ୍ତି ପଟ୍ଟନାୟକ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେବା ସହ ଚାଲିଥିବା ଆଲୋଚନା ଚକ୍ରର ଯବନିକା ପକାଇଥିଲେ ।

ଇଗ୍ନୋ ଆଞ୍ଚଳିକ କେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳିତ

ବାରିପଦା(ଅମୃତମିଡିଆ): ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ), ଆଞ୍ଚଳିକ କେନ୍ଦ୍ର , ରାଇରଙ୍ଗପୁରରେ ୮୦ ତମ ସ୍ୱାଧୀନତା ଦିବସ କ୍ଷେତ୍ରୀୟ ନିର୍ଦ୍ଦେଶକ ଡଃ ବଳରାମ ବାରିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ସେବା ନିବୃତ ଅଧ୍ୟାପିକା ରାଜଶ୍ରୀ ଦାଶ, ମୁଖ୍ୟବକ୍ତା ଭାବେ ଶ୍ରମିକ ନେତା ନିଗମାନନ୍ଦ ପଟନାୟକ, ସମ୍ମାନିତ ଅତିଥି ସାମ୍ବାଦିକ ଅକ୍ଷୟ ବିଶ୍ୱାଳ,ପ୍ରମୁଖ ଯୋଗ ଦେଇଥିଲେ । ରିଜିଓନାଲ ଡାଇରେକ୍ଟର ବିଶିଷ୍ଟ ଶିକ୍ଷାବିତ୍ ଡଃ ବଳରାମ ବାରିକ ପତକା ଉତ୍ତୋଳନ କରିବା ସହ ଇଗ୍ନୋ ୟୁନିଭରସିଟି ପଡ଼ିବ ବୋଲି କହିଥିଲେ । ଖୁସିର ବିଷୟ ,ଏହି କେନ୍ଦ୍ରରେ ଅଦ୍ୟାବଧି ୬୦୦ ରୁ ଅଧିକ ଛାତ୍ରଛାତ୍ରୀ,ବୟସ୍କ,କର୍ମନିଯୁକ୍ତି ବ୍ୟକ୍ତିମାନେ ନାମ ପଞ୍ଜି କରଣ କରିଛନ୍ତି ।ଭାରତ ସ୍ୱାଧୀନତା ରେ ପୂର୍ବ ସ୍ମରୀମ ନଙ୍କ ତ୍ୟାଗ,ବଳିଦାନ,ଦେଶଭକ୍ତକୁ ସ୍ମରଣ କରି ଦେଶ ନିର୍ମାଣରେ ସମସ୍ତେ କିଛି ନା କିଛି ସେବା ମନୋଭାବ ରଖି ଆଗେଇବାକୁ ପଡ଼ିବ ବୋଲି ଅତିଥିଗଣ କହିଥିଲେ ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ମିଶ୍ର,ହେମନ୍ତ ମିଶ୍ର,ଦୁର୍ଯୋଧନ ମହାପାତ୍ର,କିରୋସିନି ଶର୍ମା,ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

ସ୍ୱାଧୀନତା ଦିବସ ସହିତ ଶ୍ରୀ ଅରବିନ୍ଦ ଜୟନ୍ତୀ ପାଳନ

ବାରିପଦା(ଅମୃତମିଡିଆ): ବୈଶିଙ୍ଗା ନିକଟସ୍ଥ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ୮୦ତମ ସ୍ୱାଧୀନତା ଦିବସ ସହିତ ଶ୍ରୀ ଅରବିନ୍ଦଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା। ପ୍ରଭାତ ଫେରିରେ ପିଲାମାନେ ଦେଶାତ୍ମବୋଧକ ଗୀତ, ରାମଧୂନ ତଥା ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ରେ ପହଞ୍ଚିଥିଲେ । ଏହି ସମୟରେ ଗ୍ରାମରେ ଥିବା ମନ୍ଦର ଟେରେସା କ୍ଲବରେ ପ୍ରଧାନଶିକ୍ଷକ ପତାକା ଉତ୍ତୋଳନ କରିବା ସହିତ ଗ୍ରାମବାସୀଙ୍କୁ ଏକତାର ସୂତ୍ରରେ ଯୋଡ଼ିହୋଇ ବିକଶିତ ଭାରତ ନିମନ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟରେ ପତାକା ଉତ୍ତୋଳନ ପରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଧ୍ୟକ୍ଷତା କରିଥିଲେ ପରିଚାଳନା କମିଟିର ସଭାପତି ଭବାନୀଶଙ୍କର ମହାନ୍ତ । କୃତୀଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ବିଜୟ ଲାଭ କରି ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷିକା, କର୍ମଚାରୀ ତଥା ବିଶେଷ ଭାବରେ ବିବ୍ୟାଙ୍ଗ ଛାତ୍ର ରଞ୍ଜିତ ମହାନ୍ତ ଅଂଶଗ୍ରହଣ କରିଥିଲେ।

ଏମ୍‌ପିସି କଲେଜରେ ହରଘର ତ୍ରିରଙ୍ଗା ପଦଯାତ୍ରା

ବାରିପଦା(ଅମୃତମିଡିଆ): ସ୍ଥାନୀୟ

ତଖତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା ପଦଯାତ୍ରା ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଏବଂ ଡ. ଅନାମ ଚରଣ ରାଉଳଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡ. ଆଲବେର୍ଟିନା ଟିର୍କୀ, ଡ. ବିଦ୍ୟୁତପ୍ରଭା ଦାସ, ସୁଶ୍ରୀ ରାଇମଣି ମାରଣ୍ଡି, ଡ. ଦୀପକ କୁମାର ବେହେରା, ଡ. ମନୋଜ କୁମାର ସେଠି, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ପ୍ରିୟବ୍ରତ ବେହେରା, ଡ. ନରେନ୍ଦ୍ର ପ୍ରସାଦ ବେହେରା, ଡ. ପ୍ରଭାକର ଦୁଆରୀ, ଡ. ଦୟାନିଧି ପରିଡା, ଅଲେକ୍ସ ହେମ୍ବ୍ରମ, ରଶ୍ମିତା ନାଏକ, ସୁରେଶ ଚନ୍ଦ୍ର ପାତ୍ର, ସତ୍ୟନାରାୟନ ବାରିକ ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲେ ।

ଠାକୁରମୁଣ୍ଡା: ବିଭିନ୍ନ ସ୍ଥାନରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା,ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ,ସରକାରୀ ଅଫ

୮୦ତମ ସ୍ୱାଧୀନତା ଦିବସ : ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

ଭଞ୍ଜନଗର (ଅମୃତ ମିଡିଆ): ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଦେଶର ୮୦ତମ ସ୍ୱାଧୀନତା ଦିବସ ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ସ୍ଥାନୀୟ ପ୍ରେସ କ୍ଲବ୍ ପରିସରରେ କାର୍ଯ୍ୟବାହୀ ସଭାପତି ଲୋକନାଥ କର ଙ୍କ ସଂଯୋଜନା ରେ ନଗରପାଳ ଗୋପବନ୍ଧୁ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏଥିରେ ପ୍ରେସ୍ କ୍ଲବ୍ ର ବହୁ ସଦସ୍ୟ ଙ୍କ ସମେତ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କବିସମ୍ରାଟ ମିଡିଆ କ୍ଲବ୍ ସଭାପତି ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ପୌର ପରିଷଦ, ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ରେ ମଧ୍ୟ ପୌରାଧକ୍ଷ ଗୋପବନ୍ଧୁ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ଓ ଅନ୍ୟ ସମସ୍ତ କର୍ମଚାରୀ ତଥା ସମସ୍ତ କାଉନସିଲ ଉପସ୍ଥିତ ରହିଥିଲେ। ଘରୋଇ ବସ ମାଲିକ ସଂଘ ପରିସରରେ ସଂପାଦକ ବିପ୍ରଚରଣ ବାରିକଙ୍କ ସମେତ ବହୁ ବସ ମାଲିକ ଉପସ୍ଥିତ ଥିଲେ।

ସେହିପରି ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଠାରେ ଏସଡିପିଓ ଡ଼. ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଉଦ ?ବୋଧନ ଦେଇ ଉତ୍ସାହିତ କରିଥିଲେ। ଡ଼. ସୁଧୀର ଶଙ୍କର ପଣ୍ଡା ଏବଂ ଗୀତାଞ୍ଜଳି ପରିଡ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ବିଦ୍ୟାଳୟର ପ୍ରିନ୍ସିପାଲ ସୁନନ୍ଦିନି ସାହୁ ପିଲାମାନଙ୍କୁ ଶିକ୍ଷଣ ମୂଳକ ତଥ୍ୟ ପ୍ରଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ଦେଶଭକ୍ତି ମୂଳକ ଗୀତ,କବିତା, ନୃତ୍ୟ ପରିବେଷଣ କରାଯାଇଥିଲା। ବକୃତା, ଚିତ୍ରାଙ୍କନରେ ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କେ. ଶଙ୍କର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାଜ୍ୟର ବିଶିଷ୍ଟ ସାହିତ୍ୟିକ ତଥା ବିଦ୍ୟାଳୟ ପରିଚାଳନା ସଭାପତି ଡକ୍ଟର କମ୍ଭୁପାଣି ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଗଙ୍ଗାଧର ଦାଶ, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ସହ ପ୍ରଧାନ ଆଚାର୍ଯ୍ୟ ଉତ୍ତମ ମହାରଣା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ ଅଟୋ ଆସୋସିଏସନ୍ ଠାରେ ଅତିରିକ୍ତ ତହସିଲଦାର ଅବିନାଶ ମାହାର, ବ୍ଲକ କାର୍ଯ୍ୟାଳୟ ରେ ବିଡିଓ ଭାରତୀ ଦେବୀ, ବିଇଓ କାର୍ଯ୍ୟାଳୟ ଠାରେ ବିଇଓ ଲୋପାମୁଦ୍ରା ରଥ, ସାବିତ୍ରୀ ମହିଳା ମହାବିଦ୍ୟାଳୟ ରେ ଅଧ୍ୟକ୍ଷ ଡଃ ଦିଲ୍ଲୀପ କୁମାର ପ୍ରଧାନ, କେଏସୟୁବି କଲେଜ ରେ ଅଧ୍ୟକ୍ଷ ଡଃ ଗଗନ ବିହାରୀ ପୁରୋହିତ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଅଟଳବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ବ୍ରହ୍ମପୁର (ଅମୃତ ମିଡିଆ): ସ୍ଥାନୀୟ କୋର୍ଟପେଟା ଛକ ସ୍ଥିତ ପୋଖରୀରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ତରଫରୁ ଭାରତ ରତ୍ନ ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳନ କରଯାଇଛି । ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଙ୍ଘ ର ସଭାପତି ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ସଙ୍ଘର ବହୁ କର୍ମକର୍ତ୍ତା ଯୋଗ ଦେଇ ସ୍ୱର୍ଗତ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ଉଦ୍ଧଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ତତସହିତ ପୋଖରୀରେ ତିଳତର୍ପଣ, ସହ ବାଜପେୟୀଙ୍କ ଜିବନି ଉପରେ ଗୁଣ ଗାନ କରି ସମାରିକଶକ୍ତି ବୃଦ୍ଧି, ବିଜ୍ଞାନ ଅର୍ଥିକ ବୃଦ୍ଧି କୁ ଗୁରୁତ୍ୱ ଦେଇଥିଲେ, ଯାହାକୁ ମୋଦି ସରକାର ପାଳନ କରୁଛନ୍ତି ବୋଲି ସଙ୍ଘର ସଭାପତି ଶ୍ରୀ ପାତ୍ର ନିଜର ବକ୍ତ ମାଧ୍ୟ ମରେ କହିଥିଲେ । ଅନୁଷ୍ଠିତ ଏହି କର୍ଯ୍ୟକ୍ରମରେ ସର୍ଦାର ବଲବଭାଇ ପଟେଲ ବହୁମୁଖୀ ସଙ୍ଘ ର ସଭାପତି ରାମ କୁମାର ପାତ୍ର, ଅଶୋକ ନିମେଇ, ବିଷ୍ଣୁ ପଣ୍ଡା, ଏମ ତମ୍ବୁରୁ,ହିମାଂଶୁ ପାଢ଼ୀ, ସଞ୍ଜୟ କୁମାର ଦାସ, ଉଦୟ ବେହେରା, ଗଣେଶ ପାଣିଗ୍ରାହୀ, ରାକେଶ ସାବତ, ଗୋରୀ ମହାନ୍ତି, ପୁରହିତ ରାମ କୃଷ୍ଣ ଖାଡ଼ଙ୍ଗା ଙ୍କ ସମେତ ସଙ୍ଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଡି ଏ ଭି ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ

ଭଞ୍ଜନଗର (ଅମୃତ ମିଡିଆ): ଭଞ୍ଜନଗର ଡି ଏ ଭି ପିଟି ଏସ ଆର ପବ୍ଲିକ ସ୍କୁଲ ପରିସରରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମାନସ ରଞ୍ଜନ ପୃଷ୍ଟିଙ୍କ ଉପସ୍ଥିତି ରେ ଏହା ପାଳିତ ହୋଇଥିଲା । ମୁଖ୍ୟ ଅତିଥି ବିଦ୍ୟାଳୟର ସଭାଧକ୍ଷ ଶ୍ରୀଯୁକ୍ତ ଅମରନାଥ ରଥ ଓ ବିଦ୍ୟାଳୟର କମିଟି ସଦସ୍ୟ ଶ୍ରୀଯୁକ୍ତ ତ୍ରୟୋଲୋକ୍ୟ ପଣ୍ଡା ସହ ଅତିଥି ରୂପେ ଯୋଗଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । ଏହି ଦିବସର ମହତ୍ୱ ସମ୍ପର୍କରେ ବିଜ୍ଞାନ ଶିକ୍ଷକ ଓ ଡିନୋଟି ଛାତ୍ରଛାତ୍ରୀମାନେ ଭାଷଣ ଦେଇଥିଲେ । ଦେଶଭକ୍ତିମୂଳକ ସଙ୍ଗୀତ, ନୃତ୍ୟ, ଭାଷଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଶେଷରେ ସହ ଅତିଥି ଶ୍ରୀଯୁକ୍ତ ପଣ୍ଡା ଓ ଶ୍ରୀଯୁକ୍ତ ରଥ ମୁଖ୍ୟ ଅତିଥି ଛାତ୍ର /ଛାତ୍ରୀ ଙ୍କୁ ଏହି ଦିବସ ର ମହତ୍ୱ ବା କାହିଁକି ଆମେ ଏହାକୁ ପାଳନ କରୁ ସେ ସମ୍ପର୍କରେ ଅତି ସୁନ୍ଦର ଓ ସରଳ ଭାବରେ ବୁଝାଇ ଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିଲା । ଶେଷରେ ପିଲାଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର
ଅଞ୍ଚଳବାସୀ ଆତଙ୍କିତ

ଭଞ୍ଜନଗର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ବନାଞ୍ଚଳର ଢୋଲପିଟା ସେକସନର କାଠଚିରା ଗ୍ରାମର ବୃଦ୍ଧ ଦୁଖା ଗୌଡଙ୍କୁ ଶୁକ୍ରବାର ଦିନ ଭାଲୁ ଆକ୍ରମଣର ଶିକାର ହୋଇ ଭଞ୍ଜନଗର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବର ନେବାରେ ଶୁକ୍ରବାର ଦିନ ଗାଲେରୀ ବନାଞ୍ଚଳ ଢୋଲପିଟା ସେକେସନର କାଠଚିରା ଗ୍ରାମ ନିକଟ ଜଙ୍ଗଲରୁ ଏକ ଭାଲୁ ବାହାରି ଗାଁ ମୁହାଁ ହେଉଥିଲା। ସେତିକିବେଳେ ସେହି ଗ୍ରାମର ବୃଦ୍ଧ ଦୁଖା ଗୌଡ ନିଜ ସାଇକେଲ ଯୋଗେ ନିକଟସ୍ଥ ବିଲକୁ ଯାଉଥିବାବେଳେ ହଠାତ୍ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଭାଲୁଟି ଦୁଖା ଗୌଡଙ୍କ ବାମ ଗୋଡକୁ କାମୁଡିଦେବା ଫଳରେ, ସେ ତଳେ ପଡିଯାଇ ଚିତ୍କାର କରିବା ସହ କିଏ କେଉଁଠି ଅଛ ବୋଲି ଡାକ ପକାଇଥିଲେ। ସେତିକିବେଳେ ଭାଲୁଟି ଘଟଣାସ୍ଥଳ ଛାଡି ପଳାଇଯାଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ଖବର ଦେବାପରେ ବନରକ୍ଷୀ ବର୍ଷାରାଣି ସାହୁ ପହଞ୍ଚି ଆହାତ ଦୁଖାଙ୍କୁ ଉଧାର କରି ଭଞ୍ଜନଗର ମେଡିକାଲକୁ ନେଇଥିଲେ। ଏନେଇ ଏବେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାପଡିଛି। ସେପଟେ ବର୍ଷେ ପାଖାପାଖି ହେବ ଗାଲେରୀ ବନାଞ୍ଚଳ ଅଧିକାରୀଙ୍କ ପଦ ଖାଲି ପଡିଛି। ଫଳରେ କାଠ ମାଫିଆଙ୍କ ପାଦୁର୍ଭାବ ବଢିଯାଇଥିବା କହିଛନ୍ତି ସ୍ଥାନୀୟ ଅଞ୍ଚଳର ଜଣେ ଜନ ପ୍ରତିନିଧି ନେତା। ଏଥି ନିମନ୍ତେ ରାଜ୍ୟ ସରକାର ଯଥାଶିଘ୍ର ବନାଞ୍ଚଳ ଅଧିକାରୀ ପଦପି ପୂରଣ ନ କରନ୍ତି ତାହାହେଲେ ଖୁବ୍ଶିଘ୍ର ଜଙ୍ଗଲ ସରିଯିବାର ସମ୍ଭାବନା କହିହେବନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

୮୦ ତମ ସ୍ୱାଧୀନତା ଦିବସରେ ମେଧା ସମ୍ମାନ

ପୋଲସରା (ଅମୃତ ମିଡିଆ): ପୋଲସରା କୁଲ୍ ବେଲଗାଁ ଗ୍ରାମ ପଞ୍ଚାୟତ ସ୍ଥିତ କନକଦୁର୍ଗା ବିଦ୍ୟାପୀଠ ମଧୁସୂଦନ ପୁରଠାରେ ବହୁ ଉତ୍ସାହ ଏବଂ ଉଦ୍ଦୀପନା ମଧ୍ୟରେ ଦେଶ ସାଧୀନ ହେବାର ୮୦ ତମ ବର୍ଷ ପୂର୍ତ୍ତି ସ୍ୱାଧୀନତା ଦିବସ ଭାବେ ପାଳିତ ହୋଇଥିଲା। ପ୍ରଥମେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୀତା ବିଷୋୟୀଙ୍କ ଦ୍ୱାରା ସାମ୍ବିଧାନିକ ନିୟମ ପ୍ରକାରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ସାମୁହିକ ଜାତୀୟ ସଙ୍ଗୀତ ଜନ-ମନ-ଗଣ ଗାନ, ଶ୍ଲୋଗାନ, ସ୍ୱାଉଟ ଓ ଗାଇଡ୍ଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଏବଂ ଅତିଥିବୃନ୍ଦଙ୍କ ଅଭିଭାଷଣ ସହିତ ପ୍ରଧାନ ଶିକ୍ଷୟତ୍ରୀଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ ପରେ ଏକ ପୁରସ୍କାର ବିତରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ତଥା ବର୍ତ୍ତମାନ ଜିଲ୍ଲା ସ୍ୱାସ୍ଥ୍ୟ ସ୍ଥାପତ କମିଶନର ବିକ୍ରମ ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ପ୍ରଜ୍ଞା ପରମିତା ସାହୁ ଓ ବରିଷ୍ଠ ସାମାଦିକ ତଥା ଜିଲ୍ଲା ସମ୍ପାଦକ (ଓୟୁଜେ)ର ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଦିବସର ଅନୁଚିନ୍ତା ଏବଂ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେବା ସହିତ କଠିନ ପରିଶ୍ରମ ଦ୍ୱାରା ଭଲ ଶିକ୍ଷା ଆହରଣ କରି ସମାଜରେ ଜଣେ ଜଣେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପବିତ୍ର ସ୍ୱାଧୀନତା ଦିବସକୁ ନେଇ ଅନୁଷ୍ଠିତ ପ୍ରବନ୍ଧ,ବକୃତା, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତିତ୍ୱ ପ୍ରତିଯୋଗି ୧୨ ଜଣ ଛାତ୍ର ଛାତ୍ରୀଙ୍କୁ 'ଦକ୍ଷତା ପ୍ରମାଣ ପତ୍ର' ସହିତ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ଗତ ୨୦୨୫-୨୦୨୬ ଶିକ୍ଷାବର୍ଷରୁ ୧୦ ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ରୁଦ୍ର ନାରାୟଣ ସାହୁଙ୍କୁ ଏବଂ ଛାତ୍ରୀ ସ୍ମିତା ରାଣୀ ମିଶ୍ର ଉଭୟଙ୍କୁ ଅନୁଷାନ ତରଫରୁ 'ଲାବଣ୍ୟ ପାତ୍ର ସ୍ମାରକୀ ମେଧା ସମ୍ମାନ' ସହିତ 'ରମେଶ ଚନ୍ଦ୍ର ମିଶ୍ର ସ୍ମାରକୀ ମେଧା ସମ୍ମାନ' ସହିତ ୯ମ ଶ୍ରେଣୀର ଛାତ୍ର ସୁବ୍ରତ କୁମାର ବତୁଙ୍କୁ 'ଡ. ପ୍ରାଚୀ ପ୍ରଭା ସାହୁ ମେଧା ସମ୍ମାନ' ପ୍ରଶସ୍ତିପତ୍ର ସହିତ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ସଂଯୋଜନା ଶିକ୍ଷକ ଅଜିତ ଦଳାଇ କରିଥିବା ବେଳେ ସ୍ୱାଗତ ସଂଗୀତ ନୃତ୍ୟାଭିନୟ ମାଧ୍ୟମରେ ଛାତ୍ରୀମାନେ ପରିବେଷଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷାନର ଅନ୍ୟ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରୀଗଣ ଉପସ୍ଥିତ ରହି ସହଯୋଗ କରିଥିଲେ।

ଟାଟାଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ରକ୍ତଦାନ ଶିବିର
୨୧୧ ୟୁନିଟ୍ ରକ୍ତ ସଂଗୃହୀତ

ଯାଜପୁର (ଅମୃତ ମିଡିଆ): ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପରିସରରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ସହ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେସନ୍ସ ଭାଇସ୍ ପ୍ରେସିଡେଣ୍ଟ ଉତ୍ତମ ସିଂହ, ଟିଏସକେ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ବରିଷ୍ଠ ଅଧିକାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବ ଅବସରରେ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ପରେଡ୍ ଏବଂ ଡ୍ରିଲ୍ ଉପସ୍ଥିତ ଅତିଥିମାନଙ୍କୁ ବିମୋହିତ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସୁରକ୍ଷା ଏବଂ ଅଗ୍ନିଶମ ବାହିନୀର କର୍ମଚାରୀମାନଙ୍କୁ ସମ୍ମାନିତ କରାଯିବା ସହ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା। ଏହି ଉତ୍ସବର ଏକ ଅଂଶ ଭାବରେ, ପୂର୍ବ ଦିନ ଟିଏସକେର କୋଲ୍ଡ ରୋଲିଂ ମିଲ୍ ?ର ଯୁଗ୍ମ ବିକାଶ ପରିଷଦ ପକ୍ଷରୁ ପ୍ଲଟ୍-୨ ଅଡିଟୋରିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

କେ. ଭାସ୍କର ପାତ୍ରଙ୍କ ୭୭ତମ ଜନ୍ମବାର୍ଷିକୀ ସ୍ମୃତିରେ ରକ୍ତଦାନ ଶିବିର
୭୦ ୟୁନିଟ ରକ୍ତ ସଂଗୃହୀତ

ବେଗୁନିଆପଡା (ଅମୃତ ମିଡିଆ): ଅଙ୍ଗାର ଗାଁ ସ୍ଥିତ ମା କାଜୁ ଇଣ୍ଡଷ୍ଟ୍ରି ପରିସରରେ ସ୍ୱାଧୀନତା ଦିବସ ଅବସରରେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଦିବଂଗତ କେ ଭାସ୍କର ପାତ୍ରଙ୍କ ୭୭ ତମ ଜନ୍ମ ବାର୍ଷିକୀ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରରେ ୭୦ ଜଣ ରକ୍ତଦାନ କରିଛନ୍ତି। ମା କାଜୁ ଇଣ୍ଡଷ୍ଟ୍ରି, ପଦ୍ମାବତୀ କାଜୁ ଇଣ୍ଡଷ୍ଟ୍ରି, ଜୀବନ ଧାରା ପକ୍ଷରୁ ଆୟୋଜିତ ଏହି ଶିବିରକୁ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟ ଉଦଘାଟନ କରିଥିବା ବେଳେ ସ୍ୱର୍ଗତ ପାତ୍ରଙ୍କ ଧର୍ମପତ୍ନୀ କେ ପ୍ରମିଳା ପାତ୍ର, ବଡ଼ ପୁଅ କେ ପ୍ରଦୀପ କୁମାର ପାତ୍ର, ବୋହୂ କେ ନିରୁପମା ପାତ୍ର, ସାନ ପୁଅ କେ ପ୍ରଶାନ୍ତ କୁମାର ପାତ୍ର,ନାତି କେ ଅନିଲ କୁମାର ପାତ୍ରଙ୍କ ସମେତ ବିଭିନ୍ନ ଜନ ପ୍ରତିନିଧି,ଜୀବନ ଧାରା ପରିବାରର ସଦସ୍ୟ ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ବ୍ରହ୍ମପୁର ଏମ କେ ସି ଜି ରକ୍ତ ଭଣ୍ଡାର ପକ୍ଷରୁ ଡା. ବି ଏଲ ରେଡି, ରିଙ୍କୁ ସାହୁ, ପି କେ ସୁବୁଦ୍ଧି, ଦେବାଶିଷ ପଣ୍ଡା, ଗୋପାଳ କୃଷ୍ଣ ସାହୁ, ଡି ବି କାର୍କେ, ବସନ୍ତ କୁମାର ବେହେରା, ସାଇ ଜଗନ ସାହୁ, ଶୁଭଜିତ ନନ୍ଦ, ସୁଦୀପ୍ତ ରାଉଜ, ଶୁକୁଲାଲ ପାଲେୟ।, ଅମିତ ଗୌଡ଼,ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।ଏହି ଅବସର ରେ ସମସ୍ତ ପରିବାର ଙ୍କ ଉପସ୍ଥିତି ରେ କେ. ପ୍ରଦୀପ କୁମାର ପାତ୍ର ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କୁ ଗୋଟିଏ ସ୍ଥାନରେ ସୀମିତ ନ ରଖି ସ୍ୱର୍ଗତ ବାପା ଭାସ୍କର ପାତ୍ର ଙ୍କ ନାମରେ ଏକ ଟ୍ରଷ୍ଟ ତିଆରି କରି ସେହି ଟ୍ରଷ୍ଟ ମାଧ୍ୟମ ରେ ବ୍ଲକ ର ବିଭିନ୍ନ ସ୍ଥାନରେ କେବଳ ରକ୍ତଦାନ ନୁହଁ ପ୍ରତ୍ୟକ୍ଷ ସାମାଜିକ କାର୍ଯ୍ୟକ୍ରମ ଯଥା ସ୍ୱାସ୍ଥ୍ୟଶିବିର, କ୍ରୀଡା, ଓ ବିଭିନ୍ନ ସାମୁହିକ କାର୍ଯ୍ୟକ୍ରମ ମାନ କରିବା ପାଇଁ ନିଷ୍ପତ୍ତି ନେଇ ଏହାର ଅଗ୍ରଗତି ନିମନ୍ତେ ତହସିଲଦାର ଙ୍କ ସହିତ ଆଲୋଚନା କରି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରିଥିଲେ।

ତେଲୁଗୁ ମାଧ୍ୟମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ

ବ୍ରହ୍ମପୁର (ଅମୃତ ମିଡିଆ): ସ୍ଥାନୀୟ ସିଟି ହାଇସ୍କୁଲ ପରିସରରେ ଗୁରୁବାର ଅପରାହ୍ନରେ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତେଲୁଗୁ ମାଧ୍ୟମର ସମସ୍ତ ଛାତ୍ରଛାତ୍ରୀଙ୍କୁ ନୋଟ୍ ?ବୁକ୍ ?, କମ୍ପାସ ବକ୍ସ, କଲମ, ପେନ୍ ?ସିଲ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏ ନେଇ ସ୍କୁଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନ୍ଧ୍ର ମହିଳା ସମାଜମର ସଭାପତି ଏମ୍. କାମେଶ୍ୱରୀ, କଣ୍ଠଶିଳ୍ପୀ କେ. ଶ୍ରୀଲକ୍ଷ୍ମୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ଅତିଥି କହିଛନ୍ତି। କାର୍ଯ୍ୟକ୍ରମକୁ ଶ୍ରୀନିବାସ ରାଜନ୍ନା ସଂଯୋଜନ କରିଥିଲେ। ଛାତ୍ରଛାତ୍

ପୁରୀର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ପୁରୀ (ବ୍ୟୁରୋ): ପୁରୀ ଦତତୋଟା ସ୍ଥିତ ଉତ୍କଳ ବଚପନ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଧୂମଧାମରେ ପାଳନ କରାଯାଇଛି। ବିଦ୍ୟାଳୟର ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ପ୍ରେମର ମର୍ଯ୍ୟାଦା ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ୟକ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତା ରେ ଷ୍ଟାଣ୍ଡାଡ଼ ୨ର ଆରୁଷି ପଣ୍ଡା ପ୍ରଥମ, ଅନିଶା ପାତ୍ର ଦ୍ୱିତୀୟ, ରୋଭଂଶ ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ. ସେହିପରି ଷ୍ଟାଣ୍ଡାଡ଼ ୩ ଓ ୪ ରେ ଆୟାଂଶ ପଟ୍ଟନାୟକ ପ୍ରଥମ, ପ୍ରିୟାଂଶି ବେହେରା ଦ୍ୱିତୀୟ ଏବଂ ଏମ ଜ୍ୟୋତିର ଆଦିତ୍ୟ ଡୋରା ତୃତୀୟ ସ୍ଥାନ ଅଧିକାର କରିଥିଲେ. ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ନର୍ସରୀ ର ଇଛିକା ଚାନ୍ଦ ପ୍ରଥମ, ରୁଦ୍ରାଂଶ ମହାରଣା ଦ୍ୱିତୀୟ, ଇଶାନି ମିଶ୍ର ତୃତୀୟ ହୋଇଥିଲେ, ସେହିପରି ଏଲକେଜି ଓ ୟୁକେଜି ର ଅଦ୍ୱିକ ପଣ୍ଡା ପ୍ରଥମ, ସୌରଭ ସାହୁ ଦ୍ୱିତୀୟ, ଦେବାଂଶୀ ପ୍ରଧାନ, ସ୍ୱୟଂଶ୍ରୀ ସମନ୍ୱିତା ଲେଙ୍କା ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହିପରି ଷ୍ଟାଣ୍ଡାଡ଼ ୨,୩,୪ ରେ ପ୍ରିୟଂଶୀ ବେହେରା ପ୍ରଥମ, ରୋଭାଂଶ ଟି ଦ୍ୱିତୀୟ, ଏମ ଜ୍ୟୋତିର ଆଦିତ୍ୟ ଡୋରା ଏବଂ ଅନିଶା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ. ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ରିନା ରାୟ, ରାଜକୁମାରୀ କୁଣ୍ଡୁ,କବିତା ଦାସ,ସୁପ୍ରଭା ମହାନ୍ତି,ମିନା ରାଣୀ ବିଶ୍ୱାଳ ପରିଚାଳନା କରିଥିଲେ। ସେହିପରି ପୁରୀ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ୮୦ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସିଂଖୁଣ୍ଟିଆ ସକାଳ ୮.୫୫ ମିନିଟ ରେ ପ୍ୟାରେଡ଼ ପଡିଆରେ ପହଞ୍ଚିବା ପରେ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ବନ୍ଦେ ମାତରମ ଜାତୀୟ ଗୀତ ପରିବେଷଣ କରାଯାଇଥିଲା।ପରେ ମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ପରେ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ମନ୍ତ୍ରୀ ଗତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖି ଥିବା ଛାତ୍ରୀ ପ୍ରିୟଙ୍କା ମହାପାତ୍ରଙ୍କୁ,ନିଟ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୭୦ ରାଙ୍କ ରଖିଥିବା ଅନ୍ୱେଷା ସୁନନ୍ଦରାୟ ଙ୍କୁ, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପ ସିଏଚସିର ଡାକ୍ତର ଜସ୍ମିନ ଆଫ୍ରୋଜ ଙ୍କୁ,ସ୍ୱାସ୍ଥ୍ୟ ବିଭାଗ ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ ଙ୍କୁ, ନର୍ସିଂ ଅଫିସର ପୁଷ୍ପାଞ୍ଜଳି ରଣସିଂ ଙ୍କୁ, ସମଙ୍ଗା ଅଙ୍ଗନବାଡି କର୍ମୀ ଟୁନି ମହାନ୍ତି ଙ୍କୁ,ସଫେଇ କର୍ମଚାରୀ ନିଲୁ ଗୋଛୟତ ଓ ବୁଦ୍ଧିଆ ନାଏକ ଙ୍କୁ,ଆନ୍ତର୍ଜାତୀୟ ଓ ଜାତୀୟ କ୍ରିଡା ରେ ସଫଳ ହୋଇ ଥିବା ଖୋ ଖୋ କ୍ରୀଡାବିତ ଓ ହ୍ୟାଣ୍ଡବଲ ଖେଳାଳିଙ୍କୁ, ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ପାରେଡ ରେ ସିନିୟର ଏନସିସି ରେ ଶ୍ରେଷ୍ଠ ସୂରଜ ମଲ୍ଲୁ ଶାହା ମହାବିଦ୍ୟାଳୟ ଟିମ ଙ୍କୁ,ଜୁନିୟର ଡିଭିଜନ ଏନସିସି ବାଳକରେ ପୁରୀ ଜିଲ୍ଲା ସ୍କୁଲ ଜୁନିୟର ଡ୍ରିଙ୍ଗ,ଜୁନିୟର ଏନସିସି ବାଳିକା ରେ ସେଣ୍ଟ ଜାଭିୟର ହାଇସ୍କୁଲ ଜୁନିୟର ଡ୍ରିଙ୍ଗ ଙ୍କୁ, ସ୍କାଉଟ ରେ ପୁରୀ ଜିଲ୍ଲା ସ୍କୁଲ ବାଳକ, ଗାଇଡ ରେ ବିଶ୍ୱମ୍ଭର ବିଦ୍ୟାପୀଠ ଓ ଶୃଙ୍ଖଳିତ ଦଳ ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ସିନିୟର ଡିଭିଜନ ଏନସିସି ଙ୍କୁ ପୁରସ୍କୃତ କରିଥିଲେ।ଶେଷରେ ପୁନଶ୍ଚ ବନ୍ଦେ ମାତରମ ଓ ଜାତୀୟ ସଂଗୀତ ପରିବେଷଣ ପରେ ପ୍ୟାରେଡ଼ ପଡିଆ ରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।ପ୍ୟାରେଡ଼ କମାଣ୍ଡର ଚିତ୍ତରଞ୍ଜନ ମହାନ୍ତି ଙ୍କ ନେତୃତ୍ୱରେ ୪୮ ଗୋଟି ଦଳ ପ୍ୟାରେଡ଼ ରେ ଅଂଶଗ୍ରହଣ କରିଥିଲେ।ପରେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉତ୍କଳ ବାଳାଶ୍ରମ ର ଅନ୍ତେବାସୀ ଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ରୋଗୀ ମାନଙ୍କୁ ଫଳ ବଣ୍ଟନ ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ,ରୋଗୀ ମାନଙ୍କୁ ଫଳ ବଣ୍ଟନ ସହ ସଞ୍ଜିଳନୀ କକ୍ଷରେ ଏକ ରକ୍ତ ଦାନ ଶିବିରକୁ ଉଦଘାଟନ କରିଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ,ଡିଏଫଓ ମଗର ଧନଜୀ ରାଓସୋ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପଟି,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅନ୍ୟାନ୍ୟ ଅଧିକାରୀ , ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ।

୮୦ ତମ ସ୍ୱାଧୀନତା ଦିବସରେ ଦେଶାତ୍ମକ ବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭାରତୀୟମ' ପରେଡ୍ ଲସରକ୍ଷୟ ରେ ପ୍ରଦର୍ଶନ କରାଯାଇଛି କ୍ଷ ପୁରୀ ତଥା ରାଜ୍ୟର ପ୍ରମୁଖ କଳାକୁ ସ.ର ସାହିଯାତ, ଓଡିଶୀ, ଗୋଟିପୁଅ, ସମ୍ବଲପୁରୀ, ଘୋଡାନାଚ, ପାଇକ ଆଖଡା, ବଡି ବିଲଡ଼ିଂ, tribal dance ଆଦି ସ୍ଥାନିତ କରାଯାଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରାୟ ୩୦୦ କଳାକାର ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

ସେହିପରି ୨୦ ନମ୍ବର ୱାର୍ଡ ପେଣ୍ଡକଟା ପେଟ୍ରୋଲ ପମ୍ପ ପାଖ ଜେଏସସି ଫୁଡସ୍ ବିଚ୍ ରୋଡ ଠାରେ ୮୦ ତମ ସ୍ୱାଧୀନତା ଦିବସ ଆନନ୍ଦ ଉଲ୍ଲାସର ସହ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥ ଭାବେ ବରିଷ୍ଠ ବିଜେଡି ନେତା ବିଜୟ କୁମାର ମିଶ୍ର, ସମାଜସେବୀ କେ.ପ୍ରସନ୍ନ କୁମାର, ସି.ଏଚ.ରାମଣା, କେ.ଡାଡାରାଓ, ୱାଇ ଆପଲ ରାଜୁ, ସଞ୍ଜୀତ ସିଂହ,,ଜି.ଚନ୍ଦ୍ରା ରାଓ, ଏମ କୃଷ୍ଣା, ଇ. ଆପଲରାଜୁ,କାର୍ତ୍ତିକଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଦେଶ ପାଇଁ ବଳି ଦେଇଥିବା ମହାପୁରୁଷ ମାନଙ୍କ କଥା ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥ ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଅଟଳ ବିଚାର ମଞ୍ଚ ପକ୍ଷରୁ ପୁରୀ ଡାକ୍ତରଖାନା ଛକ ଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମଞ୍ଚର ଅଧକ୍ଷ ବିନୟ ନୃସିଂହ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତୋଳନ କରି କହିଲେ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କୁ ଶ୍ରଦ୍ଧାପୂର୍ବକ ସ୍ମରଣ କରିବା ସହ ଦେଶ ୨୦୪୭ ମସିହା ସୁଦ୍ଧା ବିକାଶିତ ରାଷ୍ଟ୍ରଭାବେ ପରିଗଣିତ ହେବା ଦେଶ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସ ଆମକୁ ଉତ୍ସାହିତ କରୁଛି ଆମେ ଆଜି ଗର୍ବିତ ଆମ ଭାରତ ବର୍ଷରେ ଶାନ୍ତି,ଭାଇଚାରା ପ୍ରତିବଦ୍ଧତା ରହିଛି । କାର୍ଯ୍ୟକ୍ରମରେ ରାଜକିଶୋର ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ପ୍ରଶାନ୍ତ ଭୁଆଁ, ଅମର ଆନନ ପଟ୍ଟନାୟକ, ବାପି ସାହୁ, ବିଷ୍ଣୁ ଦାସ, ରମେଶ ଚନ୍ଦ୍ର ଦାସ,ସମ୍ପାଦକ ବିଶ୍ୱନାଥ ପଣ୍ଡା, ଜଗନ୍ନାଥ ଷଡ଼ଙ୍ଗୀ,ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ନାରାୟଣ ପାତ୍ର, ଜଞ୍ଜେଶ୍ୱର ମହାନ୍ତି , ପ୍ରବୀକ୍ଷା ମହାନ୍ତି, କାଳିଆ ପ୍ରଧାନ, ପ୍ରସନ୍ନ କୁମାର ଗୋଛିକାର ପତାକା ଉତୋଳନ ସମୟରେ ଉପସ୍ଥିତ ଥିଲେ।

ସେହିପରି ପୁରୀ ଅଠରନଳା ସ୍ଥିତ ଶ୍ୟାମାଶ୍ରୀ ମଲ୍ଟି ସ୍ପେସିଆଲିଟି ହସପିଟାଲ ପକ୍ଷର ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ହସପିଟାଲର ନିର୍ଦ୍ଦେଶକ ଆଇନଜୀବୀ ବିନୟ ନୁରସିଂହ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତୋଳନ କରି ଥିଲେ। । କାର୍ଯ୍ୟକ୍ରମରେ ହସପିଟାଲର ଅଧକ୍ଷା ଡଃ ଦୀପସ୍ମିତା ରାୟ, ଶ୍ରୀମନ୍ଦିର ସେବାୟତ ବିନାୟକ ଦାସ ମହାପାତ୍ର, ପୂର୍ବତନ ପୌର ସଦସ୍ୟ ଘନଶ୍ୟାମ ମର୍ଦ୍ଦରାଜ, ରବିନାରାୟଣ ଦାଶଙ୍କ ସମେତ ହସପିଟାଲ ସମସ୍ତ କର୍ମଚାରୀ ପତାକା ଉତୋଳନ ସମୟରେ ଉପସ୍ଥିତ ଥିଲେ।

ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ବାଘ ଆଖେଡା ମଠ ପରିସରରେ ପାଳିତ ହୋଇଯାଇଛି। ଅତିଥିଭାବେ ପ୍ରାଧାପକ ଦେବରାଜ ପ୍ରଧାନ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ମଞ୍ଚ ର ଅଧକ୍ଷ ଡ଼ କାର୍ତ୍ତିକ କୁମାର ଦାସ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ମନୋଜ କୁମାର ଦିକ୍ଷାତି , ଆଇନାଜୀବି ବିନୟ ନୁରସିଂହ ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ମହାନ୍ତି, ଗୁଣ୍ଡିଚା ବରାଳ ସମ୍ପାଦକ ଦେବେନ ଦାଶ, କୋଷଧକ୍ଷ ଗୋଲକ ଚନ୍ଦ୍ର ଜେନା ଙ୍କ ସମେତ ୫୦ ରୁ ଉର୍ଦ୍ଧ ସଦସ୍ୟ ଯୋଗଦେଇ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହିଦମାନଙ୍କର ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ସ୍ମରଣ କରି, ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ଆମେ ସମସ୍ତେ ସଙ୍କଳ୍ପବଦ୍ଧ ନେବା ଆବଶ୍ୟକ ମତବ୍ୟକ୍ତ କରିଥିଲେ।

ପୁରୀ (ବ୍ୟୁରୋ): ସଦରବ୍ଲକ ପିତେଇପୁର ଛକ ସ୍ଥିତ ୱାଟର ପାର୍କ ଛକ ନିକଟରେ ପୁରୀ ସଦର ବ୍ଲକ କୃଷକ ସଂଗଠନ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜାତୀୟ ପତାକା ଉତ୍ତୋଳନ, ସହିତ ଜାତୀୟ ସଙ୍ଗୀତ ଗାନ ଏବଂ ବନ୍ଦେ ମାତରଂ ଗାନ କରାଯାଇ ସହୀଦ ମାନଙ୍କ ବଳିଦାନ ତଥା ସ୍ମୃତିଚାରଣ କରାଯାଇଥିଲା ?। ଏଥିରେ ବିଭିନ୍ନ ପଞ୍ଚାୟତ ଯଥା ଚାଲିଶବାଟିଆ, ବାଲିପଡା, ଗଡ ମୃଗଶିରା, ଜମାରସୁଆଁ, ବାଲିପୁଟ,ରାୟଗୋରଡା, ଓ ବୀର ହରେକୃଷ୍ଣପୁରର କୃଷକ ନେତା ଆର୍ତ୍ତବନ୍ଧୁ ମିଶ୍ର, ବ୍ରଜରାଜ ବେହେରା, ଅରକ୍ଷିତ ବାରିକ, କୈଳାସ ଜେନା, ଅପର୍ତ୍ତି ପ୍ରଧାନ, ସୁରେନ୍ଦ୍ର ପାଇକରାୟ, ଦେବବ୍ରତ ମହାନ୍ତି, ସତ୍ୟନାରାୟଣ ଶତପଥୀ, ଅତୁଲ୍ୟ ବେହେରା, ନରେଶ ଚନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଓ ଗଙ୍ଗାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପତାକା ଉତ୍ତୋଳନ ପରେ ଏକ ସାଧାରଣ ସଭା କରାଯାଇ କୃଷକ ମାନଙ୍କର ବିଭିନ୍ନ ସମସ୍ୟା ଯଥା ଧାନ ମଣ୍ଡିରେ ରେଜିଷ୍ଟ୍ରେସନ ସମସ୍ୟା, ସାର ଅଧିକ ଦରରେ ବିକ୍ରୀ ଓ ଅନ୍ୟାନ୍ୟ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଆଗକୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ, ପୁରୀ ଙ୍କୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା ।

ପୁରୀ (ବ୍ୟୁରୋ): ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ପୁରୀ ଓ ଶ୍ରୀ ବିନାୟକ ବ୍ୟବସାୟୀ ସଂଘ ମିଳିତ ଆନୁକୂଲ୍ୟରେ ତାଳଚରଖାନା ଛକ ଠାରେ ୮୦ ତମ ସ୍ୱାଧୀନତା ଦିବସ ମହାସମାରୋହ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ସଭାପତି ପ୍ରସନ୍ନ ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି କହିଲେ ତ୍ରିରଙ୍ଗାର ସମ୍ମାନ ପାଇଁ ନିଜର ସର୍ବୋଚ୍ଚ ବଳିଦାନ ଦେବାକୁ ବି ପଛାଇ ନାହାନ୍ତି ଭାରତର ବୀରସନ୍ତାନ । ବିଶ୍ୱର ସର୍ବାଧିକ ଜନଶକ୍ତି ତ୍ରିରଙ୍ଗା ପତାକା ତଳେ ଏକତ୍ର ହୋଇ ସ୍ୱାଧୀନତାର ଜୟ ଗାନ କରୁଛନ୍ତି ବୋଲି ଶ୍ରୀ ହୋତା କହିଥିଲେ । ସମ୍ମାନିତ ଅତିଥି ଭାବେ ସମ୍ପାଦକ ପ୍ରମୋଦ କୁମାର ରାଏ, କୋଷାଧକ୍ଷ ମୁକ୍ତିକାନ୍ତ ଦାସ ଓ ବିନାୟକ ବ୍ୟବସାୟୀ ସଂଘ ପୁରୀ ସଭାପତି ସନ୍ଦୀପ କୁମାର ଦାଶ ସମ୍ପାଦକ ନାଗେଶ୍ୱର ପାତ୍ର, କୋଷାଧକ୍ଷ କାଲୁ ପ୍ରଧାନ, ଉପଦେଷ୍ଟା ନବକିଶୋର ସାହୁ ଓ ସୁରେଶ କୁମାର ବାରିକ ପ୍ରମୁଖ ଯୋଗଦେଇ ଜାତୀୟ ଗୀତ ଗାନ କରିବା ସହ ପୂର୍ବ ପୁରୁଷମାନଙ୍କ ସ୍ୱାଧୀନତା ସଂଗ୍ରାମୀ ଅବଦାନ ଅତୁଳନୀୟ କହିବା ସହ ସତ୍ୟ ତ୍ୟାଗ ଓ ନିଷ୍ଠା ଓ ସାହାସର ସହ କାର୍ଯ୍ୟକରି ଦେଶର ନାମ ରଖିବା ପାଇଁ ମତବ୍ୟକ୍ତ କରିଥିଲେ । ଏଥିରେ ଯୁଗଳ କିଶୋର କାନୁନଗୋ, କେଦାର ନାଥ ପତି, ବୃନ୍ଦାବନ ପତି, ବିନୋଦ କୁମାର ପଣ୍ଡା,ହୃଦୟ ଚନ୍ଦ୍ର ମହାନ୍ତି ପ୍ରମୁଖ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସାଂସ୍କୃତିକ ବିଚିତ୍ରା ଭାରତୀୟମ୍ ପରିବେଷିତ

ପୁରୀ (ବ୍ୟୁରୋ): ଦୀର୍ଘଦିନର ସଂଗ୍ରାମ, ଅସୀମ ତ୍ୟାଗ ଓ ଆତ୍ମ ବଳିଦାନର କଷ୍ଟଲବ୍ଧ ସାଧନା ହେଉଛି ସ୍ୱାଧୀନତା । ସ୍ୱାଧୀନ ଭାରତବର୍ଷ । ଜନନୀ ଓ ଜନ୍ମଭୂମି ସ୍ୱର୍ଗ ଠାରୁ ମଧ୍ୟ ଗରିୟଶୀ । ଏହି ପବିତ୍ର ବାଣୀ ହେଉଛି ଆମ ସଂସ୍କୃତିର ମୂଳମନ୍ତ୍ର । ଏହି ଭାବନାକୁ ନେଇ ତାଳବଣିଆ ସ୍ଥିତ ସ୍ପୋର୍ଟସ୍ କଂପ୍ଲେକ୍ସ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳନ ଅବସରରେ 'ଘରଘର ତ୍ରୀରଙ୍ଗା' କୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ ବିଚିତ୍ରା 'ଭାରତୀୟମ' ପରିବେଷଣ କରାଯାଇଥିଲା । ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ରାଜ୍ୟ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ଙ୍କ ସମେତ ବରିଷ୍ଠ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ହଜାର ହଜାର ଜନତା ଏହାକୁ ଅବଲୋକନ କରିଥିଲେ। ଏହି ସାଂସ୍କୃତିକ ବିବିଧତା ରେ ଶ୍ରୀକ୍ଷେତ୍ରର ସାହିଯାତ ମେଢ଼, ରେବେଣା ନୂଆ ଗାଁ ର ପାଇକ ଆଖଡ଼ା, ଐତିହ୍ୟଗ୍ରାମ ରଘୁରାଜପୁର ର ଗୋଟିପୁଅ ନୃତ୍ୟ ସ୍ଥାନ ପାଇଥିବା ବେଳେ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓଡ଼ି ଶୀ, ସମ୍ବଲପୁରୀ, ରାଜସ୍ଥାନୀ, ଘୋଡ଼ା ନାଚ, ବଡ଼ିବିଲଡିଂ (ସୁନ୍ଦର ସ୍ୱାସ୍ଥ୍ୟ), ମ୍ୟାଜିକ,ପାରା ଉଡ଼ା ଆଦି କରାଯାଇଥିଲା।ଯାହା ଉପସ୍ଥିତ ଜନସାଧାରଣ ଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସଂଗୀତରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନେ ଅଂଶଗ୍ରହଣ କରିଥିବାବେଳେ ଶିଶୁ କଳାକାର ମାନେ ଉତ୍କଳର ବରପୁତ୍ରଙ୍କୁ ନେଇ ବିଭିନ୍ନ ବେଶରେ ଉପସ୍ଥିତ ଥିଲେ । ପ୍ରାୟ ତିନିଶହ କଳାକାରଙ୍କୁ ନେଇ ଅନୁଷ୍ଠିତ ଏହି ଏକତାର ପ୍ରତୀକ ମନୋଜ୍ଞ କାର୍ଯ୍ୟକ୍ରମକୁ ସଂଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ର ନିର୍ଦ୍ଦେଶନା ଦେଇଥିବା ବେଳେ ନୃତ୍ୟ ନିର୍ଦ୍ଦେଶକ ଅମିତ କୁମାର ଚାଟର୍ଜୀ କୋରିଓଗ୍ରାଫି କରିଥିଲେ । ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଓ ପ୍ରଦ୍ୟୁମ୍ନ କୁମାର ମିଶ୍ର ଏହାକୁ ସଂଯୋଜନା କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା

ମନୁଆ ଦେବତା

ମିନତି ମିଶ୍ର

କଳିଯୁଗରେ ମଣିଷ ଭଗବାନଙ୍କୁ ଭିନ୍ନ ରୂପରେ ପାଇଛି ମଣିଷ କେବଳ ଭଗବାନଙ୍କୁ ଭଲପାଏ ବା ଭକ୍ତି କରେ ନାହିଁ, ଭଗବାନ ମଧ୍ୟ ନିଜେ ସୃଷ୍ଟି କରିଥିବା ମଣିଷ କୁ ବୋଧହୁଏ ବହୁତ ଭଲପାଆନ୍ତି ବୋଲି ଜଣାପଡେ । ସେଥିପାଇଁ ସବୁପ୍ରକାର ଜ୍ଞାନ, କର୍ମ, ଧର୍ମ, ଭାବନା ଚିନ୍ତନକୁ ମଣିଷ ଦେହରେ ଦେଇ ଜନ୍ମ ଦେଇଛନ୍ତି ମଧ୍ୟ । ତେଣୁ ଭଗବାନ ଓ ମଣିଷଙ୍କର ଅପୂର୍ବ ମିଳନ ଦେଖିବାକୁ ମିଳେ । କେତେବେଳେ ବହୁତ କିଛି ଦେବାନେବା ଓ ଭାବ ଭକ୍ତିର କଥା ବୁଝିପାରନ୍ତି, କେବେ ପରୀକ୍ଷାର ଅନ୍ତ ଘଟେ ନାହିଁ ଜନ୍ମ ର ଅନ୍ତଘଟେ ନିଜେ ନିଜର ସୃଷ୍ଟି, ନିଜେ ନିଜର ବିଲୟ, ନିଜେ ନିଜର ମନ୍ତରେ ମନ୍ତ ରେ ମନ୍ତିତ ହୋଇଥାନ୍ତି । ସବୁକିଛି ନିଜେ ନିଜର ନିର୍ଦ୍ଦିଷ୍ଟ କରିଥାନ୍ତି । ସେ ଆଉ କେହି ନୁହଁନ୍ତି ଆମର ଆରାଧ୍ୟ ଦେବତା ରାଜଧୀରାଜ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କର ନୀତିକାନ୍ତି ସମ୍ପୂର୍ଣ୍ଣ ଭିନ୍ନ । ସବୁଠାରୁ ଶ୍ରେଷ୍ଠ ହେଉଛି ତାଙ୍କର ନିର୍ମାଲ୍ୟ କଣିକା । ଅଦ୍ଭୁତ ତାର ମହାନତା, ଯାହା ଚାଉଳରୁ ଭାତ ଏଠି ପ୍ରସାଦ ନୁହେଁ ମହାପ୍ରସାଦ ହୁଏ । ସେଇ ମହାପ୍ରସାଦ କୁ ଅବଢ଼ା ଖଳାରେ ଶୁଖିଗଲେ ହୁଏ ନିର୍ମାଲ୍ୟ କଣିକା ସେ କଣିକାର ମହତ୍ୱ ଓ ମାହାତ୍ମ୍ୟତା ଏତେ ଅଧିକା ଯେ ପ୍ରତ୍ୟେକ ଶୁଭ ଓ ଅଶୁଭ କାମରେ ଦରକାର ହୋଇଥାଏ ଏଠି କିନ୍ତୁ ମନୁଆ ଦେବତା ବୋଲି ବିଶ୍ୱବ୍ରହ୍ମାଣ୍ଡ ର ନାଥ ସ୍ୱଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୁହାଯାଏ ଏହାର ଅନେକ ଉଦାହରଣ ଦେଖିବାକୁ ମିଳେ । କାରଣ ତାଙ୍କ ମନ ନହେଲେ ଏ ଚର୍ମଚକ୍ଷୁ ମଣିଷ କିଛି ବି କରିପାରିବ ନାହିଁ । ବେଳେବେଳେ ଛୋଟ ପିଲା ହୋଇ ଖେଚୁଡ଼ି ଖାଇବା ପାଇଁ ଭକତ ପାଖରେ ଯାଇ ପଂହଞ୍ଚି ଯାଆନ୍ତି । କେବେ ଶ୍ରୀମନ୍ଦିରରୁ ବାହାରକୁ ଅସି ବିଡ଼ିଆ ପାନ ମଧ୍ୟ ଖାଇଛନ୍ତି । କେବେ ଭକ୍ତକୁ ନିଜର ପୁନାଥାଳିର ଭୋଗ ଦେଇ ଭକ୍ତକୁ ମାଡ ଖୁଆଇଥାନ୍ତି କେବେ ମାତ୍ର ଗୋଟିଏ ନଡ଼ିଆ ନେବା ପାଇଁ ଅଧାଗଢା ହାତକୁ ଲମ୍ବାକରି ବଢ଼େଇ ଦିଅନ୍ତି । ଏମିତି ତ କେତେ କଥା ଜଣାଶୁଣା ଅଛି । ଏସବୁ ଭାବଭକ୍ତିର କଥା, କିନ୍ତୁ ନିଜ ଇଚ୍ଛାରେ ଦାରୁଦେବତାଙ୍କର ସୃଷ୍ଟି ରୂପ ତାଙ୍କର, ଲୀଳା ମଧ୍ୟ ତାଙ୍କର ସବୁଠାରୁ ବଡ଼କଥା ହେଲା କେତେକ ସମୟରେ ନିଜର ଅଭିମାନ କୁ ତାଙ୍କ ଭକ୍ତ ପାଖରେ ଦେଖାଇ ଥାନ୍ତି କେବେ ସ୍ୱପ୍ନ ଦ୍ୱାରା ତ କେବେ ନିଜେ ଯିଦ କରି ଗୋଟିଏ ସ୍ଥାନରେ ଅଟକି ଯାଆନ୍ତି । ଅଟକି ଯିବାର କାରଣ କେବେ କେଉଁଠି ଭକ୍ତଟିଏ ଅଟକି ରହିଯାଇଥାଏ । ଲୀଳାମୟଙ୍କର ଅପୂର୍ବ ଲୀଳା କେବଳ ଭକ୍ତର ଭାବ ଓ ଭକ୍ତିର ମହାମିଳନର କଥା । ସବୁ କେବଳ ତାଙ୍କ ମନରେ ଚାଲେ । ମନୁଆ ଦେବତାଙ୍କର ମନ ନ ହେଲେ ଗୋଟିଏ ଟିପ ବି ଘୁଞ୍ଚେଇ ପାରିବେ ନାହିଁ । ଏଇ ମଣିଷ କେବେ ବୁଝିନପାରି ଭାବେ ସବୁକିଛି ମୁଁ କରୁଛି ।ମଣିଷ ଗର୍ବ ରେ ଏ କଥା ଭାବିବା ବେଳେ ପ୍ରଭୁ ଅତି ସହଜରେ ଓ ଅଭିମାନରେ ବୁଝେଇ ଦେଇଥାନ୍ତି । ସେ ଅଭିମାନକୁ ମଣିଷ ବୁଝିଗଲେ ଆଖିରୁ ଧାରଧାର ହୋଇ ଲୁହ ଗଡିଆସେ।

ମଣିଷର ଶକ୍ତି ଏଠି କାମ କରେନି, କିନ୍ତୁ ମଣିଷର ଭକ୍ତିରେ ସେ ତରଳିଯାଆନ୍ତି। ପଭାନଥିବା ଆଖିକୁ ମଣିଷ ଥରେ ଅକୁଳିଆ ଚାହାଁଣିରେ ଚାହିଁ ଯଦି ଦୁଇ ଆଖିରୁ ଦୁଇଠୋପା ଲୁହ ଗଡେଇ ଦିଏ ତେବେ ଜଗତକର୍ତ୍ତାଙ୍କ ମନ ସାଙ୍ଗେସାଙ୍ଗେ ତରଳିଯାଏ । ବୋଧହୁଏ ସେମିତି କିଛି ହେଲା।ମହାପ୍ରଭୁ ବାହାରି ଆସିଲେ ପତିତ ଜନଙ୍କୁ ଦର୍ଶନ ଦେବାପାଇଁ ପ୍ରତିଟି ସମୟ ରେ ସର୍ବଜ୍ଞାତଙ୍କ ନିକଟରେ କେବଳ ସେବକ ମାତ୍ର ତାଙ୍କ ନିକଟରେ ମୁଣ୍ଡ ନୁଆଇଁ ଦେଲେ ଆପେ ଆପେ ତାଙ୍କର ଅଧାଗଢା ଲମ୍ବହାତକୁ ବଢ଼ାଇ ଆଶୀର୍ବାଦ ଦେଇଥାନ୍ତି । ବିଚିତ୍ର ଲୀଳାର ବିଚିତ୍ରତା କେବଳ ସେଇ ମନୁଆ ଦେବତାଙ୍କୁ ଜଣା । ଆମେ ନାମକୁ ମାତ୍ର ।

ଦୋଳମଣ୍ଡପ ସାହି, ପୁରୀ
ମୋ-୯୭୨୯୯୩୩୭୮

ସ୍ୱାଧୀନତା ସ୍ୱର ମୂଳମନ୍ତ୍ର

ଡ.ସସ୍ମିତା ମିଶ୍ର

ଦେଶ ପାଳିବାକୁ ସଜ ସ୍ୱାଧୀନତା ଅଶୀ ବରଷ
ସ୍ୱାଧୀନ ଶବ୍ଦର ଅର୍ଥ
ମନେ ଜାଗେ ଯାତନା ବିରସ
ନାହିଁ କାହା ସାହସ ଦୁର୍ନୀତିର ଭାଗୀଦାର
ବାଣ୍ଟି ଚାଲେ ପିୟୁସ
ହେଉ ପଛେ ସେ ବିଷ।
ସ୍ୱର୍ଗ ଏଠି ନର୍କ, ଦେବତା ମିଳନ୍ତି ଜରା ନିବାସରେ
ଶିଶୁ ପାଇଁ ଗଢ଼ିଲାଣି
ଚାଇଲୁ କେୟାର ସହର ମଧ୍ୟରେ।
ମନେ ପ୍ରଶ୍ନ ଉଙ୍କି ମାରେ
କିଏ ଏଠି ସ୍ୱାଧୀନ କେଉଁଠି ମିଳୁଛି ଏ
ସ୍ୱାଧୀନତା ସୁଲଭ ମୂଲ୍ୟରେ।
ସେବା ନାମେ ନେବା ଚାଲେ ଦଳ ସଂଗଠନ
ସ୍ୱର ଉତ୍ତୋଳନ କଲେ ମିଳିବ କଷଣ
ଏ କି ସ୍ୱାଧୀନତା ମାନ !
ଦେଶ ମୋ ମହାନ୍।
ହସୁଛି ରେବତୀ ଦେଖି ଶଷ୍ଠା ରାଜନୀତି
କେତେଦିନ ଚାଲିବ ଏ ସମାଜେ ଦୁର୍ନୀତି
ନାରୀଶିକ୍ଷା ନାରୀ ପ୍ରଗତି
ନାରୀ ସଶକ୍ତିକରଣ ସମାଜରେ ଲମ୍ଫଟ ପୁରୁଷ
ବାରି ହୁଏ ଶୃଗାଳର ଗନ୍ଧ ଭଣଭଣ।
ମଶାଣି ଜୁଇରେ କୁହୁଳି
ଆହ୍ୱାନ କରୁଛି ସେ ମାଟିର ଲଳନା
ମାଟିର ଲଳନା ନୁହେଁ ଅଗ୍ନି କନ୍ୟା
ଜଳି ନାହଁ ଦେଇଅଛି ଜାଳି
ଦୁଃଶାସନ ରଚିଥିଲା ଯେତେକ ଛଳନା।
ଛଦ୍ରିମ ତରଙ୍ଗରେ ଥରାଇଲା
ମହୀ, ବ୍ୟାସଙ୍କ ରେବତୀ ନୁହେଁ ଭୋଗ୍ୟବସ୍ତୁ
ସଂଗ୍ରାମୀ ସାଜିଛି ଜୁଇ ପରେ ଶୋଇ
କନ୍ୟାର କଷଣ ଦେଖି ଯେସନେ ବସୁଧା
ହୃଦଫାଡ଼ି କୋଳ କଲେସତୀ ମାତା ସୀତା ଅଗ୍ନିକନ୍ୟା
ଅଗ୍ନି କୋଳକୁ ଫେରିଛି।
ସମାଜର କରୁଣ ଚିତ୍କାର
ବୁକୁଥରା ଦୃଶ୍ୟ ଭୂମିରୁ ଭୂମା ଯାଏଁ
ପରିବ୍ୟାପ୍ତ ଲେଲିହାନ ଶିଖା କ୍ୱାଳାମୁଖୀ ସାଜି
କରିବ ନିପାତ ଅଜ୍ଞାୟୁଷ ସ୍ୱର୍ଗ ପାରିଜାତ
ଭୁରୁଭୁରୁ ସୁଗନ୍ଧରେ
ବାସ ବିତରିବ ଅକାଳରେ ଝରିଯିବ
ସଂହାରିବ ଦୈତ୍ୟ।
ନାରୀ ନୁହେଁ ବାରଙ୍ଗନା ଅବଳା ଦୁର୍ବଳା
ବୀରଙ୍ଗନା ରାଣୀ ଲକ୍ଷ୍ମୀବାଈ
ଇତିହାସ ରଚି ହାତେ ଧରି ଖଡ୍ଗ
ଆହ୍ୱାନ କରୁଛି ଆସ ଆସ
ଉତ୍ତରସୂରୀ ଧର ହାତେ ଅସ୍ତ୍ର
କଙ୍କାର ଜବାବ୍ ଦିଅ କଙ୍କା ବଦଳରେ
ଏହି ଏକା ସ୍ୱାଧୀନତା ସ୍ୱର ମୂଳମନ୍ତ୍ର ।

ଧ୍ରୁବ ଜ୍ୟୋତିଷ
ଗବେଷଣାକେନ୍ଦ୍ର, ପୁରୀ,
ମୋ-୯୪୮୩୭୧୪୨୮୦

ସ୍ୱାଧୀନ ଭାରତ

ଅରୁଣିମା ନନ୍ଦ

ସ୍ୱାଧୀନ ସ୍ୱାଧୀନ ଆମେ ରେ ସ୍ୱାଧୀନ
କିଏ ଅଛି ଆମ ସରି
ଆମ ଆଡ଼େ କିଏ ଆଖି ଉଠାଇଲେ
ବୁକୁ ଦେବୁ ଚାର ଚିରି।
ମୋ ଦେଶ ଯବାନ ସବୁଠୁ ମହାନ୍
ଯିବୁ କୁହ କିଆଁ ଡରି
ରକ୍ତ ବୁହାଇବୁ ନୋହିଲେ ମରିବୁ
ଆସିବୁନି କେବେ ଫେରି ।
ଶପଥ ଆମର ଆମେ ସବୁ ବୀର
ଦେଶ ସେବା କରି କରି
ହାରିବୁ ଜୀବନ ସତ୍ୟ ଏ ବଚନ
ଗାନ୍ଧୀ ପଥ ଅନୁସରି।
ସ୍ୱାର୍ଥ ପାଇଁ କରିବୁ ଲଢ଼େଇ
ତ୍ରିରଙ୍ଗା ପତାକା ଧରି।
ନିଃଶେଷ ଶତ୍ରୁର ନିଃଶ୍ୱାସ
ରକ୍ତ ପଛେ ଯାଉ ଝରି ।।
ହଳ ମୁନରେ ଏ ଦେଶ ବକ୍ଷରେ
ସୁନାର ଫସଲ ଭରି
କରୁଥିବୁ ଗାନ 'ଜନ ଗଣ ମନ '
ବୀର ସୈନିକ ପରି ।।

ଏକତାମନ୍ତ୍ରରେ ଏକାକାର

ସୁଜିତ କୁମାର ମିଶ୍ର

ବନ୍ଦୀ ଗହ୍ୱରରେ ଆତଙ୍କୀ ଅନ୍ଧାରେ ବେଦନାର ରୁଦ୍ରତାଡି,
ଲୁହଲହୁ ଗୀତ ଲହରୀରେ ଚିତ୍ତ ଲକ୍ଷେ ଶୋଷଣର ରାତି।
ଦରଦୀ ଡାକରା ଛାତିର ଛୁଆଁରେ ଦ୍ରୋହର ଶାଣିତ ସ୍ୱର,
ଏକରୁ କୋଟିଏ ଏକତା ମନ୍ତରେ ଅନୁରାଗେ ଏକାକାର।
କର ଅବା ମର ଆଦର୍ଶ ବିଚାରେ କୂଳ ଲଙ୍ଘିଲା ସେ ନଇ,
ଅସହଯୋଗର ଅସହ୍ୟ କଷଣେ ଆମ୍ ଦହନର ଛାଇ।
ମଗ୍ନ ତପସ୍ୱୀଙ୍କ ମରମ ଲେଖା ସେ ମଧୁଝରା ମୋହଗୀତି,
ଚରମ ନରମ ନୀତିର ବର୍ଷାରେ ଚେତନାର ଚୋରା ପ୍ରୀତି ।
ମୁକ୍ତିର ଉତାଣ ମନ୍ତ୍ର ଉଚ୍ଚାରଣ ମହା ଅଙ୍ଗୀକାର ଭାବ,
ସ୍ୱଦେଶୀ ଚିନ୍ତନ ପ୍ରବଣ ଧାରାରେ ସମୁଜ୍ଜ୍ୱଳ ବଇଭବ।
ଭାରତଛାଡର ନାରା ନା ନୀରୁତା ବଶୀଭୂତ ଦେଶଭକ୍ତି ?
ଗୋରାରାଜ ଯହିଁ ବିଲୁପ୍ତ ଆଶାର ଗନ୍ଧହୀନ ସ୍ୱପ୍ନ ଜ୍ୟୋତି।
ଶ୍ରଦ୍ଧାର ଶ୍ରାବଣ ଛିଞ୍ଚାରେ ସରାଗ ସାଗରର ହୀରା ମୁକ୍ତା,
ବୋଧେ ସେଥିପାଇଁ ବିମୁଗ୍ଧ ଫଗୁଣ ଭରା ଆମ 'ସ୍ୱାଧୀନତା'।

କେନ୍ଦୁଝର
ମୋ-୭୬୮୩୮୬୭୭୪୨

ଲକ୍ଷ୍ମୀନାରାୟଣ ପୂଜା

ଯେକୌଣସି ମାସର ଲକ୍ଷ୍ମୀପୂଜା, ବିଶେଷକରି ମାର୍ଗଶିର ମାସର ଲକ୍ଷ୍ମୀପୂଜା କେବଳ ଦେବୀଲକ୍ଷ୍ମୀଙ୍କର ପୂଜା ବୋଲି ସାଧାରଣରେ ଗୋଟିଏ ଧାରଣା ଅଛି । ବିଶେଷକରି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' କାହାଣୀ ସହିତ ଏହା ଯୋଡ଼ା ହୋଇଥିବାରୁ ଏପରି ଧାରଣା ସୃଷ୍ଟି ହୋଇଛି । ଏହି କାହାଣୀ ଅନୁସାରେ, ଦେବୀ ଲକ୍ଷ୍ମୀ ଶ୍ରୀୟା ଚଣ୍ଡାଳୁଣୀ ଘରକୁ ଯାଇ ତାହାର ଶୁଚିତା ଦେଖି, ସେ ଆଙ୍କିଥିବା ପଦ୍ମଚିତା ଉପରେ ବିରାଜମାନ କରିଥିଲେ। ସେଥିପାଇଁ ବଡ଼ଭାଇ ବଳରାମ ରୋଷହୋଇ ତାଙ୍କୁ ବଡ଼ଦେଉଳର ବଡ଼ଘରୁ ଘଉଡ଼େଇ ଦେଲେ। ଲକ୍ଷ୍ମୀ ଯିବାବେଳେ ଅଭିଶାପ ଦେଇ ଯାଇଥିବାରୁ, ଦୁଇଭାଇ ଅନ୍ନଜଳ ନ ପାଇ ବହୁ କଷ୍ଟ ଭୋଗିଥିଲେ। ଶେଷରେ ଲକ୍ଷ୍ମୀଦେବୀ ରନ୍ଧନ କରି ଦେବାରୁ ହିଁ ସେମାନେ ଭୋଜନ କରିଥିଲେ।

ଏହା ଏକ କାଳ୍ପନିକ କାହାଣୀ ହେଲେ ହେଁ ଓଡ଼ିଆ ଜାତିର ମର୍ମରେ ଭେଦିଯାଇଛି। ଅନେକ ଏହାକୁ ସତ୍ୟ ବୋଲି ବିଶ୍ୱାସ କରି ଆସିଛନ୍ତି। କିନ୍ତୁ ଶାସ୍ତ୍ର-ଗୁରୁମାନଙ୍କରେ ସ୍ପଷ୍ଟ ଉଲ୍ଲେଖ ଅଛି, ଯେ ଲକ୍ଷ୍ମୀ-ନାରାୟଣ କେବେ ବି ଅଭିନ୍ନ ନ ଥାନ୍ତି। ଦେବୀ ଲକ୍ଷ୍ମୀଙ୍କର ପ୍ରକୃତ ନିବାସ ନାରାୟଣଙ୍କର ବକ୍ଷସ୍ଥଳ ଏବଂ ଯେତେବେଳେ ମହାପ୍ରଳୟ ହୋଇ ସମଗ୍ର ସୃଷ୍ଟି ପ୍ରଳୟ ଜଳରେ ନିମଜ୍ଜିତ ହୋଇଯାଏ, ସେତେବେଳେ କେବଳ ନାରାୟଣ ରହିଥାଆନ୍ତି ଏବଂ ଦେବୀ ଲକ୍ଷ୍ମୀ ତାଙ୍କର ବକ୍ଷସ୍ଥଳରେ ବିରାଜମାନ କରୁଥାଆନ୍ତି। 'ସ୍କନ୍ଦପୁରାଣ-ଉତ୍କଳଖଣ୍ଡ'ର ଦ୍ୱିତୀୟ ଅଧ୍ୟାୟରେ ଅଛି ଲକ୍ଷ୍ମୀଦେବୀଙ୍କୁ ଯମରାଜଙ୍କ ସ୍ତୁତି। ଏହା ଅନୁସାରେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ରରେ ତାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି ଜାଣିବା ପରେ, ଯମରାଜ ସେହି କ୍ଷେତ୍ର ରେ ନିଜର ଅଧିକାର ଦୃଢ଼ କରିବା ଉଦ୍ଦେଶ୍ୟରେ ଶ୍ରୀନାରାୟଣଙ୍କୁ ସ୍ତୁତି କରିଥିଲେ। ସେହି ସ୍ତୁତି ମଧ୍ୟରେ ଏହା ପ୍ରତିପାଦିତ ହୋଇଛି। ସେହି ସ୍ତୁତିରେ ଯମରାଜ କହିଛନ୍ତି- ହେ ନାରାୟଣ ! ହେ ଦେବଦେବ ଈଶ୍ୱର ! କମଳା (ଲକ୍ଷ୍ମୀ)ଙ୍କର ଅପାଙ୍ଗ (ନେତ୍ରଭଙ୍ଗୀ ବା ବାଙ୍କ ଚାହାଣୀ)ରେ ଆପଣଙ୍କର ନୟନ ନିୟତ ଶୋଭିତ। ଆପଣଙ୍କର ପାଦପଦ୍ମ-ଯୁଗଳକୁ ଆଶ୍ରୟ କରି ଲକ୍ଷ୍ମୀଦେବୀ ଐଶ୍ୱର୍ଯ୍ୟଶାଳିନୀ ହୋଇଛନ୍ତି ଏବଂ ତାହା ବଳରେ ହିଁ ଆଶ୍ରିତ ବ୍ୟକ୍ତିମାନଙ୍କୁ ସେ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଆନ୍ତି। ସୃଷ୍ଟିକାର୍ଯ୍ୟରେ ଆପଣଙ୍କର ପ୍ରବୃତ୍ତି ହେଲେ, ସେହି ପରାପ୍ରକୃତି ଆପଣଙ୍କଠାରୁ ଭିନ୍ନ ରୂପରେ ପ୍ରତୀୟମାନ ହୋଇ ନିର୍ବିକାର ବ୍ରହ୍ମଙ୍କର (ଆପଣଙ୍କର) ବିକାର ସଂପାଦନ କରନ୍ତି। ସେହି ସର୍ବଲକ୍ଷଣରେ ସଂପୂର୍ଣ୍ଣା, ଶୁଭଲକ୍ଷଣରେ ଲକ୍ଷିତା ଦେବୀ ଲକ୍ଷ୍ମୀ ଆପଣଙ୍କର ବକ୍ଷସ୍ଥଳରେ ସର୍ବଦା ବାସ କରିଥାନ୍ତି। ଆପଣଙ୍କୁ ପ୍ରଣାମ କରିବା ସହିତ, ସେହି ଲକ୍ଷ୍ମୀଦେବୀଙ୍କୁ ମଧ୍ୟ ମୁଁ ପ୍ରଣାମ କରୁଛି। 'ସ୍କନ୍ଦପୁରାଣ'ରେ ବର୍ଣ୍ଣିତ ଯମଦେବଙ୍କର ଏହି ସ୍ତୁତି ସୂଚାଏ, ଯେ ଦେବୀ ଲକ୍ଷ୍ମୀଙ୍କର ନିତ୍ୟନିବାସ ଶ୍ରୀନାରାୟଣଙ୍କର ବକ୍ଷସ୍ଥଳ। ଏଣୁ ତାଙ୍କର ପୂଜା ପ୍ରକୃତରେ ଲକ୍ଷ୍ମୀ-ନାରାୟଣଙ୍କର ପୂଜା।

ଅଲକ୍ଷ୍ମୀ ନାଶ ହେଉ

ଶୁତ୍‌ପିପାସାମଲାଂ ଜ୍ୟେଷ୍ଠାମଲକ୍ଷ୍ମୀଂ ନାଶୟାମ୍ୟହମ୍।
ଅଭୂତିମ ସମୃଦ୍ଧିଂ ଚ ସର୍ବାଂ ନିର୍ଣୁଦ ମେ ଗୃହାତ୍।
-'ରଗ୍‌ବେଦ', ଶ୍ରୀସୂକ୍ତ, ୮

'ରଗ୍‌ବେଦ'ର ପଞ୍ଚମ ମଣ୍ଡଳ ଅନ୍ତର୍ଗତ 'ଶ୍ରୀସୂକ୍ତ' ଦେବୀ ଲକ୍ଷ୍ମୀଙ୍କର ବର୍ଣ୍ଣନା ଓ ବନ୍ଦନା ନିମନ୍ତେ ସୁଖ୍ୟାତ। ଏହି ପନ୍ଦରଟି ମନ୍ତ୍ର ଦେବୀ ଲକ୍ଷ୍ମୀଙ୍କର ସର୍ବପ୍ରାଚୀନ ବର୍ଣ୍ଣନା ଓ ବନ୍ଦନା।

ଏହାର ପଞ୍ଚମ ଓ ଅଷ୍ଟମ ମନ୍ତ୍ରରେ ଅଛି ଅଲକ୍ଷ୍ମୀଙ୍କର ଉଲ୍ଲେଖ। ଅଲକ୍ଷ୍ମୀ ଲକ୍ଷ୍ମୀଙ୍କର ଜ୍ୟେଷ୍ଠା ଭଗ୍ନୀ। ସେ ଲକ୍ଷ୍ମୀଙ୍କର ରୂପ, ଗୁଣର ସଂପୂର୍ଣ୍ଣ ବିପରୀତ। ମା' ଲକ୍ଷ୍ମୀ ଯେତିକି ରୂପମୟୀ, ଗୁଣମୟୀ ଓ ଧର୍ମପରାୟଣା, ଅଲକ୍ଷ୍ମୀ ସେତିକି ବିରୂପା, ଗୁଣହୀନା ଓ ଅଧର୍ମପରାୟଣା। ସୃଷ୍ଟିର ପ୍ରାରମ୍ଭ କାଳରେ ସମସ୍ତ ପାପର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ତାଙ୍କର ଉଦ୍ଭବ ହୋଇଥିଲା। ଏଣୁ ଏଥିରେ ଅଲକ୍ଷ୍ମୀଙ୍କର ନାଶ ପାଇଁ ଲକ୍ଷ୍ମୀଦେବୀଙ୍କୁ ବନ୍ଦନା କରିବା ସହିତ ପ୍ରାର୍ଥନା କରାଯାଇଛି।

ପଞ୍ଚମ ମନ୍ତ୍ରରେ କୁହାଯାଇଛି- ମୁଁ ଚନ୍ଦ୍ରଙ୍କ ତୁଲ୍ୟ ଶୁଭକାନ୍ତି ସଂପନ୍ନା, ସୁନ୍ଦର ଦ୍ୟୁତିମୟୀ, ଯଶରେ ଦୀପ୍ତିମୟୀ, ସ୍ୱର୍ଗଲୋକର ଦେବଗଣଙ୍କ ପୂଜିତା, ଉଦାରଶୀଳା, ପଦ୍ମହସ୍ତା ଲକ୍ଷ୍ମୀଦେବୀଙ୍କର ଶରଣ ନେଉଛି। ସେହି ଦେବୀ ଲକ୍ଷ୍ମୀ ମୋର ଅଲକ୍ଷ୍ମୀ ବା ଦାରିଦ୍ର୍ୟ ନାଶ କରନ୍ତୁ। ଏହାପରେ, ଉପରୋକ୍ତ ଅଷ୍ଟମ ମନ୍ତ୍ରରେ କୁହାଯାଇଛି- ହେ ଦେବୀ ଲକ୍ଷ୍ମୀ ! ମୁଁ ମୋର ଗୃହରୁ କ୍ଷୁଧା, ତୃଷା, ମଳିନତା ଓ ଅଲକ୍ଷ୍ମୀଙ୍କର ନିବାରଣ ଚାହୁଁଛି। ଆପଣ ତାଙ୍କର ନିବାରଣ କରି ଅନୈଶ୍ୱର୍ଯ୍ୟ ଓ ଅସମୃଦ୍ଧିକୁ ମୋ ଗୃହରୁ ଦୂର କରନ୍ତୁ! ଏଣୁ ଏଥିରେ ଆମପାଇଁ ଥିବା ବାର୍ତ୍ତା ହେଉଛି- ଦେବୀଲକ୍ଷ୍ମୀଙ୍କୁ ଉପାସନା କଲେ ଏବଂ ତାଙ୍କର ପ୍ରୀତି ହେବା ପରି ଉପାୟ କଲେ ଆମର ସମସ୍ତ କ୍ଷୁଧା, ତୃଷା ଓ ମଳିନତା ଦୂର ହେବ। ଅଲକ୍ଷ୍ମୀଙ୍କର ନାଶ ହୋଇ ଲକ୍ଷ୍ମୀ ଆମ ଗୃହରେ ବିରାଜମାନ କରିବେ।

ସବୁଜ ଶକ୍ତିର ପ୍ରଗତି ପାଇଁ କାର୍ଯ୍ୟ କରୁଥିବା ସୋଲାର୍ ୱାରିୟର୍ସ ସମ୍ମାନିତ

ଭୁବନେଶ୍ୱର(ବ୍ୟୁରୋ): ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ଭୁବନେଶ୍ୱରସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ପରିସରେ ଦେଶଭକ୍ତି ଓ ଉତ୍ସାହର ସହିତ ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି। ଏହି ଅବସରରେ, ରାଜ୍ୟରେ ସବୁଜ ଶକ୍ତିର ପ୍ରଗତି ପାଇଁ କାର୍ଯ୍ୟ କରୁଥିବା ସୋଲାର୍ ୱାରିୟର୍ସଙ୍କୁ ସମ୍ମାନିତ କରାଯାଇଛି। ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ବିଜନେସ୍‌ର ମୁଖ୍ୟ ତଥା ଟିପିସିଓଡିଏଲ୍‌ର ସିଇଓ ଗଜାନନ୍ ଏସ୍. କାଲେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମର କମ୍ପାନୀର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ କାଲେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ଆଦର୍ଶକୁ ଆପଣାଇ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଦୀର୍ଘସ୍ଥାୟୀ ଭାରତ ଗଠନ ଦିଗରେ ସମସ୍ତେ କାର୍ଯ୍ୟ କରିବାକୁ ସେ ଉପସ୍ଥିତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଟିପିସିଓଡିଏଲ୍ ପକ୍ଷରୁ 'ସୋଲାର ୱାରିୟର୍ସ'ମାନଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ପିଏମ୍ ସୂର୍ଯ୍ୟ ଘର: ମାଗଣା ବିଜୁଳୀ ଯୋଜନାର କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଉପଭୋକ୍ତା, ସୋଲାର ଭେଣ୍ଡର ଓ ଅନ୍ୟ ଅଂଶୀଦାରମାନେ ସାମିଲ ଥିଲେ। ଏହି ସମ୍ମାନ ମାଧ୍ୟମରେ ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କୁ ସଶକ୍ତ କରିବା, ସୋଲାର ଭେଣ୍ଡର୍ ମାନଙ୍କ ସହ ସହଯୋଗକୁ ଦୃଢ଼ କରିବା ଏବଂ ରାଜ୍ୟରେ ନବୀକରଣୀୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ସରକାରଙ୍କ ଦୃଷ୍ଟିକୋଣକୁ ସମର୍ଥନ କରିବା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିଛି। ସ୍ୱଚ୍ଛ, ସବୁଜ ଓ ଶକ୍ତି ସୁରକ୍ଷିତ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ନୂତନ ସଂକଳ୍ପ ସହିତ ସ୍ୱାଧୀନତା ଦିବସ ଉତ୍ସବ ଶେଷ ହୋଇଥିଲା।

ଆର୍‌ପିଏଫ୍ ଡଗ୍ ସ୍କ୍ୱାଡ୍ ଦେହରେ ଲାଗିଲା ଗୋ-ପ୍ରୋ କ୍ୟାମେରା

ଭୁବନେଶ୍ୱର(ବ୍ୟୁରୋ): ତାଲିମପ୍ରାପ୍ତ କୁକୁରଙ୍କ ଦେହରେ ଲାଗିଲା ବଡ଼ି କ୍ୟାମେରା । ରେଳବାଇ ସୁରକ୍ଷା ଦାୟିତ୍ୱରେ ନିଯୁକ୍ତି ଥିବା ଆର.ପି.ଏଫ କୁକୁର ବ୍ୟବାହର କରିବେ ବଡି କ୍ୟାମେରା । ଦେହରେ ପ୍ରଥମ ଥର ପାଇଁ ଲାଗିଲା ଗୋ ପ୍ରୋ କ୍ୟାମେରା । ଇଂଭେଷ୍ଟିକେସନ ଏବଂ ଡିଟେକ୍ସନ ପାଇଁ କାର୍ଯ୍ୟକାରୀ ହେବ ବଡ଼ି କ୍ୟାମେରା । ରେଲୱେ ପ୍ଲାଟଫର୍ମର ବିଭିନ୍ନ ଅପହଞ୍ଚ ଓ ଅନ୍ଧାରିଆ ଜାଗା ମଧ୍ୟରେ ଯାଞ୍ଚ କରିବାରେ ସହାୟତା ହେବ ଏହି ଗୋ ପ୍ରୋ କ୍ୟାମେରା । ପ୍ରଥମ କରି ଖୋର୍ଦ୍ଧା ଡିଭିଜନ ପାଇଁ ୫ଟି ତାଲିମ ପ୍ରାପ୍ତ କୁକୁରଙ୍କ ଦେହରେ ଏହି ହାଇ ରିଜ୍ୟୁଲେସନ କ୍ୟାମେରା ଲଗା ଯାଇଥିବା ବେଳେ ଆଗକୁ ସବୁ ଡିଭିଜନରେ ବ୍ୟବହାର କରାଯିବ । ଆହୁରି ଆଡଭାନ୍ସ ହେଲା ରେଲୱେ ସୁରକ୍ଷା । ଆରପିଏଫ୍ ଡଗ୍ ସ୍କ୍ୱାଡ୍ ଦେହରେ ପ୍ରଥମ ଥର ପାଇଁ ଲାଗିଲା ହାଇ ରିଜ୍ୟୁଲେସନ ଗୋ-ପ୍ରୋ କ୍ୟାମେରା । ଇନଭେଷ୍ଟିଗେସନ୍ ଏବଂ ଡିଟେକ୍ସନ ପାଇଁ

ଅମୋଘ ଅସ୍ତ୍ର ସାଜିବ ଏହି ରଣନୀତି । ଖୋର୍ଦ୍ଧା ଡିଭିଜନ ପାଇଁ ତାଲିମପ୍ରାପ୍ତ ୫ଟିକିଆ ଡଗ୍ ସ୍କ୍ୱାଡ୍ ଦେହରେ ଲାଗିଲା ବଡ଼ି କ୍ୟାମେରା । ଷ୍ଟେସନର ଅନ୍ଧାରିଆ ପ୍ଲାଟଫର୍ମ ଏବଂ ବିଭିନ୍ନ ଅପହଞ୍ଚ ଜାଗାରେ ତଦନ୍ତ ତଥା ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାରେ ଏହି କ୍ୟାମେରାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସମଗ୍ର ନେଟୱାର୍କରେ ସୋଲା-ବେସ୍ଡ ସିସିଟିଭି ଏବଂ ବଡି-ୱର୍ଣ୍ଣ କ୍ୟାମେରା ମାଧ୍ୟମରେ କଣ୍ଟ୍ରୋଲ୍ ସେଣ୍ଟରରୁ ୨୪ ଘଣ୍ଟା କଡ଼ା ନଜର ରଖାଯାଉଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି । ଏମାନଙ୍କ ପାଖରେ ବଡି-ୱର୍ଣ୍ଣ କ୍ୟାମେରା ଅଛି, ଯାହାକୁ ଆମେ କଣ୍ଟ୍ରୋଲ୍ ସେଣ୍ଟରରେ ଦେଖିପାରୁନୁ । ଏହାସହ ସମଗ୍ର ନେଟୱାର୍କରେ ସୋଲାର୍ ବେସ୍ଡ ସିସିଟିଭି କ୍ୟାମେରା ଲଗାଯାଇଛି । ଆଗକୁ ଆହୁରି ୧୫୦୦ଟି କ୍ୟାମେରା ଲାଗିବ, ଯାହାଦ୍ୱାରା ଅପରାଧୀଙ୍କ ଉପରେ ନଜର ରଖାଯାଇପାରିବ ଏବଂ ଅପରାଧକୁ ରୋକାଯାଇପାରିବ। ରେଳବାଇର ଏଭଳି ସୁରକ୍ଷା ବ୍ୟବସ୍ଥା ଯାଞ୍ଚକୁ ଆହୁରି ବ୍ୟାପକ କରିଛି । କଣ୍ଟ୍ରୋଲ୍ ସେଣ୍ଟରରୁ ନିରୀକ୍ଷଣ ସାଙ୍ଗକୁ ବିସ୍ଫୋରକ ସାମଗ୍ରୀ ଚିହ୍ନଟ ଏବଂ ଅପରାଧୀଙ୍କୁ ଧରିବାରେ ଏହି ଡଗ୍ ସ୍କ୍ୱାଡ୍ ଗୁଡ଼ିକ ଅତ୍ୟନ୍ତ ଫଳପ୍ରଦ ହେଉଛନ୍ତି। ବର୍ତ୍ତମାନ ୧୭ଟି ଡଗ୍ ସ୍କ୍ୱାଡ୍ ଥିବାବେଳେ ଆଗକୁ ଆହୁରି ୧୮ଟି ନୂଆ ଡଗ୍ ସ୍କ୍ୱାଡ୍ ଆସିବେ। ସୁରକ୍ଷା ସବୁଠାରୁ ଆଗରେ, ସେଥିପାଇଁ ଆମ ପାଖରେ ୧୭ଟି ଡଗ୍ ସ୍କ୍ୱାଡ୍ ଅଛନ୍ତି ଏବଂ ଏଗୁଡ଼ିକୁ ରାତ୍ରୀକାଳୀନ ସୁରକ୍ଷା ପାଇଁ ବ୍ୟବହାର କରାଯାଉଛି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି ।

ଅଟଳଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ରାଜ୍ୟ ବିଜେପି ସଭାପତି

ଭୁବନେଶ୍ୱର(ବ୍ୟୁରୋ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରି ବାଜପେୟୀଙ୍କ ତିରୋଧାନ ଦିବସ । ଭୁବନେଶ୍ୱର ଏମ୍ସ ପରିସରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି ରାଜ୍ୟସଭା ସାଂସଦ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଅଟଳ ବିହାରୀ ବାଜପେୟୀ ସାରା ବିଶ୍ୱରେ ଭାରତକୁ ଅଦ୍ୱିତୀୟ ଶକ୍ତିରେ ପରିଣତ କରିଥିଲେ । ତାଙ୍କ ନେତୃତ୍ୱରେ ୧୪୬ ନମ୍ବରରୁ ଭାରତ ୬ ନମ୍ବରକୁ ଆସିଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଜାତୀୟ ରାଜପଥ ସ୍ୱର୍ଣ୍ଣ ଚତୁର୍ଭୁଜ, ସ୍ୱଜଳ ଧାରା ପାନୀୟ ଜଳ କ୍ଷେତ୍ରରେ ବୈପ୍ଳବିକ କାମ କରି ଯାଇଛନ୍ତି ସ୍ୱର୍ଗତ ଅଟଳ ବିହାରି ବାଜପେୟୀ । ଆଇଆଇଟି, ଏମ୍ସ ଭୁବନେଶ୍ୱର, ଅଏଲ ରେଫାଇନାରି ସ୍ଥାପନ, ଓଡ଼ିଶା ପ୍ରତି ବାଜପେୟୀଙ୍କ ଯଥେଷ୍ଟ ଅବଦାନ ରହିଛି । ତାଙ୍କର ଶ୍ରାଦ୍ଧ ଦିବସରେ ଅଟଳ ବିହାରୀ ବାଜପେୟୀଙ୍କୁ ମନେ ପକେଇବା ସହ ଦେଶ ପ୍ରତି ତାଙ୍କର କୃତିତ୍ୱ ଓ ଅବଦାନକୁ ସ୍ମରଣ କରାଯାଇଥିଲା । ତାଙ୍କ ମାର୍ଗଦର୍ଶନକୁ ପାଥେୟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟ କରି ଚାଲିଛନ୍ତି । ବାଜପେୟୀ ଦେଶର ବିକାଶର ମୂଳଦୂଆ ସ୍ଥାପନ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶ ପାଇଁ ତାଙ୍କର ଅନେକ ଅବଦାନ ରହିଛି । ସେ ଛାତ୍ର ଜୀବନରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡ଼ିତ ଥିଲେ । କଲେଜରେ ପଢୁଥିବାବେଳେ ରାଜନୀତିରେ ପାଦ ଥାପିଥିଲେ । ୧୯୪୨ ମସିହାର ଭାରତ ଛାଡ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ୧୯୫୭ରୁ ୨୦୦୯ ମଧ୍ୟରେ ସେ ଲୋକସଭାକୁ ୯ ଥର ନିର୍ବାଚିତ ହୋଇଥିବାବେଳେ, ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ, ଯାହାକି ଏକ ରେକର୍ଡ । ସ୍ୱାଧୀନ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ମୋଟ ତିନିଥର ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୯୬ରେ ୧୩ ଦିନ, ୧୯୯୮ରୁ୧୯୯୯ ମଧ୍ୟରେ ୧୩ ମାସ ଏବଂ ୧୯୯୯ରୁ୨୦୦୪ ପୁରା ୫ ବର୍ଷ ପ୍ରଧାନମନ୍ତ୍ରୀ ହୋଇଥିଲେ ।

ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହେବା : ବାଚସ୍ପତି ସୁରମା ପାଢ଼ୀ

ଭୁବନେଶ୍ୱର(ବ୍ୟୁରୋ): ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ ହୋଇଯାଇଛି। ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ 'ଭାରତୀୟମ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ଆମ ଦେଶ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଥିଲା। ବ୍ରିଟିଶ ସାମ୍ରାଜ୍ୟବାଦୀ ଶକ୍ତି ବିରୁଦ୍ଧରେ ଲଢ଼ି ଆମ ସ୍ୱାଧୀନତା ସଂଗ୍ରାମୀମାନେ ନିଜ ଜୀବନକୁ ଉତ୍ସର୍ଗ କରି ସ୍ୱାଧୀନତା ଆଣିଥିଲେ। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଯୁବପିଢ଼ି ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଶ୍ରୀମତୀ ପାଢ଼ୀ ମତପ୍ରକାଶ କରିଥିଲେ। ଏହା ବ୍ୟତୀତ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ସ୍ୱାଧୀନତା ହେଉଛି ଶାନ୍ତି, ସହଯୋଗ ଓ ପ୍ରଗତିର ସଙ୍ଗମ। 'ଭାରତୀୟମ୍' ସଙ୍ଗୀତ ଉତ୍ସବରେ କଣ୍ଠଶିଳ୍ପୀ ସୁବାସ ଦାସ 'ଘରେ ଘରେ ତ୍ରିରଙ୍ଗା ଉଡ଼ିଲା ରେ ', 'ଛୋଟ ମୋର ଗାଁ ଟି', ଅନ୍ତରା ଚକ୍ରବର୍ତ୍ତୀ 'ବୈଷ୍ଣବ ଜନ ତୋ', 'ଦେଶ ରଙ୍ଗିଲା', ପଙ୍କଜ ଜାଲ 'ଜନ୍ମଭୂମି ମାତୃଭୂମି', 'କର୍ ଚଲେ' ଇଣ୍ଡିଆନ ଆଇଡଲ ସିଜନ୍-୧୬ ପ୍ରତିଯୋଗିତାର ବିଜେତା କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ 'ଏ ମେରେ ୱତନ', 'ଦିଲ୍ ଦିୟା ହେ ଜାନ୍ ଭି ଦେଙ୍ଗେ ଏ ୱତନ ତେରେ ଲିଏ', ଶଙ୍କାଙ୍କ ଶେଖର 'ସନ୍ଦେଶେ ଆତେ ହେଁ', 'ମା ତୁଝେ ସଲାମ', ଅର୍ପିତା ଚୌଧୁରୀ 'ଗଙ୍ଗା ଯେ ଦେଶେ ବହେ', 'ବନ୍ଦେ ମାତରମ୍', ତାରିକ୍ ଅଜିଜ୍ 'ଦେରି ମିଟି', 'ଓ ଦେଶେ ମେରେ', ସର୍ବେଶ୍ୱର ଭୋଇ 'ସବୁଠାରୁ ମତେ ବଢ଼ିଆ ଲାଗେ ମତେ ତୋର ନା' ଆଦି ସଙ୍ଗୀତ ପରିବେଷଣ କରିଥିଲେ। 'ଭାରତୀୟମ୍' କାର୍ଯ୍ୟକ୍ରମରେ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀକୁ ଆଧାର କରି ରଙ୍ଗୋଲି ଏବଂ 'ଫଟୋଚିତ୍ର ଓ ଚିତ୍ରକଳା ପ୍ରଦର୍ଶନୀ' ଆୟୋଜିତ ହୋଇଥିଲା। ଏଥିସହ 'ଘରେ ଘରେ ତ୍ରିରଙ୍ଗା' ସେଲ୍ଫି ବୁଥ୍ ମଧ୍ୟ ସ୍ଥାପିତ ହୋଇଥିଲା, ଯେଉଁଠାରେ ଲୋକଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ଭାରତୀୟମ୍ ସଙ୍ଗୀତ ଉତ୍ସବ କାର୍ଯ୍ୟକ୍ରମରେ ସମସ୍ତ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଟ୍ୱିନ ସିଟିରେ ଲଗାଣ ବର୍ଷା

ଭୁବନେଶ୍ୱର(ବ୍ୟୁରୋ): ଟ୍ୱିନ ସିଟିରେ ଲଗାଣ ବର୍ଷା। କଟକ ଓ ଭୁବନେଶ୍ୱରରେ ସକାଳୁ ଆରମ୍ଭ ହୋଇଯାଇଛି ଝିପିଝିପି ବର୍ଷା । ୩ ଘଣ୍ଟା ପାଇଁ ୟେଲୋ ୱାର୍ଣ୍ଣିଂ । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୧୬ଟି ଜିଲ୍ଲା ପାଇଁ ଆଗାମୀ ୩ ଘଣ୍ଟା ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ଅନୁଗୁଳ, ନୂଆପଡ଼ା, ବରଗଡ଼, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, ବାଲେଶ୍ୱର, ନୟାଗଡ଼ ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା। ହେବାର ସମ୍ଭାବନା ରହିଛି ।ବିଶେଷ କରି କଟକ ସହର ଓ ଭୁବନେଶ୍ୱର ସହର ଅଞ୍ଚଳରେ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହି ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ବିଶେଷ କରି କଟକ ଓ ଭୁବନେଶ୍ୱର ସହରରେ ବର୍ଷାର ପ୍ରଭାବ ଅଧିକ ରହିପାରେ। ବର୍ଷା ସମୟରେ ବଜ୍ରପାତର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବା ସହ ଆବଶ୍ୟକ ନଥିଲେ ଖୋଲା ସ୍ଥାନକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଆଗାମୀ କିଛି ଘଣ୍ଟା ଧରି ପାଗ ଉପରେ ନଜର ରଖିବାକୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ମହାକାଶରୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଲେ ରୁଷିଆର ମହାକାଶଚାରୀ



ଭୁବନେଶ୍ୱର(ବ୍ୟୁରୋ): ସ୍ୱାଧୀନତା ଦିବସ ଅବସରରେ ମହାକାଶରୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଲେ ରୁଷିଆର ମହାକାଶଚାରୀ। ଏଥିସହ ଗୋଟେ ସ୍ୱତନ୍ତ୍ର ସମ୍ବୋଧନ ପ୍ରସ୍ତୁତ କରିଛନ୍ତି। ସମ୍ବୋଧନରେ ସେମାନେ କହିଛନ୍ତି ଯେ ଉପରୁ ଦେଖିଲେ ଭାରତ ବହୁତ ସୁନ୍ଦର ଦେଖାଯାଉଛି, କିନ୍ତୁ ପୃଥିବୀରେ ଏହା ଆହୁରି ସୁନ୍ଦର; କାରଣ ଏଠାରେ ସତ୍ୟ ବନ୍ଧୁମାନେ ରହୁଛନ୍ତି। ଏହି ସମ୍ବୋଧନ ସେମାନେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଏହା ରେକର୍ଡ କରିଛନ୍ତି। ସେମାନଙ୍କ ପାଖରେ ଥିଲା ଭାରତୀୟ ପିଲାମାନଙ୍କର ଅଙ୍କା ଚିତ୍ର। ଯାହା Roscosmos, ISRO ଏବଂ Rossotrudnichestvo ଦ୍ୱାରା ଆୟୋଜିତ ପ୍ରତିଯୋଗିତାର ବିଜେତା।ମହାକାଶରୁ ସେମାନେ ସମସ୍ତ ଭ୍ରାତୃତ୍ୱପୂର୍ଣ୍ଣ ଭାରତୀୟ ଜନତାଙ୍କୁ ହୃଦୟରୁ ରୁଷିଆର ଶୁଭେଚ୍ଛା ପଠାଇଛନ୍ତି।

ବଲାଙ୍ଗୀରରୁ ବ୍ୟବସାୟୀଙ୍କୁ ଅପହରଣ, ଭୁବନେଶ୍ୱରରୁ ଉଦ୍ଧାର

ଭୁବନେଶ୍ୱର(ବ୍ୟୁରୋ) : ବଲାଙ୍ଗୀରରୁ ଅପହରଣ ହୋଇଥିବା ଜଣେ ବ୍ୟବସାୟୀ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରୁ ଉଦ୍ଧାର। ପରିବାରର ଅଭିଯୋଗ ପରେ ବଲାଙ୍ଗୀର ପୋଲିସ ଆରମ୍ଭ କରିଥିଲା ତଦାଘନା । ଅପହରଣର ପୂରା ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଉଦ୍ଧାର ବ୍ୟବସାୟୀ ହେଉଛନ୍ତି ନରେନ୍ଦ୍ର ସାହୁ। ସେ ଜଣେ ବିଲଡରଙ୍କ ସହ ପରିଚିତ ବ୍ୟବସାୟୀ ବୋଲି ସୂଚନା ରହିଛି । ଖଣ୍ଡଗିରି ପୋଲିସ ଓ ବଲାଙ୍ଗୀର ପୋଲିସର ମିଳିତ ସହାୟତାରେ ଉଦ୍ଧାର ପରେ ଏବେ ଘଟଣାକୁ ନେଇ ଚାଲିଛି ତଦାଘନା । ଅପହରଣ ପଛରେ କିଏ, କାହିଁକି ଅପହରଣ କରାଯାଇଥିଲା ସେନେଇ ତଦନ୍ତ ଜାରି ରହିଛି ।

ରାମ ମନ୍ଦିର ପୂଜକଙ୍କ ପାଇଁ ନୂଆ ଡ୍ରେସ୍ କୋଡ୍

ଭୁବନେଶ୍ୱର(ବ୍ୟୁରୋ): ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ପୂଜକମାନଙ୍କ ପାଇଁ ଶୁକ୍ରବାରଠାରୁ ଏକ ନୂତନ ଡ୍ରେସ୍ କୋଡ୍ ବା ପୋଷାକ ନିୟମ ଲାଗୁ ହୋଇଛି । ନୂଆ ନିୟମ ଅନୁସାରେ, ମନ୍ଦିରର ସମସ୍ତ ପୂଜକ ଦୈନନ୍ଦିନ ପୂଜାପାଠ, ଆରତି ଏବଂ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ବୈଷ୍ଣବ ତଥା ରାମାନନ୍ଦାଚାର୍ଯ୍ୟ ପରମ୍ପରା ଅନୁଯାୟୀ ହଳଦିଆ ରଙ୍ଗର ଉତ୍ତରୀୟ ଧାରଣ କରିବା ବାଧ୍ୟତାମୂଳକ କରାଯାଇଛି । ଦ୍ୱିତୀୟ ପାଳିର ରାତିନୀତିରୁ ଏହି ନିୟମ କାର୍ଯ୍ୟକାରୀ ହୋଇଥିବା ବେଳେ ଏହା ପୂଜକମାନଙ୍କ ବେଶଭୂଷାରେ ଏକସମାନତା ଏବଂ ଶୃଙ୍ଖଳା ଆଣିଦେଇଛି । ମନ୍ଦିରର ଧାର୍ମିକ କମିଟି ଦ୍ୱାରା ନିର୍ଦ୍ଧାରିତ ଏହି ବ୍ୟବସ୍ଥା ମାଧ୍ୟମରେ ମନ୍ଦିରର ଆଧ୍ୟାତ୍ମିକ ଗାମ୍ଭୀର୍ଯ୍ୟ ଓ ମର୍ଯ୍ୟାଦାକୁ ଅଧିକ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଚାଲିଥିବା ଝୁଲଣୋତ୍ସବ ସମୟରେ ପୂଜକମାନେ ଏହି ହଳଦିଆ ପୋଷାକ ପିନ୍ଧି ପ୍ରଭୁ ରାମଲାଲାଙ୍କ ବିଜେ ପ୍ରତିମାକୁ ଫୁଲରେ ସଜ୍ଜିତ ଦୋଳିରେ ବିରାଜମାନ କରାଇ ସମସ୍ତ ବୈଦିକ କାର୍ଯ୍ୟସମ୍ପାଦନ କରିଥିଲେ ।

ଓଡ଼ିଶାରେ ପୁଣି ବନ୍ୟାସ୍ଥିତି ସଙ୍ଗିନ

ଫୁଲିଲା ବୈତରଣୀ-ସାଳନ୍ଦୀ-ଜଳକା, ଜଳବନ୍ଦୀ ଅନେକ ଗାଁ

ଭୁବନେଶ୍ୱର(ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ପୁଣି ଥରେ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି । ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଅନେକ ଅଞ୍ଚଳରେ ନଦୀ ଜଳସ୍ତର ବଢ଼ିବା ସହ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି । ବହୁ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଯାଜପୁରରେ ବୈତରଣୀ ନଦୀ ବିପଦ ସଙ୍କେତ ଟପିଛି । ଏହାର ଶାଖା କାଣି ନଦୀରେ ମଧ୍ୟ ଘାଇ ସୃଷ୍ଟି ହୋଇଛି । କାଣି ନଦୀର ପାଟଣା ନିକଟରେ ଆଉ ଏକ ଘଇଁଆ ପଡ଼ିବାରୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି

ଅଟଳବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

ବାଜପେୟୀ ଥିଲେ ଅସାଧାରଣ ରାଜନେତା

ନୂଆଦିଲ୍ଲୀ,୧୬।୮: ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀରେ ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ମୋଦି ଦିଲ୍ଲୀରେ ତାଙ୍କ ସ୍ମାରକୀ 'ସଦୈବ ଅଟଳ' ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ ସେ ଅଟଳଜୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ତାଙ୍କୁ ମନେ ପକାଉଛି। ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦି ମନ୍ତବ୍ୟ ଦେଇଛନ୍ତି ଯେ ଜଣେ ଅସାଧାରଣ ରାଜନେତା ଭାବରେ ଉଲ୍ଲେଖନୀୟ ଦୂରଦୃଷ୍ଟି ସହିତ ସେ ଜାତି ସେବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କର ଚିନ୍ତାଧାରା ଏବଂ ପ୍ରୟାସ ପିଢ଼ିକୁ ପ୍ରେରଣା ଦେଇଥିଲା ଏବଂ ତାଙ୍କ ନେତୃତ୍ୱ ଦେଶକୁ ମଜବୁତ କରିଥିଲା। ସୁଶାସନ ଏବଂ ଜନ କଲ୍ୟାଣ ଉପରେ ତାଙ୍କର ଗୁରୁତ୍ୱ ଆମକୁ ମାର୍ଗଦର୍ଶନ କରି ଚାଲିବ। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିସ୍ତମ୍ଭ 'ସଦୈବ ଅଟଳ'ରେ ତାଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ସହିତ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସ୍ମାରକୀ ପରିଦର୍ଶନ କରିଥିଲେ। ରାଜନୈତିକ ବୁଦ୍ଧିମତା ଏବଂ ସମ୍ବେଦନଶୀଳ ବ୍ୟକ୍ତିତ୍ୱର ମିଶ୍ରଣ ମାଧ୍ୟମରେ ଅଟଳ ବିହାରୀ ବାଜପେୟୀ ଭାରତୀୟ ରାଜନୀତିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ତିନିଥର ଦେଶର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୯୬ ମସିହାରେ ତାଙ୍କର ପ୍ରଥମ କାର୍ଯ୍ୟକାଳ ମାତ୍ର ୧୩ ଦିନ ଚାଲିଥିଲା, ଯେତେବେଳେ ସେ ୧୯୯୮-୯୯ ମସିହାରେ ପୁନର୍ବାର କାର୍ଯ୍ୟଭାର ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ, ସେ ୧୯୯୯ ରୁ ୨୦୦୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କୁ ଜଣେ ଚମତ୍କାର ବକ୍ତା ଏବଂ କବି ଭାବରେ ମଧ୍ୟ ମନେ ରଖାଯାଏ। ତାଙ୍କ ନେତୃତ୍ୱରେ ଭାରତ ପୋଖରାଣରେ ପରମାଣୁ ପରୀକ୍ଷଣ କରିଥିଲା। ତାଙ୍କ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକୁ ଆଗକୁ ନିଆଯାଇଥିଲା। ୨୦୧୪ ମସିହାରେ, ଅଟଳ ବିହାରୀ ବାଜପେୟୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା।

'ବନ୍ଦେ ମାତରମ'କୁ ଅପମାନ ପ୍ରସଙ୍ଗ

ସୋନିଆଙ୍କ ବିରୋଧରେ ଅଭିଯୋଗ

ନୂଆଦିଲ୍ଲୀ,୧୬।୮: କର୍ନାଟକର ମାଙ୍ଗାଲୁରୁର ଉର୍ବା ପୋଲିସ ଷ୍ଟେଶନରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୋଧରେ ଭାଜପା ନେତାମାନେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଛନ୍ତି। ସ୍ୱାଧୀନତା ଦିବସରେ କଂଗ୍ରେସ ମୁଖ୍ୟାଳୟରେ ଜାତୀୟ ଗୀତ 'ବନ୍ଦେ ମାତରମ' ପରିବେଷଣ ସମୟରେ ତାଙ୍କ ଆଚରଣକୁ ନେଇ ଏକ କଥିତ ବିବାଦ ପରେ ଏହି ଅଭିଯୋଗ ଆସିଛି।

ଭାଜପା ନେତା ବିକାଶ ପୁରୁର କହିଛନ୍ତି, 'ଗତକାଲି ସମଗ୍ର ଦେଶ କଂଗ୍ରେସ ଦଳର କାର୍ଯ୍ୟ ଦେଖିଛି। କଂଗ୍ରେସ ଦଳ ସର୍ବଦା 'ବନ୍ଦେ ମାତରମ'ର ବିରୋଧ କରିଆସିଛି। ଗତକାଲି, କଂଗ୍ରେସ ଜାତୀୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସମାରୋହ ସମୟରେ, ସୋନିଆ ଗାନ୍ଧୀ 'ବନ୍ଦେ ମାତରମ' ବାଜିବା ସମୟରେ କାର୍ଯ୍ୟଧାରା ବ୍ୟାହତ କରିଥିଲେ। ଆମେ ଏବଂ ଦେଶ ଦେଖିଲୁ ଯେ ସେ ଏକ ବିଭ୍ରାଟ ସୃଷ୍ଟି କରୁଛନ୍ତି ଏବଂ ତାଙ୍କ ଦଳୀୟ କର୍ମୀମାନଙ୍କୁ 'ବନ୍ଦେ ମାତରମ' ପରିବେଷଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି।' ସେ ଆହୁରି କହିଛନ୍ତି ଯେ ଏହି ମାମଲା ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଆଜି, 'ବନ୍ଦେ ମାତରମ' ଆମର ଜାତୀୟ ସଙ୍ଗୀତ 'ଜନ ଗଣ ମନ' ସହିତ ସମାନ। ଯେଉଁମାନେ ଏହାର ଅପମାନ କରନ୍ତି, ସେମାନଙ୍କ ପଦ କିମ୍ବା କ୍ଷମତା ଯେକୌଣସି ହେଉ, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେ ଆହୁରି କହିଛନ୍ତି ଯେ, ଏହି କାରଣରୁ, ସେ ଉର୍ବା ପୋଲିସ ଷ୍ଟେଶନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ଏଫଆଇଆର ପଞ୍ଜିକରଣ ପାଇଁ ଏକ ସରକାରୀ ଅଭିଯୋଗ ଦାଖଲ କରିଛନ୍ତି। ଭାଜପା ନେତା ପୁରୁର କହିଛନ୍ତି ଯେ ଯଦି ରାଜ୍ୟର କଂଗ୍ରେସ ସରକାର ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ନ୍ୟାୟିକ ବ୍ୟବସ୍ଥା ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରି କର୍ନାଟକ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିବେ। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଯଦି ଜାତୀୟ ଗୀତ କିମ୍ବା ଜାତୀୟ ସମ୍ମାନର ଅପମାନ ହୋଇଛି, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏହି ମାମଲାରେ କୌଣସି ରାଜନୈତିକ ହସ୍ତକ୍ଷେପ ନହେବା ନିଶ୍ଚିତ କରିବାକୁ ସେ ପୋଲିସକୁ ମଧ୍ୟ ଅନୁରୋଧ କରିଛନ୍ତି। ବର୍ତ୍ତମାନ, ଅଭିଯୋଗରେ ଥିବା ଅଭିଯୋଗ ସମ୍ପର୍କରେ ପୋଲିସ ତଦନ୍ତ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଅଛି।

୧୪୦ କୋଟି ଜନତାଙ୍କୁ କ୍ଷମାମାଗ : ଶାହ

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବର୍ତ୍ତମାନ ରାଜସ୍ଥାନ ଗସ୍ତରେ ଅଛନ୍ତି। ତାଙ୍କ ଗସ୍ତ ସମୟରେ ସେ ମନ୍ତବ୍ୟ ଦେଇଥିଲେ ଯେ କଂଗ୍ରେସ ଦଳର ମୁଖ୍ୟାଳୟରେ 'ବନ୍ଦେ ମାତରମ' ଗାନ କରାଯାଉଥିଲା ଯେତେବେଳେ ସୋନିଆ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷଙ୍କୁ ଜାତୀୟ ସଙ୍ଗୀତ ବନ୍ଦ କରିବାକୁ କହିଥିଲେ। ସେ କହିଥିଲେ ଯେ ଦେଶର ଲୋକମାନେ ସୋନିଆ ଗାନ୍ଧୀଙ୍କ ଦ୍ୱାରା କରାଯାଇଥିବା ଏହି 'ପାପ'କୁ କେବେ କ୍ଷମା କରିବେ ନାହିଁ। ରାଜସ୍ଥାନର ଚିତ୍ତୋରଗଡ଼ରେ ଶାହା ଏହି ମନ୍ତବ୍ୟ ଦେଇଥିଲେ। ଶାହା ଆହୁରି କହିଛନ୍ତି ଯେ ବଙ୍କିମ ବାବୁଙ୍କ ଅମର ଗୀତକୁ ଶେଷରେ ୮୦ ବର୍ଷ ପରେ ପ୍ରାପ୍ୟ ସମ୍ମାନ ମିଳୁଥିବା ବେଳେ, ସୋନିଆ ଗାନ୍ଧୀ ଏଥିରେ ଅସନ୍ତୁଷ୍ଟ। ତାଙ୍କୁ ସମ୍ବୋଧିତ କରି ସେ କହିଥିଲେ, 'ସୋନିଆ-ଜୀ, ଦେଶର ୧.୪ ବିଲିୟନ ଲୋକ ଆପଣଙ୍କୁ ଦେଖୁଛନ୍ତି। ଆପଣ କରିଥିବା ଏହି ପାପକୁ ଦେଶ କେବେ କ୍ଷମା କରିବ ନାହିଁ।'

ଚୁଟ୍‌କୀରେ...

ଭାରତ ଆସିବେ ବାଂଲାଦେଶ ପ୍ରଧାନମନ୍ତ୍ରୀ !

ଢାକା,୧୬।୮: ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନ ଅଗଷ୍ଟ ୨୦ରୁ ୨୫ ମଧ୍ୟରେ ଭାରତ ଗସ୍ତ କରିପାରନ୍ତି। 'ଦି ଡେଲି ଷ୍ଟାର' ସୂତ୍ର ଉଦ୍ଧୃତ କରି ଏହି ସୂଚନା ଦେଇଛି। ଢାକା ଏବଂ ନୂଆଦିଲ୍ଲୀ ମଧ୍ୟରେ ଗସ୍ତର ତାରିଖ ସମ୍ପର୍କରେ ଆଲୋଚନା ଚାଲିଥିବା ଜଣାପଡ଼ିଛି। ଅଗଷ୍ଟ ୧୧ ରେ ବାଂଲାଦେଶରେ ଭାରତର ହାଇକମିଶନର ଦିନେଶ ତ୍ରିବେଦୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ଏହି ଖବର ଆସିଛି। ନୂଆଦିଲ୍ଲୀର ଏକ ବରିଷ୍ଠ କୂଟନୈତିକ ସୂତ୍ରକୁ ଉଦ୍ଧୃତ କରି 'ଦି ଡେଲି ଷ୍ଟାର' ରିପୋର୍ଟ କରିଛି, 'ଉଭୟ ପକ୍ଷ ଦ୍ୱିପାକ୍ଷିକ ଗସ୍ତ ପାଇଁ ଆଗ୍ରହୀ ଥିଲେ, କିନ୍ତୁ ସମୟ ନିର୍ଦ୍ଧାରଣ ଏକ ସମସ୍ୟା ଥିଲା। ବିଭିନ୍ନ ବିକଳ୍ପ ବିଚାର କରିବା ପରେ, ଉଭୟ ଦେଶର ଶୀର୍ଷ ଅଧିକାରୀମାନେ ଅଗଷ୍ଟ ୨୦ ରୁ ୨୫ ମଧ୍ୟରେ ଏକ ସମୟ ନିର୍ଦ୍ଧାରଣ ଉପରେ ସହମତ ହେବାକୁ ନିକଟତର ହୋଇଛନ୍ତି।' ଏହା ଉଲ୍ଲେଖନୀୟ ଯେ ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ନେଇ ବାଂଲାଦେଶ ଏବଂ ଭାରତ ମଧ୍ୟରେ କୂଟନୈତିକ ଉତ୍ତେଜନା ମଧ୍ୟରେ ଏହି ପ୍ରସ୍ତାବିତ ଗସ୍ତକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ହସିନା ପୂର୍ବରୁ ବାଂଲାଦେଶ ଫେରିବାକୁ ପ୍ରତିଶ୍ରୁତି ଦେଇଥିଲେ, ସ୍ୱୀକାର କରିଥିଲେ ଯେ ତାଙ୍କୁ ଅଟକ କିମ୍ବା ଜେଲରେ ରଖାଯାଇପାରେ କିନ୍ତୁ କହିଥିଲେ ଯେ 'ଭୟ ମୋର କର୍ତ୍ତବ୍ୟକୁ ନିର୍ଦ୍ଦେଶ ଦେଇପାରିବ ନାହିଁ।' ବାଂଲାଦେଶ ଫେରିବା ସମ୍ପର୍କରେ ସେ କହିଛନ୍ତି, 'ମୋର ଫେରିବା କ୍ଷମତା ପାଇଁ ନୁହେଁ, ବରଂ ବାଂଲାଦେଶକୁ ବିକାଶ ଏବଂ ଧର୍ମନିରପେକ୍ଷତାର ପଥକୁ ଫେରାଇ ଆଣିବା ପାଇଁ। ମୁଁ ଜାଣେ ସେମାନେ ମୋତେ ଜେଲରେ ପକାଇ ପାରିବେ କିମ୍ବା ହତ୍ୟା କରିପାରିବେ।'

ବିମାନ ବନ୍ଦରରେ ଯାତ୍ରୀଙ୍କ ବନ୍ଧୁକ ଯାଞ୍ଚବେଳେ ଫୁଟିଲା ଗୁଳି, ୨ କର୍ମଚାରୀ ଆହତ

ବାରାଣସୀ,୧୬।୮: ବାରାଣସୀ ବିମାନବନ୍ଦରରେ ରବିବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ ଅସ୍ତ୍ରଶସ୍ତ୍ର ଯାଞ୍ଚ ସମୟରେ ଏୟାର ଇଣ୍ଡିଆର ଜଣେ ଯାତ୍ରୀଙ୍କ ବନ୍ଧୁକରୁ ଗୁଳି ଫୁଟିଯିବାରୁ ଦୁଇ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଆଜମଗଡ଼ର ଏହି ଯାତ୍ରୀ ଜଣଙ୍କ ତାଙ୍କ ପତ୍ନୀଙ୍କ ସହ ଏୟାର ଇଣ୍ଡିଆର ବିମାନ IX-୧୮୧୦ ରେ ମୁମ୍ବାଇ ଯାଉଥିଲେ। ତାଙ୍କ ପାଖରେ ଏକ ପିସ୍ତଲ ଏବଂ ମାଗାଜିନ୍ ଥିଲା। ସେ ବିମାନରେ ଚଢ଼ିବା ପୂର୍ବରୁ ଏ ବିଷୟରେ ସୂଚନା ଦେଇଥିଲେ। ବାରାଣସୀ ବିମାନବନ୍ଦର ନିର୍ଦ୍ଦେଶକ ପୁନୀତ ଗୁପ୍ତା କହିଛନ୍ତି ଯେ ଅସ୍ତ୍ରଶସ୍ତ୍ର ଏବଂ ଏହାର କାଗଜପତ୍ର ଯାଞ୍ଚ କରାଯାଉଥିବା ସମୟରେ ଗୁଳି ଫୁଟିଯାଇଥିଲା। ସେହି ସମୟରେ ବନ୍ଧୁକ ମାଲିକ ଏବଂ ବିମାନବନ୍ଦରର କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ଗୁଳିଟି ପ୍ରଥମେ ତଳେ ବାଜିବା ପରେ ପାଖରେ ଛିଡ଼ା ହୋଇଥିବା ଦୁଇ ଜଣ କର୍ମଚାରୀଙ୍କ ଦେହରେ ବାଜିଥିଲା। ଜଣେ ମହିଳାଙ୍କ ଜଙ୍ଘରେ ଗୁଳି ବାଜିଥିବା ବେଳେ ଜଣେ ପୁରୁଷ କର୍ମଚାରୀଙ୍କ ହାତରେ ଆଘାତ ଲାଗିଛି। ଉଭୟଙ୍କୁ ଚିକିତ୍ସା ପାଇଁ ନ୍ୟୁ ଲକ୍ଷ୍ମୀ ତୁମା ସେଣ୍ଟରକୁ ନିଆଯାଇଛି। ଘଟଣା ସମ୍ପର୍କରେ ସ୍ଥାନୀୟ ପୁଲିସକୁ ସୂଚନା ଦିଆଯାଇଥିଲା ଏବଂ ଘଟଣାର ତଦନ୍ତ ଜାରି ରହିଛି ବୋଲି ବାରାଣସୀ ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି।

ବିମଲ୍ ପାନମସଲା ବିବାଦ
ଶାହରୁଖ, ଅଜୟ ଓ ଟାଇଗରଙ୍କୁ କାରଣଦର୍ଶାଅ ନୋଟିସ୍

ମୁମ୍ବାଇ,୧୬।୮: ମହାରାଷ୍ଟ୍ର ଫୁଡ୍ ଓ ଡ୍ରଗ୍ ଆଡମିନିଷ୍ଟ୍ରେସନ୍ (ଏଫଡିଏ)ର କମିଶନର ତୁକାରାମ ମୁଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ବଲିଉଡ୍ ତାରକା ଶାହରୁଖ ଖାନ୍, ଅଜୟ ଦେବଗନ୍ ଓ ଟାଇଗର ଶ୍ରୋଫ୍ଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ''ବିମଲ୍ ଇଲାଚି''ର ବିଜ୍ଞାପନରେ ଅଂଶଗ୍ରହଣ କରି ନିଷିଦ୍ଧ ପାନ୍ ମସଲା ଓ ତମାଖୁ ଜାତୀୟ ଦ୍ରବ୍ୟର ପ୍ରଚାର କରିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଅଧିନିୟମ, ୨୦୦୬ ଅନୁସାରେ ଅଗଷ୍ଟ ୧୧ରେ ଜାରି ହୋଇଥିବା ଏହି ନୋଟିସର ୧୫ ଦିନ ମଧ୍ୟରେ ଲିଖିତ ଉତ୍ତର ରଖିବାକୁ କୁହାଯାଇଛି, ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ମହାରାଷ୍ଟ୍ରରେ ପାନ୍ ମସଲା ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିବା ବେଳେ ବଜାରରେ ବିମଲ୍ ବ୍ରାଣ୍ଡ ମୁଖ୍ୟତଃ ପାନ୍ ମସଲା ସହ ଜଡ଼ିତ ବୋଲି ଏଫଡିଏ ଦର୍ଶାଇଛି। ଏହା ପୂର୍ବରୁ ଏଫଡିଏ ରାଜ୍ୟସାରା ହୋଟେଲ୍, କ୍ୟାଣ୍ଟିନ୍ ଏବଂ ୧୦୪ଟି ଚେନ୍ ରେଷ୍ଟୁରାଣ୍ଟରେ ବ୍ୟାପକ ଚଢ଼ାଉ କରିଥିଲା। ଏହି ସ୍ପେଶାଲ୍ ଡ୍ରାଇଭ୍ ସମୟରେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ କରାଡ଼ସ୍ଥିତ ପିଜା ହଟର ଲାଇସେନ୍ସ ରଦ୍ଦ କରାଯିବା ସହ ଅନେକ ସଂସ୍ଥାକୁ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଓ ସୁଧାର ନୋଟିସ୍ ଜାରି କରାଯାଇଛି।

୨୦୨୯ ନିର୍ବାଚନ ପାଇଁ ବିଜେପିର ମାଷ୍ଟରପ୍ଲାନ୍

ନୀତିନ ନବୀନଙ୍କ ନେତୃତ୍ୱରେ ଦଳର ନୂଆ ଟିମ୍ ଘୋଷଣା

ନୂଆଦିଲ୍ଲୀ,୧୬।୮: ଭାଜପାରେ ଖୁବ୍‌ଶୀଘ୍ର ଏକ ବଡ଼ ସାଂଗଠନିକ ପୁନର୍ଗଠନ ହେବାକୁ ଯାଉଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ନେତୃତ୍ୱରେ ଦଳର ନୂଆ ଟିମ୍ ଘୋଷଣା ହୋଇପାରେ। ଖବର ଅନୁସାରେ, ଅଭିଜ୍ଞ ନେତାଙ୍କ ସହ ବହୁ ସଂଖ୍ୟକ ଯୁବ ଓ ମହିଳା ନେତ୍ରୀଙ୍କୁ ସଂଗଠନରେ ଗୁରୁତ୍ୱ ଦିଆଯିବ । ୨୦୨୯ ନିର୍ବାଚନକୁ ନଜରରେ ରଖି ଏହି ପରିବର୍ତ୍ତନ କରାଯାଉଥିବା କୁହାଯାଉଛି। ନୂଆ ସାଂଗଠନିକ ଟିମ୍‌ରେ ଉପାଧକ୍ଷ, ମହାସଚିବ, ସଚିବ, ଜାତୀୟ ମୁଖପାତ୍ର ଏବଂ ବିଭିନ୍ନ ମୋର୍ଚ୍ଚାର ମୁଖ୍ୟଙ୍କ ନିଯୁକ୍ତି ହୋଇପାରେ। ବିଶେଷକରି ଯୁବ ନେତାଙ୍କୁ ଅଧିକ ସୁଯୋଗ ଦେବା ଉପରେ ଦଳ ଜୋର ଦେଉଥିବା ଚର୍ଚ୍ଚା ହେଉଛି । ଖବର ଅନୁସାରେ, ନୂଆ ଦଳୀୟ ଟିମ୍ ଘୋଷଣା ପରେ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳରେ ମଧ୍ୟ ପରିବର୍ତ୍ତନର ସମ୍ଭାବନା ରହିଛି । କିଛି ବରିଷ୍ଠ କେନ୍ଦ୍ରମନ୍ତ୍ରୀଙ୍କୁ ସଂଗଠନରେ ଦାୟିତ୍ୱ ଦିଆଯାଇପାରେ । ଅନ୍ୟପଟେ, ଦଳର କିଛି ପ୍ରମୁଖ ନେତାଙ୍କୁ କେନ୍ଦ୍ର ସରକାରରେ ସାମିଲ କରାଯାଇପାରେ। ସଂଗଠନ ଓ ସରକାର ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ବିଭିନ୍ନ ରାଜ୍ୟର ରାଜନୈତିକ ସମୀକରଣକୁ ଠିକ୍ ରଖିବା ଉପରେ ଫୋକସ୍ ରହିବ।

ବସ୍ ଦୁର୍ଘଟଣାଗ୍ରସ୍ତ: ୧୨ ମୃତ, ୧୦ ଗୁରୁତର

ହଙ୍ଗେରୀ,୧୬।୮: ହଙ୍ଗେରୀର ଏକ ଜାତୀୟ ରାଜପଥରେ ରବିବାର ସକାଳେ ପୋଲାଣ୍ଡର ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ସର୍ବିଆରୁ ପୋଲାଣ୍ଡ ଅଭିମୁଖେ ୫୭ ଜଣ ଯାତ୍ରୀ ଏବଂ ୨ ଜଣ ଚାଳକଙ୍କୁ ନେଇ ଯାଉଥିବା ଏହି ବସଟି ବୁଦାପେଷ୍ଟର ପୂର୍ବରେ ଥିବା ଏମ୍୩ ହାଇୱେରେ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ ଖାଲକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହସ୍ପିଟାଲରେ ଜଣଙ୍କର ମୃତ୍ୟୁ ହୋଇଛି। ଏହାବ୍ୟତୀତ ୩୭ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ କାଚ ଭାଙ୍ଗି ଉଦ୍ଧାର କରାଯାଇଥିବା ବେଳେ କ୍ରେନ୍ ସାହାଯ୍ୟରେ ବସଟିକୁ ଉଠାଯାଇଛି। ୨୦୦୩ ମସିହା ପରେ ହାଙ୍ଗେରୀରେ ଏହାକୁ ସବୁଠାରୁ ଭୟଙ୍କର ସଡ଼କ ଦୁର୍ଘଟଣା ବୋଲି କୁହାଯାଉଛି। ହଙ୍ଗେରୀ ପ୍ରଧାନମନ୍ତ୍ରୀ ପିଟର ମାଗ୍ୟାର ଏବଂ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପୋଲାଣ୍ଡର ବୈଦେଶିକ ମନ୍ତ୍ରୀ ରାଡୋସ୍ଲୋ ସିକୋରସ୍କି ସ୍ଥିତି ଉପରେ ନଜର ରଖିବା ସହ ହଙ୍ଗେରୀ ପ୍ରଶାସନ ସହ ସମ୍ପର୍କରେ ଥିବା କହିଛନ୍ତି।

ନୌକା ଦୁର୍ଘଟଣା, ୭୨ ମୃତ

ଜିୟାଙ୍ଗ୍ସେ,୧୬।୮: ଜିୟାଙ୍ଗ୍ସେରେ ଭୟଙ୍କର ନୌକା ଦୁର୍ଘଟଣା । କରିବା ହୃଦରେ ଏକ ଯାତ୍ରୀବାହୀ ନୌକା ଓଲଟି ପଡ଼ିବାରୁ ୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୧୮ ଜଣ ଶିଶୁ ଥିବା ଜଣାପଡ଼ିଛି । ଶନିବାର ଉଦ୍ଧାରକାରୀ ଦଳ ହୃଦରୁ ଆଉ ଅନେକ ମୃତଦେହ ଉଦ୍ଧାର କରିବା ପରେ ମୃତ୍ୟୁ ସଂଖ୍ୟା ୭୨ରେ ପହଞ୍ଚିଥିବା ପୁଲିସ ସ୍ପଷ୍ଟ କରିଛି। ପୁଲିସର ସୂଚନା ଅନୁସାରେ, ଉଦ୍ଧାରକାରୀ ଦଳ ଆଉ ୨୬ଟି ମୃତଦେହ ଉଦ୍ଧାର କରିବା ପରେ ମୃତ୍ୟୁ ସଂଖ୍ୟା ୭୨କୁ ବୃଦ୍ଧି ପାଇଛି । ତେବେ ନୌକାରେ ପ୍ରକୃତରେ କେତେ ଜଣ ଯାତ୍ରୀ ଥିଲେ ଏବଂ ଆଉ କେତେ ଜଣ ନିଖୋଜ ଅଛନ୍ତି, ସେନେଇ ଅଧିକାରୀମାନେ ସ୍ପଷ୍ଟ ସୂଚନା ଦେଇନାହାନ୍ତି। ସୂଚନା ଅନୁସାରେ, ଏହି ପୁରୁଣା ନୌକାଟି କରିବା ସହରରୁ ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳରେ ଥିବା ଗ୍ରାମୀଣ ଓ ମତ୍ସ୍ୟଜୀବୀ ସମୁଦାୟ ଅଭିମୁଖେ ଯାଉଥିଲା । ଏହି ଅଞ୍ଚଳରେ ରାସ୍ତାଘାଟର ଅବସ୍ଥା ଖରାପ ଏବଂ ସାଧାରଣ ପରିବହନ ବ୍ୟବସ୍ଥା ମଧ୍ୟ ସୀମିତ । ତେଣୁ କରିବା ହୃଦର ଆଖପାଖ ଗ

।।। ୧୩୮ ଦିନରେ ସଚେତନତା ପଦଯାତ୍ରା ।।।

ସ୍ଥାୟୀ ଘୋଷଣା ହେବାଯାଏଁ ସଙ୍କଳ୍ପରେ ଅଟଳ

ପୁରୀ (ବ୍ୟୁରୋ): ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଏବଂ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୮ତମ ଦିନରେ ପହଞ୍ଚିଛି। ଉତ୍କଳ ଦିବସ ଏପ୍ରିଲ ୧ ତାରିଖରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟହ ଅହିଂସାମୂଳକ ଭାବେ ଏହି ପଦଯାତ୍ରା ଜାରି ରହିଛି। ଦିନ ପରେ ଦିନ ବିତି ଚାଲିଥିଲେ ମଧ୍ୟ ଦାବି ନେଇ ସତ୍ୟାଗ୍ରହୀ ପଦଯାତ୍ରୀମାନଙ୍କ ସଙ୍କଳ୍ପ ଅଟଳ ରହିଛି। ଆଜି ମଧ୍ୟ ସତ୍ୟାଗ୍ରହୀମାନେ ହାତରେ ଆଧାର କାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ପଦଯାତ୍ରା ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ନିକଟରେ ପହଞ୍ଚିବା ପରେ ସତ୍ୟାଗ୍ରହୀମାନେ ନିଜ ଆଧାର କାର୍ଡ ପ୍ରଦର୍ଶନ କରି ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପରେ ଘଣ୍ଟି ଦ୍ୱାର ଦେଇ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଭକ୍ତି, ଆନନ୍ଦ ଓ ଆତ୍ମସନ୍ତୋଷର ପରିବେଶ ସୃଷ୍ଟି ହୋଇଥିଲା। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ପୁରୀବାସୀଙ୍କ ପାଇଁ ଆଧାର କାର୍ଡ ଦେଖାଇ ପ୍ରବେଶର ସୁଯୋଗ ମିଳିବା ନିଶ୍ଚିତ ଭାବେ ଏକ ଆଶା ସୃଷ୍ଟି କରିଛି। ତେବେ କେବଳ ଗୋଟିଏ ଦିନ କିମ୍ବା କିଛି ଦିନ ପାଇଁ ଏଭଳି ସୁଯୋଗ ମିଳିବା ଦାବିର ସ୍ଥାୟୀ ସମାଧାନ ନୁହେଁ। ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସରକାରୀ ସ୍ତରରେ ସ୍ପଷ୍ଟ, ସୁସଂଗଠିତ, ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଘୋଷଣା କରାଯିବା ଆବଶ୍ୟକ। ମଞ୍ଚ ପକ୍ଷରୁ ଆହୁରି କୁହାଯାଇଛି ଯେ, ଅନେକ ସମୟରେ ପୁରୀ ସହରର ବିଭିନ୍ନ ଅଞ୍ଚଳର ଲୋକେ ଆଧାର କାର୍ଡ ଦେଖାଇବା ସତ୍ତ୍ୱେ ଶ୍ରୀମନ୍ଦିରରେ ପ୍ରବେଶ କରିପାରୁନଥିବା ନେଇ ମଞ୍ଚକୁ ଜଣାଇଛନ୍ତି। ତେଣୁ ଏକ ନିର୍ଦ୍ଦିଷ୍ଟ ଦିନର ବ୍ୟବସ୍ଥା ଅପେକ୍ଷା ପୁରୀବାସୀଙ୍କ ପାଇଁ ସବୁଦିନ ପାଇଁ ଲାଗୁ ହେବା ଭଳି ସ୍ପଷ୍ଟ ନୀତି ଓ ବ୍ୟବସ୍ଥା କରାଯିବା ଦାବି କରାଯାଇଛି।ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ପ୍ରତି ଆମର ସମ୍ପୂର୍ଣ୍ଣ ସମ୍ମାନ ରହିଛି। ଆମର ଆନ୍ଦୋଳନ କାହାରି ବିରୋଧରେ ନୁହେଁ। ଏହା

ପୁରୀବାସୀଙ୍କ ଦୀର୍ଘଦିନର ଦାବିକୁ ଅହିଂସା, ସତ୍ୟ ଓ ଶାନ୍ତିର ପଥରେ ଉପସ୍ଥାପନ କରିବାର ଏକ ପ୍ରୟାସ। ଆଜି ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରି ଘଣ୍ଟି ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରିବା ଆମ ପାଇଁ ଆଶାର ଏକ ସଙ୍କେତ। ରବିବାର ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ଲିଙ୍ଗରାଜ ସାହୁ, ଯାଦବାନନ୍ଦ ରାୟ, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ପବିତ୍ରା ନାୟକ, ଇଛା ଦାସ, ମନୀଷା ରାଣୀ, ବର୍ଷା ପଣ୍ଡା, ବେହେରା, ଚିକି ସାହୁ, ଶ୍ରଦ୍ଧା, ରଶ୍ମିତା ଦଲେଇ, ସୁଭଦ୍ରା ସାହୁ, ଦୀପା ସାହୁ, ମମତା ସ୍ୱାଇଁ, କିଶୋର ଚନ୍ଦ୍ର ଦାସ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ରମେଶ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ ସେନାପତି, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ସତ୍ୟାଗ୍ରହ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ପାଦ ଚାଲିବ ଅହିଂସାର ପଥରେ। ସଙ୍କଳ୍ପ ରହିବ ନ୍ୟାୟର ଦାବିରେ।ଆଶା ରହିବ

ଶ୍ରାବଣ ତୃତୀୟ ସୋମବାରରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ

ପ୍ରୟାସ ଟେଲିଭିଜନ, ୱଣ୍ଡର ୱାର୍ଲଡ ୱାଟର ପାର୍କ, ମିନା ଫୁଡ୍ସ ଓ ଚେସ୍ ଆସୋସିଏସନ୍ ପକ୍ଷରୁ ବିତରଣ

ପୁରୀ (ବ୍ୟୁରୋ): ବୋଲବମ୍ ହରହର ବମ୍ ଧ୍ୱନୀରେ ପ୍ରକମ୍ପିତ ହେଉଛି ସମସ୍ତ ଶୈବପୀଠ। ଆସନ୍ତାକାଲି ଶ୍ରାବଣ ମାସର ତୃତୀୟ ସୋମବାର ଥିବାରୁ ବୋଲବମ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିବ ପୁରୀ ଲୋକନାଥ ପୀଠରେ। ଭକ୍ତମାନଙ୍କ ସେବା ପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରୟାସ ଟେଲିଭିଜନ ପୁରୀ, ୱଣ୍ଡର ୱାର୍ଲଡ୍ ୱାଟର ପାର୍କ,ମିନା ଫୁଡ୍ସ,ଜିଲ୍ଲା ଚେସ୍ ଆସୋସିଏସନ୍ର ମିଳିତ ସହଯୋଗରେ ଭକ୍ତମାନଙ୍କ ନିଃଶୁଳ୍କ ପ୍ରସାଦ ବଣ୍ଟନ କରାଯାଇଛି। ପ୍ରୟାସ ଟେଲିଭିଜନର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର,ଜେନେରାଲ ମ୍ୟାନେଜର ଗିରିଜା ଶଙ୍କର ରଥ ଯୋଗଦାନ କରି ପ୍ରାୟ ୧୦ ହଜାର ଭକ୍ତଙ୍କ ନିମନ୍ତେ ପ୍ରସାଦ ବଣ୍ଟନ କରିଥିଲେ। ଭକ୍ତମାନେ ପ୍ରସାଦ ଖାଇ ଅତ୍ୟନ୍ତ ଖୁସି ଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମହାବୀର ନୃତ୍ୟ ସଂଘ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ନୃତ୍ୟ ଗୁରୁ ନାରାୟଣ ବେଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଭକ୍ତମାନଙ୍କ ମନୋରଞ୍ଜନ ନିମନ୍ତେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁରୀର ଶ୍ରୀକ୍ଷେତ୍ର କଳାକାର ମଞ୍ଚ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଗୁରୁ ବିଷ୍ଣୁ ଚରଣ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରଭୁ ଶିବଶଙ୍କରଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଭକ୍ତିସଙ୍ଗୀତ ପରିବେଷଣ କରି ଭକ୍ତଗଣ ତଥା ଶ୍ରୋତାମାନଙ୍କ ମନ ମୋହିନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ ପ୍ରଭାତୀ ତ୍ରିପାଠୀ,ଦର୍ଶନା କର, ହରିପ୍ରିୟା ସିଂ, ଦୀପକ, ଯଜ୍ଞାଂଶରେ ସହଯୋଗ କରିଥିଲେ ସୋନାଲ କୁମାର ପାତ୍ର, ଦାମ, ବାପି ଜେନା, ମହେଶ୍ୱର ଜାଲୀ, ଅଭିଷେକ ପାତ୍ର, ନିରୁ। ଉପସ୍ଥିତ ଶିବ ଭକ୍ତ ତଥା ଶ୍ରୋତା ମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ

ଭକ୍ତିଗୀତର ଆନନ୍ଦ ନେଇ ଅନୁଷ୍ଠାନର ତଥା ଆୟୋଜକଙ୍କ ଉଚ୍ଚ ପ୍ରଶଂସା କରିଥିଲେ।ଅନୁଷ୍ଠାନ ତରଫରୁ ପ୍ରୟାସ ତଥା ସମାଜସେବୀ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

ପିପିଲି (ଅମୃତ ମିଡିଆ): ପିପିଲିରେ ମଧ୍ୟ ଆଜି ଧୁମଧାମରେ ପାଳିତ ହେଉଛି ୮୦ତମ ସ୍ୱାଧୀନତା ଦିବସ। ମହାନ ସ୍ୱାଧୀନତା ସଂଗ୍ରାମୀ ଓ ମହାନ୍ ଜନନାୟକଙ୍କ ବଳିଦାନକୁ ସ୍ମରଣ କରି ବିଭିନ୍ନ ସରକାରୀ, ବେସରକାରୀ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପିପିଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଧାୟକ ଆଶ୍ରୀତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ପିପିଲି ଜଗନ୍ନାଥପୁରସ୍ଥିତ ଏନରିଚ୍ ପବ୍ଲିକ ସ୍କୁଲ-ୀରେ ମଧ୍ୟ ସ୍ୱାଧୀନତା ଦିବସ ବେଶ୍ ଆକର୍ଷଣୀୟ ଢଙ୍ଗରେ ପାଳିତ ହୋଇଥିଲା। ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ୨୦୦ ଫୁଟ୍ ଲମ୍ବର ଜାତୀୟ ପତାକା। ଛାତ୍ରଛାତ୍ରୀମାନେ ଏହି ବିଶାଳ ତ୍ରିରଙ୍ଗାକୁ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ପ୍ରିନ୍ସିପାଲ ଉତୁପର୍ଣ୍ଣା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ସମ୍ପାଦକ ଦିଲୀପ କୁମାର ପ୍ରଧାନ ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ସେହିପରି ପିପିଲି ଇନଫୋର୍ସ ଏକାଡେମୀ ପକ୍ଷରୁ ମଧ୍ୟ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀମାନେ ୮୦ ଫୁଟ୍ ଲମ୍ବର ଜାତୀୟ ପତାକା ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ପିପିଲି ବଜାର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ସମାଜସେବୀ ଜେନାମଣି ଆଶିଷ ରଞ୍ଜନ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ରହି ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପିପିଲିର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗାର ରଙ୍ଗରେ ଦେଶପ୍ରେମର ମାହୋଲ ସୃଷ୍ଟି ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ଜିଣିଥିଲା। କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ପ୍ରଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ, ମନୋରଞ୍ଜନ ସାହୁ ଙ୍କ ସହ ସମସ୍ତ ପ୍ରଶିକ୍ଷକ ମାନେ ସହଯୋଗ କରିଥିଲେ।

ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପିପିଲି(ଅମୃତ ମିଡିଆ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପିପିଲିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ଆକ୍ରମଣରେ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଉଛି। ଘଟଣାକୁ ନେଇ ପିପିଲି ଥାନାରେ ଉଭୟ ଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଗୁରୁତର ଆହତ ଯୁବକ ହେଉଛନ୍ତି ପୁରୀ ଜିଲ୍ଲା ମାଟିଆପଡ଼ାର ଆରଆଇ ଆଶୁତୋଷ ସାହୁ। ସୂଚନା ଅନୁଯାୟୀ, ଆଶୁତୋଷଙ୍କ ପରିବାରର ଦୁର୍ଗାଦାଶପୁର ଅଞ୍ଚଳର ସରଣପଞ୍ଚର ଗ୍ରାମ ନିକଟ କମାକଣ୍ଡିଆ–ବଳଙ୍ଗା ରାସ୍ତାର ଆଠବାଟିଆ ମୌଜାର ହେତାକଶ ଶଙ୍କ ନିକଟରେ ଜମି ରହିଛି। ଏହି ଜମିର ସୀମାକୁ ନେଇ ପଶ୍ଚିମପଟ ପଡ଼ୋଶୀଙ୍କ ସହ ପୂର୍ବରୁ ବିବାଦ ଲାଗି ରହିଥିଲା। ଗତକାଲି ରାତିରେ ଉକ୍ତ ଜମିର ପଶ୍ଚିମପଟ ସୀମାରେ ନିର୍ମାଣ ହୋଇଥିବା ପାଚେରୀ ଭଙ୍ଗାଯାଉଥିବା ଖବର

ପାଇ ଆଶୁତୋଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପାଚେରୀ ଭାଙ୍ଗିବାକୁ ବିରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିବାଦ ଉଗ୍ର ରୂପ ନେଇଥିବା ବେଳେ ଆଶୁତୋଷଙ୍କୁ ଶାବଳରେ ଆକ୍ରମଣ କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଆଶୁତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ପରେ ଆଶୁତୋଷଙ୍କ ସ୍ତ୍ରୀ ଗୀତାଞ୍ଜଳି ଭୋଳ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ପିପିଲି ଥାନା କେସ ନମ୍ବର ୫୧୧/୨୬ରେ ମସଲା ରୁଜୁ ହୋଇଛି। ଜମିବାଡ଼ି ବିବାଦର ପ୍ରକୃତ କାରଣ ଏବଂ ଆକ୍ରମଣ ଘଟଣାରେ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ପୋଲିସ ତଦନ୍ତ ଜାରି ରହିଛି। ଅନ୍ୟପଟ ପକ୍ଷରୁ ମଧ୍ୟ ଏସମ୍ପର୍କରେ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଉଭୟଙ୍କ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

କଣାସ(ଅମୃତ ମିଡିଆ): କଣାସରେ ଦୀର୍ଘ ୬ ବର୍ଷ ଧରି ପ୍ରତିଷ୍ଠିତ ଏକମାତ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମଦର୍ ଇଣ୍ଡିଆ ଇଣ୍ଟରନେସନାଲ ପବ୍ଲିକ ସ୍କୁଲ, କଣାସ, ପୁରୀ ପକ୍ଷରୁ ୧୫ ଅଗଷ୍ଟ ୨୦୨୬ରେ ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଦେଶଭକ୍ତିର ସହ ପାଳିତ ହୋଇଯାଇଛି। ଏହି ଅବସରରେ କଣାସ ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଶ୍ରୀଯୁକ୍ତ ସତ୍ୟପ୍ରିୟ ଜେନା, ଶ୍ରୀମତୀ ଶାନ୍ତିଲତା ସାମନ୍ତରାୟ, ଶିଳ୍ପପତି ଶ୍ରୀଯୁକ୍ତ ଧନେଶ୍ୱର ରାଉତ, ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ନାଳିମା ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସ୍ୱାଧୀନତା ଦିବସ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟ ପରିବାର ପକ୍ଷରୁ ଦେଶର ସ୍ୱାଧୀନତା, ଏକତା ଓ ଅଖଣ୍ଡତା ପ୍ରତି ସମ୍ମାନ ଜଣାଇବା ସହ ଛାତ୍ରଛାତ୍ରୀମାନଙ୍କ ମନରେ ଦେଶପ୍ରେମ ଓ ଦେଶଭକ୍ତିର ଭାବନାକୁ ଆହୁରି ସୁଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା।

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।ଏହାକୁ ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ସ୍ୱାଧୀନତା ଦିବସ ପରି ଏକ ମହାନ ଦିନରେ ରକ୍ତଦାନ ପରି ଏକ ମହତ ଦାନ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ।ପରେ ମନ୍ତ୍ରୀ ସମସ୍ତ ରକ୍ତ ଦାତା ଙ୍କ ନିକଟକୁ ଯାଇ ସେମାନ ଙ୍କୁ ଉତ୍ସାହିତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ,ଡିଏଫଓ ଧନଜୀ ମଗର ରାକସୋ,ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ , ଡେପୁଟି କଲେକ୍ଟର ତଥା ଜିଲ୍ଲା ରେଡକ୍ରସ ଶାଖା ର ସଂପାଦକ ଅନୁଶ୍ରବ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।ଜିଲ୍ଲା ରେଡକ୍ରସ ଶାଖା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ, ସମ୍ପର୍କ ଓ ସମର୍ପଣ ଅନୁଷ୍ଠାନ ଏହି ରକ୍ତ ଦାନ ଶିବିର ରେ ସାମିଲ ଥିଲେ।ପୂର୍ବରୁ ମନ୍ତ୍ରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରର ରୋଗୀ ମାନଙ୍କୁ ଫଳ ବଣ୍ଟନ ସହ ଚାରା ରୋପଣ କରିଥିଲେ।

ଭଗବତୀ ବିଦ୍ୟା ନିକେତନରେ ସ୍ୱାଧୀନତା ଦିବସ

ପୁରୀ (ବ୍ୟୁରୋ): ଅଠରନଳା ଶିକ୍ଷାଶ୍ରୀ ଲେନ ସ୍ଥିତ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରୋଟାରୀଆନ ଅଶୋକ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ସମ୍ମାନିତ ଅତିଥି, ସଭାପତି ରମେଶ ଚନ୍ଦ୍ର ଦାଶ, ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରାତଃ ବିଭାଗ ସଂଚାଳିକା ମମତା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥି ମାନେ ବିଦ୍ୟାର୍ଥୀମାନଙ୍କୁ କଷ୍ଟଲବ୍ଧ ସ୍ୱାଧୀନତାର ମହତ୍ୱ ଏବଂ ଆଜିର ସମାଜରେ ନାଗରିକମାନଙ୍କ କର୍ତ୍ତ୍ୟ ସମ୍ପର୍କରେ ଅବତାରଣା କରିଥିଲେ।ଏହି ଉତ୍ସବରେ ଦେଶ ବନ୍ଦନା ଗାନ ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ

କୁନି କୁନି ବିଦ୍ୟାର୍ଥୀ ମାନେ ବିଭିନ୍ନ ଦେଶାତ୍ମବୋଧକ ସଂଗୀତ, ନୃତ୍ୟ ପରିବେଷଣ କରିଥିଲେ। ସୁଚିସ୍ମିତା ମହାପାତ୍ର, ରଶ୍ମିତା ସମଥ୍ରା, ସୋନମପ୍ରିୟା ସେନାପତି, ରାଜଲକ୍ଷ୍ମୀ ପାଙ୍

ବ୍ରହ୍ମପୁର: ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ

ଆତ୍ମନିର୍ଭର ଆହ୍ୱାନ ବିକଶିତ ଭାରତର ମଜଭୁତ୍ ଭିତ୍ତି ସ୍ଥାପନ କରିଛି

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ୮୦ତମ ପବିତ୍ର ସ୍ୱାଧୀନତା ଦିବସ ମହା ସମାରୋହରେ ପାଳନ ହୋଇଯାଇଛି । ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମ ଠାରେ ଆୟୋଜିତ ଏହି ମହାନ୍ ଜାତୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅବିନାଶ କୁମାର, ମହାନଗର ନିଗମ କମିଶନର ସସ୍ୟା ରେଡ୍ଡି ଏବଂ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ.ସର୍ବଣା ବିବେକ ଏମ୍., ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେଇଥିଲେ । ଷ୍ଟାଡିୟମ୍ ଚତୁଃପାର୍ଶ୍ୱରେ ଭରପୁର ଜନସମାଗମ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ସକାଳ ୯ ଘଟିକା ସମୟରେ ମୁଖ୍ୟ ଅତିଥିଙ୍କ

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା । ପ୍ୟାରେଡ୍ ପରେ ସ୍କୁଲ୍ ର କୁନି କୁନି ପିଲାମାନେ ଦେଶାତ୍ମବୋଧକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନର ଆୟୋଜନ ମଧ୍ୟ ହୋଇଥିଲା କ୍ଷ ଝିପିଝିପି ବର୍ଷା ଏବଂ କୋହଳା ପାଗରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ଏହି ମହାନ୍ ଜାତୀୟ ଗଣପର୍ବ ସମାପ୍ତି ଘୋଷଣା ସହ ମୁଖ୍ୟ ଅତିଥି ବିଦାୟ ନେଇଥିଲେ କ୍ଷ ଏହା ପୂର୍ବରୁ ସାରା ସହରରେ ପ୍ରତ୍ୟୁଷରୁ 'ରାମଧୂନ୍' ପରିବେଷଣ କରାଯାଇଥିଲା । ଚତୁର୍ଦ୍ଦିଗରେ ଦେଶପ୍ରେମର ଅପୂର୍ବ ଶିହରଣ ଖେଳିଯାଇଥିଲା । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ବର୍ଷା ଯୋଗୁଁ ପୁରସ୍କୃତ କରାଯାଇପାରିନଥିଲେ ମଧ୍ୟ ପରବର୍ତ୍ତୀ ନିଷ୍ପତ୍ତି ଅନୁଯାୟୀ ଏହି ପୁରସ୍କାର ବିତରଣ ଉତ୍ସବ ଆଗାମୀ ୨୦ ତାରିଖ ସକାଳ ୧୦ ଘଟିକା ସମୟରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚିତ କରାଯାଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ଷଷ୍ଠରୁ ଅଷ୍ଟମ ସ୍ତରରେ ସାଇସୌମ୍ୟା ମହାରଣା, ଅଷ୍ଟମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ପ୍ରଥମ ସ୍ଥାନ, ସୁଶ୍ରୀ ସିମ୍ପ୍ରନ ଜେନା, ଅଷ୍ଟମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିବାନନ୍ଦ ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଏକପର୍ଣିକା ପଟ୍ଟନାୟକ, ଅଷ୍ଟମ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ନବମ ରୁ ଏକାଦଶ ସ୍ତରରେ ଅର୍ଚ୍ଚିତା ଆଚାର୍ଯ୍ୟ, ଏକାଦଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ପ୍ରଥମ ସ୍ଥାନ, ପ୍ରତିଜ୍ଞା ପୁରୋହିତ, ଦଶମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମହରି ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଶିବରାମ ଆପଟ୍ଟ, ଦଶମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୋସାଇଁ ନୂଆଗାଁ, ବ୍ରହ୍ମପୁର ତୃତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରରେ ଖୁସି ମହାପାତ୍ର, ବି.ଟେକ୍, ପାରଳା ମହାରାଜା ଇଂଜିନିୟରିଂ କଲେଜ, ବ୍ରହ୍ମପୁର ପ୍ରଥମ ସ୍ଥାନ ଏବଂ କେ. ବିଶ୍ୱେଶ୍ୱରୀ, ଯୁକ୍ତ ତିନି ବିଜ୍ଞାନ, ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ବକ୍ତୃତା ପ୍ରତିଯୋଗିତାର ଷଷ୍ଠ ରୁ ଅଷ୍ଟମ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ପ୍ରଜ୍ଞାମୟୀ ପାତ୍ରୀ, ସପ୍ତମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନରେ ଅଛନ୍ତି ପ୍ରତୀକ କୁମାର ସ୍ୱାଇଁ, ଅଷ୍ଟମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାମହରି ନଗର, ବ୍ରହ୍ମପୁର ଏବଂ ଶ୍ରୁତିପ୍ରିୟା ପୁରୋହିତ, ଷଷ୍ଠ, ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାସୁଦେବ ନଗର, ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ନବମ ରୁ ଏକାଦଶ ସ୍ତରରେ ଅଙ୍କିତା ସାହୁ, ଏକାଦଶ, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର, ପ୍ରଥମ ସ୍ଥାନ, ପି. ଅବିନାଶ ଦାସ, ନବମ, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର, ଦ୍ୱିତୀୟ ଏବଂ ଚିତ୍ରକଳା ପଶୁପାଳକ, ଦଶମ, ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ବ୍ରହ୍ମପୁର, ତୃତୀୟ ସ୍ଥାନ ହାସଲ କରିଛନ୍ତି । ମହାବିଦ୍ୟାଳୟ ସ୍ତରରେ ଅଭିଷେକ ସାମନ୍ତରାୟ, ଯୁକ୍ତ ତିନି, ବାଣିଜ୍ୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଏବଂ ଅମ୍ବିକା ପ୍ରସାଦ ମହାପାତ୍ର, ସ୍ୱାତକୋତ୍ତର, ରାଜନୀତି ବିଜ୍ଞାନ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଗାୟତ୍ରୀ ସାହୁ, ଡିପ୍ଲୋମା (କମ୍ପ୍ୟୁଟର ବିଜ୍ଞାନ) ଉମାଚରଣ ପଟ୍ଟନାୟକ ଯାନ୍ତ୍ରିକ ବିଦ୍ୟାଳୟ, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଦିପ୍ତିମୟୀ ମହାନ୍ତ, ଡିପ୍ଲୋମା (କମ୍ପ୍ୟୁଟର ବିଜ୍ଞାନ), ଉମାଚରଣ ପଟ୍ଟନାୟକ ଯାନ୍ତ୍ରିକ ବିଦ୍ୟାଳୟ , ବ୍ରହ୍ମପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚିତ୍ରାଙ୍କନ ପ୍ରତିଯୋଗିତାର ଚତୁର୍ଥ - ପଞ୍ଚମ ସ୍ତରରେ ପ୍ରିୟାଂଶୁ ଚୌଧୁରୀ, ପଞ୍ଚମ, ଡି.ଏ.ଭି ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର, ପ୍ରଥମ ସ୍ଥାନ, ଜି. ସେଜଲ୍ ପାତ୍ର, ପଞ୍ଚମ, ସେଣ୍ଟ୍ ଯୋଶେଫ୍ କନଭେଣ୍ଟ୍ ସ୍କୁଲ, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନ ଏବଂ ଶୀବାଂଶୀ ପାଢ଼ୀ, ପଞ୍ଚମ, ମାତୃଶ୍ରୀ ଆଙ୍ଗ୍ଲୋବେଦିକ୍ ସ୍କୁଲ, ବ୍ରହ୍ମପୁର ଏବଂ ପ୍ରତିଭା ମଲ୍ଲିକ, ପଞ୍ଚମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର, ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଷଷ୍ଠ - ଅଷ୍ଟମ ସ୍ତରରେ ପ୍ରିୟାଂଶୁ ପଣ୍ଡା, ଅଷ୍ଟମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିବାନନ୍ଦ ନଗର, ପ୍ରଥମ ସ୍ଥାନରେ, ସ୍ତୁତି ସୁବୁଦ୍ଧି, ସପ୍ତମ, ଡି.ଏ.ଭି ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର, ଦ୍ୱିତୀୟ ସ୍ଥାନରେ ଏବଂ କ୍ରାତ୍ତିକା ନାହାକ, ଅଷ୍ଟମ, ସେଣ୍ଟ୍ ଜାଭିୟର ହାଇସ୍କୁଲ, ବ୍ରହ୍ମପୁର ଏବଂ ଓମ ନାରାୟଣ ପାଢ଼ୀ, ସପ୍ତମ, କେ.ସି. ପବ୍ଲିକ ସ୍କୁଲ, ବ୍ରହ୍ମପୁର, ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ନବମ - ଏକାଦଶ ସ୍ତରରେ ସ୍ନେହାଶିଷ ରାଉତ, ଦଶମ, ସେଣ୍ଟ୍ ଯୋଶେଫ୍ କନଭେଣ୍ଟ୍ ସ୍କୁଲ, ବ୍ରହ୍ମପୁର, ପ୍ରଥମ ହୋଇଥିବା ବେଳେ ତ୍ରିନାରାଣୀ ପଣ୍ଡା, ଦଶମ, କେ.ସି. ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର, ଦ୍ୱିତୀୟ ଏବଂ ଭବିଷ୍ୟା ମହାରଣା, ନବମ, ଡି.ଏ.ଭି ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର ଏବଂ ଗଗନ ବିହାରୀ ପଟ୍ଟନାୟକ, ଦଶମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶିବାନନ୍ଦ ନଗର, ବ୍ରହ୍ମପୁର ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଛନ୍ତି ଓ ପ୍ୟାରେଡ ପ୍ରତିଯୋଗିତାର ଏନ୍.ସି.ସି. (ସିନିୟର ଡିଭିଜନ୍) ରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ (ଆର୍ମି) ପ୍ରଥମ ସ୍ଥାନରେ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ (ନାଭାଲ୍) ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଜୁନିୟର ଡିଭିଜନ୍ ଏନ୍.ସି.ସି. (ବାଳିକା) ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଆର୍ମି) ପ୍ରଥମ ସ୍ଥାନରେ, ନ୍ୟୁ ଡି-ପଲ୍ ସ୍କୁଲ୍ (ଆର୍ମି) ଦ୍ୱିତୀୟ ସ୍ଥାନରେ, ଜୁନିୟର ଡିଭିଜନ୍ ଏନ୍.ସି.ସି. (ବାଳକ) ରେ ଡି-ପଲ୍ ସ୍କୁଲ୍ (ଆର୍ମି) ପ୍ରଥମ ସ୍ଥାନରେ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗଜପତି ନଗର (ଆର୍ମି) ଦ୍ୱିତୀୟ ସ୍ଥାନରେ, ସ୍କାଉଟ୍ ଓ ଗାଇଡ୍ ରେ କେ.ସି. ପବ୍ଲିକ୍ ସ୍କୁଲ୍ (ସ୍କାଉଟ୍) ପ୍ରଥମ ସ୍ଥାନରେ, ଭି.ଭି. ଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଗାଇଡ୍) ଦ୍ୱିତୀୟ ସ୍ଥାନରେ, ସବ୍-ଜୁନିୟର ଡିଭିଜନ୍ (ସିଭିଲିଆନ୍) ରେ କେ.ସି. ହାଇସ୍କୁଲ୍ (ଇଂରାଜୀ ମାଧ୍ୟମ) ପ୍ରଥମ ସ୍ଥାନରେ, ଗୁରୁ ନାନକ ପବ୍ଲିକ୍ ସ୍କୁଲ୍ ଦ୍ୱିତୀୟ ସ୍ଥାନରେ, ଜୁନିୟର ଡିଭିଜନ୍ (ସିଭିଲିଆନ୍) ରେ ଅମରେଶ୍ୱର ପୋଲିସ୍ ହାଇସ୍କୁଲ୍, ଆମ୍ବୁଆ, ବ୍ରହ୍ମପୁର ପ୍ରଥମ ସ୍ଥାନରେ, ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାସୁଦେବ ନଗର ଦ୍ୱିତୀୟ ସ୍ଥାନରେ, ସିନିୟର ଡିଭିଜନ୍ (ସିଭିଲିଆନ୍), ସଂକଳ୍ପ ସିନିୟର ସେକେଣ୍ଡାରୀ ସ୍କୁଲ୍, ରାଳବ ପ୍ରଥମ ସ୍ଥାନରେ, ଓ.ଏ.ଭି., କରାପଲ୍ଲୀ ଦ୍ୱିତୀୟ ସ୍ଥାନରେ ରହି କୃତିତ୍ୱ ଅର୍ଜନ ସହ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଶିବଲିଙ୍ଗରେ ଜଳାଭିଷେକ ପାଇଁ ୪ ବର୍ଷର କାଉଡ଼ିଆ ଦେବାଂଶ

ଦେବାଂଶ

ବ୍ରହ୍ମପୁର (ଅମୃତ ମିଡିଆ): ପବିତ୍ର ଶ୍ରାବଣ ତୃତୀୟ ସୋମବାର ଅବସରରେ ବ୍ରହ୍ମାନଗର ବୋଲବୋମ ସଂଘ ପକ୍ଷରୁ ରବିବାର ପୁରୁଷୋତ୍ତମପୁର ପ୍ରତାପପୁର ନଦୀରୁ ପବିତ୍ର ଜଳ ଉଠାଇ ଖଇଡ଼ାସ୍ଥିତ କାଳେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ କରାଯିବ ବୋଲି ଜଣାପଡ଼ିଛି । ତେବେ ଏହି ବୋଲବୋମ ଯାତ୍ରାରେ ମାତ୍ର ୪ ବର୍ଷର ଶିଶୁ କାଉଡ଼ିଆ ଦେବାଂଶ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଦେବାଂଶ ଚଳିତ ବର୍ଷକୁ ମିଶାଇ ଦ୍ୱିତୀୟ ବର୍ଷ ଧରି କାଉଡ଼ିଆ ଭାବେ ପବିତ୍ର ଜଳ ବହନ କରି ମହାଦେବଙ୍କ ଶିବଲିଙ୍ଗରେ ଜଳାଭିଷେକ କରୁଛନ୍ତି । ମାତ୍ର ୪ ବର୍ଷ ବୟସରେ ଦେବାଂଶଙ୍କ ଶିବଭକ୍ତି ଓ ଆସ୍ଥା ସମସ୍ତଙ୍କୁ ଆକର୍ଷିତ କରିଛି । ତାଙ୍କର ଏହି ଭକ୍ତିଭାବ ବୋଲବୋମ ସଂଘର ସଦସ୍ୟଙ୍କ ସମେତ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଛି ।

ନିଆରା ଢଙ୍ଗରେ ଜନ୍ମଦିବସ ପାଳିଲେ ଯୁବ ସମାଜସେବୀ

ବ୍ରହ୍ମପୁର (ଅମୃତ ମିଡିଆ): ନିଜ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ସାମଜସେବୀ ଶମ୍ଭୁ ଶେଖର ମିଶ୍ର । ବ୍ରହ୍ମପୁର ଉପକଣ୍ଠ କନିସି ସ୍ଥିତ ନବ ଜୀବନ ଆଶ୍ରମ ଠାରେ ନିଜ ଜନ୍ମଦିବସ କୁ ପାଳି ପିଲା ମାନଙ୍କ ମୁହଁ ରେ ହସ ଫୁଟାଇଛନ୍ତି ଶମ୍ଭୁ । ସେ କହିବା ଅନୁଯାଇ ତାଙ୍କୁ ଏହି ପ୍ରକାର କାମ କରିବା ନିମନ୍ତେ ତାଙ୍କ ବଡ଼ ଭାଇ ଆଦର୍ଶ (ନିଖିଲ) ସହଯୋଗ କରିବା ସହ ଏହିପରି କିଛି ପୁଣ୍ୟ କାମ କରିବା ନିମନ୍ତେ କହିଥିଲେ । ନିଜର ସାନ ଭାଇ ଏବଂ ଭଉଣୀ ବୋଲି ଭାବି ସେମାନଙ୍କ ମୁହଁ ର ହସ ଫୁଟାଇବା ପାଇଁ ନିଜ ଜନ୍ମ ଦିବସ କୁ ସେଠାରେ ପାଳନ କରି ସେ ବହୁତ ଖୁସି ଅନୁଭବ କରିଥିବା କହିଥିଲେ । ଛୋଟ ଛୋଟ ପିଲାମାନଙ୍କ ଗହଣ ରେ କେକ୍ କାଟିବା ସହ ସେମାନଙ୍କ ନିମନ୍ତେ କିଛି ଖାଇବା ପାଇଁ ମଧ୍ୟ ଆୟୋଜନ କରିଥିଲେ । ସେ ଏହି ସମାଜ ସେବା କରିବା କଥା ନିଜ ପରିବାର ର

ମୋହୋଦୟ ଉପସ୍ଥିତ ରହି ପ୍ରେରଣା ଏବଂ ଉତ୍ସାହ କରିବା ସହ ଅଶରିବାଦ କରିଥିଲେ ଏବଂ ତାଙ୍କର କିଛି ସାଙ୍ଗ ସାଥି ତଥା ରୁଦ୍ର କୁମାର ପାଣିଗ୍ରାହୀ, ଅଭିଜିତ ସାହୁ, ଗୁରୁନାଥ ଖୁଣ୍ଟିଆ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେ ନିଜର ଜନ୍ମ ଦିବସକୁ ପାଳନ କରିଆସୁଥିବାରୁ ସେ ନିଜକୁ ଧନ୍ୟ ମନେ କରୁଥିବା ମଧ୍ୟ କହିଛନ୍ତି । ଏହି ଅବସରରେ ତାଙ୍କୁ ତାଙ୍କର ଜଣେ ବଡ଼ ଭାଇ ଆଦର୍ଶ କୁମାର ମହାନ୍ତି ମଧ୍ୟ ବହୁତ ସାହାଯ୍ୟ କରିଛନ୍ତି ଏବଂ ଆଗକୁ ବଢିବ ପାଇଁ ପ୍ରେରଣା ଦେଉଥିବା ସେ ସୂଚନା ଦେଇଥିଲେ । ତେବେ ଏହି ପରି କାମ କରି ନିଜକୁ ଆନନ୍ଦିତ ମନେ କରିବା ସହ ତାଙ୍କୁ ସହଯୋଗ କରିଥିବା ବ୍ୟକ୍ତିବିଶେଷ ମଧ୍ୟ ବହୁତ ଆନନ୍ଦ ମନେ କରିଥିବା ଦେଖିବାକୁ ମିଳିଥିଲା ।।

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଧୀନତା ଦିବସ

ବ୍ରହ୍ମପୁର (ଅମୃତ ମିଡିଆ): ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ସହର ତଳି ଅଞ୍ଚଳ ବ୍ରଜନଗର ଠାରେ ୮୦ ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସେ କାହିଥିଲେ ଯେ ଏହି ରାଷ୍ଟ୍ରୀୟ ଦିବସ କେବଳ ଏକ ଉତ୍ସବ ନୁହଁ ଏହା ଆମ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ ଓ କର୍ତ୍ତବ୍ୟକୁ ପାଳନ କରିବା ପାଇଁ ସୁଯୋଗ ସୃଷ୍ଟି କରି ପ୍ରେରଣା ଦେଇଥାଏ । ଦେଶ ପ୍ରତି ଆମ ସ୍ୱାଧୀନତା ସଂଗ୍ରାମୀ ଓ ସହିଦ୍ ମାନଙ୍କ ସ୍ୱର୍ବସ୍ୱ ତ୍ୟାଗ, ବଳିଦାନ ଓ ସମର୍ପଣ ଭାବ ପ୍ରତିବଦ୍ଧତାକୁ ସ୍ମରଣ, ସମ୍ମାନ ଓ ଭକ୍ତି ପଦର୍ଶନ ସହ ଯେଉଁ ଆନ୍ଦୋଳନ କାରୀମାନେ କଳାପାଣି ସଜା ସହ ବ୍ରିଟିଶ୍ ମାନଙ୍କ ନିର୍ଯାତନାର ଶିକାର ହୋଇଥିଲେ ତାହାକୁ ମନେ ପକେଇ ସେମାନଙ୍କୁ ପ୍ରଣାମ କରିବା ଏବଂ ସେମାନଙ୍କ ଆଦର୍ଶ ଓ ମୂଲ୍ୟବୋଧ ଉପରେ ଏକ ବିକାଶିତ ଓ ସମୃଦ୍ଧିଶାଳୀ ବ୍ରହ୍ମପୁର ଗଠନ ଦିଗରେ ନିଜକୁ ପ୍ରସ୍ତୁତ କରି କାମ କଲେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବହନ କରିବ।

ଆରଏମ୍ଏସ୍ ବିଜି ଡିଭିଜନ ବ୍ରହ୍ମପୁରକୁ କଟକରେ ମିଶ୍ରଣ ପ୍ରସ୍ତାବକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିରୋଧ

ବ୍ରହ୍ମପୁର (ଅମୃତ ମିଡିଆ): ଦକ୍ଷିଣ ଓଡ଼ିଶାର ଡାକ ସେବା ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆରଏମଏସ ବିଜି ଡିଭିଜନ୍, ବ୍ରହ୍ମପୁରକୁ କଟକସ୍ଥିତ ଆରଏମଏସ ଡିଭିଜନ୍ ସହିତ ମିଶ୍ରଣ କରିବାର ପ୍ରସ୍ତାବକୁ ଭାରତୀୟ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ରାଜ୍ୟ ଶାଖା ସମ୍ପାଦକ ଚିନ୍ମୟ କୁମାର ହୋତା କହିଛନ୍ତି ଯେ, ବ୍ରହ୍ମପୁରରେ ଦୀର୍ଘବର୍ଷ ଧରି ସ୍ୱତନ୍ତ୍ର ଆରଏମଏସ ପ୍ରଶାସନିକ ବ୍ୟବସ୍ଥା ରହିଥିବାରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଡାକ ସେବା ଦକ୍ଷତାର ସହ ପରିଚାଳିତ ହୋଇଆସୁଛି । ଏହାକୁ କଟକରେ ମିଶ୍ରଣ କରାଗଲେ ଦକ୍ଷିଣ ଓଡ଼ିଶା ଏକ ସ୍ୱତନ୍ତ୍ର ଆରଏମଏସ ପ୍ରଶାସନିକ କେନ୍ଦ୍ର ହରାଇବ । ଏହାଦ୍ୱାରା ପ୍ରଶାସନିକ ଦୂରତା ବୃଦ୍ଧି, ନିରୀକ୍ଷଣ ଓ ସମନ୍ୱୟରେ ବିଳମ୍ବ, କର୍ମଚାରୀଙ୍କ ବଦଳି-ପଦୋନ୍ନତି ଓ ଅନ୍ୟାନ୍ୟ ସେବା ସମ୍ପର୍କିତ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବା ସହ ଭବିଷ୍ୟତରେ ଦକ୍ଷିଣ ଓଡ଼ିଶାର ନିଯୁକ୍ତି ଓ ପଦସ୍ଥାପନ ସୁଯୋଗ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ବର୍ତ୍ତମାନ କାର୍ଯ୍ୟାଳୟରେ ଏକ ହଜାରରୁ ଅଧିକ ପାର୍ସଲ, ୧୫ ହଜାରରୁ ଅଧିକ ସ୍ପିଡ୍ ପୋଷ୍ଟ, ୨୦ ହଜାର ସାଧାରଣ ପୋଷ୍ଟ ଓ ୫୦୦ ପ୍ରାୟ ନିୟମିତ ବୁକିଂ କରାଯାଉଛି ! ଏଠାରେ ଇନଷ୍ଟାଣ୍ଟ ପ୍ରୋସେସିଂ ବୁକିଂ କରାଯାଉଥିବାରୁ ଆ ?ଏମ୍ଏସ୍ କାଉଣ୍ଟରରୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ସହଜ ହେଉଛି ! ଏହାକୁ ପରିବର୍ତ୍ତନ କରି କେବଳ ବୁକିଂ କାଉଣ୍ଟରରେ ସୀମିତ କରି ରଖାଗଲେ ଗ୍ରାହକଙ୍କ ନିକଟରେ ସେମାନଙ୍କ ପାର୍ସଲ ପହଞ୍ଚିବାରେ ସମସ୍ୟା ଉପୁଜିବ କଟକ ଡିଭିଜନରେ ଏହାର ସମ୍ମିଶ୍ରଣ ହେଲେ ବିଭିନ୍ନ କାର୍ଯ୍ୟଧାରା ବିଳମ୍ବ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପ୍ରଭାବିତ ହେବା ଏଠାରୁ ପ୍ରଶାସନିକ କାର୍ଯ୍ୟର ଅପସାରଣ ଦ୍ୱାରା ଦୁଇରୁ ତିନି ଦିନରେ ହେଉଥିବା କାମ ଅତିରିକ୍ତ ଦିନ ଲାଗିବ, ଯାହାଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ, ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ଓ କର୍ମଚାରୀଙ୍କୁ କୌଣସି କାମ ପାଇଁ ଅଧିକ ବାଟ ଯିବାକୁ ପଡ଼ିବ । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଗଲେ ବର୍ତ୍ତମାନ ହେଉଥିବା ଅନ

କେନ୍ଦ୍ରାପଡା କଲେଜ ଜମିର ସୁରକ୍ଷା ସହ ବିକାଶ ପାଇଁ ପୁରାତନ ଛାତ୍ରସଂସଦର ସଙ୍କଳ୍ପ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ୮୦ତମ ସ୍ୱାଧୀନତା ଦିବସର ଶୁଭଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସାଧାରଣ ପରିଷଦ ବୈଠକ କଲେଜ ପ୍ରେକ୍ଷାଳୟରେ ସଂସଦର ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମାତୃ ଶିକ୍ଷାକେନ୍ଦ୍ରର ସୁରକ୍ଷା ସହ ତାର ସାର୍ବିକ ବିକାଶ ପାଇଁ ସଂକଳ୍ପ ଗ୍ରହଣ କରିଛି ସଂସଦ। ଏହି ସଭାରେ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହିତ ଭାଙ୍ଗି ପଡୁଥିବା କଲେଜ ଏମବି(ମୁଖ୍ୟ କୋଠା)ର ସଂରକ୍ଷଣ ଓ ନବୀକରଣ ତଥା ନୂତନ ଭିତ୍ତିଭୂମି ସୃଷ୍ଟି ପାଇଁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ ସହିତ ମତାମତ ପ୍ରଦାନ କରିଥିଲେ। ସଭାରେ ଯୋଗଦେଇ କଲେଜର ପ୍ରାକ୍ତନ ଛାତ୍ର ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ନବୀକରଣ ନିମିତ୍ତଅର୍ଥ ସହାୟତା ପାଇଁ ନିଜ ଅଙ୍ଗୀକାର ଘୋଷଣା କରିଥିଲେ। ରାଜ୍ୟ ମହିଳା କମିଶନ ସଦସ୍ୟା ତଥା ପ୍ରାକ୍ତନ ଛାତ୍ରୀ ଡ. କଳ୍ପନା ମଲ୍ଲିକ କଲେଜ ପରିସରରେ ଛାତ୍ରୀମାନଙ୍କୁ ନିରାପଦ ଶୈକ୍ଷିକ ପରିବେଶ ଯୋଗାଇଦେବା ସପକ୍ଷରେ ମତବ୍ୟକ୍ତ କରିଥିଲେ। କଲେଜ ପ୍ରାକ୍ତନ ଅଧ୍ୟକ୍ଷ ତଥା ସଂସଦର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା ଯୋଗଦେଇ କେନ୍ଦ୍ରାପଡା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ମତ ଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଘୋଷଣା କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପୁରାତନ ଛାତ୍ରସଂସଦ ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କଲେଜର ଦିବଂଗତ ଅଧ୍ୟକ୍ଷ ବିଶ୍ୱମୋହନ ମିଶ୍ର, ଶରତ କୁମାର ରଥ, ଅଧ୍ୟାପକ ପ୍ରମୋଦ କୁମାର ସାମଲ ଓ ଛାତ୍ର ଅଭିମନ୍ୟୁ ଦାସଙ୍କ ସ୍ମୃତିରେ ଶୋକ ପ୍ରକାଶ କରାଯାଇଥିଲା। ବରିଷ୍ଠ ଉପସଭାପତି ଡ. ତ୍ରିଲୋକ୍ୟନାଥ ସାମଲ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସଭାରେ ବରିଷ୍ଠ ସାମ୍ବାଦିକ ତଥା କାର୍ଯ୍ୟକାରୀ କମିଟି ସଦସ୍ୟ ଚିତ୍ତରଞ୍ଜନ ଦାସ, ଡ. ବିଧୁଭୂଷଣ ଦାଶ, ଡ. ବାସୁଦେବ ଦାସ, ଗୋଲଖ ଚନ୍ଦ୍ର ମହାଭୋଇ, ରାଜେଶ ନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ମଧୁସୂଦନ ବେହେରା, ଡ. ରଶ୍ମୀ କର, ବିଶ୍ୱନାଥ ଆଚାର୍ଯ୍ୟ, ଭବାନୀ ଓଝା, ଶରତ ସିଂହ, ବିଶ୍ୱଜିତ ଦାସ, ଡ. ପ୍ରଭାକର ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟତମ ଉପସଭାପତି ଡ. ପ୍ରଦୀପ୍ତ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସୁବ୍ରତ କୁମାର ସାମଲ, ସୁଶିଲ କୁମାର ସାମଲ, ରାଜେଶ ଦାସ, ଭାଗିରଥି ଜେନା, ଅଧ୍ୟାପକ ତପନ କୁମାର ପତି, ପ୍ରଭାତ ଚନ୍ଦ୍ର ଦାସ, ପ୍ରମୋଦ କୁମାର ନାୟକ, ସାରଥି ଚନ୍ଦ୍ର କାନୁନଗୋ, ଅଶୋକ କୁମାର ଦାସ, ସୁନିଲ ମହାନ୍ତି, ଅଶୋକ ସାମଲ, ରବିନ୍ଦ୍ର ପରିଡା, ଗୋଲଖ ଚନ୍ଦ୍ର ମହାଭୋଇ, ରାଜେଶ ନାୟକ, ନିରାକାର ଜେନା, ସୁସିପ୍ତ ଦାସ, ନିତ୍ୟାନନ୍ଦ ସେଠୀ, ବିଜୟ କୁମାର ଦାସ, ଚିନ୍ମୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାପଟେନ ସୀମା ମହାନ୍ତି, ଡ. ଦିପ୍ତୀ ରାୟ, ସୁବ୍ରତ ପାତ୍ର, ବିକାଶ ନାୟକ, ମନୋଜ ପ୍ରଧାନ, ସୋନାଲିକା ମହାନ୍ତି, ଡ. ରତ୍ନମଞ୍ଜରୀ ଦାସ, ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ନେଇ ହାଇକୋର୍ଟଙ୍କ ରାୟ

କଟକ (ବ୍ୟୁରୋ) : ସରପଞ୍ଚଙ୍କୁ ପଦରୁ ହଟାଇବା ପାଇଁ କେବଳ ନୋଟିସ୍ ଦେଲେ ହେବନାହିଁ। ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନୋଟିସ୍ ସହ ରିକ୍ୟୁଜିସନ୍ ଏବଂ ପ୍ରସ୍ତାବର ନକଲ ଦେବା ବାଧ୍ୟତାମୂଳକ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି ହାଇକୋର୍ଟ। ନିୟମ ଅନୁସାରେ ପ୍ରକ୍ରିୟା ପାଳନ ନକଲେ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଅବୈଧ ହୋଇପାରେ। ଅନାସ୍ଥା ବୈଠକ ପାଇଁ ଅତି କମ୍‌ରେ ୧୫ ଦିନ ପୂର୍ବରୁ ସରପଞ୍ଚଙ୍କୁ ପୂର୍ଣ୍ଣ ନୋଟିସ୍ ଦେବାକୁ ପଡ଼ିବ। କଟକ ଜିଲ୍ଲା ଆଠଗଡ଼ର କଣ୍ଡରାଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ଞାନ ରଞ୍ଜନ ଦାସଙ୍କ ବିରୋଧରେ ଆଗତ ଅନାସ୍ଥା ମାମଲାର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି। ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବେଳେ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବା ଜରୁରୀ । ବୈଠକର ନୋଟିସ୍ ସରପଞ୍ଚଙ୍କୁ ବ୍ୟକ୍ତିଗତ ଭାବେ ହସ୍ତାନ୍ତର କରିବା ଆବଶ୍ୟକ। କେବଳ ହ୍ୱାଟସ୍‌ଆପ୍‌ରେ ନୋଟିସ୍ ପଠାଇବା କିମ୍ବା ଘର କାନ୍ଥରେ ନୋଟିସ୍ ମାରିଦେବା ଯଥେଷ୍ଟ ନୁହେଁ। ଏସ୍‌ଡିଏମ୍‌ସରପଞ୍ଚଙ୍କୁ ନୋଟିସ୍ ପ୍ରଦାନ କରିବା ସମୟରେ ଅତିକମ୍‌ରେ ଏକ-ତୃତୀୟାଂଶ ୱାର୍ଡ ମେମ୍ବରଙ୍କ ଦସ୍ତଖତ ଥିବା ରିକ୍ୟୁଜିସନ୍ ଏବଂ ଅନାସ୍ଥା ପ୍ରସ୍ତାବର ନକଲ ଦେବା ଆବଶ୍ୟକ। ଅନାସ୍ଥା ପ୍ରସ୍ତାବ ଆଣିବାର ଅଧିକାର ସହିତ ସରପଞ୍ଚଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେବା ମଧ୍ୟ ଆଇନଗତ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ନୋଟିସ୍ ଠିକ୍ ଭାବେ ପ୍ରଦାନ କରିବା ସହ ପ୍ରସ୍ତାବର ସମ୍ପୂର୍ଣ୍ଣ ତଥ୍ୟ ଦେବା ଆବଶ୍ୟକ। ସରପଞ୍ଚ ପଦର ଗରିମା ରକ୍ଷା କରିବା ସହ ଅନାସ୍ଥା ପ୍ରସ୍ତାବର ଆଇନଗତ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ଦିଗରେ ହାଇକୋର୍ଟଙ୍କ ଏହି ରାୟକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦେଖାଯାଉଛି ।

ଇଉକୋ ବ୍ୟାଙ୍କ ଓ ବୈତରଣୀ ଗ୍ରାମୀଣ ବ୍ୟାଙ୍କରେ ଉଡିନାହିଁ ଜାତୀୟ ପତାକା

ବେତନଟୀ (ଅମୃତ ମିଡିଆ) : ୮୦ତମ ସ୍ୱାଧୀନତା ଦିବସ ପାଳନ ଭାରତବର୍ଷ ପାଇଁ ଗର୍ବ ଓ ଗୌରବର ବିଷୟ। ଏକ ସପ୍ତାହ ପୂର୍ବରୁ ଭାରତରଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଘର ଘର ତ୍ରିରଙ୍ଗା ଉଡ଼ାଣ ଦେଶବାସୀଙ୍କର ଗୋଟିଏ ମନ୍ତ୍ର ଓ ବିକଶିତ ଭାରତ, ଯାହାକି ସମସ୍ତ ଦେଶବାସୀକୁ ଏ ସଂପର୍କରେ ସଚେତନ କରାଇବା, ଏପରିଏକ ମହାନ ପବିତ୍ର ଦିବସର ପାଳନ ବେତନଟୀ ବୈତରଣୀ ଗ୍ରାମୀଣ ବ୍ୟାଙ୍କରେ ଉଡି ନାହିଁ ଜାତୀୟ ୮୦ତମ ତ୍ରିରଙ୍ଗା ପତାକା, ଏ ବ୍ୟାଙ୍କର କର୍ମକର୍ତ୍ତା ଗଣ କଣ ଭାରତୀୟ ନୁହନ୍ତି ? ତେବେ ଏହି ଜାତୀୟ ଦିବସ ପାଳନ କରାନଯିବାରେ ଏହା କଣ ଜାତୀୟ ପତକା କୁ ଅସମ୍ମାନ କରିବା ନୁହେ। ଏଠାରେ ଅନ୍ୟାନ୍ୟ ବ୍ୟାଙ୍କ ଗୁଡିକପାଳନ କରୁଥିବା ବେଳେ ଏବ୍ୟାଙ୍କ ଦୁଇଟି ବ୍ୟାଙ୍କ ପାଳନ ନ କରିବାର ଅର୍ଥ କଣ ? ଏହି ଦୁଇଟି ବ୍ୟାଙ୍କ କଣ ଭାରତର ରିଜର୍ଭ ବ୍ୟାଙ୍କ ଅଧୀନ ନୁହ କି ?

ବିଦ୍ୟୁତ୍ ଆଘାତରେ ଚାଲିଗଲା ଜୀବନ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୩ନମ୍ବର ୱାର୍ଡ଼ବାସିନ୍ଦା ରଞ୍ଜନ କୁମାର ବେହେରାଙ୍କର ଆଜି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ପ୍ରକାଶଥାଉ କି, ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ରଞ୍ଜନ ବିଦ୍ୟୁତ୍ ଉପକରଣ ମରାମତି କରୁଥିବା ବେଳେ ହଠାତ୍ କୌଣସି କାରଣବଶତଃ ବିଦ୍ୟୁତ୍ ଆଘାତର ଶିକାର ହୋଇ ତଳେ ପଡ଼ିଯାଇଥିଲେ। ପରିବାରଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ କଟକ ବଡ଼ମେଡ଼ିକାଲ ନେଇ ଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ସ୍ୱର୍ଗତ ରଂଜନ ଜଣେ ମେଳାପି ଲୋକଭାବେ ଅଂଚଳରେ ବେଶ୍ ଜଣାଶୁଣା ଥିବା ବେଳେ ତାଙ୍କର ଏହି ଅକାଳ ବିୟୋଗରେ ତାଙ୍କର ପରିବାର ସମ୍ପୂର୍ଣ୍ଣ ମର୍ମାହତ ହୋଇପଡ଼ିଛନ୍ତି।

ସ୍ୱାଧୀନତା ଦିବସ ପାଳନ ଅବସରରେ ବୃଦ୍ଧାଶ୍ରମରେ ଫଳବଣ୍ଟନ
ମାଆ-ବାପା ପୁଅଠୁ ଭାଗ ପାଇବା ପାଇଁ ଆଇନ ନାହିଁ : ଖଣି ମନ୍ତ୍ରୀ

ଫୁଲବାଣୀ (ଅମୃତ ମିଡିଆ) : କନ୍ଧମାଳ ଜିଲ୍ଲା ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ସରକାରଙ୍କ ଇସ୍ପାତ, ଖଣି,ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବୃଦ୍ଧା ଶ୍ରମର ଅନ୍ତେବାସୀଙ୍କୁ ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ଅତିଥି ମାନଙ୍କୁ ସତ୍କାର ଓ ଫଳ ଓ ଛତା ବଣ୍ଟନ କରାଯାଇଥିଲା। ଜିଲ୍ଲା ରୋଟାରୀ କ୍ଲବ୍ ପକ୍ଷରୁ ଅହିଂସା ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମର ମୁଖ୍ୟ ଲିଆକତ ଅଲି ଖାନ ଓ କରାମତ ଅଲିଖାନ ଅତିଥି ମାନଙ୍କୁ ସ୍ୱାଗତ କରି ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ବୃଦ୍ଧାଶ୍ରମରେ ୬୪ ଜଣ ବୃଦ୍ଧ ବୃଦ୍ଧା ରହୁଛନ୍ତି। ଆୟୋଜିତ ସଭାରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ଅନ୍ତେବାସୀ ଙ୍କୁ ପରାମର୍ଶ ଦେଇ କହିଥିଲେ ଯେ ଆପଣ ମାନେ ଦୁଃଖ କରନ୍ତୁ ନାହିଁ, ଭଗବାନ ଅଛନ୍ତି, ଆମେ ଅଛୁ, ସରକାର ଅଛନ୍ତି ତମର ସମସ୍ୟା ଓ ଦୁଃଖ ବୁଝିବାକୁ, ପୁଅକୁ ମନେ ପକାଇ ଦୁଃଖ କର ନାହିଁ, ଜନ୍ମ ଦେଇ ପ୍ରତିପୋଷଣ କରି ସେମାନଙ୍କୁ ମଣିଷ କରି ସର୍ବଶେଷରେ ସେମାନଙ୍କୁ ସମ୍ପତି ଭାଗ ମିଳିଥାଏ। କିନ୍ତୁ

ଯେତେ ବେଳେ ମାତାପିତା ପରିଣତ ବୟସରେ, ସେମାନଙ୍କର ସେବା ନକରି ସେମାନଙ୍କୁ ବୃଦ୍ଧାଶ୍ରମରେ ପହଞ୍ଚାନ୍ତି। ମାଆ ବାପା ଙ୍କର ସମ୍ପତି ପୁଅ ଝିଅ ପାଇବା ପାଇଁ ଆଇନ ରହିଛି। କିନ୍ତୁ ପୁଅ ଝିଅର ସମ୍ପତିରୁ ବାପାମାଙ୍କ ର ଭାଗ ପାଇବା ପାଇଁ ଆଇନ ନାହିଁ। ମାଆ ବାପାଙ୍କୁ ଭାଗ ଦରକାର ନାହିଁ। ସେମାନଙ୍କୁ ସେବା ଦରକାର ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ। ସମାଜ ସେବୀ, ସାଧାରଣ ଲୋକ ଅସହାୟ ବୃଦ୍ଧ, ବୃଦ୍ଧା ଓ ଅନାଥ ପିଲାଙ୍କୁ ଟିକେ ଯଦି ରିସ୍କ ନେବେ ତେବେ ସେମାଙ୍କର ଦୁଃଖ ଓ ସମସ୍ୟା ଦୂରକରିପାରିବେ।କେବଳ ସରକାର, ଆଇନ, ଓ ପ୍ରଶାସନ ହିଁ ସେବା କରିପାରିବେ ତାହା ନୁହଁ ଆମେ ସମସ୍ତେ ବି ସହାୟତା ଓ ମାନବିକତାର ହାତ ବଢ଼ାଇ ପାରିବା ବୋଲି ଉପସ୍ଥିତ ସର୍ବସାଧାରଣଙ୍କୁ ଆଖ୍ୱାନ୍ ଆହ୍ୱାନ ଦେଇଥିଲେ ମନ୍ତ୍ରୀ ଶ୍ରୀ ଜେନା। ଏହି ଅବସର ରେ ଜିଲ୍ଲାପାଳ ଭେଦ ଭୂଷଣ, ଏସପି ରାମେନ୍ଦ୍ର ପ୍ରସାଦ, ଆଇଏଏସ ପ୍ରବେଶନ ଯଶବନ୍ତ ସିଂ, ଅତିରିକ୍ତ ଜିଲ୍ଲା ପାଳ କୁଶଳ ଚନ୍ଦ୍ର ନାୟକ, ଡିଏସଏସ ଓ ଡିପଦ୍ମା, ଜିଲ୍ଲା ରୋଟାରୀ କ୍ଲବ ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ, ସାଧାରଣ ସମ୍ପାଦକ ସୁନୀଲ କୁମାର ପଟ୍ଟନାୟକ, ବିପ୍ରଚରଣ ପାତ୍ର ସହକାରୀ ଗୋଭରନର, ବିରାଜିନୀ ମହାପାତ୍ର, ପ୍ରାକ୍ତନ ସମ୍ପାଦକ ବିରାଜ ନାହାକ, ଅଶୋକ ବେହେରା, ସିମାଞ୍ଚଳ ବେହେରା, ଅଶୋକ କୁମାର ପ୍ରଧାନ, ବାବୁଲା ସାହୁ, ପ୍ରାକ୍ତନ ସଭାପତି ରବୀନ୍ଦ୍ର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ପଣ୍ଡା, ଉର୍ମିଳା ପଣ୍ଡା, କେ ଜ୍ଞାନ ଦୋରା, ଶୁଭ୍ରା ପଟ୍ଟନାୟକ, ଡି. ଅରୁଣା, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଡିଗଲ, ଲିଟୁ ମହାପାତ୍ର ଓ ବୃଦ୍ଧାଶ୍ରମର କର୍ମ କର୍ତ୍ତା ଯୋଗ ଦେଇଥିଲେ। ଆଶ୍ରମର ଛୋଟ ଛୋଟ ପିଲାମାନେ ଦେଶାତ୍ମ ବୋଧ ସଂଗୀତ ଗାନ କରିଥିଲେ।

ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୮୦ତମ ସ୍ୱାଧୀନତା ଦିବସ

ପାରାଦୀପ (ଅମୃତ ମିଡିଆ) : ଇଣ୍ଡିଆନ୍‌ଅଏଲ୍ ପାରାଦୀପ ରିଫାଇନରୀରେ ୮୦ ତମ ସ୍ୱାଧୀନତା ଦିବସ ଦେଶପ୍ରେମ ଓ ଉତ୍ସାହ ସହିତ ପାଳନ କରାଗଲା। ସମସ୍ତ ପାରାଦୀପ ରିଫାଇନାରୀ ପରିବାର ସହିତ ଷ୍ଟାଡିୟମରେ ଜାତୀୟ ଗୀତ ବାଜିଥିଲା ଏବଂ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପ୍‌ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରି କୌଶିକ ବସୁ, ଆମ ଦେଶର ସ୍ୱାଧୀନତା ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ପାରାଦୀପ ରିଫାଇନରୀ, ଏହି ଅଞ୍ଚଳର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛି ଏବଂ PX-PTA, Avgas, Bhadrak Textile Project ଭଳି ନୂତନ ପ୍ରକଳ୍ପଗୁଡିକ ଓଡିଶାର ଶିଳ୍ପ ଅଭିବୃଦ୍ଧି କାହାଣରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଡିପିଏସ୍ ପାରାଦୀପ ରିଫାଇନରୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍ୱାଧୀନତା ଦିବସ ପାଳନ ସମାପ୍ତ ହୋଇଥିଲା। ସ୍ୱାଧୀନତା ଦିବସ ଅବସରରେ ପାରାଦୀପ ରିଫାଇନରୀ ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମଧ୍ୟରେ ଆନନ୍ଦ ଏବଂ ଉତ୍ସାହ ଭରି ଦେଇଥିଲା।

ଉତ୍ସାହ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବିଶାଳ ତ୍ରିରଙ୍ଗା ପଦଯାତ୍ରା

ନିଶ୍ଚିନ୍ତକୋଇଲି (ଅମୃତ ମିଡ଼ିଆ) : ପବିତ୍ର ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ସୁକରପଡା ଠାରୁ ବ୍ଲକ ଛକ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଉତ୍ସାହ ଚାରି ଟେବୁଲ୍ ଟ୍ରଷ୍ଟ ତରଫରୁ ଏକ ବିରାଟ ତ୍ରିରଙ୍ଗା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପଦ ଯାତ୍ରାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ବହୁ ମହିଳା ପୁରୁଷମାନେ ସାମିଲ ହୋଇ ସ୍ୱାଧୀନତା ସଂଗ୍ରାମୀଙ୍କ ନାରାବାଜୀ ଦେଇ ୧୫୦ ଫୁଟ ବିଶିଷ୍ଟ ଜାତୀୟ ପତାକା ଧରି ଦୀର୍ଘ ୭ କିଲୋମିଟର ପଦଯାତ୍ରା କରି ବ୍ଲକ ଛକ ନିକଟରେ ପହଞ୍ଚିଲା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଉତ୍ସାହ ପରିବାରର ସଭାପତି ଦେବାଶିଷ ବେଉରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନିତା ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ବରାଳ, ଦେବେନ୍ଦ୍ର ଲେଙ୍କା, ସମାଜସେବୀ ଓ ସମର୍ପଣ ଅନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ପ୍ରତାପ କୁମାର ସିଂହ, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ, ଓଡ଼ିଶା ନୃତ୍ୟଗୁରୁ ବେବରୁପା କର,ମହିଳା ନେତ୍ରୀ ଅମ୍ରିତା ସିଂହ, ସମ୍ପାଦକ ସନ୍ତୋଷ କୁମାର ଜେନା,ଉପ ସଭାପତି ସୟଦ ମହମ୍ମଦ ଗୁଫରାନ, ଓଡ଼ିଶା ପୋଲିସରେ କାର୍ଯ୍ୟରତ କର୍ମଚାରୀ ଗୋପୀନାଥ ବେହେରା, ଏନଆଇସିଟି କମ୍ପ୍ୟୁଟର ସେଣ୍ଟର ମୁଖ୍ୟ ହେମନ୍ତ କୁମାର ରାଉତ, ପ୍ରବଚକ ହରିହର ମହାପାତ୍ର, ଓଡ଼ିଶା ଶାଖା ରାଷ୍ଟ୍ରୀୟର ଅଧ୍ୟକ୍ଷ କୁଞ୍ଜ ବିହାରୀ ବେହେରା, ସମ୍ପାଦକ ଆଶିଷ କୁମାର ପତି, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦାନ କରି ସହଯୋଗ କରିଥିଲେ। ଏହି ଉତ୍ସବରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା ସହିତ ଚଳିତ ମାଟ୍ରିକ ପରୀକ୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକରେ ୪୫୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୩୦ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସେକ ତାଜ୍ ଉଦ୍ଦିନ, ସେକ ଆଲ୍ଲୁ ଉଦ୍ଦିନ, ଚନ୍ଦନ ତରାଇ,ସୁଧାକର ଜେନା,ଅଭିଷେକ ବିଶ୍ୱାଳ, ଅଜୟ କୁମାର ନାୟକ, ସୁରେଶ ଚନ୍ଦ୍ର ପରିଡ଼ା, ବିଲ୍ଲୁପ କୁମାର ମୁଦୁଲି, ଦୀପ୍ତିରଞ୍ଜନ ସ୍ୱାଇଁ, ଭରତ ଚନ୍ଦ୍ର ସ୍ୱାଇଁ, ଜନ୍ମେଜୟ ସ୍ୱାଇଁ, ମିଲେନିୟମ କ୍ଲବ୍‌ର ସଭାପତି ପ୍ରବୀର କୁମାର ଦାସ, ରାଜେଶ୍ ଜେନା, ଗଗନ ସାମଲ, ସୁବୋଧ ଗୁରୁ ପ୍ରମୁଖ ପୂର୍ଣ୍ଣ ସହଯୋ

ଗାଲେ ଟେଷ୍ଟରେ ତିନୋଟି ପ୍ରମୁଖ ରେକର୍ଡ ଭାଙ୍ଗିଲେ ଦେବଦତ୍ତ ପାଡିକ୍କଲ

ଗାଲେ : ଗାଲେରେ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଟେଷ୍ଟରେ ଭାରତର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ଦେବଦତ୍ତ ପାଡିକ୍କଲ୍ ନଅଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ଏକ ଚକ୍କାର ଶତକ ହାସଲ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ଥିଲା। ଏହା ତାଙ୍କର ଟେଷ୍ଟ କ୍ୟାରିୟରର ତୃତୀୟ ମୁକାବିଲା ଥିଲା। ଏହି ଶତକ ସହିତ ସେ ତିନୋଟି ପ୍ରମୁଖ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲଙ୍କ ଆଉଟ୍ ହେବା ପରେ ପାଡିକ୍କଲ୍ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ ଏବଂ ସଠିକ ବୁଝାମଣା ସହିତ ଶହେ ରନ୍ ସ୍କୋରରେ ପହଞ୍ଚିଥିଲେ। ଏବେ ଆସନ୍ତୁ ଏହି ଶତକ ସହିତ ସେ କରିଥିବା ରେକର୍ଡଗୁଡ଼ିକ ଉପରେ ନଜର ପକାଇବା। ଏକବିଂଶଶତାବ୍ଦୀରେ ଭାରତ ପାଇଁ ୩ ନମ୍ବର ସ୍ଥାନରେ ଶତକ ହାସଲ କରିବାରେ ପାଡିକ୍କଲ ଦ୍ୱିତୀୟ ବାମହାତୀ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ଏହା ପୂର୍ବରୁ ସୌରଭ ଗାଙ୍ଗୁଲି ୨୦୦୨ ମସିହାରେ ଦିଲ୍ଲୀ ଟେଷ୍ଟରେ ଜିମ୍ବାୱେ ବିପକ୍ଷରେ ୧୩୬ ରନର ଇନିଂସ ଖେଳିଥିଲେ। ୨୪ ବର୍ଷର ଦୀର୍ଘ ଅପେକ୍ଷା ପରେ ପାଡିକ୍କଲ୍ ଏହି ରେକର୍ଡ ଭାଙ୍ଗିଛନ୍ତି। ଶେଷ ଭାରତୀୟ ଖେଳାଳିଭାବେ ଶୁବମନ ଗିଲ୍ଟେପ୍ଟେମ୍ବର ୨୦୨୪ରେ ଚେନ୍ନାଇରେ ବାଂଲାଦେଶ ବିପକ୍ଷମ୍ୟାଚରେ୩ ନମ୍ବରରେ ବ୍ୟାଟିଂ କରି ଟେଷ୍ଟ ଶତକ ହାସଲ କରିଥିଲେ।ସେହି ମ୍ୟାଚ୍ ଏବଂ ବର୍ତ୍ତମାନର ମ୍ୟାଚ୍ ମଧ୍ୟରେ ଖେଳାଯାଇଥିବା ୧୯ଟି ଟେଷ୍ଟରେ,ଭାରତ'ଓ୍ୱାନ୍-ଡାଉନ୍' (ନମ୍ବର ୩) ପୋଜିସନରେ ସାତଟି ଭିନ୍ନ ବ୍ୟାଟସମ୍ୟାନଙ୍କୁ ପରୀକ୍ଷା କରିଥିଲା ; ସାମୂହିକ ଭାବରେ,ସେମାନେ ୩୫ଟି ଇନିଂସରେ ୨୭.୨୮ ହାରାହାରି ରନ୍ କରିଥିଲେ ଏବଂ ପାଞ୍ଚ ଥର ୫୦ରୁ ଅଧିକ ସ୍କୋର କରିଥିଲେ। ଏବେ,୧୯ଟି ଟେଷ୍ଟର ଦୀର୍ଘ ଅପେକ୍ଷା ପରେ,ପାଡିକ୍କଲ୍ ଏହି ପୋଜିସନରେ ଶତକ ହାସଲ କରିଛନ୍ତି। ବାମହାତୀ ପାଡିକ୍କଲ ଦୁଇ ବର୍ଷ ପରେ ଟେଷ୍ଟ ଫର୍ମାଟକୁ ଫେରିଛନ୍ତି। ସେ ପୂର୍ବରୁ ନଭେମ୍ବର ୨୦୨୪ରେ ଭାରତ ପାଇଁ ଏକ ଟେଷ୍ଟ ଖେଳିଥିଲେ,ଦୁଇଟି ଇନିଂସରେ ଯଥାକ୍ରମେ ୦ ଏବଂ ୨୫ରନ କରିଥିଲେ। ବର୍ତ୍ତମାନ,ଦୀର୍ଘ ବିରତି ପରେ,ସେ ଆଉ ଏକ ସୁଯୋଗ ପାଇଏହାକୁ ସେ ଜବରଦସ୍ତ ଅନ୍ଦାଜରେ ଶତକ ହାସଲ କରିଥିଲେ।

ଟେଷ୍ଟ ଶୃଙ୍ଖଳାର ପ୍ରଥମ ମୁକାବିଲାର ଦ୍ୱିତୀୟ ଦିନ

ଖେଳ ଶେଷସୁଦ୍ଧା ଭାରତୀୟ ଟିମ୍ ୯ ୱିକେଟ୍ ହରାଇ ୪୬୦ ରନ୍

ଗାଲେ: ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମୁକାବିଲା ଖେଳାଯାଉଛି। ଏହି ମୁକାବିଲାର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତୀୟ ଟିମ୍ ୯ ୱିକେଟ୍ ହରାଇ ୪୬୦ ରନ୍ କରିଛି। କୁଲଦୀପ ଯାଦବ ୧୨ ଏବଂ ପ୍ରସିଦ୍ଧ କୃଷ୍ଣା ୧ ରନ୍ କରି ଅପରାଜିତ ଅଛନ୍ତି। ବର୍ଷା ପ୍ରଭାବିତ ମ୍ୟାଚ୍‌ର ଦ୍ୱିତୀୟ ଦିନରେ କେବଳ ୪୩ ଓଭର ଖେଳାଯାଇ ପାରିଥିଲା। ଏହି ମୁକାବିଲାରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଭାରତୀୟ ଟିମ୍ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନର ଏବଂ ଦୁଇ ଜଣ ଦ୍ରୁତବୋଲରଙ୍କୁ ସାମିଲ କରିଛି। ଶ୍ରୀଲଙ୍କା ପକ୍ଷରୁ କେଶର ନୁଓ୍ୱାଥା ନିଜର ଟେଷ୍ଟ ପଦାର୍ପଣ କରିଛନ୍ତି। ମୁକାବିଲାର ପ୍ରଥମ ଦିନରେ ଭାରତର ପ୍ରଭାବ ଦେଖିବାକୁ ମିଳିଥିଲା। ଯଶସ୍ୱୀ ଜୟସ୍ୱାଲ (୩୨ରନ୍) ଏବଂ କେଏଲ୍ ରାହୁଲ ୪୭ ରନ୍‌ର ପ୍ରାରମ୍ଭିକ ଭାଗିଦାରୀ ହୋଇଥିଲେ। ଯଶସ୍ୱୀଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ଆଉଟ୍ ହେଲା ପରେ ଦେବଦତ୍ତ ପଡିକ୍କଲ ପଡ଼ିଆକୁ ଓହ୍ଲାଇଥିଲେ। ସେ କେଏଲ୍ ରାହୁଲଙ୍କ ସହିତ ଦ୍ୱିତୀୟ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ। ପଡିକ୍କଲ ନିଜର ଟେଷ୍ଟ କ୍ୟାରିୟର ପ୍ରଥମ ଶତକ ହାସଲ କରିଛନ୍ତି। ରାହୁଲ ୬୭ ରନ୍‌ରେ ରିଟାୟର୍ଡ ହଟ୍ ହୋଇଥିଲେ। ପ୍ରଥମ ପାଳିରେ ଅଧିନାୟକ ଶୁଭମନ ଗିଲ୍‌ଙ୍କ ବ୍ୟାଟ୍ ନିଷ୍ପ୍ରିୟ ହୋଇଥିଲା। ସେ କେବଳ ୧୬ ରନ୍ ସଂଗ୍ରହ କରିଥିଲେ। ବର୍ଷା ପ୍ରଭାବିତ ମ୍ୟାଚ୍‌ର ପ୍ରଥମ ଦିନରେ ଭାରତ ୨ଟି ୱିକେଟ୍ ହରାଇଥିଲା। ଦ୍ୱିତୀୟ ଦିନର ପ୍ରଥମ ସେଶନ ମ୍ୟାଚ୍ ହୋଇପାରି ନଥିଲା। ଦ୍ୱିତୀୟ ସେଶନରେ କମ ଓଭର ଖେଳାଯାଇଥିଲା। ଭାରତୀୟ ଟିମ୍ ପ୍ରଥମେ ଋଷଭ ପନ୍ତ (୩୯)ଙ୍କୁ ହରାଇଥିଲା। ସେ କେଶରା ନୁଓ୍ୱାଥାଙ୍କ ଦ୍ୱାରା ଶିକାର ହୋଇଥିଲେ। ପନ୍ତ ଆଉଟ୍ ହେଲା ପରେ ରାହୁଲ ପୁଣି ଥରେ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ସେ ମଧ୍ୟ ଆଉଟ୍ ହୋଇଥିଲେ। ରାହୁଲ ୧୦ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୭୫ଟି ବଲ୍ ଖେଳି ୮୨ ରନ୍ କରିଥିଲେ। ଦେବଦତ୍ତ ପଡିକ୍କଲ ୧୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୬୭ ରନ୍ ସଂଗ୍ରହ କରିଥିଲେ। ସେ ୨୩୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ୧୩ ରନ୍ କରିଥିଲେ। ଧ୍ରୁବ କୁରେଲ ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୬୮ଟି ବଲ୍ ଖେଳରେ ମଧ୍ୟ ବର୍ଷା ବାଧକ ସାଜିଥିଲା। ଖେଳି ୫୧ ରନ୍ କରିଥିଲେ।

ପ୍ରଦର୍ଶନୀ କ୍ରିକେଟ ମ୍ୟାଚରେ ଜିଲ୍ଲା ପ୍ରଶାସନ ବିଜୟୀ

ପୁରୀ(ବ୍ୟୁରୋ): ପୁରୀ ଜିଲ୍ଲା ସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ଅବସରର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା।ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ ରେ ପ୍ରଥମେ ବ୍ୟାଟିଂ କରି ଜିଲ୍ଲା ପ୍ରଶାସନ ଏକାଦଶ ୭୫ ରନ କରିଥିବା ବେଳେ ଗଣମାଧ୍ୟମ ଏକାଦଶ ସମାନ ସଂଖ୍ୟକ ଓଭରରେ ୮ ୱିକେଟ ହରାଇ ୭୦ ରନ କରି ପାରିଥିଲେ। ପ୍ରଶାସନ ଏକାଦଶ ପକ୍ଷରୁ ନୀଳମାଧବ ମାଝୀ ଓ କେଶବ ରାଓ ୧୩ ରନ ଲେଖାଏଁ କରିଥିବା ବେଳେ ଗଣମାଧ୍ୟମ ଏକାଦଶର ଅଧିନାୟକ ଅକ୍ଷୟ ମିଶ୍ର ୩୩ ରନ କରିଥିଲେ।ଗଣମାଧ୍ୟମ ଏକାଦଶ ର ଶିବ ଦାସ ୫ ଟି ଉଇକେଟ ବେଷ୍ଟ ବୋଲର ବିବେଚିତ ହୋଇଥିବା ବେଳେ ପ୍ରଶାସନ ଏକାଦଶ ର କେଶବ ରାଓ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଟ୍ରଫି ପ୍ରଦାନ କରିଥିଲେ।ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଜମାଧବ ଭୋଇ ବିଜେତା ଟ୍ରଫି ଓ ଗଣମାଧ୍ୟମ ଏକାଦଶ ପକ୍ଷରୁ ଅକ୍ଷୟ ମିଶ୍ର ରନର୍ସ ଅପ ଟ୍ରଫି ଗ୍ରହଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା,ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ,କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ନାରାୟଣ ପ୍ରତିହାରୀ, ଅନ୍ୟାନ୍ୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଆଜିଠୁ ଦିଲ୍ଲୀରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ୍

ନୂଆଦିଲ୍ଲୀ: ରାଜଧାନୀ ନୂଆଦିଲ୍ଲୀରେ ସୋମବାରଠୁ ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହେବ। ୧୭ ବର୍ଷ ପରେ ଭାରତକୁ ଫେରିଥିବା ଏହି ପ୍ରତିଯୋଗିତାରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ବ୍ୟକ୍ତିଗତ ଭାବେ ରେକର୍ଡ ଷଷ୍ଠ ବିଶ୍ୱ ପଦକ ଲକ୍ଷ୍ୟରେ ରହିଛନ୍ତି। ୫ ଥରର ବିଶ୍ୱ ପଦକ ବିଜୟିନୀ ଭାରତୀୟ ତାରକା ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣ ଜିତିଥିଲା ବେଳେ ୨ ଥର ଲେଖାଏଁ ରୌପ୍ୟ ଓ କାଂସ୍ୟ କରାୟତ୍ତ କରିଛନ୍ତି। ତାଙ୍କୁ ଛାଡ଼ିକି ଅନ୍ୟ ଦୁଇ ଜଣ ଚୀନ୍‌ର ଲିନ୍ ଡାନ୍ (୫ ପୁରୁଷ ଏକକ ସ୍ୱର୍ଣ୍ଣ) ଓ ୫ଶଓ ୟୁନଲେଇ (୩ ମିଶ୍ରିତ ଯୁଗଳ, ୨ ମହିଳା ଯୁଗଳ ସ୍ୱର୍ଣ୍ଣ) ୫ ଲେଖାଏଁ ପଦକ ଜିତିଛନ୍ତି। ତେବେ ଘରୋଇ ପଡ଼ିଆରେ ସିନ୍ଧୁ ଯଦି କାଂସ୍ୟ ପଦକ ବି ଜିତନ୍ତି ତେବେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ୬ ପଦକ ଜିତିବାର ଗୌରବ ଅର୍ଜନ କରିବେ। ନବମ ମାନ୍ୟତାପ୍ରାପ୍ତ ସିନ୍ଧୁ ପ୍ରଥମ ରାଉଣ୍ଡରେ ୧୪୧ତମ ଆୟର୍ଲାଣ୍ଡର ସୋଫିଆ ନୋବେଲ୍‌ଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ଯଦି ସିନ୍ଧୁ ଆଗକୁ ବଢ଼ନ୍ତି ତେବେ ପ୍ରିକ୍ୱାର୍ଟର ଓ କ୍ୱାର୍ଟରଫାଇନାଲ୍‌ରେ ତାଙ୍କର ମୁକାବିଲା ଯଥାକ୍ରମେ ତୃତୀୟ ମାନ୍ୟତାପ୍ରାପ୍ତ ଚୀନ୍‌ର ୱାଙ୍ଗ ଝି ୟି ଓ ଇଣ୍ଡୋନେସିଆର ପୁର୍ତି କୁସୁମାର ୱାର୍ଦାନୀଙ୍କ ସହ ହୋଇପାରେ। ମହିଳା ଏକକରେ ଭାରତର ଯୁବା ଖେଳାଳି ଉନ୍ନତି ହୁଡା ବିଶ୍ୱ ପଦାର୍ପଣ କରିବେ। ସେ ପ୍ରଥମ ରାଉଣ୍ଡରେ ମିଆଁମାରର ଥେଟ ଟାର ତୁଜାରଙ୍କୁ ଭେଟିବେ। ପଞ୍ଚମ ମାନ୍ୟତାପ୍ରାପ୍ତ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ପୋଡିୟମ୍ ଫିନିସ୍ ଲକ୍ଷ୍ୟ ରଖିଛନ୍ତି। ଏହି ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ୨ ଥର (୨୦୨୨, ୨୦୨୫) ବିଶ୍ୱ ପ୍ରତିଯୋଗିତାରେ କାଂସ୍ୟ ଜିତିଛନ୍ତି। ହେଲେ ସାତ୍ୱିକଙ୍କ କାନ୍ଧ ଜନିତ ଆହତ ସମସ୍ୟାଙ୍କୁ ଏହି ଯୋଡ଼ିଙ୍କୁ ଅଡୁଆରେ ପକାଇପାରେ। ଦ୍ୱିତୀୟ ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ଭାବେ ଏମ୍.ଆର ଅର୍ଜୁନ ଓ ହରିହରଣ ଆମସାକୁରୁନାନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଏକକରେ ପ୍ରଦାର୍ପଣକାରୀ ୨୧ ଆୟୁଷ ସେଟ୍ଟୀ ବିଶ୍ୱର ଏକ ନମ୍ବର ତଥା ବିଜେତା ସି ୟୁ କ୍ୱିଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। କ୍ୱିଙ୍କ ବିପକ୍ଷରେ ଆୟୁଷ ୩ ମ୍ୟାଚ୍ ଖେଳି ପ୍ରତ୍ୟେକ ଥର ହାରିଥିଲେ ମଧ୍ୟ ଘରୋଇ ପଡ଼ିଆରେ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ୨୦୨୧ କାଂସ୍ୟ ବିଜେତା ୧୪ ମାନ୍ୟତାପ୍ରାପ୍ତ ଲକ୍ଷ୍ୟ ସେନ୍ ନିଜର ପ୍ରଥମ ମ୍ୟାଚ୍ ଅଷ୍ଟ୍ରିଆର କଲିସ୍ ଭାଲେଣ୍ଟିନ ଫିଲିମନ୍‌ଙ୍କୁ ଭେଟିବେ। ମହିଳା ଯୁଗଳରେ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଏବଂ ପଦାର୍ପଣକାରୀ ସିମ୍ରନ ସିଂହୀ ଓ କାଭିପ୍ରିୟା ସେଲଭାମ୍ ନିଜର ଦମ୍ ଦେଖାଇବେ। ମିଶ୍ରିତ ଯୁଜଗରେ ପଞ୍ଚଦଶ ମାନ୍ୟତାପ୍ରାପ୍ତ ଧ୍ରୁବ କପିଳ ଓ ତନିଷା କ୍ରାଷ୍ଟୋ ପ୍ରଥମ ରାଉଣ୍ଡରେ ବାଇ ପାଇଥିଲା ବେଳେ ରୋହନ କାପୁର ଓ ରୁତ୍‌ବିକା ଶିବାନୀ ଗଡ୍ଡେ ପ୍ରଥମ ରାଉଣ୍ଡରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ହକି ବିଶ୍ୱକପ୍ ୨୦୨୬

ୱେଲ୍ସକୁ ୩-୧ ଗୋଲ୍‌ରେ ହରାଇଲା ଭାରତ

ନୂଆଦିଲ୍ଲୀ : ଭାରତୀୟ ପୁରୁଷ ହକି ଦଳ ବେଲଜିୟମ ଏବଂ ନେଦରଲ୍ୟାଣ୍ଡସ ଦ୍ୱାରା ମିଳିତ ଭାବରେ ଆୟୋଜିତ ୨୦୨୬ ହକି ବିଶ୍ୱକପ୍ ପାଇଁ ଏକ ଚମତ୍କାର ଆରମ୍ଭ କରିଛି। ସ୍ୱାଧୀନତା ଦିବସରେ ଖେଳାଯାଇଥିବା ସେମାନଙ୍କର ପ୍ରଥମ ପୁଲ-ଡି ମ୍ୟାଚରେ, ଟିମ୍ ଇଣ୍ଡିଆ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କରି ଏକ ଚମତ୍କାର ବିଜୟ ସହିତ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲା। ଭାରତୀୟ ଦଳ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଏବଂ ମ୍ୟାଚ୍ ଆରମ୍ଭରୁ ହିଁ ସେମାନଙ୍କର ପ୍ରଦର୍ଶନ ବଜାୟ ରଖିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ପୁଣି ଥରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍ ଆରମ୍ଭରେ ଉଭୟ ଦଳ ସନ୍ତୁଳିତ ଖେଳ ପ୍ରଦର୍ଶନ କରିଥିଲେ, କିନ୍ତୁ ଭାରତୀୟ ଫରୱାର୍ଡମାନେ ଶୀଘ୍ର ନିୟନ୍ତ୍ରଣ ହାସଲ କରିଥିଲେ। ୮ମ ମିନିଟରେ, ଯୁବ ଡିଫେଣ୍ଡର ସଞ୍ଜୟ ପେନାଲ୍ଟି କର୍ଣ୍ଣରରୁ ଏକ ଚମତ୍କାର ଡ୍ରାଗ୍-ଫ୍ଲିକ୍ କରିଥିଲେ; ସେ ୱେଲ୍ସ ଡିଫେନ୍ସକୁ ଭେଦ କରି ନେଟର କର୍ଣ୍ଣର ପାଇଥିଲେ, ଯାହା ଭାରତକୁ ୧-୦ର ଅଗ୍ରଣୀ ଦେଇଥିଲା। ତା'ପରେ, ୧୧ତମ ମିନିଟରେ, ଅଧିନାୟକ ହରମନପ୍ରୀତ ସିଂହ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିଥିଲେ। ହରମନପ୍ରୀତଙ୍କ ଶକ୍ତିଶାଳୀ ଏବଂ ସଠିକ୍ ଫ୍ଲିକ୍ ଆଗରେ ୱେଲ୍ସ ଗୋଲକିପରଙ୍କ ପ୍ରଦର୍ଶନ ଫିକା ଫିକା ମନେ ହେଉଥିଲା। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା, ୱେଲ୍ସର ଦୃଢ଼ ପ୍ରତିରକ୍ଷା ଭାରତର ସୂଚ୍ଚ କରକେରା ଏବଂ ମୋହିତଙ୍କ ଆକ୍ରମଣକୁ ପ୍ରତିହତ କରିଥିଲା। ଫଳସ୍ୱରୂପ, ପ୍ରଥମାର୍ଦ୍ଧ ଶେଷରେ ଭାରତ ୨-୦ରେ ଆଗୁଆ ରହିଥିଲା। ଭାରତ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଏହି ଅଗ୍ରଣୀ ବଜାୟ ରଖିଥିଲା, ୱେଲ୍ସ ପ୍ରତିଯୋଗିତାରେ ଯଥେଷ୍ଟ ପଛରେ ପଡ଼ିଯାଇଥିଲା। ତୃତୀୟ କ୍ୱାର୍ଟରରେ, ଭାରତୀୟ ଦଳ ମଧ୍ୟଭାଗରୁ ଆକ୍ରମଣାତ୍ମକ ଖେଳ ଶୈଳୀ ବଜାୟ ରଖିଥିଲା। ଏହି କ୍ୱାର୍ଟରରେ ଉତ୍କୃଷ୍ଟ କ୍ଷେତ୍ର ଖେଳ ମାଧ୍ୟମରେ ଭାରତ ଏହାର ପ୍ରଦର୍ଶନ ସ୍ୱରୂପ ୩-୦ ରେ ଅଗ୍ରଣୀ ହାସଲ କରିଥିଲା। ଭାରତୀୟ ଅଧିନାୟକ ହରମନପ୍ରୀତ ତୃତୀୟ ଗୋଲ ମଧ୍ୟ କରିଥିଲେ। ୱେଲ୍ସ ଶେଷ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିଥିଲା, ୫୬ତମ ମିନିଟରେ ଗୋଲ ସ୍କୋର କରି ଏହାକୁ ୩-୧ କରିଥିଲା, କିନ୍ତୁ ଭାରତୀୟ ଡିଫେନ୍ସ ଆଉ କୌଣସି ସୁଯୋଗ ହାତଛଡ଼ା ନକରି ୩-୧ରେ ବିଜୟ ଏବଂ ସେମାନଙ୍କର ପୁଲ ଡି ଅଭିଯାନର ଏକ ଚମତ୍କାର ଆରମ୍ଭ କରିଥିଲା।

ଅଷ୍ଟ୍ରେଲିଆ ମାଟିରେ କଙ୍ଗାରୁ ଟିମ୍‌କୁ ୫୭ ରନରେ ହରାଇଲା ବାଂଲାଦେଶ

ନୂଆଦିଲ୍ଲୀ : ଅଷ୍ଟ୍ରେଲିଆରେ ଇତିହାସ ରଚିଲା ବାଂଲାଦେଶ । ୨୩ ବର୍ଷ ପରେ ଅଷ୍ଟ୍ରେଲିଆ ଖେଳିବାକୁ ଯାଇଥିବା ବାଂଲାଦେଶ ଟିମ୍ ବଦଳାଇ ଦେଇଛି ଇତିହାସ । ସୃଷ୍ଟି କରିଛି ନୂଆ ରେକର୍ଡ । ଡାରୱିନରେ ଅଷ୍ଟ୍ରେଲିଆକୁ ୯ ୱିକେଟରେ ହରାଇଲା ବାଂଲାଦେଶ । ୫୭ ରନର ଲକ୍ଷ୍ୟକୁ ଗୋଟିଏ ୱିକେଟ ହରାଇ ହାସଲ କରି କଙ୍ଗାରୁ ଟିମକୁ ମାତ୍ ଦେଲା ବାଂଲାଦେଶ । ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଥର ଅଷ୍ଟ୍ରେଲିଆକୁ ହରାଇଲା ବାଂଲାଦେଶ । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ ଟିମ୍ । ପ୍ରଥମ ଇନିଂସରେ ବ୍ୟାଟିଂ କରି ୧୯୮ ରନ୍ କରିବାକୁ ସକ୍ଷମ ହୋଇଥିଲା କଙ୍ଗାରୁ ଦଳ । ବାଂଲାଦେଶ ପକ୍ଷରୁ ହସନ ମହମ୍ମଦ ୬ଟି ୱିକେଟ୍ ନେଇଥିବା ବେଳେ ହାସନ୍ ଏବଂ ଅହମ୍ମଦ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି । ଜବାବରେ ବାଂଲାଦେଶ ପ୍ରଥମ ଇନିଂସ ବ୍ୟାଟିଂ କରି ୪୨୬ ରନ୍ ହାସଲ କରିଥିଲା । ଦଳ ପକ୍ଷରୁ ହସନ ତାମିମ୍ ଶତକ ହାସଲ କରିଥିଲେ । ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଟିମ୍ ମାତ୍ର ୨୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ଅଲରାଉଣ୍ଡର କ୍ୟାମେରୁନ୍ ଗ୍ରୀନ୍ ଶତକ ହାସଲ କରିଥିଲେ । ତାପରେ ବି ଦଳ ୨୮୪ ରନରେ ସୀମିତ ରହିଥିଲା । ବାଂଲାଦେଶ ପକ୍ଷରୁ ମେହେନ୍ଦୀ ହସନ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ । ବାକି ହସନ ମେହେଙ୍ଗୁଦ ୩ଟି ଏବଂ ତକସିନ ଅହମ୍ମଦ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଶେଷରେ ବାଂଲାଦେଶ ଟିମ୍ ୫୬ ରନ୍ ଟାର୍ଗେଟ ମିଳିଥିଲା । ଯାହାକୁ ବାଂଲାଦେଶ ଟିମ୍ ଗୋଟିଏ ୱିକେଟ୍ ହରାଇ ହାସଲ କରିଥିଲା ।

ବଦଳିଲା ଦିନିକିଆ ବିଶ୍ୱକପ୍ ତାରିଖ

ନୂଆଦିଲ୍ଲୀ ; ଆଇସିସି ୨୦୨୭ ଦିନିକିଆ ବିଶ୍ୱକପକୁ ବଡ଼ ପ୍ଲାନ୍ କରୁଛି । ବିଶ୍ୱକପର ପ୍ରଥମ ମ୍ୟାଚ୍ ଅକ୍ଟୋବର ୨, ଗାନ୍ଧୀ ଜୟନ୍ତୀରେ ଆରମ୍ଭ କରିବାକୁ ବିଚାର କରୁଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ । ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମେ ଅକ୍ଟୋବର ୮ ତାରିଖରେ ଆରମ୍ଭ ହେବ

ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ସମୀକ୍ଷା

ମୁଖ୍ୟଚିକିତ୍ସାଳୟ ପରିଦର୍ଶନ ସହ ନବନିର୍ମିତ ରୋଗୀ ଚିକିତ୍ସା କେନ୍ଦ୍ରର ଶୁଭ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଜୟପୁର (ଅମୃତ ମିଡିଆ) : ଆଜି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହା ସହ ମାନ୍ୟବର ମନ୍ତ୍ରୀ ଚିକିତ୍ସାଳୟ ପରିସରରେ ୨୨ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଗୁରୁତର ରୋଗୀ ଚିକିତ୍ସା କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପରିଦର୍ଶନ ସମୟରେ ମାନ୍ୟବର ମନ୍ତ୍ରୀ ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ସହ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଚିକିତ୍ସା ସେବା ସମ୍ପର୍କରେ ସମୀକ୍ଷା କରିଥିଲେ। ସାଧାରଣ ଜନତା ଯେପରି ସହଜରେ ଏବଂ ସୁଚାରୁରୂପେ ଉନ୍ନତମାନର ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ସେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ଜିଲ୍ଲାର ସ୍ୱାସ୍ଥ୍ୟସେବା, ହସ୍ପିଟାଲର ଭିତ୍ତିଭୂମି ଓ ରୋଗୀସେବାର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ହସ୍ପିଟାଲରେ ଉପଲବ୍ଧ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ସୁବିଧା, ଆବଶ୍ୟକତା, ଚିକିତ୍ସା ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଏବଂ ହସ୍ପିଟାଲର ଭିତ୍ତିଭୂମିର ସ୍ଥିତି ଉପରେ ଆଲୋଚନା ହୋଇଥିଲା। ବିଶେଷକରି ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ଆହୁରି ହ୍ରାସ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ , 'ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉତ୍ତମ ରୋଗୀସେବାକୁ ସର୍ବାଧିକ ପ୍ରାଥମିକତା ଦିଆ ଯାଉଛି ବୋଲି ପ୍ରକାଶ କରି ରୋଗୀମାନଙ୍କୁ ଉତ୍ତମ, ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ହସ୍ପିଟାଲକୁ ଆସୁଥିବା ପ୍ରତ୍ୟେକ ରୋଗୀ ଯେପରି ସମୟୋଚିତ ଓ ଆବଶ୍ୟକ ଚିକିତ୍ସା ପାଇପାରିବେ, ସେଥିପାଇଁ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଏଥିସହ ହସ୍ପିଟାଲର ଭିତ୍ତିଭୂମିକୁ ଆହୁରି ମଜବୁତ କରିବା, ଆବଶ୍ୟକ ସୁବିଧାର ବିକାଶ, ଚିକିତ୍ସା ସେବାର ଗୁଣବତ୍ତା ବୃଦ୍ଧି ଏବଂ ରୋଗୀଙ୍କ ପାଇଁ ଅଧିକ ସୁବିଧାଜନକ ପରିବେଶ ସୃଷ୍ଟି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଜିଲ୍ଲାବାସୀଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସୁଦୃଢ଼ ଓ ଉନ୍ନତ ଚିକିତ୍ସା ପ୍ରତିଷ୍ଠାନ ଭାବେ ବିକଶିତ କରିବା ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଓର୍ଡ ପର୍ଦ୍ଦର୍ଶନ କରିବା ପରେ ଜିଲାର ଥିବା ସମସ୍ତ ଚିକିତ୍ସାଳୟର ସମିକ୍ଷା କରିଥିଲେ। ଜୟପୁର ଜିଲା ଚିକିତ୍ସାଳୟରେ ଅତ୍ୟାଧୁନିକ ୧୫୦ ପ୍ରକାର ରକ୍ତ ପରୀକ୍ଷାର ୧୦ ମିନିଟ ଭିତରେ ରିପୋର୍ଟ ବାହାରିବା ନେଇ ଇଟିଗ୍ରେଡେଟ ଟେଷ୍ଟ ମେସିନ ଲାଗିଛି। ଯାହାକି ରାଜ୍ୟ ରେ କେଉଁ ଜିଲା ଚିକିତ୍ସାଳୟରେ ମଧ୍ୟ ଏପରି ମେସିନ ଲାଗି ନାହିଁ। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଖୁସି ପ୍ରକଟ କରି ବିଧାୟକ ବାହିନିପତିଙ୍କୁ ଧନ୍ୟବାଦ ଦେଇଥିଲେ। ମାତୃ ଶିଶୁ ମୃତ୍ୟୁ ହାର କମାଇବା ପାଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଥିବା ସୂଚନା ଦେଇଛନ୍ତି । ଗତ ୨ ବର୍ଷ ମଧ୍ୟରେ ମୃତ୍ୟୁ ହାର ପ୍ରାୟ କମିଛି। କୋରାପୁଟ ଜିଲାରେ ତାଲିମ ଦେଇ ମୃତ୍ୟୁ ହାର କମାଇବା ପାଇ ରାଜ୍ୟ ସରକାର ପଦ କ୍ଷେପ ନେବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଉପଖଣ୍ଡ ଚିକିତ୍ସାଳୟ ପାଇ ଦାବି ହୋଇଛି ସେ ଆଲୋଚନା କରିବେ। ଏନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଦାବି ପତ୍ର ପ୍ରଦାନ କରିଥିଲେ। ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କେନ ଲାଗିବା ସହ କୋରାପୁଟ ମେଡିକାଲ କଲେଜରେ ଏମଆରଆଇ ଲଗାଇବାକୁ ଦାବି କରିଥିଲେ। ଏହା ସହ ୫ ଡାକ୍ତରଟି ଡାକ୍ତର ଦେବା ସହ , ଖାଲି ପଡିଥିବା ଷ୍ଟାଫ ନର୍ସ ନିଯୁକ୍ତି, ଏଠାରେ ନର୍ସି ଡିପ୍ଲୋମା ଖୋଲିବା, ଜୟପୁର ସହରରେ ଥିବା ପୁରୁଣା ହସପିଟାଲକୁ ସିଟି ହଲପିଟାଲ ସ୍ଥାପନ କରିବାକୁ ଦାବି କରିଥିଲେ। ଦାବିକୁ ଗୁରୁତର ସହ ନେଇ ଦାବି ପରୁଣ କରିବାକୁ ପ୍ରତିଶ୍ରୁତି ଦେବା ସହ ସିଟି ହସପିଟାଲ ପାଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏହା ସହ ଲକ୍ଷ୍ମୀପୁର ନିବାଚନ ମଣ୍ଡଳିରେ ଅଧିନରେ ନାରାୟଣପାଟଣା ଓ ବନ୍ଧୁ ଗାଁ ବ୍ଲକ ରହିଛି। ସେଠାରୁ ଗର୍ଭବତି ମହିଳା ଓ ଶିଶୁ ଜିଲା ଚିକିତ୍ସାଳୟକୁ ଆସିବାକୁ ହେଲେ ୧୩୦ କିମି ଦୂରରେ ରହିଛି। ଏଠାକୁ ଆସିବା ସମୟରେ ରାସ୍ତାରେ ଶିଶୁ ଓ ମାତୃ ମୃତ୍ୟୁ ହାର ବଢିଛି। ସେଠାରେ ଏକ ସ୍ପେସେଲିଷ୍ଟ ଚିକିତ୍ସାଳୟ କରିବାକୁ ବିଧାୟକ ବାହନିପତି ଦାବି କରିଥିଲେ। ସମୀକ୍ଷା ବୈଠକରେ ମାନ୍ୟବର କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଝି, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କ ସମେତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ରଥ, ହସ୍ପିଟାଲ ସୁପରିଟେଣ୍ଡେଣ୍ଟ ଏବଂ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅବଧି ସମାପ୍ତ ପରେ ଛତୁଆ ବଣ୍ଟନ ଅଭିଯୋଗ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ ସାଙ୍ଗକୁ ପୋକ ଥିବା ଲତୁ ବଣ୍ଟନ ପରେ, ଏବେ ପୁଣି ଅଙ୍ଗନବାଡି କେନ୍ଦ୍ରରେ ଅବଧି ସମାପ୍ତି ପରେ ଛତୁଆ ବଣ୍ଟନ ହଉଥିବା ଅଭିଯୋଗ ଆସିଛି।କୋମଳମତି ଶିଶୁ ଓ ମହିଳାଙ୍କ ଜୀବନ ସହ ଚାଲିଛି ଖେଳ, ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆଦିବାସୀ ଅଧୁଷିତ ରାଇଘର ବ୍ଲକ ଟିମନପୁର ପଞ୍ଚାୟତ ଅନ୍ତର୍ଗତ ବୁଡ଼ାପାରା ଅଙ୍ଗନବାଡି କେନ୍ଦ୍ର ଠାରେ ଗର୍ଭବତୀ ମହିଳା ଓ କୋମଳ ମତି ଶିଶୁମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଛତୁଆ ବଣ୍ଟନରେ ଘୋର ଅବ୍ୟବସ୍ଥା ଅବଧି ସମାପ୍ତ ହୋଇଥିବା ଛତୁଆ ଦେଇଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସମସ୍ୟାର କୌଣସି ସମାଧାନ ନ କରି ପ୍ରଶାସନ ଓ ସରକାରି ସ୍ତରରେ ନୀରବ ରହିବା ଚର୍ଚ୍ଚାର ବିଷୟ ପାଲଟିଛି। ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଧୁଷିତ ରାଇଘର ବ୍ଲକ ଠାରେ ଶିଶୁ ବିକାଶ ପ୍ରକଳ୍ପ (ସିଡ଼ିପିଓ) କାର୍ଯ୍ୟାଳୟ ଅଧୀନରେ ଛତୁଆ ବଣ୍ଟନ ନିମନ୍ତେ ଗୋଟିଏ ମାତ୍ର ଆଦର୍ଶ ସ୍ୱଂୟ ସହାୟକ ଗୋଷ୍ଠୀ ୩୧୩ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରିଛନ୍ତି କ୍ଷ ଗର୍ଭବତୀ, ପ୍ରସୂତି ଓ ଅପପୁଷ୍ଟିର ଶିକାର ହୋଇଥିବା ମହିଳା ଏବଂ ଶିଶୁ ମାନଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସରକାର ଛତୁଆ, ଲତୁ ମୁଢ଼ି ଆଦି ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ କ୍ରମାଗତ ବଣ୍ଟନ ବ୍ୟବସ୍ଥା ଓ ନିମ୍ନ ମାନର ପୋକ ଥିବା ଲତୁ, ଅବଧି ସମାପ୍ତ ଛତୁଆ ଓ ଖରାପ ମୁଢ଼ିକୁ ନେଇ ଗତ କିଛିଦିନ ତଳେ କିଶାନ କଂଗ୍ରେସ ତରଫରୁ ଦାବି ପତ୍ର ଶହ ବାରମ୍ବାର ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ବି ବ୍ଲକ ଲିଷ୍ଟରେ ଥିବା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଜଣାଯାଇଛି। ଦୀର୍ଘ ଦିନ ଧରି ଆଦର୍ଶ ସ୍ୱୟଂ ସହାୟକ ଯୋଗାଣକାରୀ ସଂସ୍ଥାର ମନ ମୁଖୀ କାର୍ଯ୍ୟକୁ ନେଇ ସାଧାରଣ ଚର୍ଚ୍ଚା ହଉଥିବା ବେଳେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିନା ଟେଣ୍ଡର ରେ ବର୍ଷ ବର୍ଷ ଧରି ଗୋଟିଏ ଆଦର୍ଶ ସ୍ୱୟଂ ସହାୟକ ଯୋଗାଣକାରୀ ସଂସ୍ଥାକୁ କିପରି ବଣ୍ଟନ ନିମନ୍ତେ ଅନୁମତି ଦିଆଯାଉଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସ୍ୱାସ୍ଥ୍ୟବୀମା ଯୋଜନାର ପରିବର୍ତ୍ତନକୁ ବିରୋଧ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକଙ୍କ ଦାବିପତ୍ର

ବେଗୁନିଆପଡା (ଅମୃତ ମିଡିଆ) : ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବା ପ୍ରକ୍ରିୟାକୁ ବିରୋଧ କରିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ବାବା ଦଣ୍ଡିଶ୍ୱର ସାମ୍ବାଦିକ ସଂଘ। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କୋଦଳା ଅତିରିକ୍ତ ତହସିଲଦାର ରବି ନାରାୟଣ ସେଠୀ ଓ ବେଗୁନିଆପଡ଼ା ବିଡ଼ିଓ ସୁନୀଲ ସାମନ୍ତଙ୍କ ଜରିଆରେ ଏକ ଦାବୀପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ନିଜସ୍ୱ ସୁବିଧା ରହିଛି। ଏହି ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ପରିବର୍ତ୍ତିତ କରାଯିବା ନେଇ ଖବର ପ୍ରକାଶ ପାଇବା ପରେ ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି। ମହାରଣା, ସହ ସମ୍ପାଦକ ଏସ ସିମାଞ୍ଚଳ ଦୋରା, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ପଟ୍ଟନାୟକ ଙ୍କ ସମେତ ସାମ୍ବାଦିକ ବିଜୟ କୁମାର ନାୟକ, ଟୁକୁନା ପ୍ରଧାନ, ଜଗବନ୍ଧୁ ସାହୁ, ଭଗବାନ ପାଢ଼ୀ, ବାପୁନି ମାଲୁ, ଗୁଲସନ କର,ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

'ସୌମ୍ୟରଞ୍ଜନଙ୍କ ୭୦ତମ ଜନ୍ମଦିବସ' ଯୁବ ସ୍ୱାଭିମାନ ଦିବସ ମହାସମାରୋହରେ ପାଳିତ

ଖଣ୍ଡପଡା (ଅମୃତ ମିଡିଆ) : ବନ୍ଧୁତା ସାଧାରଣ ସମ୍ପର୍କ ନୁହେଁ। ଏହା ହେଉଛି ଗୋଟିଏ ଜୀବନ କାଳର ସବୁଠାରୁ ବଡ ସମ୍ପତ୍ତି, ଖଣ୍ଡପଡା ସହିତ ତିନି ଦଶନ୍ଧିର ଏହି ଯାତ୍ରାରେ ଅନେକ କିଛି ବଦଳି ଥିଲେ ମଧ୍ୟ ବଦଳିନି ସମ୍ପର୍କ ଓ ବନ୍ଧୁତା। ଏହି ବାର୍ତ୍ତା ପ୍ରଦାନ ପୂର୍ବକ ଖଣ୍ଡପଡାରେ ଯୁବ ସ୍ୱାଭିମାନ ଦିବସ ପାଳନ ଅବସରରେ ସୌମ୍ୟବାବୁ ସମଗ୍ର ଯୁବ ସମାଜର ପ୍ରେରଣାର ଉତ୍ସ ସାଜିଥିବା ଦେଖାଯାଇଛି। ଖଣ୍ଡପଡାର ପୂର୍ବତନ ବିଧାୟକ ପୂର୍ବତନ ରାଜ୍ୟସଭା ସାଂସଦ ସୌମ୍ୟରଂଜନ ପଟ୍ଟନାୟକଙ୍କର ଜନ୍ମଦିବସ ଉପଲକ୍ଷେ ସହରାଞ୍ଚଳ ଅଧୀନ ସୌମ୍ୟବିହାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ରକ୍ତଦାନ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିବା ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ତାଙ୍କର ଅନେକ ଶୁଭେଚ୍ଛୁ, ଅନୁଗାମୀ ତଥା ଦଳୀୟ କର୍ମୀ ରକ୍ତଦାନ କରିଛନ୍ତି। ଆମ ଓଡିଶା ଅନୁକୂଲ୍ୟରେ ଆୟୋଜିତ ଏହି ଶିବିରରୁ ମୋଟ ୭୪ ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା। ଆଜି ପୂର୍ବାହ୍ନରେ ଶ୍ରୀ ପଟ୍ଟନାୟକ ଖଣ୍ଡପଡ଼ାରେ ପହଞ୍ଚିବା ପରେ ସମର୍ଥକ ମାନେ ପାଛୋଟି ନେଇଥିଲେ। ଆମ ଓଡିଶା ପକ୍ଷରୁ ଆୟୋଜିତ ଶିବିରରେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନକୁ କେକ କାଟି ପାଳନ କରିଥିଲେ ଶତାଧିକ ସମର୍ଥକ ଓ ଶୁଭେଚ୍ଛୁ। ଏହି କାର୍ଯ୍ୟକ୍ରମରେ ସଂଗଠକ ଜିତେନ୍ଦ୍ର କୁମାର ରଣସିଂହ, ପୂର୍ବତନ ସମିତିସଭ୍ୟ ବିଜୟ କୁମାର ନନ୍ଦ, ଅମରେଶ ମହାରଣା, ରାଜଶ୍ରୀ ନାୟକ, ଷ୍ଟାଫ ନର୍ସ ରଞ୍ଜିତା ସାଥୁଆ, ପଞ୍ଚୁ ଦଳେଇ, ସହଦାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ତେବେ ଲଘୁଚାପ ଜନିତ ପ୍ରବଳ ବର୍ଷା ସତ୍ତ୍ୱେ ରକ୍ତଦାତାଙ୍କ ମଧ୍ୟରେ କିନ୍ତୁ ଉତ୍ସାହ ଦେଖିବାକୁ ମିଳିଥିଲା।

ଜଟଣୀ ସରକାରୀ ହିନ୍ଦୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମେଧାବୀ ଅଭିନନ୍ଦନ ଉତ୍ସବ

ଜଟଣୀ (ଅମୃତ ମିଡିଆ) : ଗତକାଲି ସରକାରୀ ହିନ୍ଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୮୦ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନ ଶିକ୍ଷୟତ୍ରୀ ମମତା ବେହେରା ଙ୍କ ଅଧ୍ୟକ୍ଷତାରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ନୋଟାରୀ ଅବନୀ କୁମାରୀ ରାଉତରାୟ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ପରି ସତ୍ୟ ଓ ଅହିଂସା ନୀତି ଆଚରଣ କରି ମା ମାଟି ମାତୃଭାଷାର ଉନ୍ନତି ପାଇଁ କଠିନ ପରିଶ୍ରମ ହେବାକୁ ଆହ୍ୱାନ ଦେଇ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମଜସେବୀ ଆଲୁମିନି ସଭାପତି କିଶୋର ଚନ୍ଦ୍ର ପାଇକରାୟ ଯୋଗ ଦେଇ ଉତ୍ତମ ଗୁଣି ଛାତ୍ର ଛାତ୍ରୀ ଦେଶର ଭବିଷ୍ୟତ କହି ଶିକ୍ଷକ ଅଭିଭାବକଙ୍କ ପରିଶ୍ରମ ଛାତ୍ର ଛାତ୍ରୀ ଚେଷ୍ଟା କଲେ ଜଗତ ଜିତା ହୋଇପାରିବ ବୋଲି କହିଥିଲେ। ପୁରସ୍କୃତ ଛାତ୍ର ଛାତ୍ରୀ ହେଲେ ବିଷ୍ଣୁପ୍ରିୟା ବେହେରା, ଲକ୍ଷ୍ମୀପ୍ରିୟା ସିଂହ, ସାସ୍ୱତୀ ସାମନ୍ତରାୟ, କ୍ରୀତି ପ୍ରିୟଦର୍ଶିନୀ ବାରିକ, ରାଧାରାଣୀ ମହାରଣା, ଆଦିତ୍ୟ ବାରିକ, ପ୍ରତିକ ବାରିକ, ଜ୍ୟୋତି ରଞ୍ଜନ ପ୍ରଧାନ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ କମିଟି ସଭାପତି ପ୍ରକାଶ ଚନ୍ଦ୍ର କୁଣ୍ଡୁ, ଶିକ୍ଷୟତ୍ରୀ ଶେଫାଳୀ ନାୟକ, କ୍ଷଣଦା ମିଶ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ, କାମିନୀ ବାଲା ସେଠୀ, ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ବେଗୁନିଆପଡା (ଅମୃତ ମିଡିଆ) : ୮୦ତମ ସ୍ୱାଧୀନତା ଦିବସ ଅବସରରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସିର ସମସ୍ତ ସରକାରୀ /ବେସରକାରୀ ଶିକ୍ଷ୍ୟା ଅନୁଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଦଳା କୋର୍ଟ ପରିସର ରେ ବରିଷ୍ଠ ଦେଓ୍ୱାନୀ ବିଚାରପତି ରେଖାରାଣୀ ପଣ୍ଡା, ଯେ ଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡାଙ୍କ ଉପସ୍ଥିତି ରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଶ୍ୱ ରଞ୍ଜନ ବେହେରା ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଜମିର ଅଲି ଖାନ, ଭଗବାନ ହୋତା, ତାରିଣୀ ଚରଣ ପଟ୍ଟନାୟକ, ଉଦୟ ନାଥ ପ୍ରଧାନ, ଭାସ୍କର ସ୍ୱାଇଁ, ହର ପ୍ରସାଦ ସାହୁ, ଅଦାଲତ କର୍ମକର୍ତ୍ତା ପ୍ରଶାନ୍ତ କୁମାର ପଣ୍ଡା, ସୁଶୀଲ କୁମାର ସାହୁ, ରୁପାଲୀ ପାଢ଼ୀ ପ୍ରମୁଖ ସ୍ୱାଧୀନତା ଦିବସ ଉପରେ ନିଜ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବାର ସମ୍ପାଦକ ଗୋପାଳକୃଷ୍ଣ ସାହୁ, ଶୁଭ୍ରମଣୀ ଦାଶ, ଅବନୀ ଶଙ୍କର ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ବେଗୁନିଆପଡା ବ୍ଲକ ପରିସର ରେ ଅଧ୍ୟକ୍ଷା ରେଣୁ ଗୌଡ଼/ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ବେଗୁନିଆପଡା ଥାନା ରେ ଏସଆଇ ରାଜେଶ କୁମାର ଛତ୍ରାୟା, କୋଦଳା ଥାନା ରେ ଏସଆଇ ରାମଚନ୍ଦ୍ର ମିଶ୍ର, ତହସିଲ ରେ ଅତି

ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହରେ ଜିଲ୍ଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଜିଲ୍ଲାପାଳ

ଯାଜପୁର (ଅମୃତ ମିଡିଆ) : ସ୍ଥାନୀୟ ପ୍ରଶାସନିକ ଭବନ ପଡ଼ିଆରେ ୮୦ତମ ଯାଜପୁର ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସଙ୍ଗୀତ ଏବଂ ବନ୍ଦେ ମାତରଂ ଗାନ କରାଯାଇଥିଲା। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ଳର କୁମାର କର ନିଜ ଅଭିଭାଷଣରେ ସ୍ୱାଧୀନତା ଦିବସ ଅବସରରେ ଐତିହ୍ୟ ସମୃଦ୍ଧ ଯାଜପୁର ଜିଲ୍ଲାବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ କର କହିଥିଲେ ଯେ ଅଗଷ୍ଟ ୧୫ କାନୁରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରରେ କେବଳ ଗୋଟିଏ ଦିନ ନୁହେଁ। ଏହାକୁ ଭାରତର ପୁନର୍ଜନ୍ମର ଦିନ କହିବାରେ କୌଣସି ଦ୍ୱିଧା ନାହିଁ। ସ୍ୱାଧୀନତା କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ। ସ୍ୱାଧୀନତା ହେଉଛି ଭୟରୁ ମୁକ୍ତି, ଦାରିଦ୍ର୍ୟରୁ ମୁକ୍ତି, ଅଶିକ୍ଷାରୁ ମୁକ୍ତି, ଆର୍ଥିକ ଅସମାନତାରୁ ମୁକ୍ତି ଏବଂ ଅନ୍ଧବିଶ୍ୱାସରୁ ମୁକ୍ତି, ରୋଗରୁ ମୁକ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲାପାଳ କହିଥିଲେ ଯେ ପ୍ରଶାସନ କେବଳ ନିୟମ କାନୁନ ପାଳନର ଏକ ବ୍ୟବସ୍ଥା ନୁହେଁ; ପ୍ରଶାସନ ହେଉଛି ଲୋକସେବାର ଏକ ମାଧ୍ୟମ। ଅସହଯୋଗ ଆନ୍ଦୋଳନ ଏବଂ ଲବଣ ସତ୍ୟାଗ୍ରହରେ ଯାଜପୁର ଜିଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାସହ ଜିଲ୍ଲାପାଳ ବକ୍ତବ୍ୟରେ ଯାଜପୁରରେ ବନ୍ୟା ନିୟନ୍ତ୍ରଣ ଏବଂ ଏଦିଗରେ ପ୍ରଶାସନର ପ୍ରୟାସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ମନୋଜ କୁମାର ସେନାପତିଙ୍କୁ ଆକୁଲି ଚରଣ ମେକାପ ମେମୋରିଆଲ ଟ୍ରଫି ଓ ମାନପତ୍ର, ଯାଜପୁର ଜିଲ୍ଲାରେ ୨୦୨୬ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶୁଭମ ସାହୁ, ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ, କାକୁଡିକୁଦ ଙ୍କୁ ଉର୍ମିଳା ସାହୁ ସ୍ମାରକୀ ମାନପତ୍ର ଓ ପ୍ରୋତ୍ସାହନ ରାଶି ଟ. ୩,୦୦୦/-ଖଗେଶ୍ୱର ସାମଲ ମେମୋରିଆଲ ସିଲ୍ଡ ଓ ପ୍ରୋତ୍ସାହନ ରାଶି ଟ. ୫,୦୦୦ଛାତ୍ରୀ ସୟୋମ ଶ୍ରୀ ମହାପାତ୍ର, ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ପୁରଙ୍କୁ ଶୁଭଶ୍ରୀ ନନ୍ଦ ମେମୋରିଆଲ ଟ୍ରଫି, ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରାଶି ଟ. ୧,୫୦୦/-ଜିଲ୍ଲାର ଶ୍ରେଷ୍ଠ କ୍ରୀଡ଼ାବିତ ଗୋଲାପୀ ଶିର୍କା, ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଏବଂ ଶିକ୍ଷୟତ୍ରୀ ସୁପ୍ରଭା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳିତ ପ୍ୟାରେଡରେ ସଶସ୍ତ୍ର ବାହିନୀ, ପୋଲିସ ବ୍ୟାଣ୍ଡ ପାର୍ଟି, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଏନ୍.ସି.ସି. ସ୍କାଉଟ୍ ଓ ଗାଇଡ, ସିଭିଲିଆନ ଦଳଙ୍କୁ ନେଇ ମୋଟ ୫୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କବିବର ଦେହୁରୀ ଓ ସର୍ଜେଣ୍ଟ ମନୋଜ କୁମାର ସାହୁ ପ୍ୟାରେଡ ପରିଚାଳନା କରିଥିଲେ। ପ୍ୟାରେଡ୍ ପରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବାଳାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ମିଠେଇ ବଣ୍ଟନ କରିବା ସହ ମୁଖ୍ୟ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରତ୍ୟୁଷ ରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯାଇଥିଲା। ଶିକ୍ଷାନୁଷାନର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରୀ କରିଥିଲେ। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୂରୀ, ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସମାଜସେବୀ ଗୌତମ ରାୟ, ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

ବିରୂପା ନଦୀରେ ଦ୍ୱିତୀୟ ବନ୍ୟା

ଦୁଃଖଦୁର୍ଦ୍ଦଶାରେ ଲୋକେ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବିରୂପା ନଦୀରେ ଦ୍ୱିତୀୟ ଥର ବନ୍ୟା ଆସିବାରୁ ନଦୀକୂଳ ବର୍ତ୍ତୀ ସମସ୍ତ ଗ୍ରାମଗୁଡିକରେ ପାଣି ପଶି ଯୋଗା ଯୋଗ ବିଚ୍ଛିନ୍ନ ହୋଇପଡିଛି, ପ୍ରଥମ ବନ୍ୟାର ଟିକିଏ ସୁଧାର ଆସିଥିବା ବେଳେ ଦ୍ୱିତୀୟ ବନ୍ୟା ଓ ଲଗାଣ ବର୍ଷା ଦ୍ୱାରା ଶହ ଶହ ହେକ୍ଟର ଫସଲ ନଷ୍ଟ ହୋଇଛି ।ବେଶେଷ ଭବରେ ବାଲିପଡିଆ ପଞ୍ଚାୟତରେ ତିଗିରିଆ, ଗୋପାଳପୁର ପଞ୍ଚାୟତର ଖଡକପୁର, ଗଜେନ୍ଦ୍ରପୁର, ଦକ୍ଷାଣ ଗୋପାଳପୁର, କଳାଶ୍ରୀ, ଚାରିନଙ୍ଗଳ, ବାହାଦୁରନଗର, ଆୟସୋରୀ, ପତରାରାଜପୁର, ବାଲିଚନ୍ଦ୍ରପୁର, ମଣ୍ଡିପଡା, ଚଣ୍ଡିଆ, ବନମାଳୀପୁର, ଅଚ୍ୟୁତବସନ୍ତ, ମାଣ୍ଡୁକା, ନାନପୁର, ଅଣକା, ଭୁଲୁକା, ପଦଳାପୁର, ମହୀପୁର, ରାହାଳ ଆଦି ଗ୍ରାମ ଗୁଡିକରେ ନଦୀ ପାଣି ପଶିବା ସହିତ ଗ୍ରାମର ମୁଖ୍ୟ ରାସ୍ତା ଗୁଡ଼ିକ ଜଳ ମଗ୍ନ ହେବା ଦ୍ୱାରା ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି, ଅନେକ ଲୋକ ଜଗତପୁର ପଟ୍ଟାମୁଣ୍ଡାଇ କେନାଲ ବନ୍ଧରେ ପାଲ ଟାଙ୍ଗୀ ଗୃହ ପାଳିତ ପଶୁମାନଙ୍କ ସହିତ ରହିଥିବାର ଦେଖିବାକୁ ମିଳିଛି। ଦୀର୍ଘ ୨ ଦିନ ଧରି ବନ୍ୟା ଜଳ ରେ ବୁଡି ରହିବା କାରଣ ରୁ ପୂର୍ବ ବନ୍ୟାରୁ ବଞ୍ଚି ଯାଇଥିବା କିଛି ଫସଲ ଧାନ, ନଳିତା ଓ ପନି ପରିବା ଫସଲ ନଷ୍ଟ ହୋଇଯାଇଛି। ବିରୂପା ନଦୀକୂଳରେ ଲାଗିଥିବା ପରିବା ଫସଲ ସମ୍ପୂର୍ଣ ବୁଡି ରହିଥିବାରୁ ଏହି ଫସଲ ନଷ୍ଟ ହୋଇଯାଇଛି। ଗତ କାଲି ଠାରୁ ନଦୀ ର ଜଳ ସ୍ତର ବୃଦ୍ଧି ପାଉଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି, ବନ୍ୟା ପାଣି ସାଙ୍ଗକୁ ଲଗାଣ ବର୍ଷା। ଲୋକମାନଙ୍କୁ ନାକେଦମ କରିଦେଲାଣି। ବଡ଼ଚଣା ବ୍ଲକ ଦେଇ ୩ଟି ନଦୀ ପ୍ରବାହିତ ହେଉଛି ଏବଂ ଏହି ବ୍ଲକ ଅନ୍ତର୍ଗତ ଖଡଗପୁର ଠାରେ ଏହି ୩ ନଦୀର ମିଶ୍ରଣ ହୋଇଛି। ତେଣୁ ବ୍ରାହ୍ମଣୀ ଓ ମହାନଦୀ ସିଷ୍ଟମ ରେ ବନ୍ୟା ଜଳ ଆସିଲେ ବଡ଼ଚଣା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥାଏ। ବିରୂପା ଓ ଗେଙ୍ଗୁଟି ମହାନଦୀର ଶାଖା ନଦୀ ହୋଇଥିବା ବେଳେ କେଲୁଅ ହେଉଛି ବ୍ରାହ୍ମଣୀର ଶାଖା ନଦୀ। ଗତକାଲି ସକାଳେ ମହାନଦୀ ସିଷ୍ଟମ ର ବନ୍ୟା ଜଳ ଆସିଥିବାରୁ ପୁନର୍ବାର ନଦୀର ଜଳ ପଉନ ବୃଦ୍ଧି ପାଇବାରେ ଲାଗିଛି, ପ୍ରଶାସନ ଏ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଂଚି ନଥିବା ବେଳେ ତୁରନ୍ତ ରିଲିଫ, ଗୋ ଖାଦ୍ୟ, ଜାତାୟତ ପାଇଁ ଡଙ୍ଗା, ମୋଟର ଚାଳିତ ବୋଟ୍ ଯୋଗାଇଦେବାପାଇଁ ବନ୍ୟାରେ ପୀଡିତ ଜନସାଧାରଣ ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ବଡ଼ଚଣା (ଅମୃତ ମିଡ଼ିଆ) : ବଡ଼ଚଣାର ବିଭିନ୍ନ ଅନୁଷ୍ଠାନ ଓ ପଞ୍ଚାୟତ ପକ୍ଷରୁ ୮୦ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ନେଳିଆ ପଞ୍ଚାୟତ ପକ୍ଷରୁ ସରପଂଚ ଜୟନ୍ତୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ କାନଡା ବ୍ୟାଙ୍କ୍ ପରିଚାଳକ କୈବଲ୍ୟ କୁମାର ପୃଷ୍ଟି ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମିତି ସଭ୍ୟା ଗୀତାଞ୍ଜଳି ବେହେରା, ସରୋଜ ସାମଲ ସାମଲ, କୃପାସିନ୍ଧୁ ପ୍ରଧାନ, ସନ୍ତୋଷ ସାହୁ, ଉଦ୍ଧବ ଚରଣ ସାମଲ, କପିଳ ବିଶ୍ୱାଳ, କପିଳ ଚରଣ ରାଉତ ଘନଶ୍ୟାମ ସାହୁ, ଓ୍ୱର୍ଡ ସଭ୍ୟ ଶତ୍ରୁଘ୍ନ ପରିଡ଼ା ଅଶୋକ, ଅଶୋକ କୁମାର୍ ତ୍ରିପାଠୀ, ଶ୍ରୀକାନ୍ତ ପାଲ, ରବିରଞ୍ଜନ ତ୍ରିପାଠୀ, ଧନେଶ୍ୱର ବେହେରା, କଳିଙ୍ଗ କେଶରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କୁ ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ସୋଲର ପଞ୍ଚାୟତର ସରପଞ୍ଚ ବିଜୟ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପ୍ରହରାଜ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ସଭାପତି ମାଧବ ନନ୍ଦ ମହାପାତ୍ର, ସମିତି ସଭ୍ୟ ସଞ୍ଜୟ କୁମାର୍ ବେହେରା ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଛତିଆ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଭଗ୍ୟଧର ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ ଅଖିଳ କୁମାର ଜେନା, ଡିଇଓ ଶୁଭ ବିପନ୍ ସିଂହ, ପୂର୍ବତନ ସଭାପତି ଅକ୍ଷୟ କୁମାର୍ ସ୍ୱାଇଁ, ବାସୁଦେବ ସ୍ୱାଇଁ, ହରିହର ସାହୁ, ନିର୍ମଳ ପ୍ରତିହାରୀ, ଧନେଶ୍ୱର ବେହେରା, ବିପିନ ବିହାରୀ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୈରୀ ପ୍ରାଥମିକ କୃଷି ସମବାୟ ସମିତି ର ସଭାପତି ଭାଗ୍ୟଧର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ତ୍ରୈଲୋକ୍ୟ ଦଳାଇ, ବିରଞ୍ଚି ସ୍ୱାଇଁ, ପୂର୍ବତନ ସମ୍ପାଦକ ଅରୁଣ କୁମାର ରାଉତ, ବଳରାମ ସାମଲ, ଅନାଦି ମଲିକ, ଉମେଶ ରାଉତ, ସେକ ଅବ ଦୁଲା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛତିଆ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁପ୍ରଭା ମଞ୍ଜରୀନାଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଚାଳନା ସଭା ପତି ଉଦୟ ଶଙ୍କର ସେନାପତି, ବରିଷ୍ଠ ସଭ୍ୟ ଅମରେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଠାନ୍ନ ବଣ୍ଟନ କରାଯାଇଥିଲା। ସେହିପରି ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୮୦ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସ୍ଥାୟୀ ସଭାପତି ମାଧବାନନ୍ଦ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର୍ ଦାସ, ଉପସଭାପତି ଅକ୍ଷୟ କୁମାର୍ ନନ୍ଦ, ସଭ୍ୟ ରବୀନ୍ଦ୍ର ସାହୁ, ଅରୁଣ କୁମାର ପ୍ରହରାଜ, ଅସିତ୍ କୁମାର ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦେବର୍ଦ୍ଧନ୍ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉପସ୍ଥିତ ସମସ୍ତଙ୍କୁ ମିଷ୍ଠାନ ବଣ୍ଟନ କରାଯାଇଥିଲା।

ନଗଡ଼ାରେ ଉଡ଼ିଲା ତ୍ରିରଙ୍ଗା।

ସାଧାରଣ ଜନତା ଓ ଜନପ୍ରତିନିଧି ନିଷ୍ଠାପର ହେଲେ ସ୍ୱାଧୀନତା ସ୍ୱପ୍ନ ସାକାର ହେବ

ଜେନାପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ଅପହଂଚ ଅବହେଳିତ ଗ୍ରାମ ନଗଡା ଦିବେ ଜାତୀୟ ଓ ଆନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରସଙ୍ଗ ହୋଇଥିଲା। ପାହାଡର ପ୍ରାୟ ଦୁଇ ହଜାର ଫୁଟ ଉପରେ ଥିବା ଏହି ନଗଡାରେ ଲୋକେ ସ୍ୱାଧୀନତା ଦିବସ କଣ ଜାଣି ନଥିବା ବେଳେ ଏଠାରେ ବାଦଲ ଓ ପାହାଡ ଏକାକାର ହେଉଥିବା ଏହି ଅପହଂଚ ଇଲାକାରେ ସ୍ୱାଧୀନତା ଦିବସ ଧୁମଧାମ ପାଳିତ ହୋଇଛି। ଏହି ପଛୁଆ ଲୋକ ମାନଙ୍କୁ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଓ ସ୍ୱାଧୀନତାର ଅର୍ଥ ବୁଝାଇବାକୁ ଉଦ୍ୟମ କରାଯିବା ଘଟଣା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଏଥିରେ ସାଧାରଣ ଜନତା ଓ ଜନପ୍ରତିନିଧି ନିଷ୍ଠାପର ହେଲେ ସ୍ୱାଧୀନତାର ସ୍ୱପ୍ନ ସାକାର ହେବ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟର ବିଶିଷ୍ଟ କବି ଶୈଳଜା ରବି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମିଶନ ଜ୍ୟୋତି ଟ୍ରଷ୍ଟ ତର'ରୁ ଅନୁଷ୍ଠିତ ହୋଇଥିବା ସ୍ୱାଧୀନତା ଦିବସରେ ବରିଷ୍ଠ ସମାଜସେବୀ ସତୀଶ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସାଧାରଣ ଜନତା ନିଷ୍ଠାପର ଏବଂ ସଚ୍ଚୋଟ ହେଲେ ଆପେ ଆପେ ଭଲ ଲୋକ ଜନପ୍ରତିନିଧି ହେବାର ସୁଯୋଗ ପାଇବେ। ସଚ୍ଚୋଟ ଲୋକ ଜନପ୍ରତିନିଧି ହେଲେ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ ବାଧ ହେବ। ଲୋକେ ପ୍ରତିଟି କ୍ଷେତ୍ରରେ ପୋଲିସ ଏବଂ ପ୍ରଶାସନ ଠାରୁ ନ୍ୟାୟ ପାଇବେ। ଏହାଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଠାରୁ ଜୟ ରାଜଗୁରଙ୍କ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମୀମାନେ ସ୍ୱାଧୀନ ଭାରତ ନେଇ ଦେଖିଥିବା ସ୍ୱପ୍ନର ସଫଳ ରୂପାୟନ ହେବ। ଆଜି ସ୍ୱାଧୀନତାର ୭୯ ବର୍ଷ ପରେ ବି ଏହି କାରଣରୁ ସ୍ୱାଧୀନତାର ଲକ୍ଷ ପୂରଣ ହୋଇ ପାରିନାହିଁ ଏବଂ ଦେଶର ଆଶାନୁରୂପ ବିକାଶ ହୋଇ ପାରୁନାହିଁ। ଗାନ୍ଧିଜୀଙ୍କ ମୂଳ ଲକ୍ଷ ପଛରେ ପଡିଥିବା ମଣିଷ ନିକଟରେ ସରକାର ଓ ପ୍ରଶାସନ ପହଂଚି ପାରୁନାହିଁ। ଏଥିରେ ସାମ୍ବାଦିକ ରବି ନାରାୟଣ କର, କବି ଡ.ଚନ୍ଦ୍ରକଳା ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟରତ ପ୍ରତିଟି ବ୍ୟକ୍ତି ଦେଶର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୁଅନ୍ତୁ। ଏହାସହ ମିଶନ ଜ୍ୟୋତି ଟ୍ରଷ୍ଟ ପରି ବାସ୍ତବରେ ପଛରେ ପଡିଥିବା ମଣିଷ ମାନଙ୍କ ପାଇଁ ଆନ୍ତରିକତାର ସହ ସମାଜସେବା ଅନୁଷ୍ଠାନ ମାନେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଟ୍ରଷ୍ଟର ଅଧକ୍ଷା ରଶ୍ମୀଲତା ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଲେଖକ ପ୍ରାଣବନ୍ଧୁ ରାଉତ ପରିଚାଳନା କରିଥିଲେ। ସଂପାଦକ ଗୋବିନ୍ଦ ବେହେରା (ଚିଂଟୁ) ସ୍ୱାଗତ ଭାଷଣ ଏବଂ କୋଷାଧକ୍ଷ ଧରଣର ଟେଂଟ ମରାଯାଇ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ। ମେଘନାଦ ଜେନା, ସୁବ୍ରତ ବାରିକ, ଗୀତାଞ୍ଜଳୀ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଯାଜପୁର (ଅମୃତ ମିଡିଆ) : ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ସିଭିଲ କୋର୍ଟ, ଯାଜପୁର ପରିସରରେ ଅନୁଷ୍ଠିତ ହୋଇଯଇଅଛି। ଏହି ଶିବିର କୁ ମାନ୍ୟବର ଜିଲ୍ଲା ଜଜ୍ ଓ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ଭାବେ ଉଦଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ସକାଳ ୯ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ନଗେନ୍ଦ୍ର ନାଥ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଚିକିତ୍ସକ ଏବଂ ଓଡ଼ିଶା ରକ୍ତ ସଂଗ୍ରହ କେନ୍ଦ୍ର, ଯାଜପୁର ଚିକିତ୍ସାଳୟ ଶାଖାର ଚିକିତ୍ସକ ଡକ୍ଟର ପ୍ରଶାନ୍ତ କୁମାର ବିଶ୍ୱାଳ ଏବଂ କର୍ମକର୍ତ

ବିଭିନ୍ନ ଅଞ୍ଚଳରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରର ବିଭିନ୍ନ ଅଞ୍ଚଳରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସାହାସପୁର ମହାବିଦ୍ୟାଳୟରେ କଲେଜର ଅଧକ୍ଷ ପ୍ରଫେସର ସତ୍ୟବ୍ରତ ପୁଷ୍ଟି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସ୍ୱାଧୀନତା ଦିବସରେ ବାର୍ତ୍ତା ରଖି ବହୁ ବୀର ସନ୍ତାନ ଦେଶ ପାଇଁ ତ୍ୟାଗ ଓ ବଳିଦାନ, ଆଜିର ଯୁବ ଛାତ୍ର ସମାଜକୁ ଉଦବୁଦ୍ଧ କରିବ ବୋଲି ମତ ଦେଇଥିଲେ । ସେହିପରି ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ବିଶିଷ୍ଟ ବୌଦ୍ଧ ଗବେଷକ ଡାଃ ହରିଶ ଚନ୍ଦ୍ର ବାଲିଚନ୍ଦ୍ରପୁର ଥାନାରେ, ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷୟତ୍ରୀ ବିଶ୍ୱ ବନ୍ଦିତା ଦାସ ବାଲିଚନ୍ଦ୍ରପୁର ଜଳସେଚନ କାର୍ଯ୍ୟାଳୟ ଠାରେ ସହକାରୀ ଯନ୍ତୀ ସାରଦା ପ୍ରସାଦ ସେଠୀ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ବାଲିଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ରେ ସରପଞ୍ଚ ଅନୁପମା ବଳ । ବାଲିପଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଯୁବକ ସଂଘରେ ଗଗନ ବିହାରୀ ସ୍ୱାଇଁ, ଡେଲଙ୍ଗେଶ୍ୱର କ୍ଲବ ପକ୍ଷରୁ ପୁଷ୍ଟି, ସରସ୍ୱତୀ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁର ପକ୍ଷରୁ ପ୍ରାକ୍ତନ ଅଧକ୍ଷ ରବିନ୍ଦ୍ର ନାଥ ସାମଲ, ଷ୍ଟେଟ ବ୍ରିଗେଡ଼ିଅର ସ୍କୁଲ ପତରାଜପୁର ପକ୍ଷରୁ ପ୍ରତିଷ୍ଠାତା ସମ୍ପାଦକ ପ୍ରକାଶ ଚଂଦ୍ର ସାମଲ, ଚାରିନଙ୍ଗଳ ପଞ୍ଚାୟତ ପକ୍ଷରୁ ସରପଞ୍ଚ ନୂରଜାହାନ ବେଗମ, ବାଲିଚନ୍ଦ୍ରପୁର ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ପୂର୍ବତନ ସରପଞ୍ଚ ଫନିନ୍ଦ୍ର ନାଥ ପଣ୍ଡା । ବାଲିଚନ୍ଦ୍ରପୁର ବଣିକ ସଂଘ ପକ୍ଷରୁ ମା ମଲ୍ୟାବୁଢ଼ୀ ମନ୍ଦିର ପ୍ରାଙ୍ଗଣ ରେ ବଣିକ ସଂଘର ସଭାପତି ଅଜୟ କୁମାର ବିଶ୍ୱାଳ, ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ଚାରିନଙ୍ଗଳ ଉଚ୍ଚବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତକିମ ଖାଁ, ଚାରିନଙ୍ଗଳ ବଜାର କମିଟି ପକ୍ଷରୁ ସଂଜୟ କୁମାର ସାମଲ ଓ କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟ ରେ ପ୍ରତିଷ୍ଠାତା ସଭାପତି ମନୋଜ କୁମାର ପରିଡା, ପଲିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ଅଧକ୍ଷା ମାମି ବଳବନ୍ତରାୟ ଜାତୀୟ ପତାକା ଉତ୍ତୋଳନ କରି ଦେଶ ବାସୀଙ୍କ ଉଦେଶ୍ୟରେ ବାର୍ତ୍ତା ରଖିଥିଲେ । ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ପରିଚାଳନା କମିଟିର ସଭାପତି ଓ ସଦସ୍ୟଗଣ ଶିକ୍ଷାନୁଷ୍ଠାନ ମୁଖ୍ୟ ଯୋଗଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିକୂଳ ପାଗ ଥିଲେ ମଧ୍ୟ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଯୋଗଦେବାର ଦେଖା ଯାଇଥିଲା ।

ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ପାଳିଲା ୮୦ତମ ସ୍ୱାଧୀନତା ଦିବସ

ଜଗତସିଂହପୁର (ଅମୃତ ମିଡ଼ିଆ) : ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ରେ ଜାତୀୟ ପତାକା ଉତ୍ତୋଳନ ଠାକୁରପାଟଣା ସ୍ଥିତ ହରିହର ପୀଠ ପ୍ରାଙ୍ଗଣରେ ଫୋରମର ସଭାପତି ମଧୁସୂଦନ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସଭାପତି ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଣତନ୍ତ୍ରକୁ ସଦୃଢ ଓ ବିକାଶ କରିବା ପାଇଁ ମତାମତ ରଖିଥିଲେ । ଫୋରମ୍‌ର ଏକ ବିଶାଳ ତ୍ରାରଙ୍ଗା ଯାତ୍ରା ସଭ୍ୟମାନଙ୍କ ଦ୍ୱାରା ଠାକୁରପାଟଣା ଛକରୁ ବାହାରି ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ଫୋରମର ବରିଷ୍ଠ ସଭ୍ୟା ସ୍ୱାଧୀନତା ପରିବାରର ସଦସ୍ୟା ୯୨ ବର୍ଷୀୟା ସ୍ନେହଲତା ଚୌଧୁରୀଙ୍କୁ ତାଙ୍କ ଖେରସ ବାସଭବନରେ ବରିଷ୍ଠ ନାଗରିକ ପରିଚୟ ପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇପଦେଷ୍ଟା ମଣ୍ଡଳୀର ସଦସ୍ୟ ଲିଙ୍ଗରାଜ ବେହେରା, ସୁବାସ ଚନ୍ଦ୍ର ବେହେରା, ବିବୁଧ ପ୍ରସାଦ ମହାନ୍ତି, ସୁର ପ୍ରସାଦ ନାୟକ, ବସନ୍ତ କୁମାର ରାଉତ, ପଦ୍ମନାଭ ପଣ୍ଡା, ଦୋଳଗୋବିନ୍ଦ ଦାଶ, ବରଦା ପ୍ରସନ୍ନ ଦାଶ, କାର୍ଯ୍ୟକାରୀ ସଭାପତି-ଭରତଚନ୍ଦ୍ର ନାଥ, ଉପ ସଭାପତି- ବୈକୁଣ୍ଠ ଚରଣ ମହାପାତ୍ର, ସାଧାରଣ ସଂପାଦକ-ହିତେଶ କୁମାର ମହାନ୍ତି, ସଂଗଠନ ସଂପାଦକ ଦେବୀ ପ୍ରସନ୍ନ ମହାନ୍ତି, ଯୁଗ୍ମ ସଂପାଦକ ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ରବିନ୍ଦ୍ର ନାଥ ମିଶ୍ର, ସମିତା ରଥ, ସୁଷମା ପ୍ରଧାନ ଏବଂ ଅନ୍ୟାନ୍ୟ ବରିଷ୍ଠ ନାଗରିକ ସଦସ୍ୟ ସଦସ୍ୟା ଗଣ କୈଳାସଚନ୍ଦ୍ର ପାଲ, ସ୍ନେହ ମଞ୍ଜରି ସାହୁ, ନିମାଇଁ ଚରଣ ପ୍ରଧାନ, ଭକ୍ତ ଚରଣ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ରାଉତ, ଭଗବାନ ମହାନ୍ତି, ବିଷ୍ଣୁ ଚରଣ ଦାସ, ଲିଙ୍ଗରାଜ ଲେଙ୍କା, ଗୁଣମଣି କାଣ୍ଡି, ଗୋବିନ୍ଦ ଚନ୍ଦ୍ର ମହାରଣା, ଖଗେଶ୍ୱର ସାହୁ, ଅଜୟ କୁମାର ବାରିକ, ଜୟକୃଷ୍ଣ ଦାସ, ନାରାୟଣ ଦାସ, ବଂଶାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ ।

ଆୟୁଷ୍ମାନ ଫାଉଣ୍ଡେସନ ପକ୍ଷରୁ ଝୋଟ ତିଆରି ହସ୍ତଶିଳ୍ପ ତାଲିମ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଝୋଟ ତିଆରି ହସ୍ତଶିଳ୍ପ ତାଲିମ ଶିବିରର ଉଦଘାଟନୀ ଅବସରରେ ଆୟୁଷ୍ମାନ ଫାଉଣ୍ଡେସନ ସାମାଜିକ ଅନୁଷ୍ଠାନ ଓ କଲିକତାର ଆଇସିଏଆର ର ମିଳିତ ସହଯୋଗରେ ୩୦ଜଣ ମହିଳାଙ୍କ ପାଇଁ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଅଛି । ଡେରାବିଶ ବିଡିଓ ନମିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ହସ୍ତଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବି ହେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲିକତାସ୍ଥିତ ଆଇସିଏଆର ସଂସ୍ଥାର ମୁଖ୍ୟ ବୈଜ୍ଞାନିକ ଓ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ନାୟକ ଏବଂ ତାଙ୍କ ପ୍ରତିନିଧି ରମାକାନ୍ତ ମିଶ୍ର, କାଞ୍ଚନ ରାୟ ପ୍ରାକୃତିକ ତନ୍ତୁ ଝୋଟକୁ ଆଧାର କରି ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ପ୍ରସ୍ତୁତି ଓ ଏହାର ବ୍ୟବହାରକୁ ଆଦୃତ କରାଇ ମହିଳାମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ଝୋଟ ଏକ ଅର୍ଥକାରୀ ଫସଲ ହୋଇଥିଲେ ମଧ୍ୟ ଏହାର ଉତ୍ପାଦସନ ହ୍ରାସ ପାଉଅଛି । ଏଣୁ ଲୋକଙ୍କ ମଧ୍ୟରେ ଆଗ୍ରହ ମଧ୍ୟ ପରିଲକ୍ଷିତ ହେଉନାହିଁ । ଏହା ଉପରେ ସମ୍ବେଦନଶୀଳ ହେବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ । ୨୦ଜଣ ମହିଳା ତାଲିମପ୍ରାପ୍ତାଙ୍କୁ ୧୦ଦିନ ତାଲିମ ନେବା ପାଇଁ ଚୟନ କରାଯାଇଥିଲା । ଆୟୁଷ୍ମାନ ଫାଉଣ୍ଡେସନର ପ୍ରକଳ୍ପ ପ୍ରବନ୍ଧକ ଗିତାଞ୍ଜଳୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ପୁଷ୍ପତା ପଣ୍ଡା, ସନ୍ତୋଷ କୁମାର ମହାପାତ୍ର, ମନୀଷା ବାରିକ ସହଯୋଗ କରିଥିଲେ । ଆୟୁଷ୍ମାନ ଫାଉଣ୍ଡେସନ ଉତ୍କଳ ଗୁପର ମୁଖ୍ୟ ସୁରେଶ ମିଶ୍ର ସାଧୁବାଦ ପ୍ରଦାନ କରିଥିଲେ ।

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ଏବଂ ସଂଯୋଜକ ଅଧ୍ୟାପକ ପ୍ରମୋଦ କୁମାର ବେହେରାଙ୍କ ତତ୍ୱାବଧାନରେ ମହାବିଦ୍ୟାଳୟର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତକା ଧରି "ଭାରତ ମାତା କି ଜୟ" ନାରା ଦେଇ ମହାବିଦ୍ୟାଳୟ ପରିସରରୁ ବାହାରି କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଆଇନ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ତିନିମୁହାଣୀଛକ କୁ ଆସିଥିଲେ । ସେଠାରୁ ଜ୍ଞାନପୀଠ ଛକ ଦେଇ ପୁନର୍ବାର ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ । ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଶ୍ରୀ ଦାସ ପିଲାମାନଙ୍କୁ ଉଦବୋଧନଦେଇ କହିଲେ ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀମାନଙ୍କ ମନରେ ଦେଶପ୍ରେମ ହେଉଛି ଦେଶପ୍ରତି ସବୁଠୁ ବଡ ଭକ୍ତି । ଏହି ତ୍ରିରଙ୍ଗା

ଶୋଭାଯାତ୍ରା ଆମ ସମସ୍ତଙ୍କ ମନରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ସଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ଆମ ଭିତରେ ଜାଗ୍ରତ କରାଇ ପାରିବ । ଜାତୀୟ ପତାକା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଓ ସ୍ୱାଭିମାନର ପ୍ରତୀକ । ଏହି ପତାକାକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରି ଦେଶପ୍ରେମରେ ନିଜକୁ ଉଦବୁଦ୍ଧ କରାଇବାକୁ ଅଧକ୍ଷ ପ୍ରଫେସର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ପୌର୍ଣ୍ଣମାସୀ ପଣ୍ଡା, କ୍ୟାପଟେନ ସୀମା ମହାନ୍ତି, ପ୍ରଫେସର ପୂର୍ବାଶା ପ୍ରିୟଦର୍ଶିନୀ, ଡ. ଦିପ୍ତୀ ରାୟ, ପ୍ରଫେସର ସେକ ହବିବ୍, ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ଅଧ୍ୟାପକ ବିକାଶ କୁମାର ଦାସ, ରଜନୀକାନ୍ତ ମହାପାତ୍ର, ପ୍ରତିମାରାଣୀ ଦ୍ୱିବେଦୀ, ସୋନାଲିକା ମହାନ୍ତି, ବାବୁଲା ବେହେରା, ରାକେଶ କୁମାର ପ୍ରଧାନ, ସୁବ୍ରତ କୁମାର ସାହୁ, ଅଦ୍ଭୁତ ମହାରଣା ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

୮୦ତମ ସ୍ୱାଧୀନତା ଦିବସ ପାଳିତ

ଜୟପୁର (ଅମୃତ ମିଡିଆ) : କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁର ପରିସରରେ ଆଜି ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ, ଆନନ୍ଦ ଓ ଦେଶପ୍ରେମର ଭାବନା ସହ ପାଳିତ ହୋଇଯାଇଛି । ଏହି ଅବସରରେ ଜୟପୁରର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପତାକା ଉତ୍ତୋଳନ ପରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ ଅଭିଭାବକମାନଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଥିଲେ । ନିଜ ଅଭିଭାଷଣରେ ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା, ଏକତା, ସଚ୍ଚୋଟତା, କଠିନ ପରିଶ୍ରମ ଓ ଦେଶପ୍ରେମର ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ କେନ୍ଦ୍ରୀୟ ବିଦ୍ୟାଳୟ ଜୟପୁରର ଦୀର୍ଘଦିନର ସକାଳ ପ୍ରାର୍ଥନା ସଭା ପାଇଁ ଏକ ସ୍ଥାୟୀ ମଞ୍ଚ ନିର୍ମାଣର ଦାବି ପୂରଣ କରିବା ନେଇ ଘୋଷଣା କରିଥିଲେ । ଏହି ମଞ୍ଚର ନିର୍ମାଣ କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ତାଙ୍କର ଏହି ଘୋଷଣାକୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଆନନ୍ଦର ସହ ସ୍ୱାଗତ କରିଥିଲେ । ସ୍ୱାଧୀନତା ଦିବସ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଛାତ୍ରଛାତ୍ରୀଙ୍କ ଉତ୍ସାହଭରା ପରିବେଷଣ ଉପସ୍ଥିତ ଅତିଥି ଓ ଅଭିଭାବକମାନଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀମତୀ ଭାରତୀ ପଣ୍ଡା ସୁଚାରୁ ଭାବରେ ସଂଯୋଜନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରଶାନ୍ତ ନାହାକ ଧନ୍ୟବାଦ ଅର୍ପଣ କରି ମୁଖ୍ୟ ଅତିଥିଙ୍କ ଉପସ୍ଥିତି ଓ ବିଦ୍ୟାଳୟର ବିକାଶ ପାଇଁ ତାଙ୍କର ସହଯୋଗ ନିମନ୍ତେ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହରିହର ପଣ୍ଡା ମାନ୍ୟବର ବିଧାୟକଙ୍କୁ ତାଙ୍କର ମୂଲ୍ୟବାନ ସହଯୋଗ ଓ ଆଶ୍ୱାସନ ପାଇଁ ଧନ୍ୟବାଦ ଜଣାଇବା ସହ ଛାତ୍ରଛାତ୍ରୀ, ଅଭିଭାବକ ଓ ସମସ୍ତ କର୍ମଚାରୀଙ୍କୁ ସଫଳ ଆୟୋଜନ ପାଇଁ ପ୍ରଶଂସା କରିଥିଲେ । ଦେଶପ୍ରେମ ଓ ଜାତୀୟ ଏକତାର ଭାବନା ସହ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା । ଏହି ଅବସରରେ ଦାୟିତ୍ୱବାନ, ଶୃଙ୍ଖଳିତ ଓ ଦେଶପ୍ରେମୀ ନାଗରିକ ଗଢ଼ି ତୋଳିବା ପାଇଁ ବିଦ୍ୟାଳୟ ପରିବାର ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିଥିଲା ।

ଜିଲ୍ଲା ସଦର ମହକୁମାରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଜଗତସିଂହପୁର (ଅମୃତ ମିଡ଼ିଆ) : ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଅଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ସୁଧାଂଶୁ ମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ଆନୁଷ୍ଠାନିକ ପରେଡ ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ବନ୍ଦେ ମାତରଂ ଗାନ ଓ ଜାତୀୟ ପତାକା ଉତ୍ତୋଳନ ପରେ ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ଦେଶର ସ୍ୱାଧୀନତା ପାଇଁ ଅମର ବଳିଦାନ ଦେଇଥିବା ମହାନ ସଂଗ୍ରାମୀ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂହଙ୍କ ସମେତ ଓଡ଼ିଶାର ଅନେକ ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ ଏବଂ ଅମର ସହିଦ ବାଜି ରାଉତ ପ୍ରମୁଖଙ୍କୁ ଏହି ପବିତ୍ର ଅବସରରେ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜଗତସିଂହପୁର ମାଟିର ଗୌରବ ତଥା ଜାତୀୟ କବି ବୀରକିଶୋର ଦାସଙ୍କର କାଳଜୟୀ ପଦକୁ ସ୍ମରଣ କରି ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କର ଗୁରୁତ୍ୱକୁ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଜଗତସିଂହପୁର କେବଳ ଉଚ୍ଚ ସଂସ୍କୃତି ଓ ସାରସ୍ୱତ ସାଧନାର ପବିତ୍ର ଭୂମି ନୁହେଁ, ବରଂ ଆଜି ସମଗ୍ର ଓଡ଼ିଶାର ଅର୍ଥନୀତି, ଶିଳ୍ପାୟନ ଓ ପ୍ରଗତିର ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବେ ପରିଚିତ ହୋଇଛି, ଯାହା କି ଜିଲ୍ଲାର ବାଣିଜ୍ୟିକ କାରବାରକୁ ବୃଦ୍ଧି କରିବା ସହ ଆଗାମୀ ଦିନରେ ହଜାର ହଜାର ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଜିଲ୍ଲାର ଗର୍ବ ପାରାଦୀପ ବନ୍ଦର ଆଜି ଦେଶର ଏକ ଅଗ୍ରଣୀ ବନ୍ଦର ଭାବେ ନିଜର ସ୍ଥାନ ସୁଦୃଢ଼ କରିଚାଲିଛି । ଏହା ଓଡ଼ିଶାର ଆର୍ଥିକ ମୂଲଦଣ୍ଡକୁ ଆହୁରି ସୁଦୃଢ଼ କରିବ । ପ୍ରଶାସକ ଭାବେ ମୋର ଦୃଢ଼ ବିଶ୍ୱାସ ଯେ, ପ୍ରଶାସନର ପ୍ରକୃତ ସଫଳତା ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସମୟାନୁବର୍ତ୍ତି କାର୍ଯ୍ୟସମ୍ପାଦନ ଉପରେ ନିର୍ଭର କରେ । ସରକାରଙ୍କ ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଗ୍ରାମୀଣ ଭିତ୍ତିଭୂମି, ରାସ୍ତାଘାଟ ଓ ସାମଗ୍ରିକ ଉନ୍ନୟନ କାର୍ଯ୍ୟକୁ ନିରନ୍ତର ଭାବେ ଆଗେଇ ନିଆଯାଉଛି । ଜଗତସିଂହପୁର ଜିଲ୍ଲାର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ସ୍ୱାବଲମ୍ବନ ପାଇଁ ପ୍ରଶାସନ ସମସ୍ତଙ୍କ ସହଯୋଗରେ ନିରନ୍ତର କାର୍ଯ୍ୟ କରିବ । ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଜଗତସିଂହପୁର ଗଠନ ଆମ ସମସ୍ତଙ୍କର ସାମୂହିକ ସଂକଳ

ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଜାତୀୟ ପତାକା ଉତ୍ତୋଳନ କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ

କଟକ (ବ୍ୟୁରୋ) : କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହାସିକ ବାରବାଟି ଷ୍ଟାଡିୟମ୍ ଠାରେ ୮୦ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରି ପ୍ରଥମେ କଟକବାସୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଏକ ନୂଆ ଓଡିଶା, ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମରେ ଆତ୍ମବଳି ଦେଇଥିବା ମହାମନିଷୀ ମାନଙ୍କୁ ସ୍ମରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ କଟକ ଏକ ସାଧାରଣ ସହର ନୁହେଁ । ଏହି ସହରରେ ଓଡିଶାର ଅତୀତର ଇତିହାସ ଓ ଐତିହ୍ୟ ଜଡ଼ିତ ରହିଛି । ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ କଟକର ଐତିହାସିକ ସ୍ୱରାଜ ଆଶ୍ରମରୁ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା । କଟକ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଆମେ ସମସ୍ତେ ମିଳିମିଶି ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ସଂକଳ୍ପ ବଦ୍ଧ ହେବା ସହିତ ଓଡ଼ିଶାକୁ ଆଗକୁ ନେବାକୁ ପଡିବ । ବର୍ତ୍ତମାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଗତି ହେଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସେ କହିଥିଲେ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବାର ସ୍ୱପ୍ନ ସାକାର କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ମଞ୍ଚରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଋଷିକେଶ ଖୁଲାରୀ ଦ୍ୟାନଦେଓ, କଟକ ମହାନଗର ନିଗମ ଆୟୁକ୍ତ କିରନଦୀପ କୌର ସହୋଦା ଉପସ୍ଥିତ ଥିଲେ । ଚଳିତ ବର୍ଷ ଜିଲ୍ଲାସ୍ତରୀୟ ପରେଡକୁ ପରିଚାଳନା କରିଥିଲେ ପରେଡ କମାଣ୍ଡର ବିଷ୍ଣୁ ପ୍ରସାଦ ମିଶ୍ର । ପରେଡରେ ୨ଟି ପୋଲିସ୍ ପ୍ଲାଟୁନ୍, ଗୋଟିଏ ହୋମଗାର୍ଡ ପ୍ଲାଟୁନ୍, ୧୨ଟି ଏନସିସି ଦଳ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୋଲିସ ବ୍ୟାଣ୍ଡକୁ ମିଶାଇ ମୋଟ ୩୬ଟି କଣ୍ଟିନଜେଂଟ ଭାଗ ନେଇଥିଲେ । ସ୍ୱାଧୀନତା ଦିବସ ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ବିଶାଳ ରକ୍ତଦାନ ଶିବିରର ଉଦ୍ଘାଟନ କରିଥିଲେ । ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ, କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ୨୩୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ପ୍ରତ୍ୟେକ ରକ୍ତଦାତାଙ୍କୁ ଉପହାର ସ୍ୱରୂପ ପୁସ୍ତକ ପ୍ରଦାନ କରାଯାଇଥିଲା । ପରେ ରାଜସ୍ୱମନ୍ତ୍ରୀ କଟକ ଜେଲ ରୋଡ଼ ଠାରେ ଥିବା ପୁରୁଣା ଜେଲ ପରିଦର୍ଶନ କରିବା ସହ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ । ଏହା ପରେ ମନ୍ତ୍ରୀ ପୂଜାରୀ ସ୍ୱରାଜ ଆଶ୍ରମ ଯାଇ ସେଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସ୍ୱରାଜ ଆଶ୍ରମଠାରେ ସିଆଇଏସଏଫ ପକ୍ଷରୁ ବ୍ୟାଣ୍ଡ ଯୋଗେ ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ପ୍ରାତଃ ଘ.୦୪.୩୦ମି. ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ୍ ବଜାଯାଇ ସହର ପରିକ୍ରମା କରିଥିଲା । ସ୍ୱାଧୀନତା ଦିବସ ପାଳନ ଅବସରରେ ମାନ୍ୟବର ବିଧାୟିକା ବାରବାଟୀ କଟକ ଇଂ ସୌମ୍ୟା ମିଶ୍ର, ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଋଷିକେଶ ଖୁଲାରୀ ଦ୍ୟାନଦେଓ, କଟକ ମହାନଗର ନିଗମ ଆୟୁକ୍ତ କିରନଦୀପ କୌର ସହୋଦା, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟାଲୋଚନ ମହାନ୍ତ, କମଳଜିତ ଦାସ, ଡଃ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରା ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ।

ପିପିଏମଏସ ଶ୍ରମିକ ସଂଘର ଐତିହାସିକ ସଫଳତା

ବନ୍ଦର ଆଇପିଟି ଡ୍ରାଇଭରଙ୍କୁ କୁଶଳୀ ଶ୍ରମିକ ମାନ୍ୟତା ସହ ଦରମା ବୃଦ୍ଧି

ପାରାଦୀପ (ଅମୃତ ମିଡିଆ) : ପଣ୍ୟ କାରବାରରେ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ଭାବେ ଉଭା ହୋଇଥିବା ବେଳେ ଏହି ସଫଳତାରେ ନିଷ୍ଣାତ୍ଞାଞ୍ଚଳ ମଧ୍ୟରେ ଆନ୍ତଃ ବନ୍ଦର ପରିବହନ (ଆଇପିଟି) କାର୍ଯ୍ୟରେ ନିୟୋଜିତ ଡଂର ଡ୍ରାଇଭରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଏହି ଡ୍ରାଇଭର ମାନେ ଦୀର୍ଘ ବର୍ଷ ହେବ ନିଜ ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ବିଭିନ୍ନ ଶ୍ରମିକ ସଙ୍ଘ ଓ ନେତା ମାନଙ୍କୁ ଗୁହାରି କରିଥିଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଲାଘବ କରିନଥିଲେ । ଶେଷରେ ସେମାନେ ଜଣାଶୁଣା ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧାନ ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହୋଇ ନିଜ ହକ ପାଇଁ ସଂଗ୍ରାମ କରିଥିଲେ । ତେବେ ଶ୍ରମିକ ସଂଘର ନେତା ଶ୍ରୀ ତ୍ରିପାଠୀ ଏବଂ ତାଙ୍କ ନେତୃ ମଣ୍ଡଳୀମାନଙ୍କ ନିଷ୍ଠାପର ଉଦ୍ୟମ ଓ ନିସ୍ୱାର୍ଥପର ପ୍ରଚେଷ୍ଟା ଫଳରେ ଶେଷରେ ମାତ୍ର ପ୍ରାୟ ୧୬ ମାସ ମଧ୍ୟରେ ଡ୍ରାଇଭର ମାନେ ସେମାନଙ୍କ ସ୍ୱାର୍ଥ ହାସଲରେ ସଫଳ ହୋଇପାରିଥିଲେ । ଏଥିରେ ମୁଖ୍ୟତଃ ଡ୍ରାଇଭରମାନଙ୍କ ଦରମା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ତେବେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ, ଷ୍ଟିଭେଡୋର୍ସ ଆସୋସିଏସନ, ଡଂର ମାଲିକ ସଙ୍ଘ ସହ ପର୍ଯ୍ୟାୟ କ୍ରମେ ଆଲୋଚନା ପରେ ଲେବର କମିଶନରଙ୍କ ପାଖରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରାଯାଇ ଏହି ଐତିହାସିକ ଘୋଷଣା କରାଯାଇଛି । ଏହି ସଫଳତା ପରେ ଆଇପିଟି ଡ୍ରାଇଭରମାନଙ୍କ ଭିତରେ ଆନନ୍ଦ ଖେଳିଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ନୂଆବଜାର ସ୍ଥିତ ଶ୍ରମିକ ସଙ୍ଘ ପରିସରରେ ଏକ ଅଭିନନ୍ଦନ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ସହ ସମ୍ପାଦକ ଅନ୍ତର୍ଯ୍ୟାମୀ ବାରିକ ଯୋଗଦେଇ ଏହି ସଫଳତା ପାଇଁ ଉପସ୍ଥିତ ସମସ୍ତ ଡ୍ରାଇଭରଙ୍କୁ ଅଭିନନ୍ଦନ ଜଣାଇଥିଲେ । ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ନିଜ ବକ୍ତବ୍ୟରେ ଆଇପିଟି ଡ୍ରାଇଭର ମାନଙ୍କ ଅନ୍ୟାନ୍ୟ ସମସ୍ୟା ସମାଧାନ ଦିଗରେ ପ୍ରଚେଷ୍ଟା କରିବା ନେଇ ପ୍ରତିଶ୍ରୁତି ଦେବା ସହ ଏହି ସଫଳତା ପାଇଁ ଷ୍ଟିଭେଡୋର୍ସ ଆସୋସିଏସନ ଓ ଡଂର ମାଲିକ ସଂଘକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଡ୍ରାଇଭର ମାନେ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଓ ଅନ୍ୟ ନେତୃମଣ୍ଡଳୀ ମାନଙ୍କୁ ଏହି ସଫଳତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ପରସ୍ପର ମିଠା ଖୁଆଇ ବାଣ ଫୁଟାଇ ଉତ୍ସବ ପାଳିଥିଲେ ।

ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ସହିତ ଚାରାବଣ୍ଟନ

ଜଟଣୀ (ଅମୃତ ମିଡିଆ) : ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳପଥ ଶ୍ରମିକ କଂଗ୍ରେସର ବିଭିର୍ନ କାର୍ଯ୍ୟାଳୟ ଓ ବିଜେବି ପ୍ରେକ୍ଷାଳୟଠାରେ ୮୦ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଓପେନ ଲାଇନ ଶାଖା ଠାରେ ଶାଖା ସମ୍ପାଦକ ଏଲ ଡି ମହାନ୍ତି ଜାତୀୟ ପତକା ଉତ୍ତୋଳନ କରିଥିବା ବେଳେ ରଂନିଙ୍ଗ ବ୍ରାଞ୍ଚ ଠାରେ ଜୟନ୍ତ ସାମଲ, ହେଡକ୍ୱାର୍ଟର ବ୍ରାଞ୍ଚ ଠାରେ ଦୁଃଶାସନ ସାହୁ ଓ ବିଜେବି ଇନ୍‌ଷ୍ଟିଚ୍ୟୁଟ ଠାରେ ବରିଷ୍ଠ କାର୍ମିକ ଅଧିକାରୀ ଅମରେନ୍ଦ୍ର ନାଥ ମିଶ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଆଦେଶ ଅନୁଯାଇ ପ୍ରଥମେ ବନ୍ଦେ ମାତରଂ ଗୀତ ଗାନ ପରେ ପତକା ଉତ୍ତୋଳନ କରାଯାଇ ଜାତୀୟ ସଂଗୀତ ଗାନ ହୋଇଥିଲା । ସାତ ଶହ ବର୍ଷ ମୋଗଲ ଓ ଅଢେଇ ଶହ ବର୍ଷ ବ୍ରିଟିଶ ଶାସନରୁ ଭାରତକୁ ଆଜାଦି ଦେବା ପାଇଁ ଅନେକ ଭାରତୀୟ ବୀର ଓ ସ୍ୱାଧୀନତା ସଂଗ୍ରାମୀ ବ୍ରିଟିଶଙ୍କ ବନ୍ଧୁକ ଗୋଳା ବାରୁଦ ଆଗରେ ନିଜ ଜୀବନ ବଳିଦାନ ଦେଇଥିଲେ । ଶେଷରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିହିଁ ସ୍ୱାଧୀନତା ଆଣିବାରେ ସଫଳ ହୋଇଥିଲେ । ପୁରାତନ ଭାରତ ଓ ଅଶି ବର୍ଷର ସ୍ୱାଧୀନ ଭାରତ ଏବଂ ତାର ପ୍ରଗତି ଆମେ ଉପଭୋଗ କରୁଥିବାରୁ ଯେଉଁମାନେ ଏହି ଆଜାଦି ପାଇଁ ଲଢ଼ି ଜେଲ କିମ୍ବା ନିଜ ଜୀବନ ବଳିଦାନ ଦେଇଥିଲେ ସେମାନଙ୍କୁ କେବେ ଭୁଲିବା ଉଚିତ ନୁହେଁ ବୋଲି ଶାଖା ସମ୍ପାଦକ ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ । ଅପରାହ୍ନ ରେ ଶ୍ରମିକ କଂଗ୍ରେସର ସମସ୍ତ କର୍ମକର୍ତା ସ୍ଥାନିୟ ଅଞ୍ଚଳରେ ଚାରା ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମଜିକେ ରାଓ, ସୁବ୍ରତ ପଣ୍ଡା, ମହମଦ ମୁସ୍ତାକ ଅଲ୍ଲୀ, ସୁନୀଲ କୁମାର ପରିଡା, ପି ଶିବା ରେଡି, ସନ୍ତୋଷ ଖଟେଇ, ଅଖିଳ ଦାସ , ମନୋରଞ୍ଜନ ମହାପାତ୍ର, ନାରୀ ନେତ୍ରୀ ବିଜୟାଲକ୍ଷ୍ମୀ ଦାସ, କୁମୁଦୁନି, ସଂଯୁକ୍ତା ମିଶ୍ର, ପ୍ରମୁଖ ଚାରା ବଣ୍ଟନର ନେତୃତ୍ୱ ନେଇଥିଲେ ।

ବାସୁଦେବପୁରରେ ୮୦ତମ ସ୍ୱାଧୀନତା ଦିବସ

ବାସୁଦେବପୁର (ଅମୃତ ମିଡିଆ) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଓ ପୌର ପରିଷଦ ରେ ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ ହୋଇଯାଇଛି । ବାସୁଦେବପୁର ର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ, ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ ପତାକା ଉତ୍ତୋଳନ ହୋଇ ଯାଇଛି । ଏହି ଅବସରରେ ପୌରପାଳିକା ପକ୍ଷରୁ ସ୍ଥାନୀୟ ଅଟଳ ବିହାରୀ ବିଦ୍ୟାଳୟ ପଡ଼ିଆ ରେ ପତାକା ଉତ୍ତୋଳନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ପୌର ଅଧକ୍ଷା ନିବେଦିତା ବେହେରା ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଥିଲେ । ପଡ଼ିଆ କାଦୁଅଥିବାରୁ ପ୍ରସ୍ତୁତ ଥିବା ଗାଡ଼ିରେ ନ ଯାଇ ଚାଲିଚାଲି ପଡ଼ିଆକୁ ଯାଇଥିଲେ ବିଧାୟକ ଆଶୋକ ଦାସ ଓ ପୌର ଅଧକ୍ଷା ନିବେଦିତା ବେହେରା । ଝିପିଝିପି ବର୍ଷା ସତ୍ତ୍ୱେ ପଡ଼ିଆରେ ପ୍ୟାରେଟ କରିଥିଲେ ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲେଜର ଛାତ୍ର ଛାତ୍ରୀମାନେ । ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ ଅତିଥି ।

ସ୍ୱାଧୀନତା ଦିବସରେ ରାଜ୍ୟପାଳଙ୍କ ଆଟ୍ ହୋମ୍ କାର୍ଯ୍ୟକ୍ରମକୁ ପରିବେଶବିତ୍ ଅମରେଶ ଆମନ୍ତ୍ରିତ

ପାରାଦୀପ (ଅମୃତ ମିଡିଆ) : ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ମାନ୍ୟବର ରାଜ୍ୟପାଳଙ୍କ 'ଆଟ ହୋମ' କାର୍ଯ୍ୟକ୍ରମକୁ ଜଗତସିଂହପୁର ଜିଲ୍ଲାରୁ ପରିବେଶବିତ ଅମରେଶ ନରେଶ ସାମନ୍ତଙ୍କୁ ଆମନ୍ତଣ କରାଯାଇଛି । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଉଲେଖିତ ଓ ପ୍ରଶଂସିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଓଡିଶାର ୧୦ ଜଣକୁ ଏହି ସ୍ୱତନ୍ତ୍ର ଆଟ ହୋମ କାର୍ଯ୍ୟକ୍ରମ ପାଇଁ ଆମନ୍ତଣ କାରାଯାଇ ଥିବା ସରକାରୀ ପତ୍ରରେ ଉଲ୍ଲେଖ ରହିଛି । ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲାରୁ ଅମରେଶଙ୍କ ନାଁ ସ୍ଥାନ ପାଇଛି । ଅମରେଶଙ୍କ ଦୀର୍ଘ ତିନି ଦଶନ୍ଧିର ପରିବେଶ ସୁରକ୍ଷା, ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ମୁହାଣରେ ଘଞ୍ଚ ହେଡାଳ ବଣ ସୃଷ୍ଟି ପାଇଁ ସେ ଅନବରତ ତାଙ୍କ ଅନୁଷ୍ଠାନ ବାବା ବାଲୁକେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ଓ ସାଥି ଅନୁଷ୍ଠାନ ନୀଳଚକ୍ର ୟୁଥ କ୍ଲବ, ଆଦର୍ଶ ପ୍ରୟାସ ଓ ଅନ୍ୟ କେତେକ ପରିବେଶପ୍ରେମୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନେଇ ତାଙ୍କର ଯାତ୍ରା ଓ ପ୍ରଚେଷ୍ଟା ଜାରୀ ରଖିଛନ୍ତି । ତାଙ୍କର ପ୍ରକୃତି ପ୍ରତି ସମର୍ପଣ ଭାବ ପାଇଁ ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ, ଦୁଇ ଥର ପ୍ରକୃତି ମିତ୍ର ଓ ବିଜୁ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ବନ୍ୟ ପ୍ରାଣୀ ସରଂକ୍ଷଣ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ତାଙ୍କର ଏହି କୃତି ପାଇଁ ପାରାଦ୍ୱୀପ ମୁନିସିପାଲିଟିର ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବାବା ବାଲୁକେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳିର ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲପ ପଲେଇ ଓ ଅମରେଶଙ୍କୁ ଅଭିନନ୍ଦନ ଜଣେଇଛନ୍ତି ।

ବୃଦ ୍ଧାଙ୍କ ହାତଗୋଡ଼ ବାନ୍ଧି ଘରୁ ଲୁଟ୍

ଅଭିଯୋଗ ପରେ ପୋଲିସର ତଦନ୍ତ ଆରମ୍ଭ

ଚାନ୍ଦବାଲି (ଅମୃତ ମିଡିଆ) : ଚାନ୍ଦବାଲି ସଦର ବଜାର ଅଞ୍ଚଳରେ ଏକ ଘରେ ଲୁଟ୍‌ପାଟ୍ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ତ୍ରିପାଠୀଙ୍କ ଘରେ ଲୁଟେରାମାନେ ପଶି ତାଙ୍କ ବୃଦ୍ଧା ପତ୍ନୀଙ୍କ ହାତଗୋଡ଼ ବାନ୍ଧି ଲୁଟ୍ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଲୁଟେରାମାନେ ଘରେ ପଶି ବୃଦ୍ଧାଙ୍କୁ ବାନ୍ଧି ଘରରୁ ଟଙ୍କା ଓ ସୁନାଗହଣା ସମେତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ । ଘଟଣା ପରେ ପରିବାର ପକ୍ଷରୁ ଚାନ୍ଦବାଲି ପୋଲିସକୁ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଲୁଟେରାଙ୍କ ପରିଚୟ ଓ ଲୁଟ୍ ହୋଇଥିବା ସାମଗ୍ରୀ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି । ଦିନ ଦ୍ୱିପ୍ରହରରେ ସଦର ବଜାର ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।

କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଆମ୍ ଆଦମୀ ପାର୍ଟି କାର୍ଯ୍ୟାଳୟ ନିକଟରେ ୮୦ତମ ସ୍ୱାଧୀନତା ଦିବସ ଅତ୍ୟନ୍ତ ଉତ୍ସାହ ଓ ଦେଶପ୍ରେମର ସହ ପାଳନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାସ ଉପସ୍ଥିତି ରହି ପତାକା ଉତ୍ତୋଳନ କରିଥିଲେ ।ପତାକା ଉତ୍ତୋଳନ ପରେ ଶ୍ରୀ ଦାସ ସଂକ୍ଷିପ୍ତ ଅଭିଭାଷଣ ରଖି ଦେଶର ସ୍ୱାଧୀନତା, ଏକତା, ଭାଇଚାରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକ

ବ୍ଲକସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଚଣ୍ଡିଖୋଲ (ଅମୃତ ମିଡ଼ିଆ) : ବଡ଼ଚଣାର ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ ପାଳିତ। ବଡ଼ଚଣା ପଂଚାୟତ ସମିତି ପରିସରରେ ୮୦ତମ ସ୍ୱାଧୀନତା ଦିବସ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଜାତିଉଦ୍ଦେଶରେ ସମଗ୍ର ବଡ଼ଚଣା ବାସୀଙ୍କୁ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ଆଲୋକପାତ କରିଥିଲେ। ଯେଉଁମାନେ ୮୦ବର୍ଷ ପୂର୍ବେ ଦେଶକୁ ସ୍ୱାଧୀନ କରିଥିଲେ ସେହି ବୀରପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେମାନଙ୍କ ମାର୍ଗଦର୍ଶନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ବଡ଼ଚଣା ହାଇସ୍କୁଲର ଏନସିସି ପିଲାମାନେ ସାମିଲ ହୋଇ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦ ଉପାଧ୍ୟକ ଗଣେଶ୍ୱର ବରାଳ, ପଂଚାୟତ ସମିତି ଉପାଧ୍ୟକ ବିଭାଷ ନନ୍ଦ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ଜିଲ୍ଲା ବିଜେପି ଉପସଭାପତି ପ୍ରମୋଦ ଜେନା, ସମ୍ପାଦକ ବିକାଶ ମହାପାତ୍ର, ସାଂସଦ ପ୍ରତିନିଧି ରବିନ୍ଦ୍ର ରାଉତ, ମଣ୍ଡଳ ସଭାପତି ବିମଳ ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ବିଧାୟକ ଶ୍ରୀ ନାୟକ ନୂତନ ହିତାଧିକାରିଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଚଣ୍ଡିଖୋଲ କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଗୋପବନ୍ଧୁ ଗଡ଼ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେବେ କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା ଏବଂ ସମ୍ପାଦକ ପ୍ରକାଶ କୁମାର ଦାଶ ଉପସ୍ଥିତ ଥିଲେ। ଦର୍ପଣ ତହସିଲରେ ମାନସ କୁମାର ତ୍ରିପାଠୀ, ବଡ଼ଚଣା ଥାନାରେ ଇନ୍ସପେକ୍ଟର ଜଗଦୀଶ କର, ପ୍ରାଣୀ ଚିକିତ୍ସାଳୟରେ ବିଭିଓ ଭବନାଥ ବଷ୍ଠିଆ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଇନ୍ଦ୍ରାଣୀ ମାହାଲା, ବୈରୀ ଥାନାରେ ଥାନାଧିକାରୀ ରଂଜିତ କୁମାର ମହାନ୍ତି, ଚଣ୍ଡିଖୋଲ ଫାଣ୍ଡିରେ ଅଧିକାରୀ ସୁଶାନ୍ତ ଦାସ, ବିଜେପି କାର୍ଯ୍ୟାଳୟରେ ଓ ବଡ଼ଚଣା ମହିଳା କଲେଜରେ ବିଧାୟକ ଅମର କୁମାର ନାୟକ, ବଡ଼ଚଣା ପିଏମଶ୍ରୀ ସ୍କୁଲରେ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟ, ଛତିଆ ପଂଚାୟତରେ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଜନତା ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ନାୟକ, ବନ୍ତଳା ପଂଚାୟତରେ ସରପଞ୍ଚ ସମୀର ରାଉତ, ବଡ଼ଚଣା ପଂଚାୟତରେ ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, କୁନ୍ଦଳ ପଂଚାୟତରେ ସରପଞ୍ଚ ପରମିତା ରାଉତ, ଶିକ୍ଷକ ଭବନରେ ସଭାପତି ସନ୍ତୋଷ କୁମାର ଜେନା, ବ୍ଲକ ଶିକ୍ଷା ମଣ୍ଡଳ କାର୍ଯ୍ୟାଳୟରେ ଶିକ୍ଷାଧିକାରି ଲୋପାମୁଦ୍ରା ରାଉତରାୟ, ଛତିଆ ଫାଣ୍ଡିରେ ଫାଣ୍ଡି ଅଧିକାରୀ ସରୋଜ କୁମାର ବେହେରା, ବିଜେଡି ପାର୍ଟି ଅଫିସରେ ବିଜେଡି ନେତା କ୍ୟାପଟେନ ରାଜନାରାୟନ ମହାପାତ୍ର, କଂଗ୍ରେସ ଦଳ ପକ୍ଷରୁ କଂଗ୍ରେସ ନେତା ଅଜୟ କୁମାର ସାମଲ, ବଡ଼ଚଣା ସ୍ଥିତ ଆମ ଘର ଶିଶୁ ଯତ୍ନ ଗୃହରେ ସମିତି ସଭ୍ୟ ମଧୁସୂଦନ ବଳଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି ବୈରୀ ଡାଲିଯୋଡ଼ା ରେଞ୍ଜ ଅଫିସରେ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି, ହାଡିଦାସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିମଳ ଚନ୍ଦ୍ର ମଲ୍ଲିକ, ବୈରୀ-ସୋଲର ପୁଲିସ ତାଲିମ କେନ୍ଦ୍ରରେ ଅଧ୍ୟକ୍ଷ ଅଶୋକ ଦେହୁରୀ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ଓଡ଼ିଶା ଅମଲା ସଂଘର ୮୩ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଜୟପୁର (ଅମୃତ ମିଡିଆ) : ଓଡ଼ିଶା ଅମଲା ସଂଘର ୮୩ ବର୍ଷ ପୂର୍ତ୍ତି ଉତ୍ସବ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ଅମଲା ସଂଘ ସାଙ୍ଗଠନିକ ସମ୍ପାଦକ କୈଳାଶ ସାମନ୍ତରାୟଙ୍କ ଡାକରା ରେ ଓଡ଼ିଶା ଅମଲା ସଂଘର ସମସ୍ତ ସଦସ୍ୟ ଓ ସଦସ୍ୟା ଯୋଗଦାନ କରିଥିଲେ। ଶଶୀଭୂଷଣ ଦାଶ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନରେନ୍ଦ୍ର ନାଥ ତ୍ରିପାଠୀ ପୂର୍ବତନ ଉପସଭାପତି ଓଡ଼ିଶା ଅମଲା ସଂଘ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ, ଦିଲିପ କୁମାର ସାହୁ, ସମ୍ପାଦକ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ମୁଖ୍ୟ ଅତିଥି, ସୁଦର୍ଶନ ସାହୁ ଓଡିଶା ଅମଲା ସଂଘର ବରିଷ୍ଠ ସଦସ୍ୟ ମୁଖ୍ୟ ବକ୍ତା, ନିଳାଞ୍ଚଳ ପଣ୍ଡା ଉପସଭାପତି ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ସମ୍ମାନିତ ଅତିଥି, ଶ୍ରୀ ଜଗନ୍ନାଥ ମାଝୀ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ମାନିତ ଅତିଥି, ମହେଶ୍ୱର ମିଶ୍ର ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ଅମଲାମାନଙ୍କ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଓଡିଶା ସରକାରଙ୍କୁ ଦାବିପତ୍ର ପ୍ରଦାନ କରିବା ନିମନ୍ତେ ସମସ୍ତେ ସହମତି ପ୍ରକାଶ କରିଥିଲେ। ରାଜସ୍ୱ ଅମଲାମାନଙ୍କୁ ଓଡ଼ିଶା ଅମଲା ସଂଘ ରୁ ବାହାର କରିବା ନେଇ ସମସ୍ତେ ମତାମତ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ଅମଲାମାନଙ୍କ ମୁଖ୍ୟ ଦାବି କନିଷ୍ଠ ସହାୟକ ରୁ ସିଧା ସଳଖ ଉପ ବିଭାଗୀୟ ଅଧିକାରୀ ପଦବି କୁ ପଦୋନ୍ନତି ଦେବା, ସମସ୍ତ କର୍ମଚାରୀଙ୍କୁ ୨ ୦ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବିମା ପ୍ରଦାନ କରିବା, ପୁରୁଣା ପେନସନ ପ୍ରଦାନ କରିବା ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଆରାଧନା ସଙ୍ଗୀତ ଅନୁଷ୍ଠାନ ଦ୍ୱାରା ଭୋଜନ ସମାରୋହ ଓ ଦେଶାତ୍ମବୋଧକ ସଙ୍ଗୀତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦିପ ପ୍ରଜ୍ୱଳନ କରାଯାଇଥିଲା। ଓଡ଼ିଶା ଅମଲା ସଂଘର ନିର୍ବାଚନ ନିମନ୍ତେ ଏକ କମିଟି ଗଠନ କରିବା ପାଇଁ ସ୍ଥିର କରାଯାଇଥିଲା କ୍ଷ ଏହି ବର୍ଷ ଚାକିରିରୁ ଅବସର ଗ୍ରହଣ କରିଥିବା ବିଭାଗୀୟ ଅଧିକାରୀ ଓ କନିଷ୍ଠ ସହାୟକଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟତଃ ଜଗନ୍ନାଥ ଦାଶ, ଶିବରାମ ନାୟକ, ନିରଞ୍ଜନ ପଣ୍ଡା, ପିତାମ୍ବର ହନ୍ତାଳ, ପ୍ରସାନ୍ତ କୁମାର ଭଟ୍ଟ, ଲକେଶ୍ୱର ରାଓ ପାନାଡା, ତ୍ରିନାଥ ପଣ୍ଡା, ପ୍ରତିକ ମିଶ୍ର, ହେମନ୍ତ କୁମାର ଗୈଡ଼, ନିତ୍ୟ ନିର୍ଲିପ୍ତ ଜେନା, ଅଶ୍ୱିନୀ ତ୍ରିପାଠୀ, ସତ୍ୟ ରଞ୍ଜନ ତ୍ରିପାଠୀ ପଦ୍ମେଶ୍ୱର ବିଷୟୀ, ଶିତାକାନ୍ତ ମହାପାତ୍ର ଓ ସୁଜାତା ମହାପାତ୍ର ଙ୍କ ସମେତ ଶତାଧିକ ଅମଲା ଯୋଗଦାନ କରିଥିଲେ, ପରିଶେଷରେ ଶ୍ରୀ ଦାଶ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

ପ୍ରେସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ୮୦ତମ ସ୍ୱାଧୀନତା ଦିବସ ଅବସରରେ ପ୍ରେସ କ୍ଲବ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବାଲିଚନ୍ଦ୍ରପୁର ଅଞ୍ଚଳର ବିଶିଷ୍ଟ ସମାଜ ସେବୀ ତଥା ପୁରୁଖା ବ୍ୟବସାୟୀ ଲକ୍ଷ୍ମିଧର ପରମାଣିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ, ଜାତୀୟ ସଙ୍ଗୀତ ଗାନ ପରେ ପ୍ରେସ କ୍ଲବର ଉପଦେଷ୍ଟା ଅମରେନ୍ଦ୍ର ସିଂହ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଓ ବର ପୁତ୍ର ମାନଙ୍କର ଦେଶ ସ୍ୱାଧୀନ ପାଇଁ ବଳିଦାନ ସମ୍ପର୍କରେ ମତ ରଖିଥିବା ବେଳେ ପ୍ରେସ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ସାମଲ ସ୍ୱାଧୀନତା ଦିବସ ଉପରେ ନିଜର ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ପ୍ରବାସ କୁମାର ଦାଶ, ଉତ୍କଳକେଶରୀ ସାମଲ, ଅଜୟ କୁମାର ଦାଶ, ସେକ ଇକବାଲ ହୁସେନ, ସୁମନ୍ତ କୁମାର ଜେନା, ପ୍ରକାଶ କୁମାର ସିଂହ, ତୁଷାର ରଞ୍ଜନ ଜେନା, ଜ୍ଞାନରଞ୍ଜନ ପୃଷ୍ଟି, କ୍ଷୀରୋଦ କୁମାର ବେହେରା, ସୋଭାଗ୍ୟ ଲକ୍ଷ୍ମୀ ବଳ, ବନ୍ଦିତା ମହାରଣା ପ୍ରମୁଖ ଯୋଗ ଦେଇ ପତାକା ଉତ୍ତୋଳନରେ ସାମିଲ ହୋଇଥିଲେ।

ଜନସାଧାରଣଙ୍କ ସେବା ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ : ଅନିଲ ସିଂ

ପାରାଦୀପ (ଅମୃତ ମିଡିଆ) : ଜନସାଧାରଣଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ। ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ କମ୍ପାନୀର ସଭାପତି ଅନିଲ ସିଂ ଗୁରୁବାର ଦିନ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି। କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଦିନ ତମାମ ଏହି ତିନି ପଂଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ ତିନି ପଂଚାୟତର ଭିତିଭୂମିର ବିକାଶ, ଲୋକଙ୍କ ଆର୍ଥିକ ଉନ୍ନତି, ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡିଆ, ଉନ୍ନତ ଚିକିତ୍ସାଳୟ, ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା, ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ, ଗମନାଗମନର ବିକାଶ, ଜଳ ନିଷ୍କାସନର ସ୍ଥାୟୀ ସୁବିଧା, ଗଡକୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗରମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ। ଦୀର୍ଘ ସମୟ ଅନିଲ ସିଂ ଲୋକଙ୍କ ସହ ଏହି ସବୁ ବିଷୟରେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସରଳ ସମାଧାନ କରିହେବ ସେନେଇ ଦୃଢ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ

ଫୁଲବାଣୀ (ଅମୃତ ମିଡିଆ) : କନ୍ଧମାଳ ଜିଲ୍ଲାସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ଆଜି ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମ ଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମନ୍ତ୍ରୀ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ବିଭାଗ ଓଡ଼ିଶା ସରକାର, ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ ମାନ୍ୟବର ମନ୍ତ୍ରୀ ଅମର ସଂଗ୍ରାମୀ ଦୋରା ବିଷୋୟୀ, ଚକରା ବିଷୋୟୀ, ନବଘନ କଁଅରଙ୍କ ସମେତ ଦେଶର ସମସ୍ତ ବୀର ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭' ସଂକଳ୍ପ ଉପରେ ଆଲୋକପାତ କରି ଜିଲ୍ଲାର ପ୍ରମୁଖ ବିକାଶମୂଳକ ଉପଲବ୍ଧି ସମ୍ପର୍କରେ ଉଲ୍ଲେଖ କରିଥିଲେ । ପରେଡ୍ ଉତ୍ସବ ପରେ କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ପରେଡ୍ ଦଳ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀ-କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭ ଓ ଶେଷରେ ଜାତୀୟ ଗୀତ ବନ୍ଦେ ମାତରମ୍ ଏବଂ ଜାତୀୟ ସଙ୍ଗୀତ ଜନ-ଗଣ-ମନ ଗାନ କରାଯାଇଥିଲା। ଦିବସର ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁସାରେ ମାନ୍ୟବର ମନ୍ତ୍ରୀ ଜିଲ୍ଲା କାରାଗାରରେ ମିଷ୍ଟାନ୍ନ ବଣ୍ଟନ, ରକ୍ତ ଭଣ୍ଡାରଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ, ସାର୍ଦ୍ଧାଗୁଡ଼ା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଛତା ପ୍ରଦାନ, ଉତ୍କଳ ବାଳାଶ୍ରମରେ ଅନ୍ତେବାସୀମାନଙ୍କୁ ପାଠ୍ୟ ଓ କ୍ରୀଡ଼ା ଉପକରଣ ଏବଂ ମିଷ୍ଟାନ୍ନ ବଣ୍ଟନ, କେନ୍ଦୁପଦର ସ୍ୱଧାର ଗୃହର ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ଆଦି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା ଏବଂ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗକୁ ସ୍ମରଣ କରି ବିକଶିତ କେନ୍ଦ୍ରାପଡ଼ା ଗଠନ ପାଇଁ ଆହ୍ୱାନ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସାହ ଓ ଗୌରବର ସହ ପାଳିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ଜିଲ୍ଲାପାଳ କହିଥିଲେ ଯେ, ସ୍ୱାଧୀନତା କେବଳ ବିଦେଶୀ ଶାସନରୁ ମୁକ୍ତି ନୁହେଁ, ସମାଜର ପ୍ରତ୍ୟେକ ବର୍ଗକୁ ନ୍ୟାୟ, ସମାନତା, ସମ୍ମାନ ଓ ସୁଯୋଗ ମିଳିବା ହିଁ ପ୍ରକୃତ ସ୍ୱାଧୀନତାର ସାର୍ଥକତା। ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦମ୍ୟ ସାହସ ଏବଂ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସେ ଶ୍ରଦ୍ଧାର ସହ ସ୍ମରଣ କରିଥିଲେ। ଓଡ଼ିଶା ଓ କେନ୍ଦ୍ରାପଡ଼ା ମାଟିର ସ୍ୱାଧୀନତା ସଂଗ୍ରାମର ଅବଦାନକୁ ସ୍ମରଣ କରି ସେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ଓ ଅମର ସହିଦମାନଙ୍କ ତ୍ୟାଗ ଆମକୁ ଦେଶ ଓ ସମାଜ ପାଇଁ କାମ କରିବାର ପ୍ରେରଣା ଦେଇଥାଏ। କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ସମ୍ପର୍କରେ ଜିଲ୍ଲାପାଳ କହିଥିଲେ ଯେ, ଆଳି, ରାଜକନିକା, ଗରଦପୁର, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ପ୍ରାୟ ୮୩୫ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ୬ଟି ମେଗା ପିଡବ୍ଲୁଏସ ପ୍ରକଳ୍ପ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି। ଶିକ୍ଷା କ୍ଷେତ୍ରରେ ୭ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୨ଟି ପିଏମଶ୍ରୀ ବିଦ୍ୟାଳୟର ସୁଦୃଢ଼ୀକରଣ କରାଯାଉଛି। କୃଷି କ୍ଷେତ୍ରରେ ୫୦,୪୧୪ ଜଣ କୃଷକଙ୍କ ପଞ୍ଜୀକରଣ ହୋଇଛି। ୧୨୨ଟି ପିଏସିଏସ ମାଧ୍ୟମରେ ୪୮,୭୪୨ ଜଣ କୃଷକଙ୍କଠାରୁ ୧୫.୭୧ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ପଶୁସମ୍ପଦ ଓ ମତ୍ସ୍ୟଚାଷ କ୍ଷେତ୍ରରେ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ ଫ୍ରଣ୍ଟ ନାଟ୍ ଟେଷ୍ଟିଂରେ କେନ୍ଦ୍ରାପଡ଼ା ରାଜ୍ୟରେ ପ୍ରଥମ ଏବଂ ଏବଂ ପିଏମଜିଏଞ୍ଜାଇ କାର୍ଡ ବଣ୍ଟନରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ୪୭,୪୫୮ ଜଣ ଏସଏଚଜି ସଦସ୍ୟ ଲକ୍ଷପତି ଦିଦି ହୋଇପାରିଛନ୍ତି। ୨୦୦୩ ପରେ ପ୍ରଥମ ଥର ପାଇଁ ନ

ଅହମଦୀୟା ମୁସଲିମ ସଂଗଠନର ୮୦ତମ ସ୍ୱାଧୀନତା ଦିବସ
'ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଧର୍ମବିଶ୍ୱାସର ଅବିଚ୍ଛେଦ୍ୟ ଅଙ୍ଗ'

ଭୁବନେଶ୍ୱର (ବ୍ୟୁରୋ) : ଅଗଷ୍ଟ ପନ୍ଦର ସମ୍ପୂର୍ଣ୍ଣ ଭାରତ ବର୍ଷରେ ସ୍ୱାଧୀନତା ଦିବସ ରୁପେ ପାଳିତ ହୁଏ। ଏହି ଅବସରରେ ୟୁନିଟ ୪ ସ୍ଥିତ ମସଜିଦ ହମଦ ଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ହର୍ଷ ଓ ଉଲ୍ଲାସ ସହ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱରର ସଭାପତି ଡକ୍ଟର କର୍ନଲ ଜହିରୁଦ୍ଦିନ ଖାନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଜାତୀୟ ସଙ୍ଗୀତ ପାଠ ଗାନ କରାଯାଇଥିଲା। ତତ୍ପରେ ପାରମ୍ପରିକ ଅନୁଯାୟୀ ପବିତ୍ର କୁରଆନ ପାଠ କରଯାଇଥିଲା। ମୁଖ୍ୟ ବକ୍ତାଭାବେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱରର ମୁଖ୍ୟ ପ୍ରଚାରକ ମୌଲବୀ ହଲିମ୍ ଖାନ ଯୋଗଦେଇ, ଏହି ଦିବସର ଗୁରୁତ୍ୱ ବିଷୟରେ କହିଲେ ଯେ:- ଦିବ୍ୟ ବାର୍ତ୍ତାବହ ମୁହମ୍ମଦଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ଶିକ୍ଷା ହେଉଛି : ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ'। ତେଣୁ ଇସଲାମ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଆବଶ୍ୟକ କରେ। ଈଶ୍ୱର ଏବଂ ଇସଲାମକୁ ପ୍ରେମ କରିବାର ଯଥାର୍ଥତା ଏହା ବ୍ୟକ୍ତ କରୁଛି ଯେ ଜଣେ ବ୍ୟକ୍ତି ନିଜ ଦେଶକୁ ଆନ୍ତରିକତା ସହିତ ପ୍ରେମ କରୁ। ଏଥିରୁ ଏହା ସୁସ୍ପଷ୍ଟ ହେଉଛି ଯେ ଈଶ୍ୱରଙ୍କୁ ଭଲ ପାଇବା ଏବଂ ସ୍ୱଦେଶକୁ ଭଲ ପାଇବା ମଧ୍ୟରେ କୌଣସି ବିଭେଦ ନାହିଁ। ଯେହେତୁ ସ୍ୱଦେଶ ପ୍ରୀତି ଇସଲାମର ଏକ ଅଂଶବିଶେଷ, ତେଣୁ ଦେଶଭକ୍ତିର ସର୍ବୋତ୍ତମ ଶିଖରରେ ପହଞ୍ଚିବା ପାଇଁ ଚେଷ୍ଟା କରିବା, ପ୍ରତ୍ୟେକ ମୁସଲମାନ ପକ୍ଷରେ ଅତ୍ୟନ୍ତ ଜରୁରି। ମୁଖ୍ୟ ଅତିଥି ତାଙ୍କ ବାର୍ତ୍ତାରେ କହିଲେ ଯେ ଦେଶ ପ୍ରତି ପ୍ରେମ ଏବଂ ନିଷ୍ଠା ପ୍ରତ୍ୟେକ ମୁସଲମାନଙ୍କ ଧର୍ମ ବିଶ୍ୱାସର ଏକ ଅଭିନ୍ନ ଅଙ୍ଗ ଅଟେ। ତେଣୁ ଏହି ଅବସରରେ ଅହମଦୀୟା ମୁସଲିମ ଜମାଅତ ଭୁବନେଶ୍ୱର ସମସ୍ତ ଦେଶବାସୀଙ୍କୁ ଏହି ସଂଦେଶ ଦେଉଛି ଯେ;-ଭାରତର ପ୍ରତ୍ୟେକ ନାଗରିକ ଦେଶର ଶାନ୍ତି, ବିକାଶ ଏବଂ କଲ୍ୟାଣ ପାଇଁ ନିଜର ସକାରାତ୍ମକ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ ଏବଂ ଏହା ସହିତ, ସ୍ୱାଧୀନତା ଦିବସର ଏହି ପବିତ୍ର ଦିନରେ, ମାନବତାର ଧର୍ମକୁ ଗ୍ରହଣ କରି, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ସୁନ୍ଦର ସମାଜ ଗଠନ କରିବା ଉଚିତ। ମୁଖ୍ୟ ଅତିଥିଙ୍କ ବାର୍ତ୍ତା ପରେ ବିଶ୍ୱଶାନ୍ତି ପାଇଁ ସାମୂହିକ ନୀରବ ପ୍ରର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅହମଦ ସଲାମ, ମୁବାରକ୍ ଅହମଦ, ଅଲିମ୍ ଅହମଦ, ହାସିମ୍ ଅହମଦ, ଫାତେହ୍ ଉଦ୍ଦିନ ଏବଂ ସଂଗଠନର ଅନେକ ଯୁବକ ଓ ପିଲାମାନେ ସଫଳ କରିବା ପାଇଁ ସହଯୋଗ କରିଥିଲେ।

ଡିଏଭି ପୋଖରୀପୁଟରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର (ବ୍ୟୁରୋ) : ଡିଏଭି ପୋଖରୀପୁଟରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ତା'ର ସଫଳତା ପାଇଁ ସମଗ୍ର ଦେଶରେ ସୁନାମ ଅର୍ଜନ କରିଛି। ଦେଶପ୍ରେମୀଙ୍କ ଆତ୍ମ ବଳିଦାନ ଆମ ପାଇଁ ସ୍ମରଣୀୟ। ଦେଶପ୍ରେମ ଭାବନାରେ ଉଦ୍‌ବୁଦ୍ଧ ହେବା ସହ ଜାତୀୟ ସ୍ତରରେ ଡିଏଭି ପୋଖରୀପୁଟର ମର୍ଯ୍ୟାଦା ବୃଦ୍ଧି ନିମନ୍ତେ ସମସ୍ତଙ୍କର ଏକନିଷ୍ଠ ସାଧନାର ଆବଶ୍ୟକତା ବୋଲି ସେ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଭିନ୍ନତା ମଧ୍ୟରେ ଏକତା ଆମର ଆଦର୍ଶ, ନିଜ ସାମର୍ଥ୍ୟ ଭିତରେ ମାତୃଭୂମିର ସେବା କରିବାର ଦାୟିତ୍ୱ ବିଦ୍ୟାର୍ଥୀମାନେ ନିଷ୍ଠାର ସହ ନିର୍ବାହ କରିବା ଉଚିତ ବୋଲି ଡିଏଭି ଓଡ଼ିଶା ଜୋନ୍ ଏଫ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ଅଧକ୍ଷ ବିପିନ କୁମାର ସାହୁ ନିଜର ଅଭିଭାଷଣରେ କହିଥିଲେ। ଏହି ଅବସରରେ ମନ୍ତ୍ର ଓ ଭକ୍ତି ସଦନର ଛାତ୍ରଛାତ୍ରୀଙ୍କ ଦେଶାତ୍ମବୋଧକ ନୃତ୍ୟାଭିନୟ ଏବଂ ସ୍ତୁତି ଓ ଶ୍ଲୋକ ସଦନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟ୍ୟାଭିନୟ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦେଶାତ୍ମବୋଧକ ସାମୂହିକ ସଙ୍ଗୀତ ଓ ଚିତ୍ତାକର୍ଷକ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯିବା ପରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଶିକ୍ଷାର ବିକାଶ କ୍ଷେତ୍ରରେ ରାଜକିଶୋର ରାମ୍‌ଙ୍କ ଅବଦାନ ଅତୁଳନୀୟ
ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ବ୍ୟୁରୋ) : ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ବଳିଷ୍ଠ ଭୂମିକା ଏବଂ ଉଲ୍ଲେଖନୀୟ ଅବଦାନ ଅବିସ୍ମରଣୀୟ। ୧୯୭୮ ମସିହାର ଆଜିର ଦିବସରେ ସ୍ୱର୍ଗତ ରାମଙ୍କ ନିଷ୍ଠାପର ଉଦ୍ୟମ ଓ ଶିକ୍ଷାର ପ୍ରସାର ପାଇଁ ପ୍ରତବଦ୍ଧତା ବଳରେ ଶିଳ୍ପନଗରୀ ଚୌଦ୍ୱାରଠାରେ ପ୍ରତିଷ୍ଠା ହୋଇଥିବା ଚୌଦ୍ୱାର ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ବିଶେଷକରି କଟକ ଜିଲ୍ଲାରେ ଏକ ବୃହତ୍ ତଥା ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ଭାବେ ପରିଗଣିତ ହେଉଛି ବୋଲି ବହୁ ବିଶିଷ୍ଟ ବକ୍ତା ମତପ୍ରକାଶ କରିଛନ୍ତି। ଚୌଦ୍ୱାର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ପୂର୍ବାହ୍ନରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ଗଭର୍ଣ୍ଣିଂବଡି ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ ପ୍ରଧାନ, ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ହରପ୍ରିୟା ମହାପାତ୍ର, ସ୍ୱର୍ଗତ ରାମ୍‌ଙ୍କ ସୁଯୋଗ୍ୟ ପୁତ୍ର ତଥା ବରିଷ୍ଠ ଅଧିକାରୀ ବାପୁପ୍ରିୟ ରାମ୍, ବୋହୂ ସମାଜସେବୀ ରୀନା ରାମ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚୌଦ୍ୱାରା ମହାବିଦ୍ୟାଳୟର ପ୍ରତିଷ୍ଠା ଏବଂ ଶିକ୍ଷାର ପ୍ରସାର କ୍ଷେତ୍ରରେ ସ୍ୱର୍ଗତ ରାମ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାମ୍‌ଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ରେଣୁବାଳା ସ୍ୱାଇଁ, ଝୁଲେନ୍ଦ୍ର ନାୟକ, ଚୌଦ୍ୱାର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ଉପରେ ସ୍ମୃତି ବଖାଣିଥିଲେ। ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରନେତା ସୌମିତ୍ର ସ୍ୱାଇଁ, କ୍ଷୀରୋଦ୍ ବେହେରା, ମୁରଲୀଧର ବେହୁରା, ବିବେକାନନ୍ଦ ବେହେରା, ଜୟନ୍ତ ସାହୁ, ଶ୍ରୀନିବାସ ସାହୁ, ବିଜୟ ସ୍ୱାଇଁ, ଅଜୟ କୁମାର ବଳ, ହେମନ୍ତ ମହାନ୍ତି, ପ୍ରମୋଦ ଚନ୍ଦ୍ର ଓଝା ଏହି କାର୍ଯ୍ୟକ୍ରମରେ ସକ୍ରାୟ ଭାବେ ଅଂଶଗ୍ରହଣ କରିଥିଲେ।

ଡିଏଭି ପବ୍ଲିକ ସ୍କୁଲରେ ଶପଥ ଗ୍ରହଣ ସମାରୋହ
ଜୀବନର ବିଫଳତାକୁ ସାହସ ଓ ଆହ୍ୱାନର ସହିତ ସାମ୍ନା କରନ୍ତୁ

ଭୁବନେଶ୍ୱର (ବ୍ୟୁରୋ) : ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, କଳିଙ୍ଗ ନଗରରେ ୨୦୨୬-୨୦୨୭ ଶିକ୍ଷାବର୍ଷ ପାଇଁ ନବନିର୍ବାଚିତ ଛାତ୍ର କ୍ୟାବିନେଟ୍‌ର ଶପଥ ଗ୍ରହଣ ସମାରୋହ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଡଃ ଅରୁଣ କୁମାର ରଥ ଉପସ୍ଥିତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭୁବନେଶ୍ୱରର ଡିସିପି ତଥା ୭ମ ବାଟାଲିୟନ୍‌ର କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହ ତାଙ୍କ ଅଭିଭାଷଣରେ ଜୀବନର ବିଫଳତାକୁ ସାହସ, ଦୃଢ଼ତା ଓ ସକାରାତ୍ମକ ମନୋଭାବର ସହିତ ସାମ୍ନା କରିବା ସହ ଶିକ୍ଷକ-ଛାତ୍ରଙ୍କ ମଧ୍ୟରେ ସୁ ସମ୍ପର୍କ ଏକ ସଫଳ ଜୀବନଯାତ୍ରା ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଜଣେ ଭଲ ନେତା ହେବା ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିବଦ୍ଧତା, ଆନ୍ତରିକତା ଓ ସର୍ବୋଚ୍ଚ ନିଷ୍ଠାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ସମାରୋହରେ ନୂତନ ଓ ପୁରାତନ ଛାତ୍ର କ୍ୟାବିନେଟ୍ ସଦସ୍ୟମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଦାୟିତ୍ୱ ଓ କ୍ଷମତା ହସ୍ତାନ୍ତରର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆକାଶ, ଅଗ୍ନି, ପୃଥିବୀ ଓ ତେଜସ୍ ଏହି ଚାରିଟି ହାଉସ୍‌ର ନବନିର୍ବାଚିତ ସ୍କୁଲ୍ ଲିଡର, ସହକାରୀ ସ୍କୁଲ୍ ଲିଡର, କ୍ୟାବିନେଟ୍ ସେକ୍ରେଟାରୀ ଓ ଅନ୍ୟାନ୍ୟ ସେକ୍ରେଟାରୀମାନଙ୍କୁ ବ୍ୟାଜ୍ ଓ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ମହାପାତ୍ର ନବନିଯୁକ୍ତ ଛାତ୍ର କ୍ୟାବିନେଟ୍ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ସେ ଛାତ୍ରନେତାମାନଙ୍କୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠା, ଶୃଙ୍ଖଳା ଓ ଏକାଗ୍ରତାର ସହିତ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଇଭାନା ପାତ୍ର, ହିମ୍ମିଶ ଭରଦ୍ୱାଜ କର ଓ ଆୟୁଷୀ ଅନିନ୍ଦିତା ଯଥାକ୍ରମେ ସ୍କୁଲ୍ ଲିଡର, ସହକାରୀ ସ୍କୁଲ୍ ଲିଡର ଓ କ୍ୟାବିନେଟ୍ ସେକ୍ରେଟାରୀ ଭାବେ ଶପଥ ଗ୍ରହଣ କରିଥିଲେ। ସେମାନଙ୍କ ସହିତ ଅନ୍ୟ ୨୨ ଜଣ କ୍ୟାବିନେଟ୍ ସଦସ୍ୟ ମଧ୍ୟ ଶପଥ ଗ୍ରହଣ କରିଥିଲେ। ଶ୍ରୀ ପ୍ରଶାନ୍ତ କୁମାର ଦାସ ଓ ମହାଶ୍ୱେତା କରଙ୍କୁ ଯଥାକ୍ରମେ ହାଉସ୍ ସଂଯୋଜକ ଓ ସହକାରୀ ହାଉସ୍ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡିଏଭି ବିଦ୍ୟାଳୟ ସମୂହର ସହ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟର ଅଧକ୍ଷ ବିପିନ କୁମାର ସାହୁଙ୍କ ସମେତ ବିଭିନ୍ନ ଡିଏଭି ବିଦ୍ୟାଳୟରୁ ଆମନ୍ତ୍ରିତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇ ନବନିଯୁକ୍ତ ଛାତ୍ରନେତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶପଥ ଗ୍ରହଣ ସମାରୋହ ଯୁବ ଛାତ୍ରନେତାମାନଙ୍କୁ ଦାୟିତ୍ୱବୋଧ, ଶୃଙ୍ଖଳା, ଦଳଗତ କାର୍ଯ୍ୟ, ନେତୃତ୍ୱ ଓ ସେବା ମନୋଭାବର ଗୁରୁତ୍ୱ ବୁଝିବାର ଏକ ଉତ୍କୃଷ୍ଟ ମଞ୍ଚ ପ୍ରଦାନ କରିଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ହୃଦୟପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପ୍ରୋଶିଲ୍ଡ ଓ ଉନ୍ନତ ଭି-ପେ ୨.୦ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପରିକଳ୍ପିତ ଏକ ପ୍ୟାକେଜ୍ ହୋ ?ଇଥିବା ମୋଟର ଇନସ୍ୟୁରାନ୍ସ ସଲ୍ୟୁସନ ପ୍ରୋଶିଲ୍ଡର ଶୁଭାରମ୍ଭର ଘୋଷଣା କରିଛି। ଏହା ସହିତ ଆଜିର ସଂଯୁକ୍ତ ଯାନ ଏବଂ ବିକଶିତ ଗତିଶୀଳତା ବିପଦ ପାଇଁ ଏହାର ପରବର୍ତୀ ପିଢିର ମୋଟର ଇନସ୍ୟୁରାନ୍ସ ଅଫରିଙ୍ଗ, ଉନ୍ନତ ଭି-ପେ ୨.୦ ର ମଧ୍ୟ ଉପସ୍ଥାପନା କରାଯାଇଛି। ଆମର ପ୍ରତିରକ୍ଷା କର୍ମଚାରୀମାନେ ଦେଶର ସୀମା ଏବଂ ସୁରକ୍ଷାର ଧ୍ୟାନ ରଖୁଥିବା ବେଳେ, ସେମାନଙ୍କୁ ପ୍ରାୟତଃ ବାରମ୍ବାର ସ୍ଥାନାନ୍ତରଣ, କାର୍ଯ୍ୟକ୍ଷେତ୍ରର ଦାୟିତ୍ୱ ଏବଂ ପରିବାର ଠାରୁ ଦୀର୍ଘ ସମୟ ଧରି ଦୂରରେ ରହିବା ପରି ପରିସ୍ଥିତି ସହିତ ଜଡ଼ିତ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ସେମାନଙ୍କ ସେବା ପ୍ରତି ଗଭୀର କୃତଜ୍ଞତା ସହିତ ପ୍ରସ୍ତୁତ ପ୍ରୋଶିଲ୍ଡ ହେଉଛି ଏକ ଉତ୍ସର୍ଗୀକୃତ ସମାଧାନ, ଯାହା ସାମରିକ ଜୀବନର ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କ କର୍ମ ସେମାନଙ୍କୁ ଯେଉଁଠାକୁ ନେଇଯାଏ, ସେଠାରେ ସୁରକ୍ଷା, ସୁବିଧା ଏବଂ ନିର୍ଭରଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହାର ଶୁଭାରମ୍ଭ ଅବସରରେ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡ. ତପନ ସିଂଘେଲ କହିଛନ୍ତି, "ପାରମ୍ପରିକ ଭାବରେ ମୋଟର ଇନସ୍ୟୁରାନ୍ସ ମୁଖ୍ୟତଃ ଦୁର୍ଘଟଣା ପରେ ଯାନକୁ ସୁରକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଆସିଛି। ଆଜି ମୋବିଲିଟି ବହୁତ ଅଧିକ ଗତିଶୀଳ ହୋଇଛି. ଯାନଗୁଡ଼ିକ ଦିନକୁ ଦିନ ଅଧିକ ସଂଯୋଜିତ ଏବଂ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ହେଉଛନ୍ତି। ବିଭିନ୍ନ ଗ୍ରାହକ ବର୍ଗର ଆବଶ୍ୟକତା ମଧ୍ୟ ଭିନ୍ନ ରହିଛି। ସେମାନଙ୍କର କେବଳ ପାରମ୍ପରିକ ମୋଟର ଇନସ୍ୟୁରାନ୍ସ ନୁହେଁ, ବରଂ ଅଧିକ ଏବଂ ବିଶେଷ ସୁରକ୍ଷାର ଆବଶ୍ୟକତା ରହିଛି। ଏହି ବୁଝାମଣା ଉଭୟ ଏହି ଅଫରିଙ୍ଗକୁ ଆକାର ଦେଇଛି। ଆମ ପ୍ରତିରକ୍ଷା କର୍ମଚାରୀମାନେ ଯେଉଁଠାରେ ଦେଶର ଆବଶ୍ୟକତା ଥାଏ, ସେଠାରେ ସେବା ପ୍ରଦାନ କରନ୍ତି। ସେମାନଙ୍କର ଯାନଗୁଡ଼ିକ ମଧ୍ୟ ପ୍ରାୟତଃ ସେମାନଙ୍କ ପରି ଯାତ୍ରା କରେ। ବିଭିନ୍ନ ପୋଷ୍ଟିଙ୍ଗ ଏବଂ ଭୌଗୋଳିକ ଅଂଚଳ ମଧ୍ୟରେ ଯାନଗୁଡ଼ିକର ଯାତାୟାତ ହେଉଥିବାରୁ ଏପରି ଆବଶ୍ୟକତା ସୃଷ୍ଟି ହୁଏ, ଯାହା ଏକ ପାରମ୍ପରିକ ମୋଟର ପଲିସି ଠାରୁ ଅଧିକ ବ୍ୟାପକ ଅଟେ। ଏହି ବାସ୍ତବତାକୁ ଦୃଷ୍ଟିରେ ରଖି ପ୍ରୋଶିଲ୍ଡକୁ ପ୍ରସ୍ତୁତ କରାଯାଇଛି। ଏହା ପ୍ରତିରକ୍ଷା ଜୀବନର ବିଶେଷ ଆବଶ୍ୟକତାକୁ ପୂରଣ କରୁଥିବା ସୁରକ୍ଷା ପ୍ରଦାନ କରେ। ଅନ୍ୟ ପକ୍ଷରେ, ଭି-ପେ ୨.୦ ଆଧୁନିକ ଯାନଗୁଡ଼ିକର ପରିବର୍ତିତ ସ୍ୱରୂପକୁ ପ୍ରତିଫଳିତ କରେ। ଏହା ନୂଆ ବିପଦ, ବିକଶିତ ଟେକ୍ନୋଲୋଜି ଏବଂ ଏକକ ଅଫରିଙ୍ଗ ଅଧୀନରେ ବ୍ୟାପକ କଭରକୁ ଏକତ୍ର କରି, ଆଜିର ଯାନ ମାଲିକଙ୍କ ପାଇଁ ମୋଟର ଇନସ୍ୟୁରାନ୍ସକୁ ସରଳ ଏବଂ ଅଧିକ ପ୍ରାସଙ୍ଗିକ କରିଥାଏ।ଏହି ଦୁଇଟି ସ୍ୱତନ୍ତ୍ର ଅଫରିଙ୍ଗ ହୋଇଥିଲେ ମଧ୍ୟ, ଏହା ପଛରେ ଏକ ସମାନ ଚିନ୍ତାଧାରା ରହିଛି।

ଆଇଆଇଏମଟିରେ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର (ବ୍ୟୁରୋ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର 'ବନ୍ଦେ ମାତରମର ୧୫୦ ବର୍ଷ' ଏବଂ 'ବିକଶିତ ଭାରତ ପାଇଁ ଯୁବ ଶକ୍ତି ୨୦୪୭' ଜାତୀୟ ବିଷୟବସ୍ତୁ ଉପରେ କେନ୍ଦ୍ରିତ ଦେଶପ୍ରେମ ଉତ୍ସାହ ସହିତ ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି। ଆଇଆଇଏମଟି ଅଧକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦ୍ୱାରା ଆନୁଷାନିକ ପତାକା ଉତ୍ତୋଳନ ସହିତ ଆରମ୍ଭ ହୋଇଥିଲା। ସେ ଛାତ୍ରଛାତ୍ରୀମାନଙ୍କୁ ନିଜକୁ ଦାୟିତ୍ୱବାନ ନାଗରିକ ଭାବରେ ବିକଶିତ କରିବା ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ ହେବାକୁ ଉତ୍ସାହିତ କରିଥିଲେ। ପରେ ଜାତୀୟ ଗୀତ ଏବଂ ଜାତୀୟ ସଙ୍ଗୀତ ପାଠ କରାଯାଇଥିଲା। ଏହି ଉତ୍ସବର ଅଂଶ ସ୍ୱରୂପ, ଆଇଆଇଏମଟି 'ଯୁବ ଶକ୍ତି ଫୋର୍ ବିକଶିତ ଭାରତ୨୦୪୭' ଉପରେ ଏକ ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା। ଯେଉଁଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ ମାନେ ଭାରତର ଭବିଷ୍ୟତ ଗଠନରେ ଯ

ଅବହେଳିତ ସଂଗ୍ରାମୀଙ୍କ ଗାଁ ଥୁଆବାରି

ନୟାଗଡ଼(ଅମୃତ ମିଡିଆ): ୧୯୩୮ରେ ନୟାଗଡ଼ ପ୍ରଜା ଆନ୍ଦୋଳନର ଏମାନେ ଥିଲେ ପୁରୋଧା। ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଏମାନେ ଗୁଳି ଖାଇଥିଲେ। କିଏ କାରାବରଣ କଲେ ତ, ଆଉ କିଏ ପାଇଲେ ବେତସଜା। କିଏ ପାଗଳ ହୋଇଯାଇଥିଲେ ତ ଆଉ କାହାକୁ ଆଖି ହରାଇବାକୁ ପଡ଼ିଥିଲା। ଆଉ ଆଜି ପର୍ଯ୍ୟନ୍ତ କିଏ ନିଖୋଜ ବି ଅଛି। ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ଗୋରା ସରକାରଙ୍କଠାରୁ କେତେ ଯେ ନିର୍ଯାତନା ପାଇଛନ୍ତି, ଏହାକୁ ବର୍ଣ୍ଣନା କରିବା ବେଳେ ସେମାନଙ୍କ ଦାୟାଦମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥିଲା। ମାତ୍ର ସେମାନଙ୍କୁ ସରକାର ଆଡ଼ ଆଖିରେ ନ ଅନାଇବା, ଏହି ଦାୟାଦମାନଙ୍କୁ ବେଶ୍ କଷ୍ଟ ଦେଉଛି। ସଂଗ୍ରାମୀମାନଙ୍କ ମୃତ୍ୟୁ ପରେ ସେମାନଙ୍କୁ ଦିଆଯାଉଥିବା ପେନସନ୍ ବନ୍ଦ ହୋଇଯାଇଛି। ଫଳରେ ଏହି ସଂଗ୍ରାମୀମାନଙ୍କ ଦାୟାଦମାନେ ବାଉଁଶ ଓ

ବେତ ତିଆରି ସାମଗ୍ରୀ ତିଆରି କରିବା ସହ ଚାଷ କରି ନିଜ ପେଟ ପୋଷୁଥିବା ଜଣାପଡ଼ିଛି। ଏହା ହେଉଛି ନୂଆଗାଁ ବ୍ଲକ୍ ଥୁଆବାରି ଗାଁର କାହାଣୀ। ଏହି ସଂଗ୍ରାମୀଙ୍କର ଦାୟାଦମାନଙ୍କଠାରୁ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ସାଉଁଟା ଯାଇଥିବା କିଛି ସ୍ମୃତିକୁ ଶୁଣିଲେ ଲୋମ ଟାଙ୍କୁରି ଉଠେ। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଥୁଆବାରି ଗାଁର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଆନନ୍ଦ ଚନ୍ଦ୍ର ସ୍ୱାଇଁ। ପିପିଲି ତେଲାଙ୍ଗରେ ମହାତ୍ମା ଗାନ୍ଧୀଙ୍କ ବୈଠକରେ ଯୋଗ ଦେବା ପରେ ଆନନ୍ଦ ଗାଁକୁ ଫେରି ସମସ୍ତଙ୍କୁ ସଂଗ୍ରାମୀ ହେବା ପାଇଁ ପ୍ରବର୍ତ୍ତାଇଥିଲେ। ଏହାପରେ ପୂରା ଗାଁର ଲୋକ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ। ମାତ୍ର ଆଜି ଏହିପରି ଏକ ଗାଁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଅକ୍ଟୋବର ୧୦ରେ ଗାଁ ପକ୍ଷରୁ ସହିଦ ସ୍ମୃତିସଭା ଆୟୋଜନ କରାଯାଏ। ଏଥିରେ ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ ପହଞ୍ଚି କେବଳ ତୋପ ସଲାମି ଦେଇ ନିଜ ଦାୟିତ୍ୱ ଶେଷ କରି ଦିଅନ୍ତି। ଏହି ସଭା ଆୟୋଜନ କରିବା ପାଇଁ ଗ୍ରାମବାସୀ ମଧ୍ୟ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ଗାଁ ସଭାପତି ନବ କିଶୋର ସାହୁଙ୍କ ସୂଚନା ମୁତାବକ, ଗାଁକୁ ନେଇ ତାଙ୍କୁ ଯେତିକି ଗର୍ବ ଲାଗୁଛି, ତା'ଠାରୁ ବେଶି ଦୁଃଖ ବି ଲାଗୁଛି। ଗାଁରେ ଲୋକଙ୍କ କାରବାର ପାଇଁ ଗୋଟିଏ ପୋଖରୀ ପାଇଁ ବହୁବର୍ଷ ହେଲା ପ୍ରଶାସନ ନିକଟରେ ଦାବି କରୁଛୁ। ମାତ୍ର ଏ ଦିଗରେ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ସ୍ୱାଧୀନତା ସଂଗ୍ରାମୀଙ୍କ ମୃତ୍ୟୁ ପରେ ସେମାନଙ୍କୁ ମିଳୁଥିବା ପେନସନକୁ ବନ୍ଦ କରି ଦିଆଗଲା। ଯିଏ ମାଟି ପାଇଁ ସର୍ବସ୍ୱ ବଳିଦାନ କରି ଦେଲା, ସେମାନଙ୍କ ଦାୟଦମାନେ ଏବେ ଚଳିବା ପାଇଁ ସଂଘର୍ଷ କରୁଛନ୍ତି। ସେହିପରି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ବିନୋଦ କୁମାର ସ୍ୱାଇଁଙ୍କ କହିବା ମୁତାବକ, ଆଜି ପର୍ଯ୍ୟନ୍ତ ସହିଦମାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ସ୍ମୃତିସ୍ତମ୍ଭଟି ପାଣି କାଦୁଅରେ ବୁଡ଼ି ରହିଛି। କିଛି ଦିନ ତଳେ ଏକ ଟ୍ରକ୍ ଏହାକୁ ଧକ୍କା ଦେଇଥିବାରୁ, ତାହା ଭାଙ୍ଗି ଯାଇଥିଲା। ଆଉ ଏକ ଜାଗାରେ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବା ପାଇଁ ଦାବି କରୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ କିଛି ବି ପଦକ୍ଷେପ ନେଉ ନାହିଁ।

ବସ୍ ଓ ପିକପ୍ ମୁହାଁମୁହିଁ, ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ସୁରକ୍ଷିତ

ମୈଦଲପୁର(ଅମୃତ ମିଡିଆ): ସକାଳୁ ସକାଳୁ ବସ୍ ଏବଂ ପିକପ୍ ଗାଡ଼ି ମଧ୍ୟରେ ଭୟଙ୍କର ଦୁର୍ଘଟଣା। ଜଗନ୍ନାଥ ନାମକ ବସ୍ ଟି ଯାତ୍ରୀଙ୍କୁ ଧରି ରାଉରକେଲାରୁ ଦାମନଯୋଡ଼ି ଯାଉଥିବା ସମୟରେ ନବରଙ୍ଗପୁରଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଖୋଡକା ଘାଟିରେ ଆଜି ସକାଳ ସାଢ଼େ ୫ଟା ସମୟରେ ପିକପ୍ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ପରେ ପିକପ୍ ଗାଡ଼ି ରାସ୍ତା ପାର୍ଶ୍ୱରେ ଖସି ପଡିଲା। ଦୁଇ ଗାଡ଼ିରେ ଡ୍ରାଇଭରଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ମୈଦଲପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛନ୍ତି। ଦୁର୍ଘଟଣା ହୋଇଥିବା ଜଗନ୍ନାଥ ନାମକ ଯାତ୍ରୀବାହୀ ବସ (ଓଡ ୦୨ ଉଟ ୬୪୧୩) ଟି ରାଉରକେଲା ରୁ ନବରଙ୍ଗପୁର ଦେଇ ଦାମନଯୋଡ଼ି ଯାଉଥିବା ବେଳେ,ପିକପ ଗାଡ଼ି (ଓଡ ୦୧ ଇଐ ୦୨୭୩) ଟି ପ୍ରଧାନୀଗୁଡାରୁ କଳାହାଣ୍ଡିକୁ କୁଣ୍ଡା ଆଣିବାକୁ ଯାଉଥିବା ବେଳେ ଖୋଡକା ଘାଟି ବୁଲାଣିରେ ଯାତ୍ରୀବାହୀ ବସ ଓ ପିକପ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ବସଟି ରାସ୍ତା ପାର୍ଶ୍ୱରେ ଅଟକି ଯାଇଥିଲା। ଉଭୟ ଗାଡ଼ି ଧକ୍କା ହେବା ଫଳରେ ପିକପ ରାସ୍ତାକଡରେ ଥିବା ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ। ମୈଦଲପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ଏନେଇ ତଦନ୍ତ ଆରମ୍ଭ କରିଛି।

ରେବ ନଦୀରେ ବୁଲୁଛି କୁମ୍ଭୀର, ସ୍ଥାନୀୟଲୋକ ଭୟଭୀତ

ଭଦ୍ରକ(ଅମୃତ ମିଡିଆ): ଭଦ୍ରକ ଜିଲ୍ଲା ବୋଡ଼କ ପଞ୍ଚାୟତରେ କୁମ୍ଭୀର ଆତଙ୍କ। ରେବ ନଦୀରେ ଏକ ବିଶାଳ କୁମ୍ଭୀର ବୁଲୁଥିବା ଦେଖି ଆତଙ୍କିତ ହୋଇପଡ଼ିଛନ୍ତି ଗ୍ରାମବାସୀ। ଏହାସହ ରାସ୍ତାରେ ବୁଲୁଥିବା ଏକ କୁକୁରକୁ କୁମ୍ଭୀର ଟାଣି ନେଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଫଳରେ ବନ୍ୟା ସମୟରେ ରାସ୍ତାକୁ ଯିବାବେଳେ ସମସ୍ତେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୂଚନା ଅନୁଯାୟୀ, ବୋଡ଼କ ପଞ୍ଚାୟତ ଅଞ୍ଚଳରେ ରେବ ନଦୀର ବନ୍ୟାଜଳ ହଟନଗର ରାସ୍ତା ଉପରେ ପ୍ରବାହିତ ହେଉଛି। ଏହି ସମୟରେ ରାସ୍ତାରେ ବୁଲୁଥିବା ଏକ କୁକୁରକୁ ନଦୀ ପଟୁ ଆସିଥିବା ଏକ ବିଶାଳ କୁମ୍ଭୀର ଟାଣି ନେଇଥିବା ଦେଖିବାକୁ ମିଳିଛି।ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ କୁମ୍ଭୀରକୁ ନେଇ ଭୟ ବଢ଼ିଛି। ରେବ ନଦୀରେ କୁମ୍ଭୀରଟି ଉପରମୁଣ୍ଡକୁ ଯାଉଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି।ବନ୍ୟା ପରିସ୍ଥିତି ମଧ୍ୟରେ ରାସ୍ତା ଉପରେ ଜଳ ପ୍ରବାହିତ ହେଉଥିବାରୁ ନଦୀ ଓ ଜଳଭର୍ତ୍ତି ଅଞ୍ଚଳ ନିକଟକୁ ନଯିବାକୁ ଲୋକଙ୍କୁ ସତର୍କ କରାଯାଇଛି। ବିଶେଷକରି ବନ୍ୟା ସମୟରେ ରାସ୍ତାରେ ଯାତାୟାତ କରିବାବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

କୋରାପୁଟ(ଅମୃତ ମିଡିଆ): କୋରାପୁଟ ଜିଲ୍ଲାର ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ କ୍ରିଟିକାଲ କେୟାର ୟୁନିଟ୍ ଉଦ୍‌ଘାଟିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ୟୁନିଟ୍‌ର ଉଦ୍‌ଘାଟନ କରିବା ସହ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରି ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ମିଳୁଥିବା ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଥିଲେ। ଚିକିତ୍ସାଳୟରେ ଔଷଧ, ଚିକିତ୍ସା ସୁବିଧା, ରୋଗୀ ସେବା ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ମଧ୍ୟ ସେ ଅଧିକାରୀ ଓ ଡାକ୍ତରମାନଙ୍କଠାରୁ ସୂଚନା ନେଇଥିଲେ। ପରେ ମେଡିକାଲ କର୍ତ୍ତୃପକ୍ଷ, ବିଭିନ୍ନ ବିଭାଗୀୟ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ

ଆହୁରି ସୁଦୃଢ଼ କରିବା, ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ଏବଂ ଜରୁରୀକାଳିନ ଚିକିତ୍ସାସେବାକୁ ଅଧିକ କାର୍ଯ୍ୟକ୍ଷମ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲ୍ଲାପାଳ ମନୋଜ ସତ୍ୟଖ୍ୱାନ ମହାଜନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ରଥଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର, ଅଧିକାରୀ ଓ ମେଡିକାଲ କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ।

ବିପଦ ସଂକେତ ଟପିଲା ସୁବର୍ଣ୍ଣରେଖା ,ପୁଣି ବନ୍ୟା ଭୟ !

ସୋନ(ଅମୃତ ମିଡିଆ): ବିପଦ ସଂକେତ ଟପିଲା ସୁବର୍ଣ୍ଣରେଖା । ରାଜଘାଟ ଠାରେ ବିପଦ ସଂକେତ ୧୦. ୩୬ ମିଟର ଥିଲା ବେଳେ ଦିନ ଗୋଟାଏ ବେଳକୁ ଜଳସ୍ତର ୧୦. ୩୯ମିଟର ଉପରେ ପ୍ରବାହିତ ହେଉଛି ବନ୍ୟା ପାଣି । ବର୍ତ୍ତମାନ ସମୟରେ ତଳିଆ ଅଂଚଳ ବାଲିଆପାଳ ବ୍ଲକ ଚୌଧୁରୀକୁଦ ଚଟଶାରେ ୨ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି । ସେପଟେ ଏବେବି ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ପାଣି । ମାଥାନି ଠାରେ ବିପଦ ସଂକେତ ୬. ୫୦ମିଟର ଥିଲା ବେଳେ ସକାଳ୬ଟା ସୁଦ୍ଧା ଜଳସ୍ତର ୬. ୯୮ ମିଟରରେ ପ୍ରବାହିତ ହେଉଛି । ଜଳକା ନଦୀର ଦ୍ୱିତୀୟ ବନ୍ୟା ଆସିବାରୁ ବସ୍ତା ବ୍ଲକର ୧୦ଟି ପଂଚାୟତ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ୩୦ରୁ ଅଧିକ ଗାଁ ଏବେବି ବାହ୍ୟ ଜଗତରୁବିଚ୍ଛିନ୍ନ ହୋଇ ରହିଛି । ଅନେକ ଘରେ ପାଣି ପଶିଛି, ଅନେକ ଘରର କାନ୍ଥ ଭାଙ୍ଗିଛି । ହଜାର ହଜାର ହେକ୍ଟର ଚାଷ ଜମିରେ ପାଣିର ଲହଡି ମାରୁଛି । ଆଗକୁ ପୁଣି ଏକ ଲଘୁଚାପ ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଯଦି ବର୍ଷାର ପରିମାଣ ଏପରି ଭାବରେ ବଢ଼ିଚାଲେ ତେବେ ଓଡ଼ିଶାରେ ମଧ୍ୟ ସ୍ଥିତି ସଙ୍ଗୀନ ହେବା ଆଶଙ୍କା କରାଯାଉଛି ।

ରେଙ୍ଗାଳି ଡ୍ୟାମରେ ବଢୁଛି ଜଳସ୍ତର, ବିପଦରେ ତଳିଆ ଅଞ୍ଚଳ

କଣିହା(ଅମୃତ ମିଡିଆ): ରେଙ୍ଗାଳି ଡ୍ୟାମରେ ବଢୁଛି ଜଳସ୍ତର । ଏବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ପାଇଁ ଜୁଲାଇ ୩୦ରେ ଗୋଟିଏ ଗେଟ୍ ଖୋଲାଯାଇ ଥିବାବେଳେ ଗଚ୍ଛିତ ଜଳରାଶି ୧୨୨.୩୦ ମିଟର ଥିଲା । ଡ୍ୟାମର ଉପର ପାଖରୁ ପ୍ରତି ସେକେଣ୍ଡ ପିଛା ୨୪୬୦ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିଲା । ଗେଟ୍ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡ ପିଛା ୨୧୨୦ ଘନମିଟର ବନ୍ୟାଜଳ ନିଷ୍କାଷିତ ହେଉଥିଲା । ଲଗାତର ୭ଦିନ ପର୍ଯ୍ୟନ୍ତ ଗେଟ୍ ଖୋଲାଯିବା ପରେ ଗଚ୍ଛିତ ଜଳରାଶି ୧୨୦.୫୪ ମିଟର ହେବାପରେ ଗେଟ୍ ବନ୍ଦ କରାଯାଇଥିଲା । ଆଜି ସକାଳ ୭ ସୁଦ୍ଧା ଡ୍ୟାମର ଗଚ୍ଛିତ ଜଳରାଶି ୧୨୨.୭୧ ମିଟର ଥିବାବେଳେ ଉପର ପାଖରୁ ଡ୍ୟାମ ମଧ୍ୟକୁ ପ୍ରତି ସେକେଣ୍ଡ ପିଛା ୫୭୯୫ ଘନମିଟର ଜଳ ପ୍ରବେଶ କରୁଛି । ପାୱାର ଚାନେଲ ଓ ସମସ୍ତ ଗେଟଦେଇ ସେକେଣ୍ଡ ପିଛା ୫୧୯୪ ଘନମିଟର ଜଳ ତଳିଅଞ୍ଚଳକୁ ନିଷ୍କାଷିତ ହେଉଛି । ଗତବର୍ଷ ଏହି ସମୟରେ ଡ୍ୟାମର ଗଚ୍ଛିତ ଜଳରାଶି ୧୨୧.୧୭ ମିଟର ଥିଲା । ଡ୍ୟାମର ମାପ ଅନୁଯାଇ ଏହି ସମୟରେ ୧୧୯.୩୦ ମିଟର ବନ୍ୟା ଭଳି ସ୍ଥିତି ଉପୁଜିବାର ଭୟ ରହୁଛି ।

ଜାଲରେ ପଡ଼ିଲା ୧୬ ଫୁଟିଆ ଅଜଗର

ବାଙ୍କୀ(ଅମୃତ ମିଡିଆ): ଜାଲରେ ପଡିଲା ୧୬ ଫୁଟିଆ ଅଜଗର। ବିରାଟକାୟ ଅଜଗର ସାପକୁ ଉଦ୍ଧାର କଲା ବନ ବିଭାଗ । କଟକ ଜିଲ୍ଲା ବାଙ୍କୀ ଡମପଡ଼ା ବ୍ଲକ୍ ଉପର ପାଥପୁରରୁ ବିରାଟକାୟ ଅଜଗର ଉଦ୍ଧାର ହୋଇଛି। ବନବିଭାଗ କର୍ମଚାରୀ ପହଞ୍ଚି ସାପକୁ ଉଦ୍ଧାର କରିଛନ୍ତି । ଉଦ୍ଧାର ପରେ ସାପଟିକୁ ଜଙ୍ଗଲରେ ଛାଡି ଦିଆଯାଇଛି। ବନ ବିଭାଗ କର୍ମଚାରୀଙ୍କ ଉଦ୍ୟମରେ ଅଜଗରଟିକୁ ସୁରକ୍ଷିତ ଭାବେ ଜାଲରୁ ବାହାର କରାଯାଇଥିଲା। ଉଦ୍ଧାର ସମୟରେ ସାପଟିର କୌଣସି ବଡ଼ କ୍ଷତି ହୋଇନଥିବା ଜଣାପଡ଼ିଛି। ପରେ ବନ ବିଭାଗ ପକ୍ଷରୁ ଅଜଗରଟିକୁ ନିକଟସ୍ଥ ଜଙ୍ଗଲରେ ନେଇ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି। ସୂଚନା ଅନୁସାରେ, ବର୍ଷା ଦିନରେ ଖାଦ୍ୟ ଓ ଆଶ୍ରୟ ଖୋଜି ଜଙ୍ଗଲ ଅଞ୍ଚଳରୁ ବନ୍ୟଜନ୍ତୁ ଏବଂ ସାପ ଜନବସତି ଆଡ଼କୁ ଚାଲି ଆସିଥାନ୍ତି। ତେଣୁ ଏଭଳି ସାପ ଦେଖିଲେ ଲୋକେ ନିଜେ ଧରିବାକୁ ଚେଷ୍ଟା ନକରି ବନ ବିଭାଗକୁ ଖବର ଦେବାକୁ ବନ ବିଭାଗ ପକ୍ଷରୁ କୁହାଯାଇଛି।

ସ୍କୁଲ ଛୁଟି ପରେ ମଧ୍ୟାହ୍ନଭୋଜନ ନେବା ଘଟଣା: ନିଲମ୍ବିତ ହେଲେ ପ୍ରଧାନଶିକ୍ଷୟିତ୍ରୀ

ଝରିଗାଁ(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଅନ୍ତର୍ଗତ ମାଝିଗୁଡ଼ା ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗତ ଶୁକ୍ରବାର ବିଦ୍ୟାଳୟ ଛୁଟି ହେବା ପରେ ଏକ ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ଓ ସଖୀ ସାନିଟାରି ନାପ୍‌କିନ୍ ଲୋଡିଂ କରିବା ସମୟରେ ଗ୍ରାମବାସୀ ଦେଖି ଗାଡ଼ି ଅଟକାଇଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ଚାଉଳ କ'ଣ ପାଇଁ କେଉଁଠିକୁ ଯାଉଥିଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ ଓ ଏହି ଘଟଣାରେ ଝରିଗାଁ ବିଇଓ ଉମରସିଂ ନାୟକ ତଦନ୍ତ କରିଥିବା ବେଳେ ସଂପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣକାନ୍ତି ମହାପାତ୍ରଙ୍କୁ ଅଗଷ୍ଟ ୧୫ ତାରିଖରେ ନିଲମ୍ବିତ କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ମାଝିଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଅଟୋରେ ମଧ୍ୟାହ୍ନଭୋଜନ ଚାଉଳ ଓ ଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା

ଖୁସି ସାନିଟାରି ପ୍ୟାଡ୍ ଲୋଡ୍ ହେଉଥିବା ଦେଖି ଗ୍ରାମବାସୀ ଅଟୋକୁ ଘେରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣକାନ୍ତି ମହାପାତ୍ର ତରବରିଆଭାବେ ଅଟୋ ଡ୍ରାଇଭରଙ୍କୁ ଧରି ପୁଣି ସେ ସବୁକୁ ଅନ୍‌ଲୋଡ୍ କରି ଦେଇଥିଲେ। ଅଟୋରେ ଲୋଡ ଓ ଅନ୍‌ଲୋଡ୍ ସମୟର ଭିଡିଓ ଗ୍ରାମବାସୀ ଉତ୍ତୋଳନ କରିଥିଲେ। ଚାଉଳ ମିଲିଂ ପାଇଁ ଉମରକୋଟ ଯାଉଥିବା ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ସ୍ୱର୍ଣ୍ଣକାନ୍ତିଙ୍କ ବିରୋଧରେ ମଧ୍ୟାହ୍ନଭୋଜନ ସାମଗ୍ରୀର ଅପବ୍ୟବହାର ଅଭିଯୋଗରେ ନିଲମ୍ବନ କରାଯିବା ସହ ତାଙ୍କୁ ଏକମ୍ୟା – ଖ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିର କରାଯାଇଥିବା ନେଇ ବିଇଓ ପ୍ରକାଶ କରିଛନ୍ତି।

ତାତିଲେ ଚାଷୀ, କାଟିଦେଲେ ଘାଇ, ପାଣିରେ ବୁଡ଼ିଲା ଶହଶହ ଏକର ଚାଷଜମି

ମହାକାଳପଡ଼ା(ଅମୃତ ମିଡିଆ): ମହାନଦୀରେ ବନ୍ୟା ଓ ବର୍ଷା ଜଳ ଖରିଫ ଋତୁରେ ଧାନ ଫସଲ ପ୍ରଭାବିତ ହୋଇଛି। ଫଳରେ ୫ ହଜାରରୁ ଅଧିକ ହେକ୍ଟର ଜମିରେ ଜଳ ପ୍ଲାବିତ ହୋଇଛି। ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ଚାଷୀ ଉତ୍ତ୍ୟକ୍ତ ହୋଇ ଜେସିବି ମେଶିନ ଲଗାଇ ଘାଇ କାଟି ଜଳ ନିଷ୍କାସନ ପଥ ଅବରୋଧ ହଟାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏହି ବ୍ଲକ ଅଧୀନ ପଲ୍ଲୀ କେନ୍ତିଆ, ରାମନଗର, ପେଟଛେଲା, କୋଚିଲା, ବିବି କଲୋନୀର ମନ୍ତ୍ରୀ ଘେରି ଅଞ୍ଚଳର ଚାଷଜମିରେ ବନ୍ୟା ଓ ବର୍ଷାଜଳ ଭରି ରହିଥିଲା। ଅପରପକ୍ଷରେ ରାମତଣ୍ଡୀ ଗଳିଆ ନଦୀରେ ଏକ ସେତୁ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଥିବାରୁ ମାଟି ଓ ପଥର ବନ୍ଧରେ ଜଳ ନିଷ୍କାସିତ ହେବାରେ ବାଧକ ସାଜିଥିଲା। ଧାନ ଫସଲ ନଷ୍ଟ ହେବା ଦେଖି ଶହଶହ ଚାଷୀ ମିଳିତ ହୋଇ ଜଙ୍ଗଲ ଘେରି ଗ୍ରାମ ସେତୁ ନିକଟ ବନ୍ଧ କାଟୁଥିବା ଦେଖିବାକୁ ମିଳିଛି। ସେତୁ ନିର୍ମାଣ କରୁଥିବା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷ ମାନେ ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି।

ଶ୍ମଶାନ ଯିବା ପାଇଁ ବାଧକ ନାଳ

ହୁମ୍ମା(ଅମୃତ ମିଡିଆ): ଶ୍ମଶାନ ଯିବାକୁ ରାସ୍ତା ନାହିଁ। ଶ୍ମଶାନ ଯିବାକୁ ହେଲେ ବାଟରେ ଭରା ନାଳ ପାରି ହେବାକୁ ପଡେ। ବର୍ଷା ଦିନେ ନାଳ ପାଣିରେ ଭର୍ତ୍ତି ହୋଇଯାଇଥିବାରୁ ଜଣେ ବୃଦ୍ଧଙ୍କ ମୃତଦେହ ପାଣି ଭିତରେ ପଶି ନେବାକୁ ପଡିଛି। ଏଭଳି ଅଭାବନୀୟ ଘଟଣା ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତର ବାଡଁଗିଆପଡ଼ା ଗାଁରେ ଘଟିଛି। ଶୁକ୍ରବାର ଗାଁର ଉଦୟନାଥ ନାୟକ (୭୯)ଙ୍କ ମୃତ୍ୟୁ ହୋଇଥି

ତାଳବଣିଆ ସ୍ଥିତ ସ୍କୋର୍ଟ୍ସ କମ୍ପ୍ଲକ୍ସ ଠାରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନ ଦିବସ ପାଳିତ

ପ୍ରୟାସ ଟେଲିଭିଜନ, ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କ, ମୀନା ଫୁଡ୍ସ, ଚେସ୍ ଆସୋସିଏସନ ପକ୍ଷରୁ ବୋଲବମ୍ ଉତ୍ସବ

ଦତ୍ତତୋଟାସ୍ଥିତ ଉତ୍କଳ ବଚପନ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ପାଳିତ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.118, Monday, 17 August 2026, Puri, Pages - 27, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୮, ସୋମବାର, ୧୭ ଅଗଷ୍ଟ ୨୦୨୬, ପୁରୀ, ୨୭ ପୃଷ୍ଠା, ମୂଲ୍ୟ - ୯ ଟଙ୍କା